# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ସେପ୍ଟେମ୍ବର ୯/୨୦୧୯ (୧୬ ପୃଷ୍ଠା) | Berhampur, Monday, September 9/2019 | ★★★

୧୫ଶ ଭାଗ ୨୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥେଷ୍ଟ: ରାଜୀବ କୁମାର

ଦେଶର ଆବଶ୍ୟକତା ପୂରଣ ପାଇଁ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗଠନ ଯଥେଷ୍ଟ ରହିଛି ବୋଲି କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି।

୧୩

୧୫

## ଲେକ୍‌ରେକ୍‌ଙ୍କୁ କ୍ରମାଗତ ଦ୍ୱିତୀୟ ଟାଇଟଲ

ଇଟାଲିଆନ ଗ୍ରାଁ ପ୍ରିରେ ବିଜୟ ସହ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ କ୍ରମାଗତ ଦ୍ୱିତୀୟ ଫର୍ମୁଲା ୱାନ୍ ଟାଇଟଲ ହାସଲ କରିଛନ୍ତି।



## ଚକୋଲେଟ ବାଣ୍ଟି ସଚେତନତା



ମୋଟର ସାଇକେଲ ଆରୋହୀଙ୍କୁ ଟ୍ରାଫିକ ଡିସିପି ଚକୋଲେଟ ଦେଇ ସଚେତନ କରୁଛନ୍ତି।

ଭୁବନେଶ୍ୱର,୮।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନକୁ ନେଇ କଠୋର ହୋଇପଡ଼ିଥିଲା କମିଶନରେଟ ପୋଲିସ। ଶନିବାର ଭୁବନେଶ୍ୱର ରାଜମହଲରେ ପୋଲିସ-ଜନତା ଖଣ୍ଡଯୁଦ୍ଧରେ ୫ ପୋଲିସ ସମେତ ୧୦ଜଣ ଆହତ ହେବା ପରେ ଏବେ ଚେତା ପଶିଲା। ଚାରିଆଡ଼ୁ ତୀବ୍ର ବିରୋଧ ପରେ ରବିବାର କମିଶନରେଟ ପୋଲିସର ଆଭିମୁଖ୍ୟ ପୂରା ବଦଳି ଯାଇଥିଲା। କଠୋରତା ବଦଳରେ କୋମଳତା ପନ୍ଥା ଆପଣାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଲୋକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ବୁଝାଇବା ସହ ପାଳନ କରିବାକୁ ସଚେତନ କରିଥିଲା।

### ଟ୍ରାଫିକ ନିୟମ

- ଏଜି ଛକରେ ଲୋକଙ୍କୁ ବୁଝାଇଲେ ପୋଲିସ ଅଧିକାରୀ
- ନିୟମ ପାଳନକାରୀଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ଦେଲେ
- ୨ ମାସ ଯାଏ କେବଳ ୫ ନିୟମକୁ ଗୁରୁତ୍ୱ

ପୋଲିସର ଏଭଳି ଆଭିମୁଖ୍ୟକୁ ଲୋକେ ସ୍ୱାଗତ କରିଥିବାବେଳେ ସହରର ଆଉ କିଛି ସ୍ଥାନରେ ଯାଞ୍ଚବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଜି ଛକରେ ପୋଲିସ ପୂର୍ବରୁ ☞ପୃଷ୍ଠା-୪

## ■ ଚନ୍ଦ୍ରୟାନ-୨କୁ ନେଇ ମଉଳିଯାଇଥିବା ଆଶା ପୁନଃ ଉଜ୍ଜୀବିତ

# ମିଳିଲା ବିକ୍ରମ ସନ୍ଧାନ


ବେଙ୍ଗାଲୁରୁ, ୮।୯(ପି.ଟି./ଆଇଏଏନ୍ଏସ୍)

ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨କୁ ନେଇ ମଉଳିଯାଇଥିବା ଆଶା ପୁନଃ ଉଜ୍ଜୀବିତ ହୋଇଛି। ଚନ୍ଦ୍ରାବତରଣର କିଛି ସମୟ ପୂର୍ବରୁ ଲ୍ୟାଣ୍ଡର 'ବିକ୍ରମ' ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାବେଳେ ଦିନକ ପରେ ଅର୍ବିଟର ଏହାର ଫଟୋ ପଠାଇଛି। ଚନ୍ଦ୍ରପୃଷ୍ଠରେ ବିକ୍ରମର ସୂକ୍ଷ୍ମ ଅବତରଣ (ସଫ୍ଟ ଲ୍ୟାଣ୍ଡିଂ) ସଫଳ ହୋଇପାରି ନାହିଁ। ଲ୍ୟାଣ୍ଡର ହାର୍ଡ ଲ୍ୟାଣ୍ଡିଂ କରିଛି। ଏହାର ଅବସ୍ଥିତି ଠାବ ହୋଇଛି। ରୋଭର 'ପ୍ରଜ୍ଞାନ' ଲ୍ୟାଣ୍ଡର ବିକ୍ରମ ଭିତରେ ହିଁ ରହିଛି। ଚନ୍ଦ୍ରୟାନ-୨ର ଅର୍ବିଟରରେ ସଂଲଗ୍ନ କ୍ୟାମେରା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର କଣ୍ଟ୍ରୋଲ ରୁମ୍‌କୁ ଥର୍ମାଲ ଇମେଜ୍ ପଠାଇଛି। ଉକ୍ତ ଫଟୋକୁ ଅନୁଧ୍ୟାନ କରାଯାଉଛି। ବିକ୍ରମ ସହ ଖୁବ୍‌ଶୀଘ୍ର ଯୋଗାଯୋଗ ପୁନଃ ସ୍ଥାପନ ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଛି ବୋଲି ରବିବାର ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ସୂଚନା ଦେଇଛନ୍ତି। ଚନ୍ଦ୍ରୟାନ-୨ର ସଫଳତାକୁ ନେଇ ଉତ୍କଣ୍ଠାର

- ଅର୍ବିଟର ପଠାଇଲା ଲ୍ୟାଣ୍ଡର ଫଟୋ
- ଯୋଗାଯୋଗ ସ୍ଥାପନ ପାଇଁ ଜାରି ରହିବ ଉଦ୍ୟମ: ଇସ୍ରୋ ଅଧ୍ୟକ୍ଷ

ସହ ଅପେକ୍ଷା କରିଥିବା ବୈଜ୍ଞାନିକଙ୍କୁ ଏହା ଆଶ୍ୱସ୍ତି ଆଣିଦେଇଥିବାବେଳେ ଦେଶବାସୀଙ୍କ ମନରେ ଆଶା ଓ ଉତ୍ସାହ ପରିଲକ୍ଷିତ ହୋଇଛି।

ଚନ୍ଦ୍ରୟାନ-୧ର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଗତ ଜୁଲାଇ ୨୨ରେ ଚନ୍ଦ୍ରୟାନ-୨କୁ ଜହ୍ନ ପାଖକୁ ପଠାଯାଇଥିଲା। ଉତ୍କ୍ଷେପଣର ୪୭ ଦିନ ପରେ ଏହା ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇ ଚନ୍ଦ୍ର ଚାରିପଟେ ଘୂରିବା ଆରମ୍ଭ କରିଥିଲା। ୯୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମିଶନ ଉପରେ ସାରା ବିଶ୍ୱର ନଜର ରହିଥିଲା। ୧,୪୭୧ କେ.ଜି. ଓଜନ ବିଶିଷ୍ଟ ଲ୍ୟାଣ୍ଡର ବିକ୍ରମ ଶୁକ୍ରବାର ମଧ୍ୟରାତ୍ରିରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ



ଯୋଗାଯୋଗ ବିଚ୍ଛିନ୍ନ ହେବା ପୂର୍ବରୁ ଇସ୍ରୋ ପକ୍ଷରୁ ଜାରି ବିକ୍ରମ ଓ ପ୍ରଜ୍ଞାନର ମଡେଲ।

ଅବତରଣ କରିବାକୁ ଆଉ ମାତ୍ର ୨.୧ କି.ମି. ଦୂରତା ବାକି ଥିବାବେଳେ ଶେଷ ମୁହୂର୍ତ୍ତରେ ଏହାଠାରୁ ଆଉ ସଙ୍କେତ ମିଳି ନ ଥିଲା। କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ନେଇ ଇସ୍ରୋ ମୁଖ୍ୟ ଶିବନ ସୂଚନା ଦେଇଥିଲେ। ବୈଜ୍ଞାନିକଙ୍କ ଉତ୍ସାହ ବୃଦ୍ଧି ପାଇଁ ସେଠାରେ ଉପସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ଆଶ୍ୱାସନା ଦେଇଥିଲେ। ଏହାସହ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିକ୍ରମର ଜୀବନକାଳ ୧୪ ଦିନ ହୋଇଥିବାରୁ ଏହି ଅବଧି ଶେଷ ହେବା ମଧ୍ୟରେ ତାକୁ ଠାବ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଶନିବାର ଶିବନ୍ କହିଥିଲେ। ରବିବାର ମଧ୍ୟାହ୍ନରେ ସମସ୍ତ ଦେଶବାସୀଙ୍କୁ ଖୁସି କରିଦେବା ଭଳି ଖବର ଆସି ପହଞ୍ଚିଲା। ବିକ୍ରମର ଅବସ୍ଥିତି ଠାବ ହୋଇଥିବା ଇସ୍ରୋ ମୁଖ୍ୟ ସୂଚନା ଦେଲେ। ଶିବନ କହିଲେ, ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡିଂ କରିଛି। ତେବେ ହାର୍ଡ ଲ୍ୟାଣ୍ଡିଂ ବେଳେ ଏହା କ୍ଷତିଗ୍ରସ୍ତ ହୋଇଛି କି ସୁରକ୍ଷିତ ଅଛି ସେନେଇ କିଛି ଜଣାପଡ଼ିନାହିଁ। ଅର୍ବିଟର ପଠାଇଥିବା ତଥ୍ୟକୁ ଇସ୍ରୋ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱର୍କ (ଆଇଏସ୍‌ଟିଆର୍‌ଏସି)ସ୍ଥିତ ମିଶନ ଅପରେଶନ୍ କମ୍ପ୍ଲେକ୍ସରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରାଯାଉଛି। ଖୁବ୍‌ଶୀଘ୍ର ଏହାସହ ଯୋଗାଯୋଗ ପ୍ରତିଷ୍ଠା କରାଯିବ। ସେହିପରି ଚନ୍ଦ୍ରକକ୍ଷରେ ଘୂରୁଥିବା ୨,୩୭୯ କେ.ଜି. ବିଶିଷ୍ଟ ଅର୍ବିଟରର ଜୀବନକାଳ ୧ ବର୍ଷ ହୋଇଥିବାରୁ ଆଗକୁ ବିକ୍ରମ ସମ୍ପର୍କରେ ଅନେକ ତଥ୍ୟ ମିଳିପାରିବ ବୋଲି କୁହାଯାଉଛି। ମହାକାଶ ଗବେଷଣା କାର୍ଯ୍ୟକ୍ରମର ଜନକ ଡ. ବିକ୍ରମ ଏ. ସାରାଭାଇଙ୍କ ନାମରେ ନାମିତ ଏହି ଲ୍ୟାଣ୍ଡର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିବ କି ନାହିଁ ତାହା ଏବେ କହିବା ସମ୍ଭବ ନୁହେଁ ବୋଲି କେତେଜଣ ବୈଜ୍ଞାନିକ କହିଛନ୍ତି। ତେବେ ଠାବ ହୋଇଥିବା ଲ୍ୟାଣ୍ଡରର ଫଟୋ ଇସ୍ରୋ ପକ୍ଷରୁ ଜାରି ହୋଇ ନ ଥିବାରୁ ବିଭିନ୍ନ ମହଲରେ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

# ବିଷାକ୍ତ ହେଉଛି ଚାଷ ଜମି

ଭୁବନେଶ୍ୱର,୮।୯(ବ୍ୟୁରୋ)

ମାଟି ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ। ମାତ୍ର ଚାଷ ପାଇଁ ଖେତରେ ବ୍ୟବହାର ହେଉଥିବା ଅତ୍ୟଧିକ ରାସାୟନିକ ସାର ଏବଂ ମାରାତ୍ମକ କୀଟନାଶକ ଭୟାନକ ପରିସ୍ଥିତି ସୃଷ୍ଟି କଲାଣି। ଫଳରେ ଆସନ୍ତା କିଛି ବର୍ଷ ମଧ୍ୟରେ ଚାଷଜମିରୁ ଉତ୍ପାଦନ ଅତିମାତ୍ରାରେ ହ୍ରାସ ପାଇବା ଆଶଙ୍କା ସୃଷ୍ଟି କରିଛି। କୃଷି ବିଭାଗ ଦ୍ୱାରା କରାଯାଇଥିବା ମୃତ୍ତିକା ପରୀକ୍ଷାର ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏଭଳି ଚିନ୍ତାଜନକ ତଥ୍ୟ ପଦାକୁ ଆସିଛି। ଧାନ ଓ ଅନ୍ୟାନ୍ୟ ଚାଷ ପାଇଁ ଚାଷୀମାନେ ଅତିମାତ୍ରାରେ ୟୁରିଆ ବ୍ୟବହାର କରୁଥିବା ଯୋଗୁ ଜମିର ଉର୍ବରତା ନଷ୍ଟ ହେବାରେ ଲାଗିଛି। ଏପରି କି ୟୁରିଆ, କୀଟନାଶକ ଓ ଜମିରୁ ଘାସ ମାରିବାକୁ ବ୍ୟବହାର କରାଯାଉଥିବା ରାସାୟନିକ ତରଳ ପଦାର୍ଥ ମାଟିରେ ଥିବା ଜିଆ ଓ ଅନ୍ୟାନ୍ୟ ଅଣୁଜୀବଙ୍କୁ ମଧ୍ୟ ସମୂଳେ ଧ୍ୱଂସ କରି ସାରିଲାଣି। ଏଭଳି ସ୍ଥିତି ରାଜ୍ୟର ସବୁ ଜିଲାରେ ଦେଖିବାକୁ ମିଳିଛି।

ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୮-୧୯ରେ ସମଗ୍ର ରାଜ୍ୟରୁ ୩,୦୭,୪୦୫ଟି ମୃତ୍ତିକା ନମୁନା ସଂଗ୍ରହ କରାଯାଇ ମୋବାଇଲ



- ଶସ୍ୟ ଉତ୍ପାଦନ କମିବା ଆଶଙ୍କା
- ୟୁରିଆ ଉଜାଡୁଛି ଉର୍ବରତା
- ସବୁ ଜିଲାରେ ହେବ ମାଟି ପରୀକ୍ଷା ଲାବୋରେଟୋରି
- କାର୍ଯ୍ୟକାରୀ ହେବ କୃଷି ବର୍ଜ୍ୟବସ୍ତୁ ପରିଚାଳନା ସ୍କିମ୍

ମୃତ୍ତିକା ପରୀକ୍ଷା ଲାବୋରେଟୋରି ଏବଂ ରାଜ୍ୟର ୧୧ଟି ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା। ପରୀକ୍ଷା ପରେ ଜଣାପଡ଼ିଛି ଯେ, କୃଷି କ୍ଷେତ୍ରରେ ମନଇଚ୍ଛା ୟୁରିଆ ବ୍ୟବହାର ଯୋଗୁ ମାଟିର ଅମଳତ୍ୱ, କ୍ଷାର ଓ ଲବଣ ପରିମାଣ ଅତିମାତ୍ରାରେ ବୃଦ୍ଧି ପାଇଛି। ଏଥିଯୋଗୁ ମାଟିରେ ଥିବା କ୍ଷୁଦ୍ର ଅଣୁଜୀବ, ଯାହାକି ଉର୍ବରତା ବଢ଼ାଇବାରେ ସାହାଯ୍ୟ କରନ୍ତି ସେ ସବୁ ନଷ୍ଟ ହୋଇଗଲେଣି। ଭଦ୍ରକ, ବାଲେଶ୍ୱର, ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ଗଞ୍ଜାମ, କଟକ, ପୁରୀ ଆଦି ଜିଲାଗୁଡ଼ିକରେ ମାଟିର ଉର୍ବରତା ଭୟଙ୍କର ଭାବେ ହ୍ରାସ ପାଉଛି। ଚାଷ ଜମିରେ ଗୋଟିଏ ପ୍ରକାର ସାର ପ୍ରୟୋଗ ଲଗାତର ବୃଦ୍ଧି ପାଉଥିବାରୁ ଏଭଳି ଚିନ୍ତାଜନକ ପରିସ୍ଥିତି ଉପୁଜିଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ପ୍ରତି ହେକ୍ଟରରେ ୬୦ କିଲୋଗ୍ରାମ ନାଇଟ୍ରୋଜେନ୍ ବା ୟୁରିଆ, ୩୦ କିଲୋ ଫସ୍‌ଫରସ୍ ଏବଂ ୩୦ କିଲୋ ପୋଟାସିୟମ ପ୍ରୟୋଗ କରିବା କଥା। ଅର୍ଥାତ୍ ଗୋଟିଏ ଏକରରେ ୨୦ରୁ୨୫ କିଲୋ ୟୁରିଆ ପକାଇବା ସ୍ଥାନରେ ଅଧିକ ଅମଳ ପାଇଁ ଚାଷୀମାନେ ୬୦ରୁ ୬୫ କିଲୋ ପକାଉଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ୟୁରିଆ ବ୍ୟବହାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଚାଷ ପାଇଁ କେବଳ ୟୁରିଆ ଦିଆଯାଉଥିବାରୁ ମାଟି ପାଇଁ ଆବଶ୍ୟକ ଅନ୍ୟ ୧୨ଟି ଉପାଦାନ ମିଳିପାରୁ ନାହିଁ। କୃଷି ବିଶେଷଜ୍ଞଙ୍କ କହିବା କଥା, ମାଟି ଏକ ସଜୀବ ପଦାର୍ଥ। ଏହାର ପୂର୍ଣ୍ଣ ଉର୍ବରତା ପାଇଁ ଯବକ୍ଷାରଜାନ, ଫସ୍‌ଫରସ, କ୍ୟାଲସିୟମ, ସଲ୍‌ଫର, ଲୌହ, ମାଙ୍ଗାନିଜ, ଜିଙ୍କ୍, ଗନ୍ଧକ, କପର, ମିଲିମିନିୟମ, କ୍ଲୋରିନ୍‌ର ଆବଶ୍ୟକ ରହିଛି। ଗଛ ପାଇଁ ଏସବୁର ଆବଶ୍ୟକତା ଅଛି। ପୂର୍ଣ୍ଣ ପୌଷ୍ଟିକତା ଥିବା ମାଟିରୁ ଉତ୍ପାଦିତ ଶସ୍ୟ ଶରୀରର ସମସ୍ତ ଆବଶ୍ୟକତା ମେଣ୍ଟାଇଥାଏ। ପୂର୍ବକାଳରେ ଏସବୁ ଗୋବର ଖତ, ଧନିଚା ଚାଷ ଓ ଅନ୍ୟାନ୍ୟ ଜୈବିକ ଖତରୁ ମିଳିପାରୁଥିଲା। ☞ପୃଷ୍ଠା-୪

## ରାମ ଜେଠମାଲାନିଙ୍କ ପରଲୋକ



ନୂଆଦିଲ୍ଲୀ,୮।୯(ପି.ଟି.): ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଜେଠମାଲାନିଙ୍କର ରବିବାର ସକାଳ ୭ଟା ୪୫ରେ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। କିଛିଦିନ ହେଲା ସେ ଅସୁସ୍ଥ ଥିଲେ ବୋଲି ତାଙ୍କ ପୁଅ ମହେଶ କହିଛନ୍ତି। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଅପରାହ୍ଣରେ ତାଙ୍କର ଶେଷକୃତ୍ୟ ଲୋଧି ରୋଡ ☞ପୃଷ୍ଠା-୪






### ଆଜିର ସମ୍ପାଦକୀୟ

**ଦୁର୍ବଳ ହୋଇପଡ଼ିଲେ**

### ଆଜିର ମନ୍ତବ୍ୟ

"ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଛୁଇଁବେ ନାହିଁ।

-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 08.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 58 | 103 | 113 |
| BLS | 59 | 105 | 115 |
| ANG | 57 | 102 | 112 |
| BHM | 54 | 98 | 108 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


## ■ ସୁଇସ୍ ବ୍ୟାଙ୍କରୁ ମିଳିଲା ପ୍ରଥମ ପର୍ଯ୍ୟାୟ ତଥ୍ୟ

# ବନ୍ଦ ଆକାଉଣ୍ଟରୁ ଖୋଜାଯିବ କଳାଧନ

ନୂଆଦିଲ୍ଲୀ,୮।୯

ସୁଇସ୍ ବ୍ୟାଙ୍କରେ କଳାଧନ ଲୁଚାଇ ରଖିଥିବା ଭାରତୀୟଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ମିଳିବା ଆରମ୍ଭ ହୋଇଛି। ସୁଇଜରଲାଣ୍ଡ ସରକାରଙ୍କଠାରୁ ସ୍ୱୟଂଚାଳିତ ବ୍ୟବସ୍ଥା ଅନୁସାରେ ଚଳିତ ମାସରେ ବହୁ ସୂଚନା ଭାରତକୁ ମିଳିଛି। ଏସବୁକୁ ବିଶ୍ଳେଷଣ ଲାଗି ଏବେ ପ୍ରୟାସ ଆରମ୍ଭ ହୋଇଛି। ଆକାଉଣ୍ଟଧାରୀଙ୍କୁ ଚିହ୍ନଟ କରିବା ଲାଗି ପର୍ଯ୍ୟାପ୍ତ ତଥ୍ୟ ଏକାଠି କରାଯିବ। ଏହାପରେ ସରକାରଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ଲୁଚାଯାଇଥିବା କଳାଧନ ସମ୍ପର୍କରେ ଖୋଳତାଡ ଆରମ୍ଭ ହେବ। ତେବେ ପ୍ରାରମ୍ଭିକ ସୂଚନାରୁ ଜଣାପଡିଛି ଯେ, କାର୍ଯ୍ୟାନୁଷ୍ଠାନ ଭୟରେ ଅଧିକାଂଶ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଥିଲା।

ଜଣେ ବ୍ୟାଙ୍କ ଅଧିକାରୀଙ୍କ କହିବାନୁଯାୟୀ, ସୁଇଜରଲାଣ୍ଡ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସେଠାକାର ସମସ୍ତ ବ୍ୟାଙ୍କ ପକ୍ଷରୁ ତଥ୍ୟ ଏକତ୍ରିତ କରାଯାଇ ଭାରତକୁ ପ୍ରଦାନ କରାଯାଇଛି। ଏପରି କି ୨୦୧୮ରେ ଦିନକ ପାଇଁ ପରିଚାଳନା କରାଯାଇଥିବା ଆକାଉଣ୍ଟଗୁଡ଼ିକ ସମ୍ପର୍କରେ ମଧ୍ୟ ଭାରତକୁ ସୂଚନା ଦିଆଯାଇଛି। ସେ କହିଛନ୍ତି ଯେ, ଏହି ଡାଟାକୁ ବ୍ୟବହାର କରି ଅଘୋଷିତ ସମ୍ପତ୍ତିଧାରୀଙ୍କ ବିରୋଧରେ ମାମଲା ଦାଏର କରିବା ସହଜ ହେବ। ପ୍ରାପ୍ତ ସୂଚନାକୁ ଅକାଟ୍ୟ ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ। ସୁଇସ୍ ବ୍ୟାଙ୍କ ପକ୍ଷରୁ ଭାରତୀୟଙ୍କ ଆକାଉଣ୍ଟରେ ରହିଥିବା ଜମା, ହସ୍ତାନ୍ତରଣ, ଶେୟାର ତଥା ଅନ୍ୟ ସମ୍ପତ୍ତିରେ ନିବେଶ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଅନେକ ବ୍ୟାଙ୍କ ଓ ନିୟାମକ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଦକ୍ଷିଣ-ପୂର୍ବ ଏସିଆର ଦେଶ, ଆମେରିକା, ବ୍ରିଟେନ, କେତେକ ଆଫ୍ରିକୀୟ ରାଷ୍ଟ୍ର ତଥା ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ଓ ବ୍ୟବସାୟୀଙ୍କ ସମ୍ପର୍କରେ ତଥ୍ୟ ମିଳିଛି। ସୁଇସ୍ ବ୍ୟାଙ୍କର ଗୋପନୀୟତା ବିରୋଧରେ ଅଭିଯାନ ଆରମ୍ଭ ହେବା ପରେ ଗତ କିଛି ବର୍ଷ ଭିତରେ ଆକାଉଣ୍ଟଧାରୀମାନେ ଭାରି ମାତ୍ରାରେ ଟଙ୍କା କାଢ଼ିବା ଆରମ୍ଭ କରିଦେଇଥିଲେ। ଧରାପଡିଯିବା ଭୟ ସେମାନଙ୍କୁ ଘାରିଛି। ତେବେ ୨୦୧୮ବର୍ଷରେ ବନ୍ଦ ହୋଇଥିବା ସମସ୍ତ ଆକାଉଣ୍ଟ ସମ୍ପର୍କରେ ମଧ୍ୟ ଭାରତକୁ ସୂଚନା ମିଳିଛି। ଏଥିସହ ସୁଇଜରଲାଣ୍ଡ ସରକାର ☞ପୃଷ୍ଠା-୪



କର୍ଣାଟକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ରାମନାଥ ରାଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ସେ ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ଗୋଟିଏ ମାଆର ସନ୍ତାନ ବୋଲି ସମାଲୋଚନା କରିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

## ■ ମୋଦି ସରକାରଙ୍କ ୧୦୦ ଦିନ

# ନଜରରେ ଥିଲା କଶ୍ମୀର

ନୂଆଦିଲ୍ଲୀ,୮।୯(ଆଇଏଏନ୍ଏସ୍)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଦ୍ୱିତୀୟ ପାଳିକୁ ୧୦୦ ଦିନ ପୂରିଛି। ଏହାକୁ ନେଇ ଭାଜପା ଓ ସହଯୋଗୀ ଦଳଗୁଡ଼ିକ ଉତ୍ସବ ମନାଉଥିବାବେଳେ କଂଗ୍ରେସ ସମେତ ବିରୋଧୀମାନେ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ତେବେ ଏହି ୧୦୦ ଦିନ ମଧ୍ୟରେ କଶ୍ମୀର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଦେଶର ଅନ୍ୟ ପ୍ରସଙ୍ଗଗୁଡ଼ିକ ଏକପ୍ରକାର ଗୌଣ ହୋଇଯାଇଥିଲା। ରବିବାର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ଖବରଦାତା ସମ୍ମିଳନୀରୁ ଏହା ସ୍ପଷ୍ଟ ହେଉଛି।

୩୦୩ ଆସନ ଅକ୍ତିଆର କରି ଡ୍ରାଇଭିଂ ସିଟରେ ବସିଥିବା ଭାଜପା ସରକାରଙ୍କ ୧୦୦ ଦିନର ସଫଳତା ବଖାଣିବାକୁ ଯାଇ କେନ୍ଦ୍ରମନ୍ତ୍ରୀ ଜାଭଡେକର କହିଛନ୍ତି, ଦେଶ ହିତରେ ଦ୍ରୁତଗତିରେ ଅଭୂତପୂର୍ବ ନିଷ୍ପତ୍ତି ନିଆଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫-ଏ'କୁ ହଟାଇବା ସହ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଭଳି ଐତିହାସିକ ନିଷ୍ପତ୍ତି ୧୦୦ ଦିନ ମଧ୍ୟରେ ନିଆଯାଇଛି। ସେହିପରି ହାଫିଜ୍ ସୟିଦ, ମାସୁଦ୍ ଆଜହାର ଓ ଦାଉଦ୍



ପ୍ରକାଶ ଜାଭଡେକର

ଇବ୍ରାହିମ୍‌ଙ୍କୁ ଆତଙ୍କବାଦୀ ଘୋଷଣା ପାଇଁ ବାଟ ଫିଟାଇଥିବା ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ରେ ସଂଶୋଧନ ଭଳି ନିଷ୍ପତ୍ତି ଦେଶବାସୀଙ୍କ ହିତ ପାଇଁ ନିଆଯାଇଛି। ଏସବୁର ପ୍ରସ୍ତୁତି ସାଧାରଣ ନିର୍ବାଚନର ବହୁ ପୂର୍ବରୁ ହୋଇଥିଲା। କଶ୍ମୀରରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବାରେ ଲାଗିଛି। ଯୋଗାଯୋଗର ମାଧ୍ୟମ ସ୍ୱାଭାବିକ ହେଉଛି। କେତେକ ବିଦେଶୀ ଗଣମାଧ୍ୟମରେ ପ୍ରସାରିତ ଖବରକୁ ସେ ମିଥ୍ୟା ବୋଲି ଅଭିହିତ କରିଛନ୍ତି। ଜାଭଡେକର ଏହି ଅବସରରେ ତିନି ତଲାକ୍ ବିଲ୍‌କୁ ଆଇନରେ ପରିଣତ କରିବା ମୋଦି ସରକାରଙ୍କ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବ ସରକାରଗୁଡ଼ିକ ଅମଳରେ ଭୋଟବ୍ୟାଙ୍କ ରାଜନୀତି ଯୋଗୁ ଏହା ସମ୍ଭବ ହୋଇ ପାରି ନ ଥିବା ସେ ସମାଲୋଚନା କରିଛନ୍ତି। ସେହିପରି ୧୫୦ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା, ମୋଟର ଯାନ ଆଇନରେ ସଂଶୋଧନ ଓ ଜଳ ଶକ୍ତି ମନ୍ତ୍ରଣାଳୟ ପ୍ରତିଷ୍ଠା ଆଦି ସରକାରଙ୍କ ବଡ଼ ଉପଲବ୍ଧି ବୋଲି ସେ ଦର୍ଶାଇଛନ୍ତି। ଜାଭଡେକର ଏହି ଅବସରରେ ସରକାରଙ୍କ ସଫଳତା ଉଲ୍ଲେଖ ଥିବା 'ହଣ୍ଡ୍ରେଡ୍ ଡେଜ୍ ଅଫ୍ ବୋଲ୍ଡ ଇନିସିଏଟିଭ୍‌ସ ଆଣ୍ଡ ଡିସିସିଭ୍ ଆକ୍ସନ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି।

## ■ ଟାର୍ଗେଟ କଲେ ରାହୁଲ-ପ୍ରିୟଙ୍କା

## କିଛି ବିକାଶ ହୋଇନି, ମୋଦି ସରକାରଙ୍କୁ ଅଭିନନ୍ଦନ

ନୂଆଦିଲ୍ଲୀ,୮।୯(ଆଇଏଏନ୍ଏସ୍)



ମୋଦି ସରକାରଙ୍କ ୧୦୦ ଦିନ ପୂର୍ତ୍ତି ପରେ ଅର୍ଥନୈତିକ ପ୍ରଦର୍ଶନକୁ ନେଇ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରବିବାର ଟାର୍ଗେଟ କରିଛନ୍ତି। ରାହୁଲ ସରକାରଙ୍କୁ ଅଭିନନ୍ଦନ ଜଣାଇବା ଆଳରେ ଉପହାସ କରିଛନ୍ତି। ସେ ଟୁଇଟ୍ କରିଛନ୍ତି, ୧୦୦ ଦିନରେ କିଛି ବିକାଶ ହୋଇନାହିଁ। ମୋଦି ସରକାରଙ୍କୁ ଅଭିନନ୍ଦନ। ଗଣତନ୍ତ୍ର ଉପରେ ଆକ୍ରମଣ, ଗଣମାଧ୍ୟମର କଣ୍ଠରୋଧ, ନେତୃତ୍ୱ ଓ ଯୋଜନାର ଅଭାବ ଆମ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛି। ସେହିପରି ମୋଦି ସରକାରଙ୍କୁ ଟାର୍ଗେଟ କରି ପ୍ରିୟଙ୍କା କହିଛନ୍ତି, ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବାବେଳେ ସରକାର ନୀରବ ରହିଛନ୍ତି। ଡ୍ରାମା, ପ୍ରତାରଣା ଓ ମିଛର ଆଶ୍ରୟ ନେଇ ସରକାର ଲୋକଙ୍କୁ ସତ ଲୁଚାଉଛନ୍ତି।



ରବିବାର ଶ୍ରୀନଗରରେ କର୍ଫ୍ୟୁ ଭଳି କଟକଣା ଲାଗୁ ହୋଇଥିବାବେଳେ ସିଆର୍‌ପିଏଫ୍ ଯବାନ ରାସ୍ତାରେ ପାଟ୍ରୋଲିଂ କରୁଛନ୍ତି।

## କଶ୍ମୀରରେ ପୁଣି କଟକଣା ଲାଗୁ

ଶ୍ରୀନଗର,୮।୯(ପି.ଟି.)

ଉପତ୍ୟକାରେ ମହରମ୍ ଶୋଭାଯାତ୍ରା ବାହାର କରିବା ଉଦ୍ୟମକୁ ପଣ୍ଡ କରିବା ପାଇଁ ଶ୍ରୀନଗର ସମେତ ଜମ୍ମୁ-କଶ୍ମୀରର ଅନେକ ସ୍ଥାନରେ ରବିବାର କର୍ଫ୍ୟୁ ଭଳି କଟକଣା ପୁନର୍ବାର ଲାଗୁ ହୋଇଛି। ଅଧିକ ସଂଖ୍ୟାରେ ଜନସମାଗମ ହିଂସାକାଣ୍ଡ ଘଟାଇପାରେ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ସେଥିପାଇଁ ପ୍ରବେଶ ପଥରେ ତାରବାଡ଼ ଦେଇ ଲାଲ୍‌ଚୌକ ଓ ଏହାର ଆଖପାଖରେ ଥିବା ବ୍ୟବସାୟିକ ପେଣ୍ଠସ୍ଥଳଗୁଡ଼ିକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯିବା ସହ ସେଠାରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ କରାଯାଇଛି। ମେଡିକାଲ ପାଇଁ ଜରୁରୀ ଥିବା ଲୋକଙ୍କୁ କେବଳ ବାରିକେଡ଼ ଦେଇ ଛଡ଼ାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଗଲା ବୋଲି ଘୋଷଣା କରିଥିଲେ। ସେହିଦିନଠାରୁ ଉପତ୍ୟକାରେ କଟକଣା ଜାରି ହୋଇଥିଲା। ସ୍ଥିତିରେ ଉନ୍ନତି ଆସିବା ସହ ପର୍ଯ୍ୟାୟକ୍ରମେ କେତେକ ଅଞ୍ଚଳରୁ କଟକଣା ହଟାଯାଇଥିଲା। ତେବେ ପ୍ରତି ଶୁକ୍ରବାର ଉପତ୍ୟକାର ଉତ୍ତେଜନାପ୍ରବଣ ସ୍ଥାନଗୁଡ଼ିକରେ କଟକଣା ଲାଗୁ ହେଉଥିଲା। ୩୫ ଦିନ ଧରି ଉପତ୍ୟକା ବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବଜାରଘାଟ ବନ୍ଦ ଥିବାବେଳେ ଘରୋଇ ପରିବହନ ସେବା ମଧ୍ୟ ବ୍ୟାହତ ହୋଇଛି। ଅନେକ ନେତା ଗୃହବନ୍ଦୀ ରହିଛନ୍ତି।

## ୱାଶିଂଟନ ପୋଷ୍ଟ ବିରୋଧରେ କଶ୍ମୀରୀ ପଣ୍ଡିତଙ୍କ ବିକ୍ଷୋଭ

ୱାଶିଂଟନ,୮।୯(ପି.ଟି.)

ଆମେରିକା ଗଣମାଧ୍ୟମ ୱାଶିଂଟନ ପୋଷ୍ଟ ଜମ୍ମୁ-କଶ୍ମୀର ସମ୍ପର୍କରେ ଏକପାଖିଆ ଖବର ଛାପୁଥିବାରୁ ଏହାର ପ୍ରତିବାଦରେ କଶ୍ମୀରୀ ପଣ୍ଡିତମାନେ ଶନିବାର ଏହାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ଲୋବାଲ କଶ୍ମୀରୀ ପଣ୍ଡିତ ଡାଏସପୋରା ପକ୍ଷରୁ ଏହି ବିକ୍ଷୋଭର ଆୟୋଜନ କରାଯାଇଥିଲା। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାରତ ସରକାର ଉଚ୍ଛେଦ କରିବା ପରେ ଆମେରିକାର ଏହି ଖବରକାଗଜ କ୍ରମାଗତ ଭାବେ ଏକପାଖିଆ ଏବଂ ପକ୍ଷପାତମୂଳକ ଖବର ପ୍ରସାରଣ କରିଆସୁଥିବା ସେମାନେ ଅଭିଯୋଗ କରିଥିଲେ। ଏଭଳି ଖବର ଛାପିବା ଦ୍ୱାରା କଶ୍ମୀର ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆସିବ ନାହିଁ ବୋଲି ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୋଗକୁ ୱାଶିଂଟନ ପୋଷ୍ଟ ପକ୍ଷରୁ ଖଣ୍ଡନ କରାଯାଇଛି। ସେମାନେ ଛାପିଥିବା ଖବର ସମ୍ପୂର୍ଣ୍ଣ ସତ୍ୟ ଓ ଠିକ୍ ବୋଲି ଦାବି କରିଛନ୍ତି।

## ସଂକ୍ଷେପରେ

### ଅଭିନେତା ଭୀରୁ କ୍ରିଷ୍ଣନ୍‌ଙ୍କ ଦେହାନ୍ତ



ମୁମ୍ବାଇ,୮।୯(ପି.ଟି.): ଇସ୍କ, ହମ୍ ହୈ ରାହି ପ୍ୟାର କେ, ରାଜା ହିନ୍ଦୁସ୍ଥାନୀ ଭଳି ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବଲିଉଡ ଅଭିନେତା ତଥା କଥକ ନୃତ୍ୟଶିଳ୍ପୀ ଭୀରୁ କ୍ରିଷ୍ଣନଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କର ଶେଷକୃତ୍ୟ ସାନ୍ତାକ୍ରୁଜ୍‌ସ୍ଥିତ ଶ୍ମଶାନରେ ସମ୍ପନ୍ନ ହୋଇଛି। ୯୦ ଦଶକରେ ଅନେକ ଚଳଚ୍ଚିତ୍ରରେ ସେ ପାର୍ଶ୍ୱ ଅଭିନେତା ଭାବେ କାର୍ଯ୍ୟ କରିଥିଲେ। ସେ କଥକ ନୃତ୍ୟ ଶିକ୍ଷା ଦେଉଥିଲେ। ପ୍ରିୟଙ୍କା ଚୋପ୍ରା, କାଟ୍ରିନା କେଫ୍, ଆଥିୟା ସେଟ୍ଟୀ, କରନବୀର ବୋହରା ପ୍ରମୁଖ ଅନେକ ଚଳଚ୍ଚିତ୍ର ଓ ଟିଭି କଳାକାର ତାଙ୍କ ପାଖରୁ କଥକ ନୃତ୍ୟ ଶିକ୍ଷା କରିଥିଲେ। ତାଙ୍କ ପରଲୋକରେ ସେଲିବ୍ରିଟିମାନେ ସୋସିଆଲ ମିଡିଆ ମାଧ୍ୟମରେ ଶୋକବ୍ୟକ୍ତ କରିଛନ୍ତି।

### ରଜୌରୀରେ ପାକ୍ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

ଜମ୍ମୁ,୮।୯(ପି.ଟି.): ଜମ୍ମୁ-କଶ୍ମୀରର ରଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ରବିବାର ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତର ଆଗୁଆ ଘାଟି ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ଟାର୍ଗେଟ କରି ଗୁଳି ଓ ସେଲ୍ ମାଡ଼ କରିଛି। ଶନିବାର ମଧ୍ୟ ଉକ୍ତ ଅଞ୍ଚଳରେ ପାକିସ୍ତାନ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ସୁନ୍ଦରବଣି ଓ ନୌଶେରା ସେକ୍ଟରରେ ପାକିସ୍ତାନ ପଟୁ ମୋର୍ଟାର ଓ ଗୁଳିଗୋଳା ମାଡ଼ ହୋଇଥିଲା। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ମୃତାହତ ସମ୍ପର୍କିତ ରିପୋର୍ଟ ମିଳି ନ ଥିଲେ ହେଁ ସୀମାନ୍ତ ଗ୍ରାମଗୁଡ଼ିକରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୯ର ପ୍ରମୁଖ ଘଟଣା

୧୯୨୦ ସେପ୍ଟେମ୍ବର ୯ରେ ଅଲିଗଡ଼ର ମହମ୍ମଡାନ ଅଙ୍ଗ୍ଲୋ-ଓରିଏଣ୍ଟାଲ କଲେଜ (ଏମ୍‌ଏଓ କଲେଜ)କୁ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ (ଏଏମ୍‌ୟୁ)ରେ ପରିଣତ କରାଯାଇଥିଲା।

୧୯୯୧ ସେପ୍ଟେମ୍ବର ୯ରେ ତାଜିକିସ୍ତାନ ସୋଭିଏଟ୍ ରୁଷ (ୟୁଏସ୍ଏସ୍ଆର୍)ଠାରୁ ସ୍ୱାଧୀନ ହୋଇଥିଲା। ୧୯୨୯ରୁ ୧୯୯୧ ପର୍ଯ୍ୟନ୍ତ ସୋଭିଏତ ତାଜିକିସ୍ତାନ ୟୁଏସ୍ଏସ୍ଆର୍‌ର ଏକ ରାଜ୍ୟ ଥିଲା। ସୋଭିଏଟ୍ ରୁଷ ଭୁଶୁଡିପଡିବାରୁ ତାଜିକିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରାଯାଇଥିଲା।



ହଂକଂରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ଆନ୍ଦୋଳନକାରୀମାନେ ରବିବାର ଚାର୍ଟର ଗାର୍ଡେନରୁ ଆମେରିକା କନ୍‌ସୁଲେଟ୍ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଛନ୍ତି। ୫ ଦାବି ପୂରଣ ସକାଶେ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ହାସଲ ପାଇଁ ବିକ୍ଷୋଭକାରୀମାନେ ହାତର ପାଞ୍ଚ ଅଙ୍ଗୁଳି ଦେଖାଉଛନ୍ତି।

## ଉଚ୍ଛେଦ ହେବନି ଅନୁଚ୍ଛେଦ ୩୭୧

ଗୁଆହାଟୀ,୮।୯(ପି.ଟି.)

ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସୁବିଧା ଯୋଗାଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୧କୁ କେନ୍ଦ୍ର ସରକାର ଛୁଇଁବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ରବିବାର ସ୍ପଷ୍ଟ କରିଛନ୍ତି। ଅନୁଚ୍ଛେଦ ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିବାବେଳେ ୩୭୧ ସେପରି ନୁହେଁ। ଦୁଇ ଅନୁଚ୍ଛେଦ ମଧ୍ୟରେ ବହୁତ କିଛି ପାର୍ଥକ୍ୟ ଥିବା ଶାହ ଉତ୍ତରପୂର୍ବାଞ୍ଚଳ ପରିଷଦର ୬୮ତମ ଅଧିବେଶନରେ ଉଦ୍‌ବୋଧନ ଦେଇ କହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କେନ୍ଦ୍ର ସରକାର ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ଅନୁଚ୍ଛେଦ ୩୭୧ ଉଚ୍ଛେଦ କରିଦେବେ ବୋଲି ସେଠାକାର ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଗୁଜବ ପ୍ରଚାର କରାଯାଉଛି।



## ହରିୟାଣାରେ ନିର୍ବାଚନୀ ବିଗୁଲ ବଜାଇଲେ ମୋଦି

ରୋହତକ୍,୮।୯(ଆଇଏଏନ୍ଏସ୍)

ବିଧାନସଭା ନିର୍ବାଚନ ହେବାକୁ ଥିବା ହରିୟାଣାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସରକାରର ପ୍ରଥମ ୧୦୦ ଦିନର ରିପୋର୍ଟ କାର୍ଡ ଉପସ୍ଥାପନ କରିବା ସହ ନିର୍ବାଚନୀ ବିଗୁଲ ବଜାଇଛନ୍ତି। ସେ ମନୋହରଲାଲ୍ ଖଟ୍ଟର ସରକାରଙ୍କୁ ଭୂୟଶୀ ପ୍ରଶଂସା କରିଥିଲେ।



ହରିୟାଣାରେ ଭାଜପା ସରକାର ଦୁର୍ନୀତି ଓ ବଂଶଗତ ରାଜନୀତି ବିରୋଧରେ ଲଢ଼େଇ ଚଳାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।

ଜଳ ସଂରକ୍ଷଣ ଲାଗି ବର୍ଷାଜଳ ଅମଳ ପ୍ରଯୁକ୍ତି ଆପଣାଇବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେବା ସହ ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମୋଦି ସେଠାରେ ୨୦୦୦ କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## କେସିଆର୍ କ୍ୟାବିନେଟରେ ପୁଅ, ପୁତୁରା

ହାଇଦ୍ରାବାଦ,୮।୯(ଆଇଏଏନ୍ଏସ୍)

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ରବିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ନୂଆ ମନ୍ତ୍ରୀ ହୋଇଥିବା ୬ ଜଣଙ୍କ ମଧ୍ୟରେ କେସିଆର୍‌ଙ୍କ ପୁଅ କେ.ଟି. ରାମା ରାଓ ଏବଂ ପୁତୁରା ଟି. ହରିଶ ରାଓ ଅଛନ୍ତି। ନୂତନ ରାଜ୍ୟପାଳ ଭାବେ ତମିଳିସାଇ ସୌନ୍ଦରରାଜନ ଶପଥ ଗ୍ରହଣ କରିବାର କିଛି ସମୟ ପରେ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ



କେ.ଟି. ରାମା ରାଓ



ଟି. ହରିଶ ରାଓ

କରାଇଥିଲେ। ଅନ୍ୟ ଯେଉଁମାନେ ଶପଥ ନେଇଛନ୍ତି ସେମାନେ ହେଲେ ପି. ସବିତା ଇନ୍ଦ୍ର ରେଡ୍ଡୀ, ଗଙ୍ଗୁଲା କମଳାକର, ପୁଭଡା ଅଜୟ କୁମାର ଏବଂ ସତ୍ୟବତୀ ରାଠୋଡ।

## ଶାନ୍ତି ଆଲୋଚନା ରଦ୍ଦ କଲେ ଟ୍ରମ୍ପ୍

ୱାଶିଂଟନ/କାବୁଲ, ୮।୯(ପି.ଟି./ଆଇଏଏନ୍ଏସ୍)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ତାଲିବାନ ସହ ଶାନ୍ତି ଆଲୋଚନା ରଦ୍ଦ କରିଦେଇଛନ୍ତି। ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନି ଓ ତାଲିବାନ ନେତାମାନଙ୍କ ସହ କ୍ୟାମ୍ପ୍ ଡେଭିଡ୍‌ରେ ହେବାକୁ ଥିବା ଗୁପ୍ତ ବୈଠକକୁ ସେ ବାତିଲ କରିଦେଇଛନ୍ତି। ଗୁରୁବାର ଜଣେ ଆମେରିକୀୟ ସୈନ୍ୟଙ୍କ ସମେତ ୧୨ ଜଣ ନିହତ ହୋଇଥିବା ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଯୋଗୁ ଆମେରିକା କ୍ଷତିଗ୍ରସ୍ତ ହେବ ବୋଲି ତାଲିବାନ ଧମକ ଦେଇଛି।

ଆମେରିକାର ମେରିଲାଣ୍ଡସ୍ଥିତ କ୍ୟାମ୍ପ୍ ଡେଭିଡ୍‌ରେ ଏକ ଗୁପ୍ତ ବୈଠକ ହେବାର ଥିଲା। ସେଥିରେ ଆଫଗାନିସ୍ତାନ ପ୍ରତିପକ୍ଷ ଗନି ଓ ତାଲିବାନର ଶୀର୍ଷ ନେତାମାନେ ପୃଥକ ଭାବେ ଯୋଗଦେଇ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିବାର ଥିଲା। ତେବେ ତାଲିବାନ ସହ ଶାନ୍ତି ଚୁକ୍ତି ଏକପ୍ରକାର ଚୂଡ଼ାନ୍ତ ହେବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଟ୍ରମ୍ପ୍। ସେ କହିଛନ୍ତି, କାବୁଲରେ ତାଲିବାନର ଆକ୍ରମଣରେ ଆମର ଜଣେ ସୈନ୍ୟ ଓ ୧୧ ସାଧାରଣ ନାଗରିକ



### ଆମେରିକାକୁ ଧମକ ଦେଲା ତାଲିବାନ

ନିହତ ହୋଇଛନ୍ତି। ସେଥିପାଇଁ ଶାନ୍ତି ଆଲୋଚନାକୁ ବାତିଲ କରାଯାଉଛି। ତାଲିବାନ ନେତୃତ୍ୱରେ ଯୁଦ୍ଧ ଓ ହିଂସା ଜାରି ରହିଥିବା ଯାଏ ତା' ସହ ଶାନ୍ତି ଆଲୋଚନା ହେବନାହିଁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହାର ପ୍ରତିକ୍ରିୟାରେ ତାଲିବାନ ମୁଖପାତ୍ର ଜବିହୁଲ୍ଲା ଟୁଇଟ୍ କରି କହିଛନ୍ତି, ଆମେରିକା ତା'ର ଶାନ୍ତି ବିରୋଧୀ ଆଭିମୁଖ୍ୟ ଯୋଗୁ ଅଧିକ କ୍ଷତିଗ୍ରସ୍ତ ହେବ। ତଥାପି ଆମେ ଆଲୋଚନାର ଦ୍ୱାର ଖୋଲା ରଖିଛୁ। ପ୍ରକାଶ ଯେ, ୨୦୦୧ ସେପ୍ଟେମ୍ବର ୧୧ ଆମେରିକା ଆକ୍ରମଣ ପରେ ୱାଶିଂଟନ ନେତୃତ୍ୱରେ ଆଫଗାନିସ୍ତାନରେ ଆତଙ୍କବାଦ ବିରୋଧୀ ଅଭିଯାନ ଦୃଢ଼ ହୋଇଥିଲା।

## ଖ୍ୟାତି ଆଣି ଦେଇଥିଲା ହାଇପ୍ରୋଫାଇଲ ମାମଲା

ନୂଆଦିଲ୍ଲୀ,୮।୯

୯୬ତମ ଜନ୍ମଦିନ ପାଳନର ମାତ୍ର ୬ ଦିନ ପୂର୍ବରୁ ଖ୍ୟାତନାମା ଆଇନଜୀବୀ ରାମ ଜେଠମାଲାନିଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଦେଶର ଅନ୍ୟତମ ସର୍ବାଧିକ ପାଉଣା ନେଉଥିବା ଆଇନଜୀବୀ ଏବଂ କେନ୍ଦ୍ରରେ ଆଇନ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିଲେ। ସେ ଭାରତର ବାର୍ କାଉନସିଲ୍ ସଭାପତି ମଧ୍ୟ ରହିଥିଲେ।

୧୯୨୩ ସେପ୍ଟେମ୍ବର ୧୪ରେ ସିନ୍ଧରେ ଜନ୍ମିତ ଜେଠମାଲାନି ମାତ୍ର ୧୭ ବର୍ଷ ବୟସରେ ଆଇନ ଡିଗ୍ରୀ ହାସଲ କରି ଦେଶ ବିଭାଜନ ପର୍ଯ୍ୟନ୍ତ କରାଚୀରେ ଆଇନ ବ୍ୟବସାୟ କରୁଥିଲେ। ସେ ବହୁ ବଡ଼ ମାମଲାରେ ଆଇନ ଖିଲାପକାରୀଙ୍କ ସପକ୍ଷରେ ଲଢ଼ି ଖବରକାଗଜର ଶିରୋନାମା ମଣ୍ଡନ କରିଥିଲେ। ଶ୍ରେଷ୍ଠ ଫୌଜଦାରି ଓକିଲ ଭାବେ ସେ ଦେଶର ବହୁ କ୍ଷମତାଶାଳୀ ବ୍ୟକ୍ତିଙ୍କ ପାଇଁ ମାମଲା ଲଢ଼ିଛନ୍ତି। ଅଦାଲତ ପ୍ରକୋଷ୍ଠରେ ସାକ୍ଷୀଙ୍କୁ ଗୁଡେଇତୁଡେଇ ପ୍ରଶ୍ନ କରିବା କୌଶଳ ପାଇଁ ସେ ଜଣାଶୁଣା ଥିଲେ।

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ମାମଲା ଲଢୁଥିଲେ ଜେଠମାଲାନି।



### ୧୭ ବର୍ଷ ବୟସରେ ଆଇନ ଡିଗ୍ରୀ ହାସଲ କରିଥିଲେ ଜେଠମାଲାନି

ଏହା ବ୍ୟତୀତ ବହୁଚର୍ଚ୍ଚିତ ଜେସିକା ଲାଲ୍ ହତ୍ୟା ମାମଲାରେ ମନୁ ଶର୍ମାଙ୍କର ଓକିଲ ଥିଲେ ସେ। ବହୁକୋଟି ଟଙ୍କାର ଶେୟାର ବଜାର ଦୁର୍ନୀତି ମାମଲାରେ ସେ ହର୍ଷଦ ମେହେଟ୍ଟା ଏବଂ କେତନ ପାରେଖଙ୍କ ପାଇଁ ମାମଲା ଲଢ଼ିଥିଲେ।

କରାଚୀ ଦଙ୍ଗା ପରେ ୧୯୪୮ ଫେବୃୟାରୀରେ ଜେଠମାଲାନି ଭାରତ ଆସି ବମ୍ବେ ହାଇକୋର୍ଟରେ ସେ ତତ୍କାଳୀନ ବମ୍ବେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ଦ୍ୱାରା ଗୃହୀତ ଆଇନ ବିରୋଧରେ ଲଢ଼ି ଜିତିଥିଲେ। ୧୯୬୨ରେ ନାନାବତୀ ମାମଲା ତାଙ୍କ ଜୀବନର ମୋଡ଼ ବଦଳାଇଦେଇଥିଲା। ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ହୋଇଥିଲା, ଯେଉଁଥିରେ ନୌସେନା କମାଣ୍ଡର କେ.ଏମ୍ ନାନାବତୀ ସମ୍ପୃକ୍ତ ଥିଲେ। ନୌସେନା କମାଣ୍ଡର ସ୍ତ୍ରୀଙ୍କ ପ୍ରେମିକ ଆହୁଜାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ରାୟକୁ ନେଇ ପାର୍ସୀ ଓ ସିନ୍ଧି ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଭାଇ ହତ୍ୟାକୁ ଭୁଲିଯିବା ପାଇଁ ମାମି ଆହୁଜାଙ୍କୁ ବୁଝାଇବାରେ ଜେଠମାଲାନି ସକ୍ଷମ ହୋଇଥିଲେ। ଭାଇର ହତ୍ୟାକାରୀଙ୍କୁ କ୍ଷମା ଦେବାପାଇଁ ମାମି କୋର୍ଟଙ୍କୁ ପତ୍ର ଲେଖିଥିଲେ।

୧୯୭୫ ଜୁନ୍ ୨୫ ରାତିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀ ପରିସ୍ଥିତି ଜାରି କରିଥିଲେ। ସେତେବେଳେ ଶହ ଶହ ରାଜନେତା ଓ ଖବରଦାତାଙ୍କୁ ଜେଲ ପଠାଯାଇଥିଲା କିମ୍ବା ଗୃହବନ୍ଦୀ କରାଯାଇଥିଲା। ଶାନ୍ତି ଭୂଷଣଙ୍କ ନେତୃତ୍ୱରେ ୧୨ ଆଇନଜୀବୀ ବେଆଇନ ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଜେଠମାଲାନି। ଜରୁରୀ ପରିସ୍ଥିତି ବେଳେ ଜୀବନ ଧାରଣ ଅଧିକାର ଭଳି ମୌଳିକ ଅଧିକାର ଉଚ୍ଛେଦ କରିବା ଅଧିକାର ସରକାରଙ୍କର ଅଛି କି ବୋଲି ସେ ସର୍ବୋଚ୍ଚ ଅଦାଲତରେ ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ ବି ୫ ଜଣିଆ ଖଣ୍ଡପୀଠର ଜଣେ ବିଚାରପତି ଏହା ବିରୋଧରେ ମତ ଦେଇଥିଲେ।

ଇନ୍ଦିରା ଗାନ୍ଧୀ ହତ୍ୟା ମାମଲାରେ ଅଭିଯୁକ୍ତ ବଲବୀର ସିଂ ଓ ଖେହର ସିଂଙ୍କ ପାଇଁ ଜେଠମାଲାନି ମାମଲା ଲଢ଼ିଥିଲେ। ତେବେ ସେ ଅଙ୍ଗରକ୍ଷୀ ଖେହର ସିଂଙ୍କୁ ମୃତ୍ୟୁଦଣ୍ଡରୁ ବଞ୍ଚାଇପାରି ନ ଥିଲେ। ସେହିପରି ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଜେଲରେ ୨୩ ବର୍ଷ କଟାଇସାରିଥିବାରୁ ଏଲ୍‌ଟିଟିଇ କର୍ମୀ ମୁରୁଗାନଙ୍କ ମୃତ୍ୟୁଦଣ୍ଡ କୋହଳ କରିବା ପାଇଁ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ଜେଠମାଲାନି।

ହର୍ଷଦ ମେହେଟ୍ଟା ଷ୍ଟକ୍ ମାର୍କେଟ ଦୁର୍ନୀତି ମାମଲାରେ ମେହେଟ୍ଟା ପରିବାର ପାଇଁ ଜେଠମାଲାନି ମକଦ୍ଦମା ଲଢ଼ିଥିଲେ। ଏହା ବ୍ୟତୀତ ଅନେକ ହାଇପ୍ରୋଫାଇଲ ମାମଲା ଯଥା ୨୦୦୧ ପାର୍ଲାମେଣ୍ଟ ଭବନ ଆକ୍ରମଣ, ଜେସିକା ଲାଲ୍ ହତ୍ୟା ମାମଲାରେ ମନୁ ଶର୍ମାଙ୍କ ପାଇଁ, ହାୱାଲା ମାମଲାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀଙ୍କ ପାଇଁ ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜୟଲଳିଥାଙ୍କ ପାଇଁ ଏହି ବରିଷ୍ଠ ଆଇନଜୀବୀ ଲଢ଼ିଥିଲେ। ସେହିପରି ୨ଜି ଦୁର୍ନୀତି ମାମଲାରେ କାନିମୋଝିଙ୍କ ପାଇଁ, ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ପାଇଁ ଏବଂ ଖଣି ଦୁର୍ନୀତି ମାମଲାରେ ବି.ଏସ୍. ୟେଦୁରପ୍ପାଙ୍କ ଓକିଲ ଥିଲେ ଜେଠମାଲାନି।

## ସଂକ୍ଷେପରେ

### ବିଧାୟକଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ୍ ସନ୍ଦେହ
## ଷ୍ଟାଟସରେ ଅଶ୍ଳୀଳ ଫଟୋ

**ଜୟପୁର,୮।୯(ଡି.ଏନ.ଏ.):** ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଫେସ୍‌ବୁକ ଆକାଉଣ୍ଟ ହ୍ୟାକ କରାଯାଇଥିବା ସନ୍ଦେହ କରାଯାଉଛି। ଏହାର ଷ୍ଟାଟ୍‌ସ୍‌ରେ ଅଶ୍ଳୀଳ ଫଟୋ ଥିବା ନେଇ ଚର୍ଚ୍ଚାର ବିଷୟ ହୋଇଛି। ଗତ ଶନିବାର ରାତି ୨ ଟାଠାରୁ ରବିବାର ପୂର୍ବାହ୍ନ ୧୦ଟା ୫୮ ମିନିଟ ପର୍ଯ୍ୟନ୍ତ ବିଧାୟକ ବାହିନୀପତିଙ୍କ ଫେସବୁକ ଆକାଉଣ୍ଟର ଷ୍ଟାଟସ୍‌ରେ ଓ ମାଇଷ୍ଟୋରିରେ ଅଶ୍ଳୀଳ ଫଟୋ ଦୃଶ୍ୟମାନ ହୋଇଥିଲା। ବିଧାୟକଙ୍କ ଫେସବୁକ ଆକାଉଣ୍ଟ ପରିଚାଳନା କରୁଥିବା ସହଯୋଗୀ ଏହା ଜାଣିବା ପରେ ତୁରନ୍ତ ଏହାକୁ ଡିଲିଟ୍ କରିବା ସହିତ ପାସୱାର୍ଡ ପରିବର୍ତ୍ତନ କରି ଦେଇଥିଲେ। କିନ୍ତୁ ଏପରି କାର୍ଯ୍ୟ କିଏ କରିଛି ଏହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଧାୟକ ବାହିନୀପତିଙ୍କୁ ପଚାରିବାରୁ, ଏ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ଏହା ତାଙ୍କର ଅବଗତରେ ନାହିଁ ବୋଲି କହିଥିଲେ। କିନ୍ତୁ ଏଥିନେଇ ସେ ତନାଘନା କରିବେ ବୋଲି କହିଛନ୍ତି। ସେହିପରି ଜୟପୁର ଟାଉନଥାନା ଅଧିକାରୀଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ତାଙ୍କ ନିକଟରେ ସୂଚନା ଅଛି। କିନ୍ତୁ କୌଣସି ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି। କୌଣସି ଅସାମାଜିକ ବ୍ୟକ୍ତି ବିଧାୟକଙ୍କୁ ବଦନାମ କରିବାକୁ ଏହିପରି ହ୍ୟାକ କରିବା ସହିତ ଅଶ୍ଳୀଳ ଫଟୋ ଅପ୍‌ଲୋଡ କରିଥିବା ନେଇ ତାଙ୍କର ସମର୍ଥକମାନେ ଅଭିଯୋଗ କରିଛନ୍ତି।

### ପୁରୀରେ ପୁଣି ଆରମ୍ଭ ହେଲା ଉଚ୍ଛେଦ ଅଭିଯାନ
# ଭଙ୍ଗାଗଲା ବଡ଼ ଆଖଡ଼ା ମଠ

**ପୁରୀ ଅଫିସ, ୮।୯**



ବଡ଼ ଆଖଡ଼ା ମଠ ଭଙ୍ଗାଯାଉଛି।

- ମାଟିରେ ମିଶିଲା ୭୦ରୁ ଊର୍ଦ୍ଧ୍ୱ ବଖରା
- ଏବେ ସାନଛତା, ମଙ୍ଗୁ ମଠ ପାଳି
- ଭଙ୍ଗାଯିବ ମ୍ୟୁନିସିପାଲିଟି ହସ୍ପିଟାଲ

ଅସହମତି ଏବଂ ଅସନ୍ତୋଷ ଯୋଗୁ ପୁରୀରେ କିଛିଦିନ ଧରି ବନ୍ଦ ରହିଥିବା ଉଚ୍ଛେଦ ଅଭିଯାନ ପୁଣି ରବିବାରଠାରୁ ଆରମ୍ଭ ହୋଇଛି। ଯେଉଁ ବଡ଼ ଆଖଡା ମଠ ପାଖରେ ପ୍ରଶାସନ ଝୁଣ୍ଟି ପଡିଥିଲା ସେହିଠାରୁ ହିଁ ଆରମ୍ଭ କରିଛି ଉଚ୍ଛେଦ କାର୍ଯ୍ୟ। ଲଙ୍ଗୁଳି ଏବଂ ଏମାର ମଠ ପରେ ଶ୍ରୀକ୍ଷେତ୍ରର ପୁଣି ଏକ ପୁରାତନ ମଠ ତା'ର ସତ୍ତା ହରାଇଛି। ଠାକୁରଙ୍କ ବିଜେସ୍ଥଳୀ, ମନ୍ଦିର ଏବଂ ସେବାପୂଜା ପାଇଁ ଉଦ୍ଦିଷ୍ଟ ୪/୫ ବଖରା ଘରକୁ ବାଦ୍ ଦିଆଯାଇ ମାଟିରେ ମିଶାଇ ଦିଆଯାଇଛି ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବଖରା। ତେବେ ବଡ଼ ଆଖଡା ମଠ ପରେ ଆଗକୁ ସାନଛତା ଏବଂ ମଙ୍ଗୁ ମଠର ପାଳି। ପୁଣି ଭଙ୍ଗାଯିବ ଦୋଳବେଦି କୋଣଠାରେ ଥିବା ମ୍ୟୁନିସିପାଲିଟି ହସ୍ପିଟାଲ। ଆମିକସ୍ କ୍ୟୁରିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ପ୍ରଶାସନ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରିଛି। ଆଗକୁ ଏହି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସୂଚନା ମିଳିଛି।

ଗତ ମଙ୍ଗଳବାର ବଡ଼ ଆଖଡ଼ା ମଠ ଭାଙ୍ଗିବାକୁ ପ୍ରଶାସନ ସ୍ଥିର କରିଥିଲା। ଅସୁରକ୍ଷିତ ଏହି ମଠକୁ ଭାଙ୍ଗିବା ଲାଗି ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯିବା ପରେ ମଠରେ ଚାଲୁଥିବା ସିଂହଦ୍ୱାର ଥାନା ଏବଂ ଦୋକାନ ଘରଗୁଡ଼ିକ ମଧ୍ୟ ଖାଲି କରାଯାଇଥିଲା। ହେଲେ ସେହିଦିନ ସକାଳେ ମଠରେ ସାଧୁସନ୍ଥ ମେଳି ବାନ୍ଧିବା ସହ ଧାରଣା ଦେଇଥିଲେ। ଫଳରେ ପ୍ରଶାସନ ଉଚ୍ଛେଦରୁ ଦୂରେଇ ରହିଥିଲା। ଏହା ପରେ ମହନ୍ତଙ୍କୁ ଡାକି ଆଲୋଚନା କରାଯାଇଥିଲା। ତଥାପି ଏହାକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଉଚ୍ଛେଦର ବାସ୍ତବ ସ୍ଥିତି ପରଖିବାକୁ ଆସିଥିବା ଆମିକସ୍ କ୍ୟୁରି ରଞ୍ଜିତ କୁମାର ଶନିବାର ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସବୁଜ ସଙ୍କେତ ଦେବା ପରେ ପୁଣି ବଦଳି ଯାଇଥିଲା ସ୍ଥିତି। ଗଣେଶ ପୂଜା ଲାଗି ମଠ ସମ୍ମୁଖରେ ଦୁଇଟି ଅସ୍ଥାୟୀ ମଣ୍ଡପ ତିଆରି କରାଯାଇଥିବାରୁ ପ୍ରାୟ ୧୦ ବଖରା ଉଚ୍ଛେଦ ହୋଇପାରିନାହିଁ। ପ୍ରାୟ ସାଢେ ୫ଟାରେ ଗଣେଶଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯିବା ପରେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ହେଲେ ସନ୍ଧ୍ୟା ହୋଇଯିବାରୁ ପ୍ରଶାସନ ଉଚ୍ଛେଦକୁ ବନ୍ଦ କରିଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯାଇଥିଲା।

ଏହି ଉଚ୍ଛେଦ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ବଡ଼ ଆଖଡା ମଠ ଗାଦିଘର, ମନ୍ଦିର ଏବଂ ପୂଜା ପାଇଁ ଆବଶ୍ୟକ ପ୍ରାୟ ୫ ବଖରା ଘର ବାଦ୍ ଦିଆଯାଇ ଅନ୍ୟାନ୍ୟ ନିର୍ମାଣକୁ ଭଙ୍ଗାଯାଇଛି। ବଳକା ଘର ସୋମବାର ଭଙ୍ଗାଯିବ। ଉଚ୍ଛେଦ କାର୍ଯ୍ୟକୁ ଶୃଙ୍ଖଳିତ କରିବା ଲାଗି ୬ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ଦୁଇ ସିଫ୍ଟରେ ୨୪ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ମଠ ଉଚ୍ଛେଦ କାର୍ଯ୍ୟ ପ୍ରାୟ ୨ ଦିନ ଲାଗିବ। ତେବେ ମଠରେ ରହୁଥିବା ବିଦ୍ୟାର୍ଥୀ ଏବଂ ଅନ୍ୟମାନଙ୍କ ରହିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଉଚ୍ଛେଦ ସ୍ଥଳରୁ ଭଗ୍ନାବଶେଷ ସ୍ଥାନାନ୍ତର କରାଯାଇ ସେହି ଜାଗାକୁ ସମତଳ କରାଯାଉଛି। ଏହାଦ୍ୱାରା ଭକ୍ତଙ୍କ ଯିବା ଆସିବାରେ ଯେପରି କୌଣସି ପ୍ରକାର ଅସୁବିଧା ନ ହେବ ତାହାକୁ ଦୃଷ୍ଟିରେ ରଖି ଏହା କରାଯାଉଛି ବୋଲି ଅତିରିକ୍ତ ଜିଲାପାଳ କହିଥିଲେ।

### ଆଜି ୮ଜିଲାରେ ପ୍ରବଳ ବର୍ଷା
# ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାରେ ଝଡ଼ତୋଫାନ ସମ୍ଭାବନା

**ଭୁବନେଶ୍ୱର, ୮।୯(ବ୍ୟୁରୋ)**

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହିକ୍ରମରେ ଆସନ୍ତା ୨୪ ଘଣ୍ଟା ପ୍ରବଳ ବର୍ଷିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ମାଲକାନଗିରିରେ ସର୍ବାଧିକ ୭୦.୨ ମିଲିମିଟର ବର୍ଷା ହୋଇଥିବାବେଳେ କେନ୍ଦୁଝରରେ ୪୯, କୋରାପୁଟରେ ୪୬.୨, ପୁରୀରେ ୩୦.୭, ଅନୁଗୋଳରେ ୨୪, କଟକରେ ୨୦.୪, ବାରିପଦାରେ ୧୪.୮ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ଭୁବନେଶ୍ୱର, ବାଲେଶ୍ୱର, ଚାନ୍ଦବାଲି, ପାରାଦୀପ, ସୁନ୍ଦରଗଡ଼, ଭବାନୀପାଟଣା, ଟିଟିଲାଗଡ଼, ଦାରିଙ୍ଗବାଡ଼ି, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ସୋମବାର ମୟୂରଭଞ୍ଜ, କୋରାପୁଟ, ସମ୍ବଲପୁର, ନବରଙ୍ଗପୁର, ନୂଆପଡ଼ା, ଝାରସୁଗୁଡ଼ା, ବରଗଡ଼ ଓ କଳାହାଣ୍ଡି ଆଦି ୮ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସୋମବାର ଝଡ଼ତୋଫାନ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ବୁଧବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଢେଙ୍କାନାଳ ଆଦି ୬ ଜିଲା ଏବଂ ଗୁରୁବାର କୋରାପୁଟ, ମାଲକାନଗିରି, ଭଦ୍ରକ, ଯାଜପୁର, କେନ୍ଦୁଝର, ଅନୁଗୋଳ, କଟକ, ସୁନ୍ଦରଗଡ଼, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ସୋନପୁର ଆଦି ୧୨ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ବରିଷ୍ଠ ଆଇନଜୀବୀ ବିନୟାନନ୍ଦଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୮।୯**

ଢେଙ୍କାନାଳର ବରିଷ୍ଠ ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ରବିବାର ମୁକ୍ତାଦେଇପୁରଶାସନସ୍ଥିତବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ 'ଧରିତ୍ରୀ' ଏବଂ 'ଓରିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଏମ୍‌ପି ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ।

## ହୀରାକୁଦ ଡ୍ୟାମ୍‌ରେ ୨୦ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୮।୯ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍ ଉପରମୁଣ୍ଡରେ ୨ ଦିନ ହେଲା ବର୍ଷା ଲାଗି ରହିଛି। ଫଳରେ ଡ୍ୟାମର ଜଳସ୍ତର ବଢୁଛି। ଏଣୁ ରବିବାର ରାତି ୯ଟା ପର୍ଯ୍ୟନ୍ତ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୨୯ ହଜାର ୦୩୯ କ୍ୟୁସେକ ପାଣି ପ୍ରବେଶ କରୁଛି। ହେଲେ ପ୍ରତି ସେକେଣ୍ଡରେ ଡ୍ୟାମରୁ ୩ ଲକ୍ଷ ୪୧ ହଜାର ୭୪୪ କ୍ୟୁସେକ ପାଣି ନିଷ୍କାସିତ ହେଉଛି। ହୀରାକୁଦ ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ରାତି ସୁଦ୍ଧା ଜଳସ୍ତର ୬୨୫.୫୬ ଫୁଟ ରହିଛି। ଡ୍ୟାମ୍ ପ୍ରତି ବିପଦ ନ ଥିଲେ ମଧ୍ୟ ଏହା ଚିନ୍ତାର କାରଣ ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଛତିଶଗଡ ଜଳସମ୍ପଦ ବିଭାଗ ସହ ଆଲୋଚନା କରି ଜଳ ନିୟନ୍ତ୍ରଣ କରାଯାଉଛି।

## ହୃଦ୍‌ଘାତରେ କଏଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୮।୯:** ହୃଦ୍‌ଘାତରେ ଜଣେ ବିଚାରାଧୀନ କଏଦୀଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ କୀର୍ତ୍ତନ ନାୟକ (୭୩)। ତାଙ୍କ ଘର ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ବାଣପୁରରେ ବୋଲି ପୋଲିସ କହିଛି। ପ୍ରକାଶ ଯେ, ୨୦୧୮ ଅକ୍ଟୋବର ୨୮ରେ କୀର୍ତ୍ତନ ଏକ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଥାଇ ଗିରଫ ହୋଇ ସୋରଡା ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ସେ ପକ୍ଷାଘାତ ଓ ହୃଦ୍‌ଘାତ ରୋଗରେ ଆକ୍ରାନ୍ତ ଥିଲେ। ଜୁଲାଇ ୧୮ ତାରିଖରେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ଅଣାଯାଇ ମଣ୍ଡଳ କାରାଗାରରେ ରଖାଯାଇଥିଲା। ସେଠାରେ ସେ ଗୁରୁତର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ପୁରୁଷ ମେଡ଼ିସିନ ୱାର୍ଡର ୩୬ ନଂ.ବେଡରେ ରହି ଚିକିତ୍ସିତ ହେଉଥିଲେ। ହୃଦ୍‌ଘାତରେ ରବିବାର ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ପ୍ରଦୀପ କୁମାର ମହାରଣା, କୀର୍ତ୍ତନଙ୍କ ସ୍ତ୍ରୀ ବିଶାନ୍ଦ ନାୟକ, ଭାଇ ମୁରଲୀ ନାୟକ, ପୁତୁରା ମହେଶ୍ୱର ନାୟକ, ଭଣଜା ବ୍ରହ୍ମା ପରିଡା ଓ ପୋଲିସ ଉପସ୍ଥିତିରେ ତାଙ୍କ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମେଡିକାଲ ଫାଣ୍ଡି ପୋଲିସ ନଂ. ୪୭୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଶୋଇଥିବାବେଳେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

**ପାଟଣା/ଢେଙ୍କିକୋଟ, ୮।୯(ସ୍ୱ.ପ୍ର.)**

- ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର
- ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ ଟିମ୍

କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଶିଘାଟି ପଞ୍ଚାୟତ ଗୁଧ୍‌ରାମ ପଡା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଶୋଇଥିବାବେଳେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ଧାରୁଆ ଅସ୍ତ୍ରରେ ହାଣି ପରେ ପଥର କିମ୍ବା କୌଣସି ଓଜନିଆ ଜିନିଷରେ ମୁଣ୍ଡକୁ ଛେଚି ସେମାନଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହି ଦମ୍ପତି ବାରଣ୍ଡାରେ ଏକ ଖଟିଆରେ ମଶାରି ଟାଙ୍ଗି ଶୋଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ହତ୍ୟା କରିବା ପୂର୍ବରୁ ଘରେ ଶୋଇଥିବା ଝ୍ୱାଇଁ ଓ ତାଙ୍କର ଦୁଇ ଛୋଟ ପୁଅ, ଝିଅଙ୍କୁ ବାହାରପଟୁ କବାଟରେ ଶିକୁଳି ଲଗାଇ ଦେଇଥିଲେ। ରବିବାର ସକାଳେ ଦମ୍ପତିଙ୍କ ଝ୍ୱାଇଁ ନିଦରୁ ଉଠି କବାଟ ବାହାରୁ ବନ୍ଦ ଥିବା ଦେଖି ଡାକ ପକାଇଥିଲେ। ପଡ଼ିଶା ଲୋକେ କବାଟ ଖୋଲିବାକୁ ଯିବାବେଳେ ଘର ବାରଣ୍ଡାରେ ବୃଦ୍ଧ ଦମ୍ପତି ଚମ୍ପା ମୁଣ୍ଡା (୬୪) ଓ ରାମାଇ ମୁଣ୍ଡା(୬୯)ଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ୨୨କି.ମି. ଦୂର ଘଟଗାଁ ଥାନାକୁ ଖବର ଦିଆଯିବାରୁ ପୋଲିସ ପୂର୍ବାହ୍ନ ୧୦ଟାବେଳେ ପହଞ୍ଚି ମୃତଦେହ ଜବତ କରିଥିଲା। କେନ୍ଦୁଝରରୁ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କୌଣସି ଧାରୁଆ ଅସ୍ତ୍ରର ପତ୍ତା ମିଳିନାହିଁ କି ହତ୍ୟାକାରୀଙ୍କ କୌଣସି ସୂଚନା ମିଳିନାହିଁ। ଗୁଣିଗାରେଡ଼ି ସନ୍ଦେହକୁ ନେଇ ଏଭଳି ହତ୍ୟା ଘଟିଥିବା ଗ୍ରାମବାସୀ କହୁଥିବାବେଳେ ପ୍ରକୃତ କାରଣ ଜଣାପଡ଼ିନି ଓ ତଦନ୍ତ ପରେ ସବୁକଥା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ବଣପାହାଡ଼ ଘେରା ଦୁର୍ଗମ ଗୁଧ୍‌ରାମ ପଡା ଗ୍ରାମରେ ଏହି ଦମ୍ପତିଙ୍କୁ ହତ୍ୟା ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇଛି। ହତ୍ୟାକାଣ୍ଡ ଘଟିଥିବା ସ୍ଥାନର ଦୃଶ୍ୟ ଥିଲା ଅତ୍ୟନ୍ତ ବୀଭତ୍ସ। ଏହି ବୃଦ୍ଧ ଦମ୍ପତିଙ୍କର ୫ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ୫ ଝିଅ ବାହା ହୋଇଯାଇଥିବାବେଳେ ପୁଅ ବାହାରକୁ ଯାଇ କାମଧନ୍ଦା କରୁଛନ୍ତି। ଚମ୍ପା ଓ ରାମାଇ ଘରେ ଏକୁଟିଆ ରହୁଥିଲେ। କିଛି ଦିନ ହେବ ତାଙ୍କ ଝ୍ୱାଇଁ ୨ ଛୋଟ ପୁଅ ଝିଅଙ୍କୁ ଧରି ବୁଲି ଆସିଥିଲେ। ଗତ ମଙ୍ଗଳବାର ରାତିରେ ତାଙ୍କ ଘରେ କୃଷଭିତ୍ତିକ ହେର ପୂଜା କରାଯାଇଥିଲା। ଏହାର ୪ଦିନ ପରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯିବା ଘଟଣା ନାନା ସନ୍ଦେହ ସୃଷ୍ଟି କରିଛି। ଘଟଗାଁ ଥାନା ଅଧିକାରୀ ବନ୍ଦନା ପାତ୍ର ଏବଂ ଏସଡିପିଓ ରବୀନ୍ଦ୍ର କୁମାର ମଲିକ ତଦନ୍ତ କରି ଫେରିଛନ୍ତି। ଅପରାହ୍ନ ୩ଟାବେଳେ ମୃତଦେହ ବ୍ୟବଚ୍ଛେଦ ଲାଗି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସନ୍ଧାନୀ କୁକୁର କୌଣସି ସୁରାକ ପାଇ ନ ଥିବାରୁ ହତ୍ୟା ଘଟଣା ରହସ୍ୟଘେରରେ ରହିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୧୧୫/୧୯) ରୁଜୁ କରାଯାଇଛି। ଥାନା ଅଧିକାରୀ ପାତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ଓ କାହାରିକୁ ଗିରଫ କରାଯାଇପାରିନାହିଁ ବୋଲି ସେ କହିଛନ୍ତି।

# ଭାରତରେ ସୌଦିଆରବର ପୁଞ୍ଜିନିବେଶ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୮।୯(ବ୍ୟୁରୋ)**

ପାଞ୍ଚଦିନିଆ ବିଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସୌଦିଆରବର ଜିଦ୍‌ଦାଠାରେ ସେଠାର ଶକ୍ତିମନ୍ତ୍ରୀ ଏଚ୍‌ଆର୍‌ଏଚ୍ ପ୍ରିନ୍ସ ଅବଦୁଲ ଅଜିଜ ସଲମାନଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସାଉଦି ମନ୍ତ୍ରୀ ହାଇଡ୍ରୋକାର୍ବନ ରପ୍ତାନି ଦିଗରେ ସାଉଦିଆରବ ଭାରତ ସହ ଏକ ବିଶ୍ୱସନୀୟ ଏବଂ ସ୍ଥାୟୀ ଭାଗୀଦାରି ହୋଇରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସାଉଦିଆରବ ଭାରତରେ ପୁଞ୍ଜିନିବେଶ କରିବା ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ଉଭୟଙ୍କ ଆଲୋଚନାରୁ ଜଣାପଡିଥିବା କୁହାଯାଇଛି।



ଅବଦୁଲ ଅଜିଜ ସଲମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରୁଛନ୍ତି।

### ରାସ୍ତାରେ ନାବାଳିକାଙ୍କୁ ଅସଦାଚରଣ
# ପୋଲିସ କର୍ମଚାରୀ ଗିରଫ

**ବାରିପଦା ଅଫିସ,୮।୯**

ଲୋକଙ୍କୁ ସୁରକ୍ଷା ଓ ସହାୟତା ଦେଇ ଅପରାଧ ନିୟନ୍ତ୍ରଣ କରିବା ଦାୟିତ୍ୱରେ ରହିଛି ପୋଲିସ। ଏହି ବିଭାଗର କେତେକ କର୍ମଚାରୀଙ୍କ ମାତ୍ରାଧିକ ତଥା ଅନୈତିକ କାର୍ଯ୍ୟ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସୁଛି। ମୟୂରଭଞ୍ଜ ଜିଲା ପୋଲିସ ବିଭାଗରେ ଚପରାଶି ଭାବେ କାମ କରୁଥିବା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଜବାହାରଲାଲ ବେହେରା ରବିବାର ଅପରାହ୍ନରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ରାସ୍ତାରେ ଟ୍ୟୁଶନ ସାରି ଘରକୁ ଫେରୁଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଗିରଫ ହୋଇଛନ୍ତି। ଏହି ଘଟଣା ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ନାବାଳିକାଙ୍କ ପରିବାରବର୍ଗ ବାରିପଦା ଟାଉନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ୮ ବର୍ଷର ଝିଅ ଟ୍ୟୁସନ ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜବାହାରଲାଲ ରାସ୍ତାରେ ତାଙ୍କୁ ଅସଦାଚରଣ କରିବା ସହ ଏକ ନିଛାଟିଆ ସ୍ଥାନକୁ ଟାଣି ଟାଣି ନେଇ ଯାଇଥଲେ। ନାବାଳିକା ଜଣଙ୍କ ସେଠାରୁ କୌଶଳକ୍ରମେ ଖସି ଆସି ଘର ଲୋକଙ୍କୁ ସବୁ କଥା ଜଣାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁ ଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ଏକ ଗଛରେ ବାନ୍ଧି ପକାଇଥିଲେ। ଏହି

**ଅଭିଯୁକ୍ତଙ୍କୁ ଗଛରେ ବାନ୍ଧିଲେ ସ୍ଥାନୀୟ ଲୋକେ**



ଜବାହାରଲାଲ ବେହେରା

କର୍ମଚାରୀ ସେତେବେଳେ ଲୁଙ୍ଗି ଓ ଗଞ୍ଜି ପିନ୍ଧିଥିଲେ। ଖବର ପାଇ ବାରିପଦା ଟାଉନ ପୋଲିସ ପହଞ୍ଚି ଜବାହାରଲାଲଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ନେଇଯାଇ ପଚାରାଉଚୁରା କରି ଥିଲା। ଏହାମଧ୍ୟରେ ନାବାଳିକାଙ୍କ ପରିବାର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୨୦୫/୧୯) ରୁଜୁ କରି ତାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଗିରଫ କର୍ମଚାରୀ ନାବାଳିକାଙ୍କୁ ଅସଦାଚରଣ କରି ନାହାନ୍ତି, କେବଳ ତାଙ୍କ ସହ କଥା ହୋଇଥିଲେ ବୋଲି ସଫେଇ ଦେଇଛନ୍ତି। ଇତି ମଧ୍ୟରେ ଏସ୍‌ପି ଏହି ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

### ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ିକୁ ବିତିଲା ୨୪ ଘଣ୍ଟା
# ୪ ନିଖୋଜଙ୍କ ମିଳୁନି ପତ୍ତା

**ପରଜଙ୍ଗ, ୮।୯(ଡି.ଏନ୍.ଏ.)**



ନଦୀରେ ଉଦ୍ଧାର କାର୍ଯ୍ୟ ଚାଲିଛି।

- ଉଦ୍ଧାର କାର୍ଯ୍ୟରେ ବର୍ଷା ବାଧକ
- ଆଶ୍ୱାସନା ଦେଲେ ଏମ୍‌ପି, ବିଧାୟକ

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ରୋଡ୍ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିବାବେଳେ ୪ ନିଖୋଜଙ୍କ ପତ୍ତା ମିଳୁନାହିଁ। ଓଡ୍ରାଫ୍ ଟିମ୍, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ନଦୀର ଉଭୟ ପାର୍ଶ୍ୱରେ ତଲାସି ଅଭିଯାନ ଚଳାଇଛନ୍ତି। ତେବେ ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ରବିବାର ସକାଳୁ ରୋଡ୍ ଘାଟଠାରୁ କମଗରା ଏବଂ ନଦୀ ଅପରପାର୍ଶ୍ୱରେ ଥିବା ଖଡଗପ୍ରସାଦ ଘାଟଠାରୁ କମଗରା ଯାଏ ଖୋଜାଖୋଜି କରାଯାଇଥିଲା। କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ବସନ୍ତ କୁମାର ମଲ୍ଲିକ, ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍ ପ୍ରମୁଖ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିଲେ। ତେବେ ରାତି ୯ଟା ସୁଦ୍ଧା ନିଖୋଜଙ୍କ ସନ୍ଧାନ ମିଳିପାରିନାହିଁ।

ଅପରପକ୍ଷେ ଏପରି ଦୁର୍ଘଟଣା ପରେ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକେ ଆଶା ଆଶଙ୍କା ଭିତରେ ଅଛନ୍ତି। ବିଭିନ୍ନ ଦଳର ରାଜନେତା ପହଞ୍ଚି ସେମାନଙ୍କୁ ଆଶ୍ୱାସନା ଜଣାଇଛନ୍ତି। ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହା ଏକ ଦୁଃଖଦ ଘଟଣା। ଏଥିରେ ଧୈର୍ଯ୍ୟହରା ନ ହୋଇ ସାହସ ସହ ମୁକାବିଲା କରିବାକୁ ଏମ୍‌ପି କହିଥିଲେ।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ପରଜଙ୍ଗ ବ୍ଲକରେ କୌଣସି ନଦୀଘାଟ ନିଲାମ ଦିଆଯାଇନାହିଁ। କିଛିଦିନ ତଳେ ଖଡଗପ୍ରସାଦ ଘାଟକୁ ନିଲାମ ଦିଆଯାଇଛି। ଏଠାରୁ ନିୟମିତ ଡଙ୍ଗା ଚଳାଚଳ ହେଉଛି। ସନ୍ଧ୍ୟା ପରେ ନଦୀରେ ଡଙ୍ଗା ଚଳାଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ହେଲେ କେତେଜଣ ନାଉରିଆ ଏହାକୁ ଅମାନ୍ୟ କରି ଦେଶୀ ଡଙ୍ଗା ଚଳାଉଛନ୍ତି। ମଝି ନଈରେ କେବୁଲ ତାରରେ ଛନ୍ଦି ହୋଇଯିବାରୁ ଡଙ୍ଗାଟି ଦୁର୍ଘଟଣାର ଶିକାର ହୋଇଛି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୮ଟାରେ ବ୍ରାହ୍ମଣୀ ନଦୀରେ ଟଣାଯାଇଥିବା କେବୁଲ ତାରରେ ଛନ୍ଦି ହୋଇ ଏକ ହୁଲି ଡଙ୍ଗା ଓଲଟି ପଡ଼ିଥିଲା। ନାଉରିଆ ଘନଶ୍ୟାମ ବେହେରା ଓରଫ୍ ଘନିଆ, ତାଙ୍କ ପୁଅ ଜଟିଆ ଓରଫ୍ ଜଟି, ପ୍ରତାପ ସାହୁ, ଅଜୟ, ନାୟକ, ରାଜେନ୍ଦ୍ର ସାହୁ ସୁରକ୍ଷିତ ଭାବେ ପହଁରି କୂଳରେ ପହଞ୍ଚିଥିଲେ। ଅପରପକ୍ଷେ କୁନ୍ଦନଦେଇପୁର ଗ୍ରାମର ବିଶ୍ୱଜିତ୍ ଆଚାର୍ଯ୍ୟ, ରୋଡ୍ ଗ୍ରାମର ରମେଶ ସାହୁ, ସୁଶାନ୍ତ ସାହୁ ଏବଂ ବିଜୟ ନାୟକ ନିଖୋଜ୧ପ ଅଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶିତୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ■ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ପରାମର୍ଶ

# ସଡ଼କ ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର କର

**ଭୁବନେଶ୍ୱର, ୮।୯(ବ୍ୟୁରୋ)**

ସଡ଼କ ନର୍ମାଣ କ୍ଷେତ୍ରରେ ପ୍ଲାଷ୍ଟିକ ବ୍ୟବହାର କରାଯାଇପାରିବ। ଏ ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିର୍ମାଣ ହେଉଥିବା ସଡ଼କରେ ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର ଲାଗି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ସଚିବ ଅମରଜିତ ସିହ୍ନା ରାଜ୍ୟ ସରକାରଙ୍କୁ ପରମର୍ଶ ଦେଇଛନ୍ତି। ପିଏମ୍‌ଜିଏସ୍‌ୱାଇ ସଡ଼କର ସମୀକ୍ଷା ପାଇଁ ଅମରଜିତ ସିହ୍ନା ବାରମ୍ବାର ଓଡ଼ିଶା ଗସ୍ତରେ ଆସି ବର୍ଜ୍ୟ ପ୍ଲାଷ୍ଟିକ ପୂର୍ଣ୍ଣ ଭାବେ ସଡ଼କ କାମରେ ଲାଗିପାରିବ ବୋଲି ହୃଦ୍‌ବୋଧ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏଭଳି ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର କରାଯାଇ ପ୍ରାୟ ୧୩ ହଜାର କିଲୋମିଟର ସଡ଼କ ନିର୍ମାଣ ହୋଇ ସାରିଲାଣି। ସହରାଞ୍ଚଳରେ ପ୍ଲାଷ୍ଟିକ ବର୍ଜ୍ୟ ଗୁଡ଼ିକ ନାଳ ନର୍ଦ୍ଦମା ଜାମ୍ କରୁଥିବାବେଳେ ଏହାର ଠିକଣା ବ୍ୟବହାର ଜରୁରୀ ହୋଇପଡ଼ିଛି। ଏଭଳି ସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ସଡ଼କ ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାରକୁ ଅନୁମତି ଦିଆଯିବା ପରେ ରାଜ୍ୟକୁ ମିଳିଛି ବଡ଼ ଆଶ୍ୱସ୍ତି। ୪ ଏମ୍‌ଏମ୍‌ରୁ କମ୍ ମାନର ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରି ତାକୁ ପିଚୁ ସହିତ ମିଶାଇ ସଡ଼କ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ପ୍ଲାଷ୍ଟିକ୍‌କୁ ସଡ଼କ ନିର୍ମାଣରେ ବ୍ୟବହାର କରାଗଲେ ଗୋଟିଏ ପଟେ ଏହା ବର୍ଜ୍ୟ ପ୍ଲାଷ୍ଟିକ ବ୍ୟବହାର ସହିତ ଅନ୍ୟପଟେ ରାସ୍ତାକୁ ଦୀର୍ଘସ୍ଥାୟୀ କରିବ। ସଡ଼କ ନିର୍ମାଣରେ ପ୍ଲାଷ୍ଟିକ ବ୍ୟବହାର କରାଗଲେ ରାସ୍ତା ଦୃଢ଼ ହୋଇଥାଏ। ଏହି ସଡ଼କଗୁଡ଼ିକ ବର୍ଷାକୁ ସହିବା ସହିତ ଦୀର୍ଘସ୍ଥାୟୀ ହୋଇଥାଏ। ଅନେକ ସମୟରେ ପ୍ରବଳ ବର୍ଷା ଯୋଗୁ ସଡ଼କ କ୍ଷତିଗ୍ରସ୍ତ ହୋଇଥାଏ। ରାସ୍ତା କାମରେ ପ୍ଲାଷ୍ଟିକ ବ୍ୟବହାର ହେଲେ ଏହା ୮୦ ପ୍ରତିଶତ ପିଚୁ ବ୍ୟବହାର ହ୍ରାସ କରିବ, ଯାହାକି ପରିବେଶ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହେବ ବୋଲି କୁହାଯାଉଛି।

### ■ ମୃତ ଶିଶୁପୁତ୍ରକୁ ଜୀବିତ ପାଇଁ ଉଦ୍ୟମ

# ମଙ୍ଗଳା ମନ୍ଦିରରେ ଅଧିଆ ପଡ଼ିଲେ ମା'

**ଡୁବୁରୀ,୮।୯(ଡି.ଏନ୍.ଏ.)**

ଅସୁସ୍ଥତା କାରଣରୁ ମେଡିକାଲରେ ମୃତ୍ୟୁବରଣ କରିଥିବା ଏକ ଶିଶୁପୁତ୍ରକୁ ବଞ୍ଚାଇବାକୁ ପରିବାର ଲୋକେ ଉଦ୍ୟମ କରିଛନ୍ତି। ପ୍ରଥମେ ଗୁଣିଆ ଦ୍ୱାରା ଝଡ଼ାଫୁଙ୍କା କରିଥିଲେ। ଏଥିରେ ବିଫଳ ହେବାରୁ ମା' ଶିଶୁକୁ ଧରି ରବିବାର ମଙ୍ଗଳା ମନ୍ଦିରରେ ଅଧିଆ ପଡ଼ିଥିଲେ। ହେଲେ ଶିଶୁପୁତ୍ର ଜୀବିତ ନ ହେବାରୁ ସେ ନିରାଶ ହୋଇ ଘରକୁ ଫେରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଜଖପୁରା ଥାନା ଅଧୀନ ବରପାଳ ଗ୍ରାମରେ। ଏହି ଗ୍ରାମର ଧନୁ ନାୟକ ଓ ଚିନୁ ନାୟକଙ୍କ ୬ ମାସର ଶିଶୁପୁତ୍ର ୭ ଦିନ ତଳେ ଥଣ୍ଡା ଜ୍ୱର ଓ କଫରେ ଆକ୍ରାନ୍ତ ହୋଇଥିଲା। ତାକୁ ଭଲ କରିବା ପାଇଁ ପ୍ରଥମେ ଡାକ୍ତରଖାନା ନେବା ପରିବର୍ତ୍ତେ ଡୁବୁରୀ ଅଞ୍ଚଳକୁ ନେଇ ଝଡାଫୁଙ୍କା କରାଇଥିଲେ। ଏଥିରେ କୁଆଡେ ଶିଶୁପୁତ୍ରର ଦେହ ଟିକେ ଭଲ ହୋଇଥିଲା। ପରେ ମା'ବାପା ତାକୁ ନେଇ ଘରକୁ ଚାଲିଯାଇଥିଲେ। ଶନିବାର ପୁଣି ଶିଶୁପୁତ୍ରକୁ ଜ୍ୱର ଓ କାଶ ହେବାରୁ ତାକୁ ଦାନଗନୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତା'ର ମୃତ୍ୟୁ ହୋଇଥିଲା। ପରେ ଶିଶୁପୁତ୍ରକୁ ମା'ବାପା ଘରକୁ ନେଇଯାଇଥିଲେ। ହେଲେ ରବିବାର ସକାଳୁ ମୃତ ଶିଶୁପୁତ୍ରକୁ ଧରି ତାର ମା' ଡୁବୁରୀ ଢାବା ଛକ ନିକଟ ମା'ମଙ୍ଗଳାଙ୍କ ମନ୍ଦିରରେ ଅଧିଆ ପଡ଼ିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିଆ ପଡ଼ିବା ପରେ ମୃତ ଶିଶୁ ଜୀବିତ ହୋଇ ନ ଥିଲା। ଏହାପରେ ସ୍ଥାନୀୟ କିଛି ଲୋକଙ୍କ ପରାମର୍ଶ କ୍ରମେ ଶିଶୁପୁତ୍ରକୁ ନେଇ ମା' ଡୁବୁରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ପୂର୍ବରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବାରୁ ଡାକ୍ତର ତାଙ୍କୁ ଘରକୁ ଫେରାଇ ଦେଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


ମଙ୍ଗଳାଙ୍କ ନିକଟରେ ମୃତ ଶିଶୁପୁତ୍ରକୁ ଧରି ଅଧିଆ ପଡ଼ିଛନ୍ତି ମା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚତୁର୍ଥ ଭାବରୁ ଚନ୍ଦ୍ର ଷଷ୍ଠଭାବସ୍ଥ ଯୋଗୁ ଆପଣ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପକୃତ ହେବେ। କିନ୍ତୁ ଲୋକସମ୍ପର୍କ କ୍ଷୁଣ୍ଣହେବା ସହ ପାରିବାରିକ ମତପାର୍ଥକ୍ୟ ତୀବ୍ରତର ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ଯାନବାହନ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ଲାଭରୁ ଖୁସି ହୋଇପାରନ୍ତି। ସହକର୍ମୀଙ୍କ ସହ କଳହର ଆଶଙ୍କା ମଧ୍ୟ ରହିଛି।

**ବୃଷ** କର୍ମସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି ବହୁବିଧ କର୍ମରେ ଅନୁପ୍ରବେଶରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅନ୍ୟମନସ୍କ କିମ୍ବା ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟନଷ୍ଟ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କନ୍ୟା ସନ୍ତାନଙ୍କ ବୈବାହିକ ସମ୍ପର୍କ ପାଇଁ ପ୍ରସ୍ତାବ ଆସିପାରେ।

**ମିଥୁନ** କର୍ମଭାବ ଶୁଭଦୃଷ୍ଟି ଯୋଗୁ କାର୍ଯ୍ୟ ହାସଲରେ ପ୍ରତିବନ୍ଧକ ରହିବନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମାଜିକ ସ୍ତରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା ଜନିତ ପାରିବାରିକ ସମସ୍ୟା ଦେଖାଦେଇପାରେ।

**କର୍କଟ** ଏକାଧିକ ଗ୍ରହ ଦ୍ୱିତୀୟ ଭାବରେ ଆପଣଙ୍କ କଥାବାର୍ତ୍ତାକୁ ପ୍ରଭାବିତ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବାର ଆଶା ରହିଛି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଆପଣଙ୍କୁ ସାହାଯ୍ୟ ମିଳିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଗ୍ରହମାନଙ୍କ ସୁପ୍ରଭାବରେ ଆପଣ ଯେତେ ବଡ଼ ଦୁଷ୍କର କାମ ହେଲେ ମଧ କରିବାରେ ସଫଳ ହେବେ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମା ଆପଣଙ୍କ ସପକ୍ଷରେ ଯାଇପାରେ। ପୂର୍ବରୁ ଅଟକି ରହିଥିବା ଅର୍ଥଲାଭରୁ ମନ ଖୁସି ହୋଇଯିବ। ଆଜିର ଯାତ୍ରା, ସଭାସମିତି, ବନ୍ଧୁମିଳନ ଓ ଅର୍ଥସମ୍ପର୍କ ପ୍ରାୟତଃ ମନ୍ଦ ହେବନି।

**କନ୍ୟା** ପରିବର୍ତ୍ତିତ ସମୟ ଆପଣଙ୍କ ପାଇଁ ଦୁଶ୍ଚିନ୍ତା ସୃଷ୍ଟି କରିବାର ଆଶଙ୍କା ରହିଛି। ଦ୍ୱନ୍ଦ୍ୱଯୁକ୍ତ ହୋଇ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ବହୁ ବିଳମ୍ବରେ ଓ କଷ୍ଟର ସହ ପାଇବେ। କେହି ଜଣେ ବନ୍ଧୁଙ୍କଠାରୁ ଅର୍ଥ ପ୍ରାପ୍ତି ହେବେ।

**ତୁଳା** କିଛି ଭଲ ଓ ମନ୍ଦର ମିଶ୍ରିତ ଫଳକୁ ନେଇ ଆଜି ଦିନଟି ଅତିବାହିତ ହେବ। ସମସ୍ୟାର ସରଳ ସମାଧାନ କରିବା ପାଇଁ ଉଦ୍ୟମ କରି ସଫଳତା ପାଇବେ। ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡି ଯିବାର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ଆଜି ବିଶେଷ ଲାଭ ନ ହେଲେ ମଧ କ୍ଷତି ହେବ ନାହିଁ।

**ବିଛା** ଆପଣ ଯେତିକି ଯାହା ଆଶା ବାନ୍ଧି ବସିଥିଲେ ଆକସ୍ମିକ ଭାବରେ ତାହା ବଦଳି ଯାଇପାରେ। ତଥାପି ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରି ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ଧନୁ** ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ଉପୁଜିବାର ଆଶଙ୍କା ରହିଛି। ନିଜ ପରିସରରେ ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବିଳାସବ୍ୟସନ ମଧ୍ୟରେ ଦିନଟି କଟାଇପାରନ୍ତି।

**ମକର** ଶନିଙ୍କ ଦୃଷ୍ଟିରେ ଆକସ୍ମିକ ଅର୍ଥ, ସମ୍ମାନ, ଲୋକ ସମର୍ଥନ, କଚେରି ମାମଲାରେ ଜୟଲାଭ କରିପାରନ୍ତି। ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣ ଭିତରେ ରହିବ। ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ ଓ କାମ ହାସଲ କରିବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି।

**ମୀନ** ଏକାଧିକ ଗ୍ରହ ଦ୍ୱାଦଶ ସ୍ଥାନକୁ ଦେଖୁଥିବାରୁ ଆକସ୍ମିକ ସ୍ଥାନାନ୍ତର ସାଙ୍ଗକୁ ବ୍ୟୟ ବୃଦ୍ଧି ଘଟିବ। ପାରିବାରିକ କ୍ଷେତ୍ରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ବଢେଇଦେବେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ଶୁଭଫଳ ପାଇବେ। ସଭାସମିତି, କଳା, ସାହିତ୍ୟରେ କିଛିଟା ଶୁଭ ସୂଚନା ଦେଖିପାରିବେ।

ଆଜି ଶ୍ରୀବିଷ୍ଣୁ ପାର୍ଶ୍ୱ ପରିବର୍ତ୍ତନ (ବଡ଼)ଏକାଦଶୀ ସୋମବାର, ସେପ୍ଟେମ୍ବର ୯ ତାରିଖ, ଦିବା ଘ୯।୧୨ମି. ପର୍ଯ୍ୟନ୍ତ ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ସିଂହରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୬।୫୨ମି. ମଧ୍ୟେ, ଘ୧।୫୨ମି. ଗତେ ଘ୨।୪୫ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୩୦ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୦୮ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।

## ବିଷାକ୍ତ ହେଉଛି...

ସବୁଜ ବିପ୍ଳବ ଆରମ୍ଭ ହେବା ପରଠାରୁ ଅର୍ଥାତ୍ ୮୦ ଦଶକରୁ ଅଧିକ ଉତ୍ପାଦନ ପାଇଁ ଜମିବାଡ଼ିରେ ପ୍ରଚୁର ମାତ୍ରାରେ ରାସାୟନିକ ସାର ପ୍ରୟୋଗ ଚାଲିଛି। ଏହାର ଭୟାନକ ପ୍ରଭାବ ଏବେ ମାନବ ସ୍ୱାସ୍ଥ୍ୟ ଉପରେ ପଡ଼ିଲାଣି। ରାସାୟନିକଯୁକ୍ତ ଖାଦ୍ୟ ଯୋଗୁ ହୃଦ୍‌ରୋଗ, କର୍କଟ ରୋଗ, ରକ୍ତଶର୍କରା, କିଡ୍‌ନୀ ନଷ୍ଟ ଭଳି ଦୁରାରୋଗ୍ୟ ବ୍ୟାପି ଚାଲିଛି। ଗୋଟିଏ ପଟେ ରୋଗ ବଢୁଥିବାବେଳେ ଅନ୍ୟପଟେ ସରକାରୀ ଉଦାସୀନତା ଏବଂ ଚାଷୀଙ୍କର ସଚେତନତା ଅଭାବ ଯୋଗୁ ପରିସ୍ଥିତି ବିଗିଡ଼ିବାରେ ଲାଗିଛି।

କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ରାଜ୍ୟର ୧୭ଟି ଜିଲାକୁ ଗତ ୨/୩ ବର୍ଷ ହେବ ମୋବାଇଲ ମୃତ୍ତିକା ପରୀକ୍ଷା ଭ୍ୟାନ ଯୋଗାଇ ଦିଆଯାଇଛି। ଏଥିସହିତ ୨୭ଟି ଜିଲାରେ ମୃତ୍ତିକା ପରୀକ୍ଷା ଲାବୋରେଟୋରି ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ମାଟିର ୧୨ଟି ବିଷୟ ପରୀକ୍ଷା କରିବାକୁ କୁହାଯାଇଥିବା ବେଳେ ମାତ୍ର ୭ଟି ପରୀକ୍ଷା ହେଉଛି। ତେବେ ଯେଉଁ ମୋବାଇଲ ଭ୍ୟାନ୍ ବୁଲୁଛି ତାହା କେବଳ ବ୍ଳକ ମୁଖ୍ୟ କାର୍ଯ୍ୟାଳୟରେ ଛିଡ଼ା ହେଉଛି। ଚାଷୀମାନଙ୍କୁ କେବଳ ମାଟି ସ୍ୱାସ୍ଥ୍ୟ କାର୍ଡ ଦେଇ ଛାଡ଼ି ଦିଆଯାଉଛି। ଚାଷୀମାନେ ମଧ ଏ ଦିଗରେ ସଚେତନ ହେଉ ନାହାନ୍ତି। ଗାଁ ଗଣ୍ଡାରେ ଗୋରୁ ସଂଖ୍ୟା କମିବାରୁ ଜୈବିକ ଖତ ମଧ ମିଳୁନାହିଁ। ପାରମ୍ପରିକ ଲମ୍ବା ଧାନଗଛ ଉଭେଇଗଲାଣି। ସଙ୍କର ଜାତୀୟ ଫସଲ ଯୋଗୁ ମାଟିରେ ନଡ଼ା ପଚିବାର ସମ୍ଭାବନା ନାହିଁ। ଧାନ ବିଲରେ ନଡ଼ା ପୋଡ଼ିବା ଯୋଗୁ ମାଟିର ଉର୍ବରତା ନଷ୍ଟ ହେଉଛି। ପଞ୍ଜାବ, ହରିୟାଣାରେ ନଡ଼ା ପୋଡ଼ିବା ବେମାରି ଓଡ଼ିଶାକୁ ମଧ ଛୁଇଁଲାଣି। ଏଥରୁ ଚାଷୀଙ୍କୁ ଦୂରେଇ ରଖିବା ପାଇଁ ଖୁବ୍‌ଶୀଘ୍ର କୃଷି ବର୍ଜ୍ୟବସ୍ତୁ ପରିଚାଳନା ସ୍କିମ୍ କାର୍ଯ୍ୟକାରୀ ହେବାକୁ ଯାଉଛି। ପ୍ରତ୍ୟେକ ଜିଲାରେ ମାଟି ପରୀକ୍ଷା ଲାବୋରେଟୋରି ଓ ମୋବାଇଲ ଭ୍ୟାନ ପାଇଁ ନିଷ୍ପତ୍ତି ହୋଇଛି। ଚାଷୀମାନେ ସଚେତନ ହେବା ଦରକାର ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

କୃଷି ବିଶେଷଜ୍ଞ ତଥା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, ରାଜ୍ୟରେ ମାଟିର ଉର୍ବରତା ହ୍ରାସ ପାଇବାରେ ଲାଗିଛି। ପଞ୍ଜାବ ଓ ହରିୟାଣାରେ ଅତ୍ୟଧିକ ସାର ପ୍ରୟୋଗ ଯୋଗୁ ମାଟିର ଉର୍ବରତା ସମ୍ପୂର୍ଣ୍ଣ ଉଜୁଡ଼ିବାକୁ ବସିଲାଣି। ଓଡ଼ିଶାରେ ମଧ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେବା ସହ ଚାଷୀମାନେ ସଚେତନ ହେବା ଦରକାର ବୋଲି ପଶୁପାଳକ କହିଛନ୍ତି।

## ଚକୋଲେଟ୍...

ଯେଭଳି ଜଗି ରହି ଜରିମାନା କାଟୁଥିଲା ରବିବାର ପୂର୍ବାହ୍ନରେ ସେଭଳି ଦୃଶ୍ୟ ଦେଖିବାକୁ ମିଳି ନ ଥିଲା। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ, ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଗାଡି ଚାଳକଙ୍କୁ ଚକୋଲେଟ ବାଣ୍ଟି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ। ଯେଉଁମାନେ ନିୟମ ମାନି ଗାଡ଼ି ଚଲାଉଥିଲେ ସେମାନଙ୍କୁ 'ଥ୍ୟାଙ୍କ୍ ୟୁ କାର୍ଡ' ବାଣ୍ଟୁଥିଲେ। ସେହିପରି ପିପିଲି ଟୋଲ୍‌ଗେଟରେ ମଧ ପୋଲିସ ଲୋକଙ୍କୁ ଲିଫ୍‌ଲେଟ୍ ବାଣ୍ଟି ସଚେତନ କରିଥିଲା। ବାଇକ ଆରୋହୀଙ୍କୁ ହେଲ୍‌ମେଟ୍ ଓ କାର ଚାଳକଙ୍କୁ ସିଟ୍‌ବେଲ୍ଟ ବାନ୍ଧିବାକୁ ପରାମର୍ଶ ଦେଉଥିଲା। ସଚେତନତା କାର୍ଯ୍ୟକ୍ରମରେ ସିଭିଲ୍ ସୋସାଇଟିର ସ୍ୱେଚ୍ଛାସେବୀ ଓ ବିଧାୟକ ଅନନ୍ତ ନାରାୟଣ ଜେନା ସାମିଲ୍ ଥିଲେ।

ଟ୍ରାଫିକ୍ ଡିସିପି ସାଗରିକା ନାଥ କହିଛନ୍ତି, ଲୋକମାନେ ଟ୍ରାଫିକ୍ ନିୟମ ମାନି ସଚେତନ ହୋଇଥିବାରୁ ତାଙ୍କୁ ଆମେ ହୃଦୟର ସହ ଧନ୍ୟବାଦ ଦେଉଛୁ। ଚକୋଲେଟ ଦେଇ ଖୁସି ବାଣ୍ଟୁଛୁ। ଏହା ବଦଳରେ ଆମେ ଲୋକଙ୍କୁ ଲାଇସେନ୍ସ ଓ ଗାଡ଼ିର କିଛି କାଗଜପତ୍ର ମାଗୁଛୁ। ଏଥିପାଇଁ ୨ ମାସ ସମୟ ଦେଉଛୁ। ଏହା ମଧ୍ୟରେ କେବଳ ୫ ନିୟମକୁ ଗୁରୁତ୍ୱ ଦେଉଛୁ। ହେଲ୍‌ମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଗାଡି ଚଲାଇବାବେଳେ ମୋବାଇଲ୍ ଫୋନ୍‌ରେ ନ ଗପିବା, ମଦପିଇ ଗାଡ଼ି ନ ଚଲାଇବା ଓ ରଙ୍ଗ୍‌ରୁଟ୍‌ରେ ନ ଯିବାକୁ ଲୋକଙ୍କୁ କହୁଛୁ। ମଦପିଇ ଗାଡ଼ି ଚଲାଇବାକୁ ଜିରୋ ଟଲେରାନ୍ସ ଭାବେ ନେଇଛୁ। ଗୋଟିଏ ସୁନ୍ଦର ଭୁବନେଶ୍ୱର ଗଢ଼ିବା ପାଇଁ ଆଗକୁ ସମସ୍ତେ ଆମକୁ ସହଯୋଗ କରିବେ ବୋଲି ଆଶା କରୁଛୁ ବୋଲି ସେ କହିଛନ୍ତି।

## ରାମ ଜେଠମାଲାନିଙ୍କ...

ଶ୍ମଶାନରେ ସମ୍ପନ୍ନ ହୋଇଛି। ଜେଠମାଲାନିଙ୍କ ପାଖରେ ପୁଅ ମହେଶ ରହିଥିବାବେଳେ ଝିଅ ଆମେରିକାରେ ରହୁଛନ୍ତି। ଅନ୍ୟତମ ଝିଅ ରାନି ଏବଂ ପୁଅ ଜନକଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଛି।

ଜେଠମାଲାନି ଅନେକ ଗୁରୁତ୍ୱପୂର୍ଣ୍ଣ ଫୌଜଦାରି ମାମଲା ଲଢ଼ି ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ସେ ଅଭିଯୁକ୍ତମାନଙ୍କ ପାଇଁ ଲଢ଼ିଥିଲେ। ଅଟଳ ବିହାରୀ

ପ୍ରଥମ ପୃଷ୍ଠାରୁ...

ବାଜପେୟୀ ସରକାରରେ ସେ ଆଇନ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ୨୦୦୪ରେ ସେ ଲକ୍ଷ୍ନୌ ଆସନରୁ ବାଜପେୟୀଙ୍କ ବିରୋଧରେ ଲୋକ ସଭା ନିର୍ବାଚନ ଲଢ଼ିଥିଲେ। ୨୦୧୦ରେ ସେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ୍‌ର ସଭାପତି ଥିଲେ।

ତାଙ୍କର ପରଲୋକ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରମୁଖ ଜେଠମାଲାନିଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ଷିୟାନ ଆଇନଜୀବୀ ରାମ ଜେଠମାଲାନିଙ୍କ ପରଲୋକରେ ମର୍ମାହତ ବୋଲି ରାଷ୍ଟ୍ରପତି କହିଛନ୍ତି। ସର୍ବସାଧାରଣ ପ୍ରସଙ୍ଗରେ ମତାମତ ଉପସ୍ଥାପନ କରିବାରେ ସେ ବେଶ୍ ଜଣାଶୁଣା ଥିଲେ। ଦେଶ ଜଣେ ପ୍ରଖ୍ୟାତ ଆଇନଜ୍ଞ, ବିଦ୍ୱାନ ଓ ଜ୍ଞାନୀବ୍ୟକ୍ତିଙ୍କୁ ହରାଇଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଜେଠମାଲାନୀ ଭାରତର ଅନ୍ୟତମ ଶ୍ରେଷ୍ଠ ପ୍ରତିଭାବାନ ବ୍ୟକ୍ତି। ତାଙ୍କ ପରଲୋକରେ ଦେଶ ଜଣେ ଜ୍ଞାନୀ, ଦେଶଭକ୍ତ, ଖ୍ୟାତନାମା ଆଇନଜ୍ଞଙ୍କୁ ହରାଇଲା ବୋଲି ଉପରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଦେଶ ଜଣେ ଅସାଧାରଣ ଆଇନଜୀବୀଙ୍କୁ ହରାଇଲା, ଯାହାଙ୍କର ଅଦାଲତ ଏବଂ ପାର୍ଲାମେଣ୍ଟକୁ ଅନେକ ଅବଦାନ ଥିଲା ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଜେଠମାଲାନିଙ୍କ ପରଲୋକ ସମଗ୍ର ନ୍ୟାୟ ବିଭାଗ ପାଇଁ ଅପୂରଣୀୟ କ୍ଷତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ କହିଛନ୍ତି।

## ବନ୍ଦ ଆକାଉଣ୍ଟରୁ...

୧୦୦ ଅନ୍ୟ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ଖୁବଶୀଘ୍ର ପ୍ରଦାନ କରିବାକୁ ଯାଉଛି। ଏହି ଖାତାଗୁଡ଼ିକ ଗାଡ଼ି ଯନ୍ତ୍ରାଂଶ, ରସାୟନ, ରିଏଲ ଇଷ୍ଟେଟ, ହୀରା ଏବଂ ଗହଣା, ଇସ୍ପାତ ଆଦି କାରବାର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କର ବୋଲି ଜଣାପଡିଛି। ସମ୍ପୃକ୍ତ ନିୟାମକ ଅଧିକାରୀଙ୍କ କହିବାନୁଯାୟୀ, ରାଜନୈତିକ ସମ୍ପର୍କ ରଖିଥିବା ବ୍ୟକ୍ତିବିଶେଷଙ୍କ ଆକାଉଣ୍ଟ ସୂଚନାକୁ ସର୍ବ ପ୍ରଥମେ ବିଶ୍ଳେଷଣ କରାଯିବ। ସୁଇଜରଲାଣ୍ଡ ଫେଡେରାଲ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସ ପକ୍ଷରୁ କୁହାଯାଇଛି ଯେ, ଚଳିତ ମାସରେ ପ୍ରଥମ ପର୍ଯ୍ୟାୟ ତଥ୍ୟ ପ୍ରଦାନ କରାଯାଇଛି। ଏହାପରେ ବାର୍ଷିକ ଆଧାରରେ ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସ୍ୱତଃ ପ୍ରଦାନ ଜାରି ରହିବ। ତେବେ ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ପ୍ରଦାନ କରାଯାଇଥିବା ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ। ସୁଇଜରଲାଣ୍ଡ ଅନ୍ତର୍ଜାତୀୟ ସ୍ୱଚ୍ଛତା ମାନଦଣ୍ଡ ପାଳନ କରି ଭାରତକୁ କଳାଧନ ବିରୋଧରେ ଲଢ଼େଇକୁ ସମର୍ଥନ ଯୋଗାଇବ ବୋଲି ଫେଡେରାଲ ଡିପାର୍ଟମେଣ୍ଟ କହିଛି।

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ-ରୁଷିଆ ମଧ୍ୟରେ ୮.୨ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି।
– ବାଣିଜ୍ୟ ମନ୍ତ୍ରଣାଳୟ


# classifieds Everyday
0674-2580101, 2549302

real estate

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

କଟକ-ଗୋପାଳପୁର ଧାବୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲଓ୍ୱେଷ୍ଟେସନ ପାଖରେ। 9040628648. D-66775

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-14240

Bhubaneswar-Khurda NH Pitapali Chhakରେ 30', 60' road, electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 8144328828, 8249662762. D-14237

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

**2100sqft plot 200mtrs from NH. Hanspal 30ft. road gharabari, yellowzone, boundarywall and East facing. 9040059669.** D-67060

to-let

3BHK, 3bathroom, tiled floor individual house, carshed at Ratnakarbag, Bhubaneswar. 9937024304. D-67227

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବା। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

2BHK with drawing, dining, kitchen, balcony, two toilets at Sai Anand apartment, Gothapatna, Bhubaneswar. 8989466205, 8895485808. D-14250

25000sqft. open space / stockyard at Gudiapokhari, before Pipili, Puri. 9937443656. D-67228

BJB Nagar BBSR Saudamini Apartment, Flat No.203 (3BR) 1st floor with garage. Rent-14,000/- (P.M) 9937203178. D-14257

**ACCOMMODATION**

**3BR Independent House/ Villa or Ground Floor required on the main road. Forestpark, Saheednagar, Nayapalli, Surya Nagar, Jaydev Vihar. +91 8118052711 (8AM - 11AM).** D-14258

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/ Spa. 9937287222. D-66958

business

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

By virtue of affidavit in the court of Executive Magistrate, Bhubaneswar, I, Basant Kumar Agrawal have changed name of my son (minor) Bandan Kumar Agrawal to Spandan Basant Agrawal residing at 12, Kalyani Nagar, R. Pur Jali, Bhubaneswar, 751024. Henceforth he will be known as Spandan Basant Agrawal for all purposes. D-14263

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ତ୍ରିନିଦାଦ ଆଣ୍ଡ୍ ଟବାଗୋ ରାଷ୍ଟ୍ରଦୂତ ଦାୟିତ୍ୱ ନେଲେ ଅରୁଣ

**ଭୁବନେଶ୍ୱର,୮।୯(ବ୍ୟୁରୋ):** ତ୍ରିନିଦାଦ ଆଣ୍ଡ ଟବାଗୋର ଭାରତୀୟ ରାଷ୍ଟ୍ରଦୂତ ଭାବେ ଆଇଏଫ୍ଏସ୍ ଅଧିକାରୀ ଅରୁଣ ସାହୁ ଦାୟିତ୍ୱ ନେଇଛନ୍ତି। ନିକଟରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କର ନିଯୁକ୍ତି କରାଯାଇଥିଲା। ଚଳିତ ମାସ ୩ ତାରିଖରେ ତ୍ରିନିଦାଦ ଆଣ୍ଡ ଟବାଗୋସ୍ଥିତ ଭାରତୀୟ ଦୂତାବାସରେ ଅରୁଣ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି। ଏହା ପୂର୍ବରୁ ସେ କାନାଡାରେ ଭାରତର ଉପ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିସାରିଛନ୍ତି। ୧୯୯୬ ବ୍ୟାଚ୍‌ର ଏହି ଭାରତୀୟ ବୈଦେଶିକ ସେବା(ଆଇଏଫ୍ଏସ୍) ଅଧିକାରୀ ଜଣଙ୍କ ସାହିତ୍ୟରେ ମଧ ବିଶେଷ ରୁଚି ରଖନ୍ତି। କାନାଡାରେ ଯୋଗଦାନ ପୂର୍ବରୁ ଅରୁଣ ଭାରତରେ ବୈଦେଶିକ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଏବଂ ଭାରତୀୟ ସାଂସ୍କୃତିକ ବ୍ୟାପାର ପରିଷଦର ଉପନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସାରିଛନ୍ତି। ଏତଦ୍ ବ୍ୟତୀତ ଅରୁଣ ଲଣ୍ଡନ, ବେଜିଂ ଏବଂ ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସରେ କାର୍ଯ୍ୟ କରିସାରିଛନ୍ତି। ଚିରା ମଲାଟ ଏବଂ ଆକାଶର ଲୁହ ତାଙ୍କର ୨ଟି ଅନବଦ୍ୟ ସାହିତ୍ୟ କୃତି।

## ରେଙ୍ଗାଲି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲା



**କଣିହାଁ, ୮।୯(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଲି ଡ୍ୟାମରୁ ରବିବାର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ପୂର୍ବାହ୍ନ ୯ଟା ୧୦ରେ ଡ୍ୟାମର ଗୋଟିଏ ଗେଟ ଖୋଲାଯାଇଛି। ଏହି ନଦୀବନ୍ଧର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବାବେଳେ ବର୍ଷା ଯୋଗୁ ଜଳସ୍ତର ୧୨୨.୮୫ ମିଟରରେ ପହଞ୍ଚିଥିଲା। ବ୍ରାହ୍ମଣୀ ନଦୀ ଅବବାହିକା ଯନ୍ତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଡ୍ୟାମର ୭ ନମ୍ବର ଗେଟକୁ ଖୋଲାଯାଇଛି। ରେଙ୍ଗାଲି ନଦୀବନ୍ଧ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନାଙ୍କ ସୂଚନାରୁ ଜଣାଯାଏ, ପ୍ରତି ସେକେଣ୍ଡରେ ଡ୍ୟାମକୁ ୧୦୯୫.୧୮ ଘନମିଟର ଜଳ ପ୍ରବେଶ କରୁଛି। ବିଦ୍ୟୁତ୍ ଉତ୍ପାଦନରେ ବ୍ୟବହାର ଓ ଗୋଟିଏ ଗେଟ ଦେଇ ନିଷ୍କାସନ ହେଉଥିବା ଜଳର ମାତ୍ରା ପ୍ରତି ସେକେଣ୍ଡରେ ୨୦୦୬.୩୬ ଘନଫୁଟ ରହିଛି। ସେହିପରି ରେଙ୍ଗାଲି ନଦୀବନ୍ଧର ତଳମୁଣ୍ଡରେ ସମଲ ଆନିକେଟର ୫ଟି ଗେଟ ୪ ମିଟର ପର୍ଯ୍ୟନ୍ତ ଖୋଲାଯାଇଛି। ଅନିକେଟର ନିର୍ବାହୀଯନ୍ତ୍ରୀ ବିଶ୍ୱମୋହନ ବରାଲ କହିଛନ୍ତି, ରେଙ୍ଗାଲି ଡ୍ୟାମ ଜଳ ସହ ଟିକିରା, ସମାକୋଇ ଓ ସିଙ୍ଗଡା ଯୋର ବନ୍ୟାଜଳ ମିଶି ଆନିକଟକୁ ପ୍ରତି ସେକେଣ୍ଡରେ ୨୮୩୦ ଘନମିଟର ପ୍ରବେଶ କରୁଛି। ସେହିପରି ଖୋଲାଯାଇଥିବା ଆନିକଟର ୫ ଗେଟ୍ ଦେଇ ୨୮୪୦ ଘନମିଟର ଜଳ ନିଷ୍କାସିତ ହେଉଛି।

# ଥମୁନି ଟ୍ରାଫିକ କଡ଼ା ନିୟମ ବିବାଦ

- କମିପାରେ କେତୋଟି ନିୟମର ଜରିମାନା ପରିମାଣ
- ବିରୋଧୀଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୮।୯(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ନୂଆ ମୋଟର ଯାନ ଆଇନ ଗତ ୧ତାରିଖରୁ କଡ଼ାକଡ଼ି ଭାବେ ରାଜ୍ୟରେ ଲାଗୁ ହୋଇଛି। ପୋଲିସ ଓ ଆରଟିଓ ଯାଞ୍ଚକୁ କଡ଼ାକଡ଼ି କରିବା ସହିତ ୧୦ଗୁଣା ଜରିମାନା ଆଦାୟ କରୁଛନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯାହାର ପରିଣାମ ଶନିବାର ରାଜମହଲ ଛକଠାରେ ହୋଇଥିବା ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଦେଖାଦେଇଥିବା ଖଣ୍ଡ ଯୁଦ୍ଧରୁ ସ୍ପଷ୍ଟ ହୋଇଯାଇଛି। ଏଭଳି ପରିସ୍ଥିତିରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏହି ନିୟମକୁ ବିରୋଧ କରିବା ଆରମ୍ଭ କଲେଣି। କେବଳ ବିରୋଧୀ ନୁହନ୍ତି ଶାସକ ଦଳ ନେତା ଓ ମନ୍ତ୍ରୀ ମଧ୍ୟ ଏହି ଆଇନ ବିରୋଧରେ ମତ ଦେଉଛନ୍ତି। ଅନ୍ୟପଟେ ଅତିମାତ୍ରାରେ ଜରିମାନା ଆଦାୟକୁ ନେଇ ସାଧାରଣରେ ପ୍ରତିକ୍ରିୟା ବଢିବାପରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହା ଉପରେ ବିଚାର କରାଯାଉଛି ବୋଲି ରବିବାର କହିଛନ୍ତି। ମନ୍ତ୍ରୀ ବେହେରା କହିଛନ୍ତି ଯେ, ଯେଉଁ ନୂଆ ଜରିମାନା ରାଶି ସ୍ଥିରିକୃତ କରାଯାଇଛି ତାଉପରେ ପୁର୍ନବିଚାର କରାଯିବ। କେନ୍ଦ୍ର ପକ୍ଷରୁ ସ୍ଥିର କରାଯାଇଥିବା ଜରିମାନା ରାଶି ପରିମାଣକୁ ରାଜ୍ୟ ସରକାର ଚାହିଁଲେ ବଦଳାଇ ପାରିବେ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଓଡ଼ିଶାରେ ନୂଆ ମୋଟର ଯାନ ଆଇନକୁ ତରବରିଆ ଭାବେ ଲାଗୁ କରାଯାଇଛି। ଓଡ଼ିଶା ପୋଲିସର ୯୦ପ୍ରତିଶତ ଗାଡ଼ିର ଲାଇସେନ୍ସ ନ ଥିବାବେଳେ ବହୁ ନେତାଙ୍କ ଗାଡ଼ିର ମଧ କାଗଜପତ୍ର ଠିକ୍ ନ ଥିବା ସେ କହିଛନ୍ତି। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ଏହା କେନ୍ଦ୍ରୀୟ ଆଇନ ଅନୁଯାୟୀ କରାଯାଉଛି। ଯେଉଁ ରାଜ୍ୟଗୁଡ଼ିକ ଏହାକୁ ଲାଗୁ କରୁ ନାହାନ୍ତି ସେମାନେ ଆଗକୁ କରିବେ। ଆଇନ ଲାଗୁ କରାଯିବାପରେ ଯାହାସବୁ ଅସୁବିଧା ହେଉଛି ତାହା ସୁଧୁରାଯିବ। ତ୍ରୁଟି ସୁଧାରିବା ସମ୍ପର୍କରେ କେନ୍ଦ୍ର ନିକଟକୁ ସଂଶୋଧନ କରିବା ଲାଗି ପ୍ରସ୍ତାବ ଦେବୁ ବୋଲି ସେ କହିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏହି ଆଇନ ଲାଗୁ କରିବା ଆଗରୁ ଆହୁରି ତର୍ଜମା କରିବାର ଆବଶ୍ୟକତା ଥିଲା। ଶୃଙ୍ଖଳିତ ଉଦ୍ୟମ ବାହାନା ଦେଖାଇ ଲୋକମାନଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ପୃଥ୍ୱୀରାଜ କହିଛନ୍ତି। ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ମନ୍ତ୍ରୀ ସୁଶାନ୍ତ ସିଂହ ଏହି ଫାଇନ ଆଦାୟ ଘଟଣାକୁ ବିରୋଧ କରିଥିଲେ। ଛୋଟ ଗାଡ଼ି ଚଳାଉଥିବା ଆରୋହୀଙ୍କଠାରୁ ଏତେ ମାତ୍ରାରେ ଫାଇନ ଆଦାୟ କରି ସେମାନଙ୍କୁ ଗାଡ଼ି ନ ଚଳାଇବାକୁ ବାଧ କରାଯାଉଛି ବୋଲି ସେ କହିଥିଲେ। ଅନ୍ୟପଟେ ପରିବହନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନୂଆ ମୋଟର ଯାନ ଆଇନରେ ସେପରି କିଛି ରାଜ୍ୟ ସରକାର ଚାହିଁଲେ ପରିବର୍ତ୍ତନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ କେତୋଟି ନିୟମରେ ଫାଇନ ଅର୍ଥ ହ୍ରାସ କରିହେବ। ସର୍ବନିମ୍ନ ୨ ହଜାର ଏବଂ ସର୍ବାଧିକ ୧୦ଟଙ୍କା ଜରିମାନା ରାଶି ବାବଦରେ ଅର୍ଥ ରାଶି କମାଯାଇ ପାରିବ। ୪ଟି ଫାଇନ ବାବଦରେ ଆଦାୟ କରାଯିବାକୁ ଥିବା ଜରିମାନା ରାଶି ପରିମାଣ କମାଇବା ଉପରେ ବିଚାର କରାଯାଉଥିବା ନେଇ ଅଧିକାରୀଙ୍କ ଠାରୁ ଜଣାପଡିଛି।

## ଭୁବନେଶ୍ୱରକୁ ଶ୍ରେଷ୍ଠ ବିମାନ ବନ୍ଦର ପୁରସ୍କାର

**ଖରାପ ସେବାକୁ ନେଇ ଟୁଇଟରରେ ପ୍ରତିକ୍ରିୟା**

ଭୁବନେଶ୍ୱର, ୮।୯(ବ୍ୟୁରୋ)



ଏସିଆ-ପାସିଫିକ୍ ରିଜିଅନର ୨ରୁ ୫ ମିଲିୟନ ବର୍ଗରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଶ୍ରେଷ୍ଠ ବିମାନ ବନ୍ଦର -୨୦୧୮ ପୁରସ୍କାର ମିଳିଛି। ଅନ୍ତର୍ଜାତୀୟ ବିମାନ ବନ୍ଦର ପରିଷଦ ଓ ଏଏସ୍‌କ୍ୟୁ (ଆମେରିକାନ ସୋସାଇଟି ଫର୍ କ୍ୱାଲିଟି) ପକ୍ଷରୁ 'ଗ୍ରାହକ ଅଭିଜ୍ଞତା' କାଟେଗୋରୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଡୋନେସିଆର ବାଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବା ଅବସରରେ ବିମାନ ବନ୍ଦର କର୍ତ୍ତୃପକ୍ଷ ଏ ସମ୍ପର୍କରେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏହି ବର୍ଗରେ ଏସିଆ-ପାସିଫିକ୍‌ର ୬ବିମାନ ବନ୍ଦରକୁ ଏହି ବିଶ୍ୱସ୍ତରୀୟ ଏଏସ୍‌କ୍ୟୁ ପୁରସ୍କାର ମିଳିଥିବାବେଳେ ଭାରତର ୩, ଇଣ୍ଡୋନେସିଆର ୨ ଓ ଚାଇନାର ୧ ବିମାନବନ୍ଦର ରହିଛି। ଭାରତର ପୁରସ୍କୃତ ବିମାନବନ୍ଦରଗୁଡ଼ିକ ହେଲା ଭୁବନେଶ୍ୱର, ଚଣ୍ଡିଗଡ଼ ଓ ଇନ୍ଦୋର। ତେବେ ଟ୍ୱିଟ୍‌ର କିଛି ସମୟ ମଧ୍ୟରେ କିଛି ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପୁରସ୍କାର ପାଇବା ଲାଗି କ'ଣ ମାନଦଣ୍ଡ ରହିଛି? ଯାତ୍ରୀଙ୍କୁ ଠିକ୍‌ରେ ସେବା ଯୋଗାଇପାରୁ ନ ଥିବା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ କେମିତି ଏହି ପୁରସ୍କାର ମିଳିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

## ବିମାନର ଜରୁରୀ ଅବତରଣ, ଯାତ୍ରୀ ମୃତ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ରବିବାର ଚେନ୍ନାଇରୁ କୋଲକାତା ଯାଉଥିବା ସ୍ପାଇସ୍ ଜେଟ୍ (୬୨୩)ର ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଲ୍ଲୀର ଅଶୋକ କୁମାର ଶର୍ମା (୪୮)। ମଝି ଆକାଶରେ ବିମାନଟି ଥିବାବେଳେ ଅଶୋକ ହଠାତ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିଥିଲେ। ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ନିକଟରେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଥିବାରୁ ପାଇଲଟ୍ ଏ ସଂକ୍ରାନ୍ତରେ ସୂଚନା ଦେବା ସହ ପୂର୍ବାହ୍ନ ୧୧ଟା ୧୫ରେ ବିମାନକୁ ଜରୁରୀ ଅବତରଣ କରିଥିଲେ। ଏହାପରେ ତୁରନ୍ତ ଗୁରୁତର ଅସୁସ୍ଥ ଥିବା ଅଶୋକଙ୍କୁ ଫାୟାର ଆମ୍ବୁଲାନ୍ସରେ ଟର୍ମିନାଲ-୧ସ୍ଥିତ ମେଡିକାଲ୍‌କୁ ନିଆଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ପରୀକ୍ଷା କରି ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା।

**ଜିଲା ଚିଠି**
**ନୂଆପଡ଼ା**



## ସଭିଏଁ ହାରିଗଲେ ୩୫୩ରେ

ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଏବଂ କେନ୍ଦ୍ର ସରକାର ପରସ୍ପର ମଧ୍ୟରେ ଲଢୁଛନ୍ତି। ସେଥିରେ ବି ଫାଇଦା ମିଳୁଛି ଲୋକଙ୍କୁ। ହେଲେ ନୂଆପଡା ଜିଲାର ଲାଇଫ ଲାଇନ କୁହାଯାଉଥିବା ନୂଆପଡା-ଖଡିଆଳ ୩୫୩ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ ଶେଷ କରିବାରେ ଉଭୟ ସରକାର ଫେଲ ମାରିଛନ୍ତି । ଜିଲା ପ୍ରଶାସନ, ଯନ୍ତ୍ରୀ, ମନ୍ତ୍ରୀ, ବିଧାୟକ କି ଏମ୍‌ପିଙ୍କ ତାଗିଦ୍ କିଛି କାମକୁ ଆସୁନାହିଁ । ଆଜିକୁ ପାଞ୍ଚ ବର୍ଷ ହେବ ଏହା ଜିଲାବାସୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି । ସେଥିପାଇଁ ସାଧାରଣ ଲୋକଟିଏ ବି ସଭିଏଁ ହାରିଗଲେ ୩୫୩ରେ ବୋଲି କହିଦେଉଛି। ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ଖଡିଆଳ ଏବଂ ନୂଆପଡାକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଭାରିଯାନ ବ୍ୟତୀତ ଅନ୍ୟ ଯାନବାହନରେ ଲୋକେ ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହି ରାସ୍ତାର ଦୁରବସ୍ଥା ଗଣମାଧ୍ୟମରେ ପୃଷ୍ଠା ମଣ୍ଡନ କରୁଛି। ପାଞ୍ଚବର୍ଷ ତଳେ ଜାତୀୟ ରାଜପଥ ୩୫୩ନମ୍ବର କାମ ଆରମ୍ଭ ହେଲା। ହାତୀ ଖସିଗଲା, ହେଲେ ପଛ ରହିଗଲା ନୀତିରେ ୬୫କିମି ରାସ୍ତା ମଧ୍ୟରୁ ମାତ୍ର ୪କିମି ନିର୍ମାଣ କାମ ଶେଷ ହୋଇପାରୁନାହିଁ। ରାସ୍ତାର ଦଲଦଲି, ବାଞ୍ଜିବାହାଲ, ଉଦ୍ୟାନବନ୍ଧ, କୋମନା, ପେଣ୍ଟ୍ରାବନ୍ଧ ନିକଟ ରାସ୍ତାର ବିଭିନ୍ନ ସ୍ଥାନରେ ତିନିରୁ ଚାରି ଫୁଟର ଗର୍ତ୍ତ ହୋଇଛି। ଲଗାଣ ବର୍ଷା ପରେ ଏହି ଗର୍ତ୍ତରେ ପାଣି ଜମି ସଙ୍ଗିନ ପରିସ୍ଥିତି ସୃଷ୍ଟି କରୁଛି। ଗାଡି ଚଳାଇବା ବେଳେ ଡ୍ରାଇଭରଙ୍କ ଦକ୍ଷତା କାମକୁ ଆସୁନାହିଁ । ଶୋଚନୀୟ ରାସ୍ତାକୁ ନେଇ ବିଭିନ୍ନ ସମୟରେ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରୁଛନ୍ତି। ଆନ୍ଦୋଳନ ପରେ କାମ ନେଇଥିବା ଜିଭିଆର ଠିକା କମ୍ପାନୀର ଗାଡି ଘଟଣାସ୍ଥଳକୁ ଆସି କାମ କଲାଭଳି ଭେଲିକି ଦେଖାଇ ପରେ ଉଭାନ ହୋଇଯାଉଛନ୍ତି। ଅବସ୍ଥା ଯଥା ପୂର୍ବଂ ତଥା ପର। ବିରୋଧୀ ଦଳ ନେତାଙ୍କୁ ପଚାରିଲେ ରାଜ୍ୟ ସରକାର ଜାଣିବେ କହି ଦୋଷ ଖସାଇଦେଇ ଚାଲି ଯାଉଛନ୍ତି। ବିଧାୟକ, ମନ୍ତ୍ରୀଙ୍କୁ ପଚାରିଲେ ଏହା କେନ୍ଦ୍ରୀୟ ଯୋଜନା ବୋଲି ଟାଳି ଦେଉଛନ୍ତି। ୨୦୧୯ସାଧାରଣ ନିର୍ବାଚନ ପରେ ଏଠିକାର ନିର୍ବାଚିତ ଜନ ପ୍ରତିନିଧିମାନେ ଦିଲ୍ଲୀ ଯାଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି ତୁରନ୍ତ କାମ ସମ୍ପୂର୍ଣ୍ଣ କରିବାକୁ ଜଣାଇଥିଲେ। ତଥାପି ଏ ଦିଗରେ କୌଣସି ସୁଫଳ ମିଳିଲା ନାହିଁ । କାମ କରୁଥିବା ଠିକାଦାର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପାଖ ଲୋକ ବୋଲି କୁହାଯାଉଛି । ସେଥିପାଇଁ କେହି ବିରୋଧର ସ୍ୱରକୁ ତୀବ୍ର କରି ପାରୁ ନ ଥିବା ଏଠାରେ ଆଲୋଚନା ହେଉଛି। ନିକଟରେ କଳାହାଣ୍ଡି ଏମ୍‌ପି ଏହି ରାସ୍ତାଦେଇ ଯିବା ସମୟରେ ଖଡିଆଳରେ ଥିବା ଠିକାଦାରଙ୍କ କ୍ୟାମ୍ପ ଅଫିସ ନିକଟରେ ଅଟକି ଠିକା କମ୍ପାନୀର ଜଣେ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ । ଦୁଇଦିନ ମଧ୍ୟରେ କାମ ଶେଷ ନ କଲେ ସେ ତାଙ୍କର ଭୂମିକା ଦେଖାଇବେ ବୋଲି ଚେତାବନୀ ଦେଇଥିଲେ । ଏହାକୁ ନେଇ ସୋସିଆଲ ମିଡିଆରେ ବେଶ୍ ଆଲୋଚନା ହୋଇଥିଲା । ଇତିମଧ୍ୟରେ ସପ୍ତାହେ ବିତି ଯାଇଥିଲେ ମଧ୍ୟ ଗୋଟିଏ ଇଞ୍ଚ ବି କାମ ଆଗେଇନାହିଁ। ଜିଲାପାଳ ବିଭାଗୀୟ ଯନ୍ତ୍ରୀ, ଠିକା କମ୍ପାନୀର କର୍ମଚାରୀଙ୍କୁ ଡକାଇ ଆଲୋଚନା କଲେ । ସେମାନେ ମଧ୍ୟ ଯେନତେନ ପ୍ରକାରେ କଥାକୁ ଟାଳିଦେଇ ଚାଲିଗଲେ ସିନା କାମ ଅଗ୍ରଗତିର କୌଣସି ସମ୍ଭାବନା ଦେଖାଯାଉନାହିଁ । ଏହି ପରିସ୍ଥିତିରେ ଜାତୀୟ ରାଜପଥ ୩୫୩ କାମ କେବେ ସମ୍ପୂର୍ଣ୍ଣ ହେବ ତାହାର ଉତ୍ତର କାହା ପାଖରେ ନାହିଁ।

– ଘନଶ୍ୟାମ ଭୋଇ

## ଭାଉଜଙ୍କୁ ହତ୍ୟା ପରେ ଦିଅରଙ୍କ ଆତ୍ମହତ୍ୟା

କୁଆଁରମୁଣ୍ଡା, ୮।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରିଉଁ ଗ୍ରାମ ପରଜାଟୋଲିରେ ରବିବାର ଅଭାବନୀୟ ଘଟଣା ଘଟିଛି। ଘରେ ଶୋଇଥିବା ଅବସ୍ଥାରେ ବଡ଼ ଭାଉଜ ମାନୀ ଭୂମିଜ(୪୮)ଙ୍କୁ ଦିଅର ଲଖିରାମ ଭୂମିଜ(୩୫) କଟୁରିରେ ହାଣି ହତ୍ୟା କରିଛନ୍ତି। ଏହି ଘଟଣା ଘରେ ଥିବା ଝିଆରୀ ଦେଖି ଭୟରେ ବାହାରକୁ ପଳାଇଥିଲେ। ଏହି ସମୟରେ ଲଖିରାମ ଭିତରପଟୁ ଘରର କବାଟ ବନ୍ଦ କରି ଭିତରେ ଦଉଡ଼ିରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଘଟଣାସ୍ଥଳରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ହୃଷୀକେଶ ବେହେରା ଓ ପୋଲିସ ଟିମ୍ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ୪ ଦିନ ତଳେ ଲଖିରାମ ନିକଟସ୍ଥ କୋଏଲ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ଏହି ସମୟରେ ସେ କୁଆଡେ ଚମକି ପଡିଥିଲେ ବୋଲି ଘରେ କହିଥିଲେ। ହେଲେ ତା'ପରଠାରୁ ତାଙ୍କର ମାନସିକ ଅବସ୍ଥା ଖରାପ ହେବାକୁ ଲାଗିଥିଲା। ଏହା ଦେଖି ତାଙ୍କ ବଡ଼ଭାଇ ତଥା ମାନୀ ଭୂମିଜଙ୍କ ସ୍ୱାମୀ ମହେଶ୍ୱର ଓ ସାନଭାଇ ଟିକେଶ୍ୱର ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବିବାର ଡାକ୍ତରଖାନାରୁ ଲଖିରାମଙ୍କୁ ଘରକୁ ଆଣିଥିଲେ। ସକାଳ ପ୍ରାୟ ସାଢେ ୮ଟା ପରେ ଲଖିରାମଙ୍କୁ ଘରେ ଛାଡି ଦୁଇ ଭାଇ ନିକଟସ୍ଥ କୋଏଲ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଲଖିରାମ ଡାକ୍ତରଖାନାରୁ ଫେରି ଘରେ ପହଞ୍ଚିଲା ପରେ ଭାଉଜ ମାନୀ ଘରେ ଶୋଇଥିବା ଦେଖି ରାଗି ଯାଇଥିଲେ। ସେ ଘରେ ଥିବା ଏକ କଟୁରୀରେ ତାଙ୍କ ଗଳାକୁ ଚୋଟ ମାରି ଗଣ୍ଡିରୁ ମୁଣ୍ଡକୁ ଅଲଗା କରିଦେଇଥିଲେ। ପରେ ନିଜେ ଆତ୍ମହତ୍ୟା କରିଥିଲେ। ଗାଧୋଇ ସାରି ଘରକୁ ଫେରିବା ପରେ ଝିଅଠାରୁ ଶୁଣି କବାଟ ଭାଙ୍ଗି ଘର ଭିତରକୁ ପଶି ମହେଶ୍ୱର ସ୍ତ୍ରୀ ଓ ଭାଇଙ୍କ ମୃତଦେହ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ।

## ଅନୁପ୍ରିୟା ଲାକ୍ରାଙ୍କୁ ଅଭିନନ୍ଦନ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୮।୯(ବ୍ୟୁରୋ)

ଆଦିବାସୀ ଓଡ଼ିଆ ଝିଅ ଅନୁପ୍ରିୟା ଲାକ୍ରା ବିମାନ ଉଡାଇବାକୁ ନିଯୁକ୍ତି ପାଇବାପରେ ଏହାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ। ଏହା ମାଲକାନଗିରି ଝିଅ ଅନୁପ୍ରିୟା ଲାକ୍ରା ପ୍ରମାଣ କରିଛନ୍ତି। ଅନୁପ୍ରିୟା ବହୁ ବାଧା ବିଘ୍ନକୁ ସାମ୍ନାକରି ଏକ ଘରୋଇ ଏୟାର ଲାଇସେନ୍ସରେ କୋ ପାଇଲଟ ଭାବେ ନିଯୁକ୍ତି ପାଇଛନ୍ତି। ଏଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ଅଧ୍ୟବସାୟ ଯୁବପିଢିଙ୍କୁ ଏବଂ ବିଶେଷଭାବେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

- ମହିଳାଙ୍କ ଉନ୍ମତ୍ତକାଣ୍ଡ

## ତଣ୍ଟିଚିପି ବୃଦ୍ଧାଙ୍କୁ ହତ୍ୟା

ନୂଆଗାଁ, ୮।୯ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ କୋକେରମା ପଞ୍ଚାୟତର କରଞ୍ଜିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ମହିଳା ସୁମିତ୍ରା ଡୁରୀ (୨୫) ପଡୋଶୀ ବୃଦ୍ଧା ସୁଗନ ଡୁରୀ (୬୦)ଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଜଣାପଡିଛି। ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ସଦଳବଳ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୁଗନ ଶନିବାର ବିଳମ୍ବିତ ରାତିରେ ଘରୁ କୌଣସି କାମରେ ବାହାରକୁ ବାହାରିଥିଲେ। ଏହି ସମୟରେ ସୁମିତ୍ରା ମଧ୍ୟ ବାହାରକୁ ବାହାରିଥିଲେ। ସୁଗନଙ୍କୁ ଦେଖି ତାଙ୍କ ଆଡକୁ ଦୌଡି ଯାଇ ତାଙ୍କୁ ଧକ୍କା ଦେଇଥିଲେ। ସୁଗନ ପାଟି କରିଥିଲେ। ପାଟି ଶୁଣି ଦୁଇ ପଡ଼ୋଶୀ ଉଠିପଡ଼ି ଘଟଣା କ'ଣ ଦେଖିଥିଲେ। ହେଲେ ଭୟରେ ପାଖକୁ ଯାଇ ନ ଥିଲେ। ସୁଗନ ତଳେ ପଡିଯିବା ପରେ ସୁମିତ୍ରା ତାଙ୍କ ଛାତି ଉପରେ ମାଡିବସି ତଣ୍ଟିକୁ ଚିପି ଦେଇଥିଲେ। ଏପରି କି ସୁଗନଙ୍କ ବେକ ଓ ଆଖିକୁ ଦାନ୍ତରେ କାମୁଡି ରକ୍ତାକ୍ତ କରି ପକାଇଥିଲେ। ଘଟଣାସ୍ଥଳରେ ହିଁ ସୁଗନଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଦେଖିଥିବା ପଡ଼ୋଶୀ ଏ ନେଇ ରବିବାର ଭୋର ସମୟରେ ଗାଁ ଲୋକଙ୍କୁ କହିଥିଲେ। ଗାଁ ଲୋକେ ଘଟଣା ସମ୍ପର୍କରେ ଜାଣିଲା ପରେ ସୁମିତ୍ରାଙ୍କ ଘରକୁ ଯାଇ ତାଙ୍କୁ ଗୋଟିଏ କୋଠରୀରେ ତାଲାମାରି ବନ୍ଦ କରିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁଗନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁମିତ୍ରାଙ୍କୁ ଗିରଫ କରିଛି।

ପୋଲିସର କହିବାନୁଯାୟୀ କିଛି ଦିନ ହେବ ସୁମିତ୍ରାଙ୍କ ମସ୍ତିଷ୍କ ବିକୃତ ଥିବା ଗାଁ ଲୋକଙ୍କଠାରୁ ଜଣାପଡ଼ିଛି। ଏପରିକି ଘଟଣା ଦିନ ସୁମିତ୍ରାଙ୍କ ଶ୍ୱଶୁର ସୁମିତ୍ରାଙ୍କୁ ନିକଟସ୍ଥ ଏକ ଗ୍ରାମକୁ ଝଡାଫୁଙ୍କା କରିବାକୁ ନେଇଥିଲେ। ସୁମିତ୍ରାଙ୍କ ଗୋଟିଏ ଦେଢ଼ ବର୍ଷର ଝିଅ ଥିବାବେଳେ ତାଙ୍କ ସ୍ୱାମୀ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ସେ ପୂର୍ବରୁ ମଧ୍ୟ ଦୁଇ ଜଣଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ଲୋକେ କହିଛନ୍ତି। ପଚରାଉଚରା କରିବାରୁ ସୁମିତ୍ରା ହତ୍ୟା କରିଥିବା ନେଇ ମଧ୍ୟ ସ୍ୱୀକାର କରିଥିବା ପୋଲିସ କହିଛି। ଏନେଇ ହାତୀବାରି ଥାନାରେ ଏକ ହତ୍ୟା ମାମଲା (ନଂ.୫୭/୧୯) ରୁଜୁ ହୋଇଛି।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ନେତ୍ରମଣି ରାଉତ**
ଗ୍ରାମ: ବଡ଼ପଟିଲୋ, ଜିଲ୍ଲା: ଜଗତସିଂହପୁର
ଆବିର୍ଭାବ: ୦୫।୦୭।୧୯୩୬
ତିରୋଧାନ: ୧୯।୦୯।୨୦୧୮
(ଏକାଦଶୀ ତିଥି)
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତି ଓ ନାତୁଣୀ, ନାତୁଣୀ ବୋହୂ ଓ ପରିବାରବୃନ୍ଦ ।
ଧ-୧୪୨୭୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କବିରାଜ ନୀଳକଣ୍ଠ ପାତ୍ର**
ରାଜାବଜାର, ଖୁଣ୍ଟିଆବାବୁ ଗଳି, ଜଟଣୀ
ଆବିର୍ଭାବ: ୨୫।୧୦।୧୯୩୬
ତିରୋଧାନ: ୩୦।୦୮।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କ ଆଶୀର୍ବାଦ ଚିର ସ୍ମରଣୀୟ। ଆପଣଙ୍କର ଅମରଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ନିବେଦନ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ଉର୍ମିଳା ପାତ୍ର, ଜ୍ୟେଷ୍ଠପୁତ୍ର: ରାମଚନ୍ଦ୍ର, କନିଷ୍ଠପୁତ୍ର: କୃଷ୍ଣଚନ୍ଦ୍ର, ପୁତ୍ରବଧୂ: ସୁନୀତାରାଣୀ, ଟିକିନା, କନ୍ୟା: ଗୀତାଞ୍ଜଳି, ସଂଯୁକ୍ତାରାଣୀ, ମୀରା, ସ୍ୱର୍ଣ୍ଣବାଳା, ଜ୍ୱାଇଁ: ସଂଜୀବ, ଶିବନାରାୟଣ, ସୁନିଲ, ପୌତ୍ରାଦି: ସଚିନ୍, ଅମିଶା, ରାଜକୁମାର, ଅମିତାଭ ଏବଂ ବନ୍ଧୁ ଓ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୧୪୨୭୭

# ଶ୍ରୀମନ୍ଦିରରେ କୃଷ୍ଣଲୀଳାର ପରିସମାପ୍ତି

ପୁରୀ ଅଫିସ, ୮।୯

ପ୍ରବଳପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିବା କୃଷ୍ଣଲୀଳା ପରିସମାପ୍ତି ଘଟିଛି। ରବିବାର କୃଷ୍ଣଲୀଳାର ଏହି ଶେଷ ନୀତି ଦେଖିବା ଲାଗି ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

**ଲବଣୀ ଖିଆ ନୀତି :** ରବିବାର ଥିଲା ପବିତ୍ର ଭାଦ୍ରବ ଶୁକ୍ଳଦଶମୀ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଆଜ୍ଞାମାଳା ଲାଗି ହେବା ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁମାନେ ପାଲିଙ୍କିକୁ କୁଣ୍ଢେଇବେଣ୍ଟ ସାହିରେ ଥିବା ଲବଣୀଖିଆ ଛକକୁ ନେଇଥିଲେ। ଛକରେ ଥିବା ପନ୍ତି ଘରେ ଲବଣୀ ଖିଆ ନୀତି ସମ୍ପନ୍ନ ହୋଇଥିଲା। ସେଠାରେ ଭିତରଚ୍ଛ ମହାପାତ୍ର ଠାକୁରଙ୍କୁ ଆଳତି ବନ୍ଦାପନା କରିବା ସହିତ ମହାଭୋଇଙ୍କ ସର, ଲବଣୀ ଠାକୁରଙ୍କୁ ସମର୍ପଣ କରିଥିଲେ। ମହାଜନମାନେ ଠାକୁରଙ୍କୁ ପନ୍ତି ଘର ଖଟଶେଯ ଉପରକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ଏହାପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ ଖୁଆଇଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ବନ୍ଦାପନା କରିଥିଲେ। ଠାକୁର ପାଲିଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ପନ୍ତି ନିମନ୍ତେ ଯାଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡାର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରିଥିଲେ। ସୌମ୍ୟ ମହାପାତ୍ର ଓ ମାନସ ସେନାପତି ମଲ୍ଲଯୁଦ୍ଧ ନୀତି ସମ୍ପନ୍ନ କରିଥିଲେ।

**କୁବୁଜାଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ :** ଏହାପରେ ସିଂହଦ୍ୱାର ସମ୍ମୁଖରେ କୁବୁଜା ଉଦ୍ଧାରଣ ପ୍ରସ୍ତାବ ଆଗତ ହୋଇଥିଲା। ଅକ୍ଷୟ ଘଟୁଆରୀ କୁବୁଜା ବେଶ ହୋଇ ଏହି ନୀତି ସମ୍ପନ୍ନ କରିଥିଲେ। ସେ କୁବୁଜା ବେଶରେ ଚଳନ୍ତି ପ୍ରତିମାଙ୍କୁ ସୁବେଶ (ଚନ୍ଦନ ଚର୍ଚ୍ଚିତ) କରାଇଥିଲେ। ଏହାପରେ ଚଳନ୍ତି ପ୍ରତିମା କୃଷ୍ଣ କୁବୁଜାଙ୍କୁ ଆଜ୍ଞାମାଳ ପ୍ରଦାନ କରି ସୁନ୍ଦରୀ ନାରୀ ରୂପ ଦେଇ ଉଦ୍ଧାର କରିଥିଲେ।

**ବଧ ହେଲେ କଂସ**



ଶ୍ରୀମନ୍ଦିରରେ କୃଷ୍ଣଲୀଳାର ଶେଷ ଦିବସରେ କଂସ ବଧ କରାଯାଉଥିବାର ଦୃଶ୍ୟ।

**କଂସ ବଧ ପ୍ରସ୍ତାବ ଆଗତ :** ସିଂହଦ୍ୱାର ସମ୍ମୁଖ ବଡଛତା ମଠ ସମ୍ମୁଖରେ କଂସବଧ ନୀତି ସମ୍ପନ୍ନ ହୋଇଥିଲା। ବାଲିସାହି ଆଖଡା ପକ୍ଷରୁ କଂସବଧ ପ୍ରସ୍ତାବ ଆଗତ କରାଯାଇଥିଲା। ରାଜେଶ ପ୍ରଧାନ କଂସ, ଆୟନ ରୁଦ୍ରାଂଶୁ ତ୍ରିପାଠୀ କୃଷ୍ଣ, ସୌମ୍ୟରଞ୍ଜନ ପତି ବଳରାମ ବେଶରେ ଏହି ନୀତି ସମ୍ପନ୍ନ କରିଥିଲେ। ଏହି ନୀତିରେ ପ୍ରଥମେ କଂସ ରଣହୁଙ୍କାର ଦେବା ପରେ ସେଠାରେ ଠାକୁରଙ୍କୁ ଶୀତଳ ଭୋଗ ବନ୍ଦାପନା ହୋଇଥିଲା। ଶ୍ରୀକୃଷ୍ଣଙ୍କ ପରାକ୍ରମ ଦେଖି କଂସ ଭୟଭୀତ ହୋଇ ମଞ୍ଚାରୁ ପଡିଯିବା ଫଳରେ ତାଙ୍କର ନିଧନ ହୋଇଥିଲା। ଏହାପରେ ସେଠାରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ଭବ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆତ୍ମ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଖାସ ଦିଏ– ସେତିକି ବେଳେ। –ଶ୍ରୀଅରବିନ୍ଦ

# ଦୁର୍ବଳ ହୋଇପଡ଼ିଲେ

ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଭଳି ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କରାଯିବା ପରେ ସେତେବେଳେ ଦେଶବାସୀଙ୍କୁ ବାର୍ତ୍ତା ଦିଆଯାଇଥିଲା ଯେ ଭାରତୀୟ ଅର୍ଥନୀତି ଦୀର୍ଘମିଆଦୀ ସଫଳତା ପାଇବ। ଦେଶ ଭିତରେ ଧନୀମାନେ ଲୁଚାଇ ରଖିଥିବା କଳାଧନ ଠାବ କରାଯିବା ଲାଗି ଏଭଳି କଠୋର ପଦକ୍ଷେପ ସାହାଯ୍ୟ କରିବ ବୋଲି ବୁଝାଇ ଦିଆଯିବା ପରେ ଜନସାଧାରଣ ସାମୟିକ ଯନ୍ତ୍ରଣା ଭୋଗ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଯାଇଥିଲେ। ଏପରି କି ନିଜ ଦ୍ୱାରା ଜମା ଅର୍ଥ ଉଠାଇବା ପାଇଁ ଲୋକଙ୍କୁ ଦିନ ଦିନ ବ୍ୟାଙ୍କ ଆଗରେ ଠିଆ ହେବାକୁ ପଡ଼ିବାରୁ ଅସନ୍ତୋଷ ଦେଖାଦେଇଥିଲା। ତଥାପି ତାହାକୁ ଧୈର୍ଯ୍ୟର ସହ ସମ୍ମୁଖୀନ ହେବା ଲାଗି ସୀମାନ୍ତରେ ସୈନ୍ୟମାନଙ୍କ କଷ୍ଟଦାୟକ ଜୀବନର ଉଦାହରଣ ଦିଆଯାଇଥିଲା। ଅର୍ଥାତ୍ ଶତ୍ରୁମାନଙ୍କୁ ପ୍ରତିହତ କରିବା ଲାଗି ଦେଶର ଯବାନ ପ୍ରାଣବଳି ଦେଉଥିବା ବେଳେ ଅର୍ଥନୀତିକୁ ସଜାଡ଼ିବା ଲାଗି ଆମେ କ'ଣ ଏତିକି କରିପାରିବା ନାହିଁ ବୋଲି ସେତେବେଳେ ସୋସିଆଲ ମିଡିଆରେ ଅସଂଖ୍ୟ ବାର୍ତ୍ତା ଜରିଆରେ ପ୍ରଶ୍ନ କରାଯାଉଥିଲା। ଫଳରେ ଜନସାଧାରଣ ଧରି ନେଇଥିଲେ ଯେ, ଧନୀମାନେ ଏ ଦେଶର ସମ୍ପତ୍ତି ଲୁଟୁଥିବାରୁ ସେମାନଙ୍କଠାରେ ଥିବା କଳାଧନ ଠାବ ହେଲେ ଗରିବମାନଙ୍କ ଆର୍ଥିକ ଉନ୍ନତି ହେବ ଓ ଭାରତର ଅର୍ଥନୀତି ସୁଦୃଢ଼ ହେବ। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ପଦକ୍ଷେପକୁ ଯେଉଁମାନେ ବିରୋଧ କରିଥିଲେ ସେମାନଙ୍କ ଯୁକ୍ତି ଥିଲା ଯେ, ଧନୀମାନେ ନଗଦ ଅର୍ଥ ପାଖରେ ରଖି ନ ଥାଆନ୍ତି ବରଂ ଖଟିଖିଆ, ଚାଷୀ ଓ ସ୍ୱଳ୍ପ ପୁଞ୍ଜି ଖଟାଇ ବ୍ୟବସାୟ କରୁଥିବା ବ୍ୟକ୍ତିମାନେ ଜୀବନର ସଞ୍ଚିତ ଧନ ନଗଦ ରଖିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଏହି ବର୍ଗ ବିଶେଷ କ୍ଷତିଗ୍ରସ୍ତ ହେବେ। ବାସ୍ତବତାକୁ ଅନୁଭବ କରି ଏଭଳି ମତ ଦେଉଥିବା ବ୍ୟକ୍ତିଙ୍କୁ ସେତେବେଳେ ଦେଶଦ୍ରୋହୀ ଆଖ୍ୟା ଦିଆଗଲା। କିନ୍ତୁ ବିମୁଦ୍ରୀକରଣର ୩ ମାସ ପରେ ଦେଶର ଅସଂଖ୍ୟ ଲଘୁ ଓ କ୍ଷୁଦ୍ର ଶିଳ୍ପରେ ତାଲା ପଡ଼ିଗଲା। ଫଳରେ ଏଥିରେ କାମ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବ୍ୟକ୍ତିମାନେ ବେକାର ହୋଇଗଲେ।

ବିମୁଦ୍ରୀକରଣକୁ ଆସନ୍ତା ନଭେମ୍ବର ୮ରେ ୩ ବର୍ଷ ପୂରିବ। ଦେଶର ଅର୍ଥନୀତିକୁ ଦୀର୍ଘମିଆଦୀ ଲାଭ ପହଞ୍ଚିବା ପରିବର୍ତ୍ତେ ମାନ୍ଦାବସ୍ଥା ଏବେ ଦେଶବାସୀଙ୍କୁ କବଳିତ କରିସାରିଛି। ବିମୁଦ୍ରୀକରଣ ବେଳେ ଯେଉଁମାନେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ମାନ୍ଦାବସ୍ଥା ଦେଇ ଗତି କରିବ ବୋଲି ଆଶଙ୍କା କରିଥିଲେ ତାହାକୁ ସ୍ୱୟଂ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଶୀର୍ଷ ସଂସ୍ଥା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବେ ସତ୍ୟ ବୋଲି ତଥ୍ୟ ଉପସ୍ଥାପନ କରିଛି। ୭ ସେପ୍ଟେମ୍ବରରେ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଆଜି ମାନ୍ଦାବସ୍ଥା ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟ ମୁତାବକ ବିମୁଦ୍ରୀକରଣ ପରେ କଞ୍ଜ୍ୟୁମର ଗୁଡ୍‌ସ ବା ଖାଉଟି ସାମଗ୍ରୀ ଲାଗି ଋଣ ପ୍ରଦାନ ନିମ୍ନଗାମୀ ହେବା ସହ ନିରନ୍ତର ହ୍ରାସ ପାଉଚାଲିଛି। ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କଗୁଡ଼ିକ ପକ୍ଷରୁ କଞ୍ଜ୍ୟୁମର ଗୁଡ୍‌ସ ବାବଦକୁ ରେକର୍ଡ ୨୦,୭୯୧ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ବିମୁଦ୍ରୀକରଣର ପ୍ରଭାବ ଅନୁଭୂତ ହେବା ପରେ ଏବେ ଏହା ୭୩ ପ୍ରତିଶତ ହ୍ରାସ ଘଟିଛି। ଫଳରେ ଲଘୁ, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ଘୋର ବିପର୍ଯ୍ୟସ୍ତ ହୋଇଛି। ଏହା ଦ୍ୱାରା ନିଯୁକ୍ତି କ୍ଷେତ୍ର ପ୍ରଭାବିତ ହୋଇଛି। ଏଠାରେ ମନେରଖିବାକୁ ହେବ ଯେ, ବୃହତ୍ ଶିଳ୍ପସଂସ୍ଥା ବର୍ତ୍ତମାନ ଅଟୋମେଶନ ଏବଂ କମ୍ପ୍ୟୁଟରଚାଳିତ ହୋଇଯାଉଥିବାରୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କେବଳ ବହୁ ସଂଖ୍ୟକ ଚାକିରି ସୃଷ୍ଟି କରିଥାଏ। ଏହି କ୍ଷେତ୍ରର ମୃତ୍ୟୁର ଅର୍ଥ ହେଉଛି ବେକାରି ଓ ହାହାକାର। ଯେତେବେଳେ ଲୋକଙ୍କ ପାଖରେ ଅର୍ଥର ଅଭାବ ଦେଖାଦେବ, ସେତେବେଳେ ଗଦା ଗଦା ହୋଇ ପଡ଼ି ରହିଥିବା ସାମଗ୍ରୀ କିଣିବାକୁ ସେମାନେ ଅସମର୍ଥ ହେବେ। ଏବର ପରିସ୍ଥିତି ଦେଖିଲେ ଉତ୍ପାଦିତ ଦ୍ରବ୍ୟ ବିକ୍ରି ନ ହେବାରୁ ସଂସ୍ଥାଗୁଡ଼ିକ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହା ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଂଶର ଗୋଟିଏ ବିଶ୍ଳେଷଣ। ଅନୁରୂପ ଭାବେ ଗାଡ଼ିମୋଟର ନିର୍ମାତା ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରିବା ପରେ ଏହି କ୍ଷେତ୍ରରେ ନିଯୁକ୍ତ ପ୍ରାୟ ସାଢ଼େ ୩ ଲକ୍ଷ ଲୋକ ଛଟେଇ ହେଲେଣି। ଏହିପରି କ୍ଷତିଗ୍ରସ୍ତ କ୍ଷେତ୍ରକୁ ଦେଖିଲେ ତାଲିକା ଲମ୍ବିଚାଲିଛି।

କେନ୍ଦ୍ରରେ ଏନ୍‌ଡିଏ–୨ ସରକାର ଆସିବା ପରେ ଭାରତୀୟ ଅର୍ଥନୀତି ଉପରେ ଉଚ୍ଚ ଆଶା ରଖାଯାଇ କୁହାଯାଉଛି ଯେ ୨୦୨୪–୨୫ ଆର୍ଥିକ ବର୍ଷ ସୁଦ୍ଧା ଏହା ୫ ଟ୍ରିଲିୟନ ଡଲାର ବା ୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ବର୍ତ୍ତମାନ ସ୍ଥିତି ଦେଖିଲେ ପ୍ରାୟ ୧୩୫ କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି) ୨.୬ ଟ୍ରିଲିୟନ ଡଲାରରେ ରହିଛି। ଈପ୍ସିତ ଲକ୍ଷ୍ୟ ୫ ଟ୍ରିଲିୟନ ଡଲାର ପୂରଣ ହେବା କଷ୍ଟକର ବୋଲି କୁହାଯାଇପାରେ। କାରଣ ଜୁଲାଇରେ ଉପସ୍ଥାପିତ ବଜେଟ ପରଠାରୁ ପ୍ରତି ସପ୍ତାହରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଭାରତୀୟ ଷ୍ଟକ୍ ବଜାରରୁ ଅର୍ଥ ଉଠାଇ ନେଇଚାଲିଛନ୍ତି। ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବିଦେଶୀ ନିବେଶକଙ୍କ ଉପରେ ଲାଗିଥିବା ସରଚାର୍ଜ ହଟାଇ ଦେବା ସତ୍ତ୍ୱେ ୮ ସେପ୍ଟେମ୍ବରରେ ମିଳିଥିବା ତଥ୍ୟ ଅନୁଯାୟୀ, ଏଫ୍‌ପିଆଇମାନେ ଚଳିତ ମାସ ପ୍ରଥମ ସପ୍ତାହରେ ୧,୨୬୩ କୋଟି ଟଙ୍କା ଉଠାଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଭାରତୀୟ ବଜାର ଉପରେ ଆଉ ସେମାନଙ୍କ ଆସ୍ଥା ରହୁ ନାହିଁ। ଅର୍ଥନୀତି ବୁଝୁଥିବା ବ୍ୟକ୍ତିମାନେ ଜାଣିଛନ୍ତି, ବଜାରରେ ସାମଗ୍ରୀ ବିକ୍ରି ହେଲେ ଆର୍ଥିକ ଗତିବିଧି ବଢ଼େ। ତତ୍‌ସହିତ ସରକାରଙ୍କୁ ଟିକସ ମିଳିଥାଏ। ସେଥିପାଇଁ ମାନ୍ଦାବସ୍ଥାକୁ ଆର୍‌ବିଆଇ ସ୍ୱୀକାର କରି ଯେତିକି ସତ୍ୟ କହିଛି, ତାହାଠାରୁ ଅଧିକ ପ୍ରମାଣ ଦେଉଛି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିମାଣ ହ୍ରାସ। ମାସିକ ୧ ଲକ୍ଷ କୋଟି ଟଙ୍କା ଆଦାୟ ଲାଗି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଅଗଷ୍ଟ ୨୦୧୯ର ତଥ୍ୟ ଦେଖିଲେ ଏହା କମି ୯୮,୨୦୨ କୋଟି ଟଙ୍କାରେ ରହିଛି। ଏବେ ମାନ୍ଦାବସ୍ଥା ଲାଗି ରହିଥିବାରୁ ବିଶ୍ୱରେ ଅନ୍ୟତମ ଅର୍ଥନୈତିକ ଶକ୍ତି ଭାବେ ଉଭା ହେବା ଲାଗି ଭାରତ ସ୍ୱପ୍ନ ଦେଖିବା ଅସ୍ୱାଭାବିକ ମନେହେଉଛି। ଆଜିର ପ୍ରତିଦ୍ୱନ୍ଦ୍ୱିତାମୂଳକ ଆର୍ଥିକ ଜଗତରେ ଯେଉଁ ରାଷ୍ଟ୍ର ତା'ର ଅସ୍ତିତ୍ୱ ହରାଇବ, ତାହାର ରାଜନୈତିକ ସ୍ଥିତି ବିଶ୍ୱ ସ୍ତରରେ ମଳିନ ପଡ଼ିଯିବ। ଉଦାହରଣ ସ୍ୱରୂପ, ଭାରତ ଏକ ଅତି ବୃହତ୍ ଖାଉଟି ଦେଶ ହୋଇଥିବାରୁ ଉଭୟ ଆମେରିକା ଓ ଚାଇନା ଭଳି ରାଷ୍ଟ୍ର ଆମର ଆଭ୍ୟନ୍ତରୀଣ ବ୍ୟାପାର ଯଥା କଶ୍ମୀର ଲାଗି ଉଦ୍ଦିଷ୍ଟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କିମ୍ବା ଉତ୍ତର ପୂର୍ବାଞ୍ଚଳରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କାର୍ଯ୍ୟକାରୀ ହେବା ସତ୍ତ୍ୱେ କୌଣସି ବିରୋଧାଭାବ ପ୍ରକାଶ କଲେ ନାହିଁ। କିନ୍ତୁ, ଯଦି ସେହି ବଜାର ଅର୍ଥନୀତି ଦୁର୍ବଳ ହୋଇଯିବ, ସେତେବେଳେ ଶୋଇଥିବା କୁକୁରକୁ ଗୋଇଠା ମାରିବା ଭଳି ସବୁ ଦେଶ ଭାରତକୁ ବେଖାତିର କରିବେ। ଆଜି ପାକିସ୍ତାନର ସେହି ବୃହତ୍ ଖାଉଟି ଦେଶର ମାନ୍ୟତା ନ ଥିବାରୁ ତାହାର ଅନ୍ତର୍ଜାତୀୟ ଓଜନ ହ୍ରାସ ପାଇଛି। ଭାରତ ନିଜର ସ୍ଥିତିକୁ ନ ଜଗିଲେ ଆମକୁ ସେହିଭଳି ଦଶା ଭୋଗିବାକୁ ପଡ଼ିବ।



# ଆର୍ଥିକ ସଙ୍କଟ ନେଇ ସରକାର ଗମ୍ଭୀର ତ

ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ପ୍ରମୁଖ ବିସ୍କୁଟ୍ ପ୍ରସ୍ତୁତକାରୀ କମ୍ପାନୀ ବ୍ରିଟାନିଆର ମୁଖ୍ୟ ଦେଶର ଆର୍ଥିକ ସଙ୍କଟ ଉପରେ ଟିପ୍ପଣୀ ଦେଇ କହିଥିଲେ, 'ଅବସ୍ଥା ଏପରି ହୋଇଛି ଯେ ବର୍ତ୍ତମାନ ପାଞ୍ଚଟଙ୍କିଆ ବିସ୍କୁଟ ପ୍ୟାକେଟ୍‌ଟିଏ କିଣିବା ପୂର୍ବରୁ ବି ଲୋକେ ଦୁଇଥର ଚିନ୍ତା କରୁଛନ୍ତି।' ବ୍ରିଟାନିଆ ମୁଖ୍ୟଙ୍କ ଏହି ସରଳ ଟିପ୍ପଣୀ ମଧ୍ୟଦେଇ ଦେଶର ଅର୍ଥନୀତିର ଭୟଙ୍କର ଚିତ୍ରଟି ସ୍ପଷ୍ଟ ଜଣାପଡେ। ବଜାରରେ ବିକ୍ରି ହେଉ ନ ଥିବାରୁ ଦେଶର ୩.୫ କୋଟି ଲୋକଙ୍କୁ ରୋଜଗାର ଦେଉଥିବା ଗାଡ଼ି ଶିଳ୍ପରେ ଏକରକମ ହାହାକାର ସୃଷ୍ଟି ହୋଇଥିବା ବେଳେ ଅନ୍ୟତମ ରୋଜଗାର ପ୍ରଦାନକାରୀ କ୍ଷେତ୍ର ବୟନ ଶିଳ୍ପରେ ମଧ୍ୟ ଗତ ଏକ ବର୍ଷ ମଧ୍ୟରେ ୩୦–୩୫% ଉତ୍ପାଦନ ହ୍ରାସ ପାଇ ପ୍ରାୟ ୩୦–୫୦ ଲକ୍ଷ ଲୋକ ରୋଜଗାର ହରାଇଛନ୍ତି। କେବଳ କାର୍, ବାଇକ୍, ଏସି, ଏଲ୍‌ଇଡି ଟିଭି ପରି ଉଚ୍ଚମୂଲ୍ୟର ବିଳାସ ସାମଗ୍ରୀ ନୁହଁ, ଲୁଗାପଟାଠାରୁ ଆରମ୍ଭ କରି ବିସ୍କୁଟ୍, ଶୁଖିଲା ଖାଦ୍ୟ, ଚା, ଏଫ୍‌ଏମ୍‌ସିଜି ପର୍ଯ୍ୟନ୍ତ ବଜାରରେ ସବୁ ରକମର ଶିଳ୍ପଜାତ ଦ୍ରବ୍ୟ ବିପୁଳ ପରିମାଣରେ ଗଚ୍ଛିତ ଥିଲେ ମଧ୍ୟ ତାହା ବିକ୍ରି ହୋଇପାରୁନାହିଁ। ଗତ ତିନି ମାସ ମଧ୍ୟରେ ବିଦେଶରୁ ତେଲ, ସୁନା ଓ ରୁପା ପରି ସାମଗ୍ରୀର ଆମଦାନୀରେ ୪୫% ହ୍ରାସ ଦେଖାଦେବା ବି ବଜାରରେ ନଗଦର ଅଭାବ ଏବଂ ଲୋକଙ୍କ କ୍ରୟକ୍ଷମତାର ହ୍ରାସକୁ ସୂଚାଉଛି।

ତେବେ ଆଶ୍ଚର୍ଯ୍ୟର କଥା, ଦେଶର ଅର୍ଥନୀତିରେ ଗତ ପ୍ରାୟ ଏକବର୍ଷ ଧରି ମାନ୍ଦାବସ୍ଥା ଦେଖାଯାଇଥିଲେ ବି ସରକାର ଏ ଯାଏ ତାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନି। ତେବେ ସରକାରଙ୍କୁ ସମର୍ଥନ କରି ଆସୁଥିବା ରାହୁଲ ବଜାଜଙ୍କଠାରୁ ଆରମ୍ଭକରି ମୋହନଦାସ ପାଇଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଶିଳ୍ପପତି ମାନ୍ଦାବସ୍ଥାକୁ ନେଇ ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ପ୍ରକାଶ କରିବା ତଥା ଖୋଦ୍ ସରକାରଙ୍କ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ବର୍ତ୍ତମାନର ସଙ୍କଟକୁ ସତୁରି ବର୍ଷରେ ଅଭୂତପୂର୍ବ ବୋଲି କହିବା ପରେ ସରକାର ହଠାତ୍ ସକ୍ରିୟ ହୋଇ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ଦେଶର ଅର୍ଥନୀତିର ଦୁରବସ୍ଥାକୁ ଦେଖି ମୁହଁ ଫେରାଇ ନେଉଥିବା ବିଦେଶୀ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଦେଢ଼ ମାସ ତଳେ ବଜେଟରେ ବସାଇଥିବା ଟିକସ ଓ ସରଚାର୍ଜକୁ ପ୍ରତ୍ୟାହାର କରିଛନ୍ତି। ଖୁଚୁରା, କୋଇଲା ଖନନ, ଡିଜିଟାଲ ମିଡ଼ିଆ ପରି ଅନେକ କ୍ଷେତ୍ରକୁ ଶହେ ପ୍ରତିଶତ ବିଦେଶୀ ପୁଞ୍ଜି ପାଇଁ ଖୋଲି ଦିଆଯାଇଥିବା ବେଳେ ପୂର୍ବରୁ ବିଦେଶୀ ପୁଞ୍ଜିନିବେଶ ପାଇଁ ରହିଥିବା ଅନେକ ସର୍ତ୍ତକୁ କୋହଳ କରିଦିଆଯାଇଛି। କେବଳ ସେତିକି ନୁହେଁ, ପ୍ରଥମ ଥର ପାଇଁ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କରୁ ୧.୭୬ ଲକ୍ଷ କୋଟି ଟଙ୍କାର ବିପୁଳ ଧନରାଶି ନିଜ ପାଖକୁ ଆଣିଛନ୍ତି, ଯେଉଁଥିରେ ବ୍ୟାଙ୍କର ସଂରକ୍ଷିତ ଜରୁରିକାଳୀନ ପାଣ୍ଠିର ଅର୍ଥ ବି ରହିଛି। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଆର୍ଥିକ ସଙ୍କଟକୁ ରୋକିବାରେ ଯେ ବିଫଳ ହେବ, ଏହା ସରକାରଙ୍କ ଘୋଷଣା ସତ୍ତ୍ୱେ ସଙ୍କଟ ଦୂର ହେବାର କୌଣସି ଲକ୍ଷଣ ଦେଖା ନ ଯିବାରୁ ସ୍ପଷ୍ଟ ପ୍ରମାଣିତ ହେଉଛି।

ମୋଦି ସରକାରଙ୍କ ଦୁଇଟି ବଡ଼ ପଦକ୍ଷେପ, ୨୦୧୬ର ବିମୁଦ୍ରୀକରଣ ଏବଂ ୨୦୧୭ର ଜିଏସ୍‌ଟି ଦେଶର ଅର୍ଥନୀତିରେ ସବୁଠାରୁ ବେଶି କ୍ଷତି ପହଞ୍ଚାଇଛି। ବିମୁଦ୍ରୀକରଣ ଫଳରେ ଅସଂଗଠିତ କ୍ଷେତ୍ରର ଅର୍ଥନୀତି ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି। ଜିଏସ୍‌ଟି ଯୋଗୁ ଦେଶର ଅସଂଗଠିତ କ୍ଷେତ୍ରର ବ୍ୟବସାୟ ଭୟଙ୍କର ସଙ୍କଟ ମଧ୍ୟକୁ ଚାଲିଯାଇଛି। କୋଟି କୋଟି ଲୋକ ନିଜର ରୋଜଗାର ହରାଇଛନ୍ତି। ବିଭିନ୍ନ ସରକାରୀ ବିଭାଗରେ ଖାଲି ପଡ଼ିଥିବା ପ୍ରାୟ ଏକ କୋଟି ପଦବୀକୁ ଗତ ପାଞ୍ଚବର୍ଷ ମଧ୍ୟରେ ପୂରଣ ତ କରାଯାଇନି ବରଂ ରେଳ ବିଭାଗର ଛଅ ଲକ୍ଷ ପଦବୀ ଉଚ୍ଛେଦ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଜାତୀୟ ନମୁନା ସର୍ଭେର ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶରେ ବେରୋଜଗାର ହାର ଗତ ୪୫ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର (୪୫%)ରେ ପହଞ୍ଚିଛି।

ସରକାର ଆପଣେଇଥିବା ନବଉଦାରବାଦୀ ଅର୍ଥନୀତି ଦେଶରେ ଆର୍ଥିକ ବୈଷମ୍ୟକୁ ବଢ଼ାଇବା ସହିତ ଅଧିକରୁ ଅଧିକ ଲୋକଙ୍କ ଆୟ ହ୍ରାସ କରି ଦାରିଦ୍ର୍ୟ ଭିତରକୁ ଠେଲିଦେବାରେ ଲାଗିଛି। ନିକଟରେ ପ୍ରକାଶିତ ଅକ୍ସଫାମ୍‌ର ରିପୋର୍ଟ ଅନୁଯାୟୀ ଦେଶର ୭୩% ସମ୍ପତ୍ତି ମାତ୍ର ୧% ଧନୀ ଲୋକଙ୍କ ହାତରେ ଠୁଳ ହୋଇଛି। କୃଷିରେ ମଧ୍ୟ ଲଗାତର ସରକାରୀ ପୁଞ୍ଜିନିବେଶର ଅଭାବ ଏବଂ ବର୍ଦ୍ଧିତ କୃଷି ସଙ୍କଟ କାରଣରୁ ଗ୍ରାମାଞ୍ଚଳର ସାଧାରଣ ଜନତାଙ୍କ ଆୟ ଓ କ୍ରୟ କ୍ଷମତା ହ୍ରାସ ପାଇଛି। ଜାତୀୟ ନମୁନା ସର୍ଭେ– ୨୦୧୮ର ତଥ୍ୟ ଅନୁଯାୟୀ ୨୦୧୪–୧୫ରେ ଗ୍ରାମାଞ୍ଚଳରେ ବ୍ୟକ୍ତି ପିଛା ଖର୍ଚ୍ଚ କରିବାର କ୍ଷମତା ବା ଆୟ ୧୫୮୭ ଟଙ୍କା ଥିବାବେଳେ ୨୦୧୮–୧୯ରେ ତାହା ଟ୧୫୨୪କୁ ହ୍ରାସ ପାଇଛି। ସେହିଭଳି ସହରାଞ୍ଚଳରେ ବ୍ୟକ୍ତି ପିଛା ମାସିକ ହାରାହାରି ଖର୍ଚ୍ଚ ୨୯୨୬ ଟଙ୍କା ଥିବା ବେଳେ ତାହା ୨୯୦୯ ଟଙ୍କାକୁ ହ୍ରାସ ପାଇଛି। କୃଷିରେ ବିକାଶ ଦର ୨.୯%ରେ ସୀମିତ ଥିବା ବେଳେ ଶିଳ୍ପରେ ବିକାଶ ଦର ୬.୯%କୁ ଖସିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟହ୍ରାସ ରେକର୍ଡ଼ ସ୍ତରରେ ପହଞ୍ଚିଥିବା ବେଳେ ଦେଶର ଆମଦାନି ଓ ରପ୍ତାନି ଉଭୟ ହ୍ରାସ ପାଇଛି।

ଆର୍ଥିକ ମାନ୍ଦାବସ୍ଥାର ସବୁଠାରୁ ବଡ଼ କାରଣ ହେଉଛି ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ କ୍ରୟଶକ୍ତି ହ୍ରାସ। ବିଭିନ୍ନ ସରକାରୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗତ ପାଞ୍ଚବର୍ଷ ମଧ୍ୟରେ ଦେଶରେ ଶିଳ୍ପ ଶ୍ରମିକମାନଙ୍କ ମଜୁରିରେ କୌଣସି ବୃଦ୍ଧି ଘଟି ନ ଥିବା ବେଳେ କୃଷି ମଜୁରିରେ ଓଲଟା ହ୍ରାସ ଦେଖାଦେଇଛି। ଦେଶରେ ମଜୁରି ବୃଦ୍ଧିର ହାର ୨୦୧୦–୧୧ରେ ୨୦.୫% ଥିବା ବେଳେ ୨୦୧୮–୧୯ ବେଳକୁ ତାହା ଏକ ଅଙ୍କକୁ ଖସି ଆସିଛି। ଗ୍ରାମାଞ୍ଚଳରେ ସରକାରଙ୍କ ସବୁଠାରୁ ବଡ଼ ରୋଜଗାର ସୃଷ୍ଟିକାରୀ ଯୋଜନା ମନରେଗାରେ ସରକାର ପ୍ରତିବର୍ଷ ବ୍ୟୟହ୍ରାସ କରି ଚାଲିଥିବା ବେଳେ ସେଥିରେ ଦିଆଯାଉଥିବା ମଜୁରି ନ ବଢ଼ାଇବା ଫଳରେ ବର୍ତ୍ତମାନ ତାହା ବଜାରର ମଜୁରିଠାରୁ ୩୦–୪୦% କମ୍ ରହିଛି। ନବଉଦାର ଅର୍ଥନୀତିର ଫଳସ୍ୱରୂପ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିୟମିତ ଓ ସ୍ଥାୟୀ ନିଯୁକ୍ତି ବଦଳରେ ଅଧିକରୁ ଅଧିକ ଠିକା ଏବଂ ଆଉଟ୍‌ସୋର୍ସିଂର ପ୍ରଚଳନ ଫଳରେ କୋଟି କୋଟି ଲୋକ ଅତ୍ୟନ୍ତ କମ୍ ଦରମାରେ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯାହାକି ସେମାନଙ୍କ କ୍ରୟକ୍ଷମତାକୁ ହ୍ରାସ କରୁଛି।

ବିଶ୍ୱ ଶ୍ରମ ସଙ୍ଗଠନ ତା'ର ଏକ ରିପୋର୍ଟରେ ପ୍ରକାଶ କରିଛି ଯେ, ଭାରତରେ ମୋଟ ଜାତୀୟ ଆୟରେ ମଜୁରିର ଅଂଶ ଲଗାତର କମିଥିବା ବେଳେ ପୁଞ୍ଜିପତିଙ୍କ ମୁନାଫାର ଅଂଶ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ସାମୟିକ ଶ୍ରମଶକ୍ତି ସର୍ଭେର ତଥ୍ୟ ଅନୁଯାୟୀ ଦେଶର ମୋଟ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରେ ୪୫% (ଗ୍ରାମାଞ୍ଚଳରେ ୫୫% ଏବଂ ସହରାଞ୍ଚଳରେ ୩୮%)ଙ୍କ ଦରମା ମାସିକ ଦଶ ହଜାରରୁ କମ୍ ଥିବା ବେଳେ ୧୨% ସ୍ଥାୟୀ କର୍ମଚାରୀଙ୍କ ଦରମା ପାଞ୍ଚ ହଜାରରୁ ବି କମ୍। ଦେଶର ୬୩% ମହିଳା କର୍ମଚାରୀ ମାସିକ ଦଶ ହଜାରରୁ କମ୍ ଦରମା ପାଉଥିବା ବେଳେ ଅର୍ଦ୍ଧାଧିକ କର୍ମଚାରୀ କୌଣସି ପ୍ରକାରର ସାମାଜିକ ସୁରକ୍ଷା ପାଉନାହାନ୍ତି। ଦେଶର ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀଙ୍କ ସ୍ଥିତି ଯଦି ଏଇଆ ତା'ହେଲେ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ କୋଟି କୋଟି ଶ୍ରମିକଙ୍କ ଆୟର ସ୍ଥିତି କ'ଣ ତାହା ଅନୁମେୟ।

ନିକଟରେ ଅର୍ଥମନ୍ତ୍ରୀ ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ଖୁସି କରିବା ପାଇଁ ଯେଉଁସବୁ କର, ଟିକସ ଓ ସରଚାର୍ଜରେ ରିହାତି ଓ ପ୍ରତ୍ୟାହାର ଘୋଷଣା କଲେ, ବଜାରରେ ନଗଦ ଉପଲବ୍ଧ କରାଇବା ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ତୁରନ୍ତ ୭୦ ହଜାର କୋଟି ଟଙ୍କା ଯୋଗାଇବାକୁ କହିଲେ, ଖୁଚୁରା ପରି କ୍ଷେତ୍ରରେ ଶହେ ପ୍ରତିଶତ ବିଦେଶୀ ପୁଞ୍ଜିକୁ ଅନୁମତି ଦେଲେ ଏହାଦ୍ୱାରା କେବଳ କର୍ପୋରେଟ୍‌ମାନଙ୍କର ହିଁ ମୁନାଫା ସୁରକ୍ଷିତ ହେବ, କିନ୍ତୁ ସାଧାରଣ ଜନତାଙ୍କ ଆୟ କିମ୍ବା କ୍ରୟକ୍ଷମତାରେ ବୃଦ୍ଧି ହେବନି।

ଅର୍ଥନୀତିକୁ ମାନ୍ଦାବସ୍ଥାରୁ ଉଦ୍ଧାର କରିବାର ଏକମାତ୍ର ଉପାୟ ହେଉଛି କର୍ପୋରେଟ୍ ନୁହେଁ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଆୟକୁ ବଢ଼ାଇବା, ଫଳରେ ସେମାନେ ବଜାରରୁ ଅଧିକରୁ ଅଧିକ ଜିନିଷ କିଣିପାରିବେ। ଏଥିପାଇଁ ଦେଶରେ ସର୍ବନିମ୍ନ ମଜୁରି ବଢ଼ାଇବା ସହିତ ଭିତ୍ତିଭୂମି ନିର୍ମାଣରେ ବ୍ୟାପକ ସରକାରୀ ବିନିଯୋଗର ଆବଶ୍ୟକତା ରହିଛି। କୃଷିରେ ଆୟ ବୃଦ୍ଧି ପାଇଁ କୃଷକଙ୍କ ଫସଲର ସହାୟକ ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିବା ସହିତ ସେମାନଙ୍କ ଉତ୍ପାଦନ ଖର୍ଚ୍ଚ କମାଇବାକୁ ପଦକ୍ଷେପ ନେବା ଦରକାର। ଯଦି ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିଶେଷକରି ଜଳସେଚନ, ଶୀତଳଭଣ୍ଡାର ପରି କୃଷି ଭିତ୍ତିଭୂମିରେ ବ୍ୟାପକ ସରକାରୀ ପୁଞ୍ଜିନିବେଶ କରନ୍ତି, ତା'ହେଲେ ତାହା ଭିତ୍ତିଭୂମିର ସୃଷ୍ଟି ସହ କୃଷି ଉତ୍ପାଦନକୁ ବଢ଼ାଇବ ଏବଂ ସେଠାରେ ରହୁଥିବା ସଂଖ୍ୟାଧିକ ଲୋକଙ୍କ ଆୟରେ ବୃଦ୍ଧି ଘଟିପାରିବ। ଫଳରେ ସେମାନେ ବଜାରରୁ ଶିଳ୍ପଜାତ ଦ୍ରବ୍ୟ କିଣିବାକୁ ସକ୍ଷମ ହେବେ ଏବଂ ବଜାରରେ ଚାହିଦା ବଢ଼ିବ।

ମୋ: ୯୪୩୭୧୬୬୩୯୧

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | 5 | A | | B | | | | | | | C | |
| 7 | 8 | | | 1 | | | | 2 | | | | | | |
| 5 | | 1 | | | 6 | | | | 0 | 3 | 2 | | | |
| | | | 3 | | B | 1 | | | | 7 | | | | |
| 2 | 3 | A | | | 8 | | | 4 | | | 9 | | | |
| | | | 1 | | | | A | | 5 | | | | | C |
| D | | C | | 4 | 7 | | | B | | A | 3 | | 6 | |
| | | 6 | | C | E | | 8 | 1 | | 9 | | | 4 | A |
| | | | | | 0 | | | | D | | B | | | |
| | | | 9 | | 2 | 6 | 3 | | C | 8 | 0 | | | 1 |
| | | 0 | | 7 | | | | E | B | | D | C | | |
| A | | B | | | | D | | 7 | | | | | 0 | 3 |
| | D | | E | | A | | | | | 0 | C | | 9 | |
| E | | | C | | | | 0 | 8 | 7 | | 6 | | | 2 |
| | | | | 9 | D | 2 | | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | 7 | 2 | 3 | 6 | D | 1 | 0 | 4 | B | A | 8 | 5 | E |
| B | 8 | 5 | A | C | 0 | 4 | 9 | E | 6 | 7 | 2 | 1 | D | 3 |
| A | D | 2 | E | 1 | 4 | 7 | 6 | 8 | 3 | 5 | 9 | B | C | 0 |
| 4 | 3 | 1 | B | 8 | 7 | 5 | 2 | C | 0 | E | D | 6 | A | 9 |
| 0 | E | 6 | D | 5 | 9 | A | 3 | B | 1 | C | 8 | 7 | 4 | 2 |
| 6 | 2 | C | 4 | A | B | 3 | 0 | D | 8 | 9 | E | 5 | 1 | 7 |
| E | 7 | 3 | 1 | D | 8 | 2 | B | 4 | 5 | A | 0 | 9 | 6 | C |
| 1 | A | 8 | 0 | 9 | C | 6 | 5 | 7 | 2 | D | 4 | E | 3 | B |
| D | 4 | B | 6 | E | 5 | 8 | C | 9 | 7 | 3 | 1 | 0 | 2 | A |
| 5 | 0 | 9 | 3 | 7 | 2 | 1 | E | A | C | 6 | B | 4 | 8 | D |
| 9 | 1 | A | C | 6 | D | E | 4 | 5 | B | 2 | 7 | 3 | 0 | 8 |
| 2 | C | 4 | 9 | B | A | 0 | 8 | 3 | E | 1 | 5 | D | 7 | 6 |
| 7 | 5 | E | 8 | 2 | 1 | 9 | A | 6 | D | 0 | 3 | C | B | 4 |
| 3 | 6 | 0 | 7 | 4 | E | B | D | 1 | A | 8 | C | 2 | 9 | 5 |
| 8 | B | D | 5 | 0 | 3 | C | 7 | 2 | 9 | 4 | 6 | A | E | 1 |

ଗତକାଲିର ଉତ୍ତର



# ୫–ଟି ଓ ସାମାଜିକ ପରିବର୍ତ୍ତନ

ଶିବରାମ ଶତପଥୀ

ମୁଖ୍ୟମନ୍ତ୍ରୀଙ୍କ ୫–ଟି ମନ୍ତ୍ର ସ୍ୱାଗତଯୋଗ୍ୟ। ଅବଶ୍ୟ ଏଥିରେ କିଛି ନୂତନତ୍ୱ ନାହିଁ। ବେଦ ଉପନିଷଦ ଓ ପୁରାଣମାନଙ୍କରେ ଏସବୁ ବିଷୟରେ ଆଗରୁ ମୁନିଋଷିମାନେ ସିଦ୍ଧାନ୍ତ କରିସାରିଛନ୍ତି। ଦଶହଜାର ବର୍ଷ ପୂର୍ବେ ଭାରତରେ ଉନ୍ନତ ଭାଷା, ସାହିତ୍ୟ, ସଂସ୍କୃତି, ସଭ୍ୟତା, ଶିକ୍ଷା, ଆଚାର ସଂହିତା ଓ ସୁଶାସନ ପ୍ରଚଳିତ ଥିଲାବେଳେ ପୃଥିବୀର ଅନ୍ୟ ସବୁ ଦେଶର ଲୋକେ ଆଦିମ ଅଧିବାସୀର ଜୀବନଯାପନ କରି 'ଜୋର ଯାର ମୁଲକ ତାର' ନିୟମରେ ପରିଚାଳିତ ହେଉଥିଲେ।

ଏ ୫ ଟିକୁ ପ୍ରାଧାନ୍ୟ ଅନୁସାରେ ପୁନର୍ବିନ୍ୟାସ କଲେ ପ୍ରଥମେ ଟାଇମ୍, ତା'ପରେ ଟିମ୍ ୱାର୍କ, ତୃତୀୟରେ ଟେକ୍ନୋଲୋଜି, ତା' ପରେ ଟ୍ରାନ୍ସପରେନ୍ସି ଓ ଶେଷରେ ଅବଶ୍ୟ ଅପ୍ରଧାନ ନୁହେଁ (ଲାଷ୍ଟ ବଟ୍ ନଟ୍ ଦି ଲିଷ୍ଟ) ଟ୍ରାନ୍ସଫର୍ମେଶନ।

ଯେଉଁ ବ୍ୟକ୍ତି, ଦଳ ବା ସମାଜଠାରେ ସମୟ ଜ୍ଞାନ ନାହିଁ ସେ ଶତଚେଷ୍ଟା ସତ୍ତ୍ୱେ ଉପରକୁ ଉଠିପାରେ ନାହିଁ। ପ୍ରଗତି ପଥରେ ପ୍ରଥମ ସୋପାନ ହେଉଛି ସମୟାନୁବର୍ତ୍ତିତା। ସେନାପତି ଭାବେ ଯୁଦ୍ଧ କ୍ଷେତ୍ରରେ କେବଳ ପାଞ୍ଚ ମିନିଟ ବିଳମ୍ବରେ ପହଞ୍ଚିଥିଲେ ବୋଲି ନେପୋଲିୟନ ୱାଟରଲୁ ଯୁଦ୍ଧରେ ପରାସ୍ତ ହୋଇଥିଲେ। ଏଥିପାଇଁ ସୈନ୍ୟବାହିନୀରେ ଶୃଙ୍ଖଳା ସହିତ ସମୟାନୁବର୍ତ୍ତିତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ। କେଉଁ ସମୟରେ କେଉଁ କାର୍ଯ୍ୟ କରିବା ଉଚିତ ସେ ଜ୍ଞାନ ନ ଥିଲେ ବ୍ୟକ୍ତିକୁ ପଦେ ପଦେ ପରାଜୟ ପଥର ପଥିକ ହେବାକୁ ପଡ଼େ। ବିଶ୍ୱ ବ୍ରହ୍ମାଣ୍ଡର ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ଉପଗ୍ରହ ଏପରି କି ଧୂମକେତୁ ମଧ୍ୟ ସମୟାନୁବର୍ତ୍ତୀ। ପ୍ରତ୍ୟହ ନିର୍ଦ୍ଧାରିତ ସମୟରେ ସୂର୍ଯ୍ୟ ଉଦିତ ହୁଅନ୍ତି ଓ ଅସ୍ତ ଯାନ୍ତି। ବହିଗଲା ନଈସୁଅ ପରି ସମୟ କେବେ ପ୍ରତ୍ୟାବର୍ତ୍ତନ କରେ ନାହିଁ। ତେବେ ସମୟ ଯଦି ସର୍ବନିୟନ୍ତା ତାଙ୍କୁ କିପରି ଆମେ ଅବଜ୍ଞା, ଅବହେଳା ବା ଉପେକ୍ଷା କରିପାରିବା ?

ଟିମ୍ ୱାର୍କ ଅର୍ଥ ମିଳିମିଶି କାମ କରିବା। ଚାରିଜଣ ଲୋକ ଚାରିଦିଗକୁ ମୁହଁ କରି ବସ୍ତୁଟିଏ ଟାଣିବାକୁ ଚେଷ୍ଟା କଲେ ପଦାର୍ଥଟି ଇଞ୍ଚେ ମଧ୍ୟ ଏପଟ ସେପଟ ହୁଏ ନାହିଁ। ସମସ୍ତେ ଲକ୍ଷ୍ୟସାଧନ ଦିଗରେ ମନପ୍ରାଣ ଢାଳିଦେଲେ ହିଁ ଅଭିଳଷିତ ଲକ୍ଷ୍ୟ ପ୍ରାପ୍ତ ହୁଏ। ପ୍ରତ୍ୟେକେ ଯଦି ଭାବିବେ ଯା' ହାତରେ ଯିଏ ଚଉଦ ପା, କାହାର ନିର୍ଦ୍ଦେଶ ମାନିବା ପାଇଁ ସେମାନେ ଜନ୍ମ ହୋଇନାହାନ୍ତି, ତେବେ ସେମାନଙ୍କ ଜୀବନ ବ୍ୟର୍ଥତା ଭିତରେ ହିଁ ଅତିବାହିତ ହୁଏ। ଏଣୁ ଚତୁଃବର୍ଣ୍ଣ ବିଭାଗରେ ସମାଜ ପରିଚାଳନାରେ ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ଅତଏବ ସମାଜରେ କେହି ହେୟ ବା ଅପ୍ରଧାନ ନୁହେଁ। ଫନୀ ମହାବାତ୍ୟା ପରେ ଯେଉଁ ଇଲାକାର ଲୋକେ ସଫାଇବାଲାଙ୍କ ସହିତ ମିଶି କାମ କଲେ ସେ ସ୍ଥାନ ପ୍ରଥମେ ସଫା ହେଲା। ଯୁଦ୍ଧ କ୍ଷେତ୍ରରେ ଜୟ ଲାଭ କରିବାକୁ ହେଲେ ପଦାତିକ ବାହିନୀର ଯେତିକି ଭୂମିକା ରହିଥାଏ ଇଞ୍ଜିନିୟର, ଆର୍ଟିଲେରି, ବାୟୁସେନାର ମଧ୍ୟ ଅନୁରୂପ ଯୋଗଦାନ ଥାଏ। ଟିମ୍ ସ୍ପିରିଟ୍ ବିନା ଲକ୍ଷ୍ୟ ହାସଲ କରିବାରେ ଆଶାୟୀ ହେବା ଦିବାସ୍ୱପ୍ନ ମାତ୍ର। ତୈତ୍ତିରୀୟ ଉପନିଷଦ ମୁକ୍ତ କଣ୍ଠରେ କହେ– ଆମ ଦୁହିଁଙ୍କୁ (ଗୋଷ୍ଠୀ ଅର୍ଥରେ ଆମ ସମସ୍ତଙ୍କୁ) ପରମାତ୍ମା ରକ୍ଷା କରନ୍ତୁ। ଆମେ ମିଳିମିଶି ଭୋଜନ କରିବା। ଆମେ ମିଳିମିଶି ଉର୍ଜା (ବୀର୍ଯ୍ୟ, ଲୋକହିତକର ବୀରତ୍ୱ) ଉତ୍ପନ୍ନ କରିବା। ଏତଦ୍ୱାରା ଆମେ ତେଜସ୍ୱୀ ହେବା। ଅଧିକନ୍ତୁ କାହା ପ୍ରତି ଆମେ ହିଂସା ବା ଦ୍ୱେଷ ମନୋଭାବ ପୋଷଣ କରିବା ନାହିଁ।

ବୈଷୟିକ ଜ୍ଞାନର ପ୍ରୟୋଗ (ଟେକ୍ନୋଲୋଜି) ବିନା ଭୌତିକ ଉନ୍ନତି ସମ୍ଭବପର ନୁହେଁ। ଟେକ୍ନୋଲୋଜି ଗାଁ ଗହଳରେ ପ୍ରବେଶ କରିବା ଦ୍ୱାରା ସାଧାରଣ ଲୋକେ ତା'ର ସୁଫଳ ପାଇପାରିବେ। ସେଥିପ୍ରତି ପ୍ରଶାସନ ଓ ଲୋକପ୍ରତିନିଧିମାନେ ସଚେଷ୍ଟ ହେବା ଉଚିତ। ଆମେରିକା, ୟୁରୋପ, ରୁଷିଆ, ଚାଇନା, ଜାପାନ ଓ କୋରିଆ ବୈଷୟିକ ଜ୍ଞାନର ସଦୁପଯୋଗ କରି ଜୀବନ ନିର୍ବାହରେ ଯଥେଷ୍ଟ ଉନ୍ନତି କରିପାରିଛନ୍ତି। ଏ ଦେଶଗୁଡ଼ିକ ୱିଣ୍ଡମିଲ୍ ଓ ସୌରରଶ୍ମିରୁ ଉର୍ଜା ଆହରଣ କରି ପ୍ରଦୂଷଣମୁକ୍ତ ବାତାବରଣ ଭିତରେ କଳକାରଖାନା ଚଳାଇବା ପରି ପ୍ରଶଂସନୀୟ କାର୍ଯ୍ୟରେ ମନୋନିବେଶ କରିଛନ୍ତି। ଅଧୁନା ବିଦ୍ୟୁତ୍ ଶକ୍ତିଚାଳିତ ଗାଡିର ପ୍ରଚଳନ ଜୀବାଶ୍ମଜନିତ ପ୍ରଦୂଷଣରୁ ସେ ଦେଶଗୁଡିକୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କଥିତ ଅଛି, ତୁମେ ନିଜେ ସଚ୍ଚୋଟ ହେଲେ ଚଳିବ ନାହିଁ। ଯେତେଦିନ ଯାଏ କ୍ଷମତାସୀନ ସେତେଦିନ ଯାଏ ପ୍ରତି ପଦକ୍ଷେପରେ ତୁମକୁ ପ୍ରମାଣ କରିବାକୁ ପଡିବ ଯେ, ତୁମେ ନିଃସ୍ୱାର୍ଥପର, ନିର୍ଲୋଭ ଓ ତୁମର ପ୍ରତ୍ୟେକ କାର୍ଯ୍ୟ ଲୋକହିତ, ସର୍ବୋପରି ଦେଶର ଉନ୍ନତି କଳ୍ପେ ନିୟୋଜିତ। କେତେକ କ୍ଷେତ୍ରରେ ନଜରକୁ ଆସିଛି ଯେ ଉପରିସ୍ଥ ଅଧିକାରୀ ସଚ୍ଚୋଟ, ମାତ୍ର ତାଙ୍କ ନାଁରେ ଅଧସ୍ତନ କର୍ମଚାରୀମାନେ ଲୁଟି ଚାଲିଛନ୍ତି। ଏଥି ପ୍ରତି ଅଧିକାରୀମାନେ ସଜାଗ ରହିବା ବିଧେୟ। ଶାସକ ହାତରେ ଟ୍ରାନ୍ସପରେନ୍ସି ଏକ ମୁଖ୍ୟ ଅସ୍ତ୍ର।

ଅଧିକାରୀମାନେ ପ୍ରତ୍ୟେକେ ସ୍ୱଚ୍ଛତା ବା ଟ୍ରାନ୍ସପରେନ୍ସି ପ୍ରତି ଧ୍ୟାନ ଦେବା ଉଚିତ। ଯୋଜନାର ସୁଫଳ ଦର୍ପଣରେ ପ୍ରତିଫଳନ ପରି ଲୋକଙ୍କୁ ସ୍ପଷ୍ଟ ଦେଖାଯିବା ଦରକାର।

ସମୟାନୁବର୍ତ୍ତିତା, ମିଳିତ ଉଦ୍ୟମ, ବୈଷୟିକ ଜ୍ଞାନକୌଶଳ ଓ ସ୍ୱଚ୍ଛତା ସାମାଜିକ ପରିବର୍ତ୍ତନ (ଟ୍ରାନ୍ସଫର୍ମେଶନ)ର ଦ୍ୱାର ଉନ୍ମୁକ୍ତ କରେ। ଲୋକେ ଯେପରି ଭୌତିକ ପ୍ରାଚୁର୍ଯ୍ୟ ଉପଲବ୍ଧି କରିବା ସହିତ ମାନସିକ, ଚାରିତ୍ରିକ ଓ ସର୍ବୋପରି ସାଂସ୍କୃତିକ ସ୍ତରରେ ବିଶ୍ୱ ଆଗରେ ମୁଣ୍ଡ ଟେକି ଠିଆ ହେବେ, ତାହା ସମସ୍ତଙ୍କର ଧ୍ୟେୟ ହେବା ବାଞ୍ଛନୀୟ।

ଇ ୧୮, ପଦ୍ମପାଣିବିହାର, ଶୈଳଶ୍ରୀବିହାର, ଭୁବନେଶ୍ୱର, ମୋ–୯୪୩୭୦୧୭୨୦୨

## ଏଇ ଭାରତରେ

ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ଦେଖାଯାଉଥିବା ବେଳେ ବିହାର ନାଳନ୍ଦା ଜିଲାର ମାଡ଼ି ଗ୍ରାମବାସୀଙ୍କ ମୁକ୍ତ ଚିନ୍ତାଧାରା ଓ ଉଦାର ମନୋଭାବ ଦେଶକୁ ଏକ ବାର୍ତ୍ତା ଦେଇଛି ଏବଂ ପାଇଛି ଏକ ନିଆରା ପରିଚୟ। ବହୁଦିନ ତଳେ ମାଡିରେ ହିନ୍ଦୁ ମୁସଲମାନ ଏକାଠି ରହୁଥିଲେ। ମୁସଲମାନଙ୍କ ସଂଖ୍ୟା କମ୍ ଥିଲା। ସେମାନେ ଗାଁରେ ଏକ ମସ୍‌ଜିଦ ନିର୍ମାଣ କରିଥିଲେ। କାଳକ୍ରମେ ସବୁ ମୁସଲମାନ ଗାଁ ଛାଡି ଚାଲିଗଲା ପରେ ଏହି ମସ୍‌ଜିଦର ଦାୟିତ୍ୱ ହିନ୍ଦୁମାନେ ନେବାକୁ ନିଷ୍ପତ୍ତି କରି ଏହାର ଦେଖାରଖା କରୁଛନ୍ତି । ଖାଲି ଏତିକି ନୁହେଁ ମସ୍‌ଜିଦ୍‌ରେ ପ୍ରତିଦିନ ହିନ୍ଦୁମାନେ ୫ଥର ନମାଜ ପଢୁଛନ୍ତି। ହିନ୍ଦୁମାନେ 'ଅଜାନ୍' ଜାଣିନାହାନ୍ତି। ଏଣୁ ସେମାନେ 'ଅଜାନ'ର ରେକର୍ଡ ବଜାଉଛନ୍ତି । ପ୍ରାୟ ୨୦୦ ବର୍ଷର ଏହି ମସ୍‌ଜିଦକୁ କିଏ ଓ କେବେ ନିର୍ମାଣ କରିଛନ୍ତି, ତାହା ବିଷୟରେ ଗ୍ରାମବାସୀ କିଛି ଜାଣିନାହାନ୍ତି । କିନ୍ତୁ ଈଶ୍ୱର–ଆଲ୍ଲା 'ଏକ' ଭାବନାରେ ସେମାନେ ସକାଳେ ଓ ସନ୍ଧ୍ୟାରେ ମସ୍‌ଜିଦ ସଫାକରି ନମାଜ ପଢୁଛନ୍ତି। ଲୋକମାନଙ୍କର କୌଣସି ସମସ୍ୟା ଆସିଲେ ସେଥିରୁ ମୁକ୍ତିପାଇବା ପାଇଁ ସେମାନେ ମସ୍‌ଜିଦରେ ପ୍ରାର୍ଥନା ବି କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୪

- ଭାରତ–ସିଙ୍ଗାପୁର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଭାରତ ଟେଷ୍ଟ କ୍ରିକେଟ ଖେଳାଳି ରବି ଶାସ୍ତ୍ରୀ ପ୍ରଥମ ଶ୍ରେଣୀ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି।

## ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଳି ତହିଁ ନବ ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୧– ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଏଥିରୁ ଆସାମର ୧୯ ଲକ୍ଷରୁ ଅଧିକ ଲୋକ ବାଦ୍ ପଡ଼ିଥିବା ଜଣାପଡ଼ିଛି।

୨– ମୁସଲିମ୍ ନେତା ଆରିଫ ମହମ୍ମଦ ଖାନ୍ କେରଳର ରାଜ୍ୟପାଳ ହେଲେ।

୩– ଭାରତରେ ସ୍ୱଚ୍ଛ ଭାରତ ଅଭିଯାନ ଲାଗି ଆମେରିକାରେ ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା।

୪– ଆମେରିକା ନିର୍ମିତ ୮ଟି ଲଢୁଆ ଆପାଚେ ହେଲିକପ୍ଟର ଭାରତୀୟ ବାୟୁସେନାରେ ସାମିଲ ହେଲା।

୫– ପାକିସ୍ତାନର ଗୁରୁଦ୍ୱାର ଦରବାର ସାହିବକୁ କର୍ତ୍ତାରପୁର କରିଡର ଦେଇ ଭାରତୀୟ ତୀର୍ଥଯାତ୍ରୀ ଭିଜାମୁକ୍ତ ଯାତ୍ରା କରିପାରିବେ ବୋଲି ଭାରତ ଓ ପାକିସ୍ତାନ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଛି।

## ଆମ ସମସ୍ୟା

### ରାଜଧାନୀରେ ସ୍ୱେରେଜ ଅବ୍ୟବସ୍ଥା

ମହାଶୟ,

ରାଜଧାନୀର ଆଇଆର୍‌ସି ଭିଲେଜର ଏନ୍/୪ ଅଞ୍ଚଳରେ ଥିବା ଉତ୍କଳ ହସ୍ପିଟାଲ ଓ ନଗର ନିଗମ ପାର୍କ ନିକଟବର୍ତ୍ତୀ ରାସ୍ତାକଡ଼ରେ ଥିବା ସ୍ୱେରେଜ ଲାଇନ ନିୟମିତ ସଫେଇ ହେଉନାହିଁ। ଫଳରେ ରାସ୍ତାରେ ସ୍ୱେରେଜ ମଇଳା ପାଣି ଭାସି ପରିବେଶକୁ ନର୍କରେ ପରିଣତ କରିଦେଲାଣି। ରାସ୍ତାକଡ଼ରେ ଥିବା ମ୍ୟାନ୍‌ହୋଲ ମଇଳା ଦ୍ୱାରା ଜାମ୍ ହୋଇ ନିକଟସ୍ଥ ଗୃହ ପରିସରରେ ଥିବା ସ୍ୱେରେଜ ବ୍ୟବସ୍ଥାକୁ ଅଚଳ କରିଦେବା ଫଳରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଗୃହବାସୀ। ସ୍ୱେରେଜ ବିପର୍ଯ୍ୟସ୍ତ କାରଣରୁ ଉପୁଜୁଥିବା ପରିମଳ ଅବ୍ୟବସ୍ଥାକୁ ସଜାଡ଼ିବାରେ ସଫେଇ କାର୍ଯ୍ୟରେ ନିୟୋଜିତ ଘରୋଇ ସଂସ୍ଥା ଅସମର୍ଥ ତଥା ଅସହଯୋଗୀ। ଉପରୋକ୍ତ ଅବ୍ୟବସ୍ଥାର ସୁଧାର ଆଣିବା ଦିଗରେ ସ୍ୱେରେଜ ବୋର୍ଡର ଉଚ୍ଚ କର୍ତ୍ତୃପକ୍ଷ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବିନମ୍ର ନିବେଦନ।

ରବିନାରାୟଣ ପାଳ, ଫ୍ଲାଟ୍ ନଂ.ଏନ୍୪/୨୯, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର

### ପତଞ୍ଜଳି ବ୍ୟବସାୟୀ ଦେବାଳିଆ

ବାବା ରାମଦେବ ବଡ଼ ବଡ଼ କଥା କହି ନିଜର ବେପାର ବଢ଼ାଇଲେ। ଯେଉଁ ବ୍ୟବସାୟୀ ଏଥିରେ ଯୋଗଦେଲେ ସେମାନେ ଏବେ ସର୍ବସ୍ୱାନ୍ତ। କାରଣ ସବୁ ଉତ୍ପାଦ ଠିକ୍ ସମୟରେ ମିଳୁନାହିଁ। ମାନ ଦିନକୁ ଦିନ କମିଯାଉଛି। ଏରସମାର ଜଣେ ବ୍ୟବସାୟୀ ୩୦ଲକ୍ଷ ଟଙ୍କାର ପତଞ୍ଜଳି ପ୍ରଡକ୍ଟ ମଗେଇଥିଲେ। ଅଧିକାଂଶ ପ୍ରଡକ୍ଟର ଏକ୍ସପାଏରି ତାରିଖ ୨ରୁ ୩ ମାସ ଥିଲା। ତାଙ୍କର ପାଖାପାଖି ୨୦ଲକ୍ଷ ଟଙ୍କା କ୍ଷତି ହେଲା। ଜଗତ୍‌ସିଂହପୁରର ଜଣେ ବ୍ୟବସାୟୀ ୩ଲକ୍ଷ ଟଙ୍କାର ପ୍ରଡକ୍ଟ ଫେରାଇଲେ, ତାଙ୍କୁ ୧ଟଙ୍କା ବି ମିଳିଲା ନାହିଁ। ତେଣୁ ଓଡ଼ିଶାର ଭଲ ଭଲ ବ୍ୟବସାୟୀ ପତଞ୍ଜଳି ପ୍ରଡକ୍ଟ ବେପାରରୁ ମୁହଁ ଫେରାଇବେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରନ୍ଧାମଦ ଜବତ, ୫ ଗିରଫ

ଆସିକା,୮।୯ (ଡି.ଏନ୍.ଏ.): ଆସିକା ଥାନା ଇଲାକାର ବିଭିନ୍ନ ସ୍ଥାନରେ ରବିବାର ପୋଲିସ ଚଢ଼ାଉ କରି ୧୧୨ ଲିଟର ରନ୍ଧାମଦ ଜବତ କରିଛି। ଏହି ମାମଲାରେ ୫ଜଣଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ଗିରଫମାନେ ହେଲେ ବାଲିସିରା ଗ୍ରାମର ସନ୍ତୋଷ କୁମାର ସେଠୀ ଓ ସାଗର ସେଠୀ, ଝଗଡେଇ ବଳରାମ ଦାସ, କାଳୁ ପ୍ରଧାନ ଓ ମାମୁଁଡିହ ଗ୍ରାମର ଟୁକୁନା ନାଇକ। ଏ ନେଇ ଆସିକା ଥାନାରେ ନଂ.୨୯୮, ୨୯୯, ୩୦୦, ୩୦୧, ୩୦୨/୧୯ରେ ୫ଟି ପୃଥକ ମାମଲା ରୁଜୁ କରାଯାଇଛି।

### ବିଜ୍ଞାନ ମେଳା

ଆସିକା,୮।୯ (ଡି.ଏନ୍.ଏ.): ଗାଙ୍ଗପୁରସ୍ଥିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଶରତ ଚନ୍ଦ୍ର ବିଷୋୟୀଙ୍କ ଅଧକ୍ଷତା କରିଥିଲେ। ଗାଙ୍ଗପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ରୂପେ ଆଡଭୋକେଟ ସୀମାଞ୍ଚଳ ପୃଷ୍ଟି, ରତ୍ନାକର ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନିତ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରାଯାଇ ଶୁଭ୍ରକାନ୍ତ ଗୁରୁ ପ୍ରଥମ, ବି ଇଶାନ୍ କୁମାର ଦ୍ୱିତୀୟ, ଶୁଭମ୍ କୁମାର ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୂର୍ଯ୍ୟନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନକଲି ମଦ କାରଖାନା ଠାବ, ୪ ଗିରଫ

ଦିଗପହଣ୍ଡି,୮।୯(ଡି.ଏନ୍.ଏ.)

ଦିଗପହଣ୍ଡି ପୋଲିସ ଶନିବାର ରାତିରେ କୈଠଖଣ୍ଡି ପଞ୍ଚାୟତ ବୀରପାଟଣା ଗ୍ରାମ ନିକଟ କୁକୁଡ଼ା ଫାର୍ମ ଭିତରେ ଚାଲିଥିବା ଏକ ନକଲି ବିଦେଶୀ ମଦ କାରଖାନା ଠାବ କରିଛି । ସେଠାରୁ ୪୬ଟି କାର୍ଟୁନରେ ବିକ୍ରି ପାଇଁ ମହଜୁଦ ଥିବା ୨୦୨୪ଟି ବିଭିନ୍ନ କମ୍ପାନୀର ନକଲି ବିଦେଶୀ ମଦ ବୋତଲ, ୨୦୪ ଲେବୁଲ ଲାଗିଥିବା ଖାଲି ମଦ ବୋତଲ, ୮୦ ଲିଟର ମଦ, ୧୪ପ୍ଲାଷ୍ଟିକ ଜାରରେ ମହଜୁଦ ଥିବା ୨୮୦ ଲିଟର ସ୍ପିରିଟ୍, ବିଭିନ୍ନ ନାମିଦାମୀ ବ୍ରାଣ୍ଡର ଷ୍ଟିକର, ବହୁ ପରିମାଣର କେମିକାଲ, ବଟଲିଂ ମେଶିନ ସମେତ ଅଟୋ (ନଂ.ଓଆର୦୭ଡବ୍ଲ୍ୟୁ-୦୨୫୭)କୁ ଜବତ କରିଛି। ନକଲି ବିଦେଶୀ ମଦ ପ୍ରସ୍ତୁତି ଓ ଚୋରାଚାଲାଣରେ ସମ୍ପୃକ୍ତ ଅଭିଯୋଗରେ ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମର ହୃଷୀକେଶ ଗୌଡ଼, ପେଣ୍ଠୁରାବାଡ଼ି ଗ୍ରାମର ଦଣ୍ଡପାଣି ଡ଼ାକୁଆ, ଭଞ୍ଜନଗର ଗାଲେରୀ ଥାନା ବଦାଙ୍ଗୀ ଗ୍ରାମର ପ୍ରଦୀପ ସାହୁ, ବ୍ରହ୍ମପୁର ବଡ଼ବଜାର ଥାନା ଫୁଲସୁନ୍ଦରୀ ସାହିର ଟୁଟୁ ଦାସଙ୍କୁ ପୋଲିସ ଗିରଫ କରିଛି । ଏହି କାରଖାନାର ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ବ୍ରହ୍ମପୁର ବଡ଼ବଜାର ଥାନା ଇଲାକାର ଜଣେ ବ୍ୟକ୍ତି ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି । ସେ ଏବେ ଫେରାର



ଜବତ ବଟଲିଂ ମେଶିନ ସହ ମଦପେଟି।

- ବଟଲିଂ ମେଶିନ, ସ୍ପିରିଟ୍, କେମିକାଲ ଓ ଅଟୋ ଜବତ
- ମାଷ୍ଟର ମାଇଣ୍ଡ ଫେରାର
- ଆନ୍ଧ୍ର, ତେଲେଙ୍ଗାନାକୁ ଲମ୍ବିଛି ଚେର

ହୋଇଯାଇଛନ୍ତି । ନଂ.୧୭୫/୧୯ ଦଫା ୨୭୨/୨୭୩/୩୪ ଆଇପିସି ଏବଂ ଅବକାରୀ ଆଇନର ଧାରା ୫୨ (କ)/୫୫/୫୯ (ଖ) ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ପ୍ରକାଶ ଚନ୍ଦ୍ର ଜେନା, ବ୍ରହ୍ମପୁର ଟ୍ରାଫିକ ଥାନା ଇନ୍ସପେକ୍ଟର ଦେବାଶିଷ ମହାନ୍ତି ପ୍ରମୁଖ ଦିଗପହଣ୍ଡି ଥାନାରେ ପହଞ୍ଚି ଜେରା ଚଳାଇଛନ୍ତି । ଦୀର୍ଘଦିନ ହେଲା ଏହି ନକଲି ବିଦେଶୀ ମଦ ବଟଲିଂ ପ୍ଲାଣ୍ଟରୁ ପ୍ରସ୍ତୁତ ମଦ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରାଯାଉଥିଲା। ଏହି ର୍‍ୟାକେଟର ଚେର ପଡ଼ୋଶୀ ଆନ୍ଧ୍ର ଓ ତେଲେଙ୍ଗାନାକୁ ଲମ୍ବିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ଏତେ ବଡ଼ ଚୋରା ବିଦେଶୀ ମଦ କାରଖାନା ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ କିଭଳି ସୂଚନା ପାଇନଥିଲେ ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ଖୋଜାପଲ୍ଲୀ ଗୁଳିକାଣ୍ଡ ଘଟଣା, ୩ ଅଟକ

ଖଲ୍ଲିକୋଟ,୮।୯(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଖୋଜାପଲି ଗ୍ରାମର ନୀଳକଣ୍ଠ ପରିଡ଼ା (୩୬)ଙ୍କୁ ଶନିବାର ଗୁଳିମାଡ଼ ହୋଇଥିଲା। ଏହି ମାମଲା ରବିବାର ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ନୀଳକଣ୍ଠଙ୍କ ଦାଦା ପ୍ରଫୁଲ୍ଲଙ୍କ ଏତଲା କ୍ରମେ ଖଲ୍ଲିକୋଟ ପୋଲିସ ନଂ.୨୨୪/୧୯ରେ ମାମଲା ରୁଜୁକରିଛି। ସ୍ଥାନୀୟ ଆଇଆଇସି ସୁନିଲ କୁମାର ବେହେରା ଟିମ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ଛତ୍ରପୁର ଏସ୍‌ପି ବ୍ରିଜେଶ କୁମାର ରାଏ ଥାନାକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। ରବିବାର ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ପହଞ୍ଚି ଘଟଣାର ପ୍ରକୃତ ତଥ୍ୟ ଅନୁସନ୍ଧାନ କରିଥିଲେ। ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ସୁପାରି କିଲରଙ୍କ ଦ୍ୱାରା ଗୁଳିକାଣ୍ଡ ହୋଇଥିବା ଅନୁମାନ କରାଯାଉଥିବା ବେଳେ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସ୍ଥାନୀୟ ପୋଲିସ କହିଛି। ନୀଳକଣ୍ଠ ଶନିବାର ସନ୍ଧ୍ୟାରେ ନିଜ ଘର ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ତାଙ୍କ ପଛପଟୁ ଗୁଳିମାଡ଼ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଗୁଳିଟି ଅଣ୍ଟାରେ ବାଜି ପେଟ ଭିତରେ ରହି ଯାଇଥିଲା। ରବିବାର ଅପରେସନ କରାଯାଇ ତାହା ବାହାର କରାଯାଇଥିବା ସମ୍ପର୍କୀୟ କହିଛନ୍ତି।

## ଜଙ୍ଗଲ ସଚେତନତା କାର୍ଯ୍ୟକ୍ରମ



ପାହାଡ଼ରେ ମଞ୍ଜି ବୁଣା ଯାଉଛି।

ଭଞ୍ଜନଗର,୮।୯(ଡି.ଏନ.ଏ)

ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ରବିବାର ଭଞ୍ଜନଗର ସାଇ ଗୁରୁକୁଳ, ଗୋବରା ବିଶ୍ୱଭାରତୀ ପରିସରରେ ଜଙ୍ଗଲ ସୁରକ୍ଷା ଉପରେ ଏକ ସଚେତନତା ସଭା ସହ ଭଞ୍ଜନଗର ସହରରେ ଶୋଭାଯାତ୍ରା ହୋଇଥିଲା। ଏହାପରେ ସହରର ଗାନ୍ଧୀ କୈଳାସ ପାହାଡ଼ରେ ବିହନ (ସିଡ୍‌ବଲ୍) ଫୋପାଡ଼ା ଯାଇଥିଲା। ଯାହାଦ୍ୱାରା ବର୍ଷା ପାଣି ପଡ଼ିଲେ ପାହାଡ଼ରେ ଆପେଆପେ ଗଛ ଉଠିବ। ବିଶ୍ୱ ଭାରତୀ ପରିସରରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି କୁଞ୍ଜବିହାରୀ ନାୟକ ଅଧ୍ୟକ୍ଷତା କରିଥିଲେ। ସାଇ ଗୁରୁକୁଳ ପରିସରରେ ଅନୁଷ୍ଠିତ ଉତ୍ସବରେ ସଭାପତି ଶୁଳପାଣି ଶତପଥୀ, ଚେୟାରମ୍ୟାନ ଅଜିତ କୁମାର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ସଭା ସଂଯୋଜନା କରିଥିଲେ। ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଅଧ୍ୟକ୍ଷ ସୁଧୀର ରାଉତ, ଶ୍ୟାମସୁନ୍ଦର ଖାଡ଼େଙ୍ଗା, ଅଧ୍ୟାପକ ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

NOTIFIED AREA COUNCIL, PURUSHOTTAMPUR, GANJAM
purushottampurnac@gmail.com, Phone No: 06811-275222
Letter No. 1130/ NAC. Dated: 07.09.2019
QUOTATION CALL TENDER NOTICE
REFERENCE No. 02/2019
Sealed quotations are invited in prescribed format for supply of Manpower (to be obtained from the office of the undersigned on payment of Tender Paper cost) from the intending Registered Firms/ NGO's/ Organizations/ Sanitation Contractors/ Service Providers having at least five years experiences in Municipal Solid Waste Management works, Sanitation works of any ULB's of the state and desires to executive the cleaning and sanitation work includes Road Sweeping, Drain cleaning, Door to Door collection with source segregation, Bush cutting, Lifting & Transporting of garbage, Composting of Wet waste garbage at M.C.C. and segregation of Dry waste at MRF center works etc.
The quotationer should submit GST/ PAN/ Labour License/ EPF License/ Experience Certificate and Solvency Certificate. EMD 1% of the quoted value in shape of B.D./ D.D. in favour of Executive Officer, NAC, Purushottampur, which is payable at SBI, Purushottampur Branch along with the DQCN. The DQCN will be available at the office of the undersigned from date 11.09.2019 to 21.09.2019 in the office hour except holidays at an cost of Rs. 7080/- in shape of cash or B.D. The lowest Quotationer should deposit 1% of quoted value before execution of agreement as I.S.D.
The quotation should reach the undersigned on or before date 24.09.2019 at 12.30 PM by speed post or by hand and the same will be opened on date 25.09.2019 at 11.00 AM. The quotationers or their Authorized Agents may remain present at the time of opening of quotation. The quotation received beyond scheduled date and time shall not be entertained. The Authority reserves the right to reject any or all quotation without assigning any reason thereof.
Sd./- Executive Officer, NAC Purushottampur (GM.)

## ଅସହାୟ ବୃଦ୍ଧଙ୍କୁ ଥଇଥାନ କଲା ପ୍ରଶାସନ



ଉପ ଜିଲାପାଳଙ୍କ ଉପସ୍ଥିତିରେ ପଞ୍ଚାନନଙ୍କୁ ଥଇଥାନ ବ୍ୟବସ୍ଥା କରାଯାଉଛି।

ଭଞ୍ଜନଗର,୮।୯ (ଡି.ଏନ.ଏ)


ଭଞ୍ଜନଗର ମେଡ଼ିକାଲ ନିକଟରେ କିଛିଦିନ ହେବ ଅସହାୟ ଅବସ୍ଥାରେ ରହୁଥିବା ତୋଟାସାହିର ପଞ୍ଚାନନ ନାୟକଙ୍କୁ ରବିବାର ପ୍ରଶାସନ ପକ୍ଷରୁ ଉଦ୍ଧାର କରି ଗୋପାଳପୁର ଜରାଶ୍ରମରେ ଛଡ଼ାଯାଇଛି। ପ୍ରକାଶ ଯେ, ପଞ୍ଚାନନ ଆଜକୁ ପ୍ରାୟ ୫ ବର୍ଷ ହେବ ମେଡ଼ିକାଲ ନିକଟରେ ଥିବା ଏନ୍‌ଏସିର ଅବ୍ୟବହୃତ ଦୋକାନ ଗୃହ ପରିସରରେ ରହୁଥିଲେ। ବୟସ ବଢ଼ିବା ସାଙ୍ଗକୁ ତାଙ୍କର ଚଳିବା କଷ୍ଟକର ହୋଇପଡିଥିଲା। ଏନେଇ କେତେଜଣ ଲୋକେ ରବିବାର ଉପ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜି ଘଟଣାସ୍ଥଳରେ ପହଞ୍ଚି ପଞ୍ଚାନନଙ୍କୁ ଗୋପାଳପୁର ଜରାଶ୍ରମକୁ ପଠାଇବା ବ୍ୟବସ୍ଥା କରିଥିଲେ। ଏହି ସମୟରେ ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମ ବାର୍ଷିକୀ

କୋଦଳା,୮।୯

କୋଦଳ ଦଣ୍ଡୀସର ନିକଟରେ ସ୍ଥାନୀୟ ସଦ୍‌ଗୁରୁ ଶାଖା ତରଫରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଞ୍ଚଳର ସମସ୍ତ ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଯେଉଁମାନେ ପ୍ରଥମ ସ୍ଥାନ ପାଇଛନ୍ତି ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶାଖାର ସମସ୍ତ ସଭ୍ୟ ରବିବାର ସକାଳୁ ଭଜନକୀର୍ତ୍ତନ ସହ ନଗର ପରିକ୍ରମା କରିଥିଲେ। ପରେ ଆସନ, ପ୍ରାଣାୟମ, ଶ୍ରୀ ଗୁରୁ ପାଦୁକାପୂଜା, ଶାନ୍ତି ପାଠ ସହ ଅନ୍ନ ପ୍ରସାଦର ବ୍ୟବସ୍ଥା ପରେ ସନ୍ଧ୍ୟା ଆଳତି ଓ ପ୍ରବଚନର ଆୟୋଜନ କରାଯାଇଥିଲା। କମିଟିର ସଭାପତି ଉପମନ୍ୟୁ ଶତପଥୀ ଓ ଅନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିପଜ୍ଜନକ ଅବସ୍ଥାରେ ରୋଗୀବୁହା



ଭଙ୍ଗା ଆମ୍ବୁଲାନ୍ସ

ପାତ୍ରପୁର,୮।୯ (ଡି.ଏନ୍.ଏ.)

ସରକାର ଜନ ସାଧାରଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁବିଧାରେ ପହଞ୍ଚାଇବା ପାଇଁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା କରିଛନ୍ତି। ମାତ୍ର ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଶୁକ୍ରବାର ପାତ୍ରପୁର ବ୍ଲକ କଣ୍ଟାଖାଳି ଗ୍ରାମରୁ ଜଣେ ରୋଗୀଙ୍କୁ ନେବା ପାଇଁ ଏକ ୧୦୮ ଆମ୍ବୁଲାନ୍ସ ଆସିଥିଲା। ମାତ୍ର ଏହାର ପଛ ଡୋର୍ ଲକ୍ ପଡୁ ନ ଥିବା ଓ କାଚ ନଥିବା ଜଣାପଡ଼ିଥିଲା। ଗୁରୁତର ରୋଗୀଙ୍କୁ ବାଧହୋଇ ସେଥିରେ ବିପଜ୍ଜନକ ଅବସ୍ଥାରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଆମ୍ବୁଲାନ୍ସଟି ଦିଗପହଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଜଣାପଡିଛି। ଏହାର ଏସି ମଧ୍ୟ କାମ କରୁ ନ ଥିଲା। ରାସ୍ତା ଅବସ୍ଥା ଭଲ ନ ଥିବାରୁ କବାଟ ଯଦି କେବେ ଖୋଲିଯାଏ ତେବେ ରୋଗୀଙ୍କ ଅବସ୍ଥା କ'ଣ ହେବ ତାହା ସହଜରେ ଅନୁମେୟ। ପ୍ରାୟ ଦୁଇ ସପ୍ତାହ ହେଲା ଆମ୍ବୁଲାନ୍ସଟି ଏହିଭଳି ଅବସ୍ଥାରେ ରୋଗୀଙ୍କୁ ନେଉଥିବା ଜଣାପଡିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।


No. 12-PP:

ଭଦ୍ରକ ଜିଲ୍ଲାର ହସ୍ତଶିଳ୍ପ କାରିଗରମାନଙ୍କର ଗଣନା

ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଆସନ୍ତା ତା-୧୧.୦୯.୨୦୧୯ ଠାରୁ ହସ୍ତଶିଳ୍ପ କାରିଗରମାନଙ୍କର ଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଣୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ କାରିଗରମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ଉକ୍ତ ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା ସହିତ ଗଣନା କାର୍ଯ୍ୟରେ ସହଯୋଗ କରିବେ । କୌଣସି ଅସୁବିଧା ହେଲେ କିମ୍ବା ଗଣନାକାରୀ ଆପଣଙ୍କ ପାଖରେ ନ ପହଞ୍ଚି ପାରିଲେ ଆପଣ ମାନେ ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ । ଏ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଆମର ଦେୟମୁକ୍ତ ସହାୟତା ନମ୍ବର ୧୮୦୦-୩୪୫-୭୧୬୩ ସହ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୂଟୀର ଶିଳ୍ପ ନିର୍ଦ୍ଦେଶାଳୟ

43002/11/0005/1920



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୂଳୁ ମାଇଲେ ଯିବ ସରି**
**ଦେବଙ୍କ ସଙ୍ଗେ କିମ୍ପା କଳି ।**

ମୂଳରୁ ବାଟ ସଫା କରିଦେଲେ ପଛକୁ ଆଉ କିଛି ଅଡୁଆ ବା ଚିନ୍ତାଦକ ରହି ନ ଥାଏ । ଅସଲ କଳି ମଞ୍ଜିକୁ ଉପାଡ଼ି ଦେଲେ ସବୁ ସମସ୍ୟାର ଅନ୍ତ ଆପେ ଆପେ ଘଟିଯାଇଥାଏ । ଯେଉଁଥିପାଇଁ ବା ଯାହା ଯୋଗୁ ବିପଦବରଣ କରିବାର ସମ୍ଭାବନା ରହିଥାଏ ତାକୁ ସେଠାରୁ କଳେବଳେ ହଟାଇଦେବା ନେଇ ମନସ୍ଥ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ମଲୁ ଖୋଜୁଥିଲା ଯାହା**
**ବଇଦ ବତାଇଲା ତାହା ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ । ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସାର ମିଳୁନି, ଚିନ୍ତାରେ ଚାଷୀ

ଟିକିଟି,୮।୯(ଡି.ଏନ.ଏ.)

ପ୍ରଥମେ ଅନାବୃଷ୍ଟି ଓ ପରେ ବର୍ଷା ଅନିୟମିତତା ଯୋଗୁ ଧାନ ବୁଣାବୁଣି ବିଳମ୍ବ ହୋଇଥିଲା । ପରେ ଲଘୁଚାପ ଜନିତ ବର୍ଷା ହେବାରୁ ଚାଷୀମାନେ ରୁଆ କାର୍ଯ୍ୟ ଆରମ୍ଭ କରିଥିଲେ । ଏବେ ପ୍ରାୟ ୯୦ ପ୍ରତିଶତ ରୁଆ ସରିଆସିଲାଣି । କିନ୍ତୁ ଧାନଗଛ ଯେତିକି ବଢିବା କଥା ସେତିକି ବଢିନାହିଁ । ଏହାକୁ ୟୁରିଆ ସାର ଦେଲେ ଗଛ ଭଲ ବଢିବ । କିନ୍ତୁ ଟିକିଟି ବ୍ଲକ୍‌ର ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ସରକାରୀ ସ୍ତରରେ ଏହି ସାରର ଘୋର ଅଭାବ ଦେଖାଦେଇଛି । ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଚଢା ଦରରେ ସାର ବିକ୍ରି କରୁଛନ୍ତି । ଫଳରେ ଚାଷୀ ଅଧିକ ଦରରେ ସାର କିଣିବାକୁ ବାଧ ହେଉଛନ୍ତି । ଏହାକୁ ରୋକିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି । ସୂଚନାଯୋଗ୍ୟ, ବ୍ଲକ୍‌ରେ ୧୯୭୬୦ ହେକ୍ଟର ଚାଷ ଜମି ରହିଛି । ଧାନଚାଷ ପାଇଁ ୨୩୫୦ ଟନ୍ ଆବଶ୍ୟକ ଥିବା ବେଳେ ଆଜିସୁଦ୍ଧା ସର୍ବମୋଟ ୩୨୫୦ କ୍ୟୁଣ୍ଟାଲ ସାର ଆସିଛି । ବ୍ଲକ୍‌ରେ ୧୯ ସମବାୟ ସମିତି ରହିଛି, ସେଥିରୁ ୧୪ ସମିତିକୁ ୟୁରିଆ ସାର ଆସିଥିବା ବେଳେ ଆଉ ୫ ସମିତି ଯଥା ଟିକିଟିପେଣ୍ଠ, ମାଧବନ୍ଧ, କୁଳଥିଆ, ହରିପୁର, ଜଗମୋହନପୁରକୁ ସାର ଆସିନାହିଁ । ୟୁରିଆ ସାର ପ୍ୟାକେଟର ମୂଲ୍ୟ ୨୬୬ଟଙ୍କା ଥିବା ବେଳେ ବ୍ୟବସାୟୀମାନେ ଏହାକୁ କଳାବଜାରରେ ୩୩୦ ରୁ ୩୫୦ ଟଙ୍କାରେ ବିକ୍ରି କରୁଛନ୍ତି । ସରକାର ଚାଷୀଙ୍କ ପ୍ରତି ଗୁରୁତ୍ୱ ଦେଉଥିବା କୁହାଯାଉଥିବା ବେଳେ ଏଠାରେ ତାର ବ୍ୟତିକ୍ରମ ଦେଖାଦେଇଛି । ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରୀ ଗୋକୁଳ ବେହେରାଙ୍କୁ ପଚାରିବାରୁ ସାର କଳାବଜାରକୁ ନେଇ କୌଣସି ଅଭିଯୋଗ ଆସିନାହିଁ । ଯଦିଆସେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ପ୍ରତି ସମିତିକୁ ୨୫୦ ପ୍ୟାକେଟ ଲେଖାଏ ୧୪ ସମବାୟ ସମିତିକୁ ଆସିଛି । ଅଳ୍ପ ଦିନ ମଧ୍ୟରେ ଅନ୍ୟକୁ ଆସିବ ବୋଲି କହିଥିଲେ ।

# ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର

ପୋଲସରା,୮।୯(ଡି.ଏନ.ଏ.)

ପୋଲସରା ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ଶନିବାର ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ଲାଗି ସରକାରଙ୍କ ତରଫରୁ ରହିଥିବା ସମସ୍ତ ସୁବିଧା ଉପରେ ସେ ଆଲୋକପାତ କରିବା ସହ ହିତାଧିକାରୀ ଝୁନୁ ଡକୁଆଙ୍କୁ ୧ ଲକ୍ଷ ୫ ହଜାର ଟଙ୍କାର ସହାୟତା ରାଶି ଚେକ୍ ପ୍ରଦାନ କରିଥିଲେ । ଶିବିରରେ ବହୁ ଶ୍ରମିକ ନାମ ପଞ୍ଜୀକରଣ କରିଥିଲେ । ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ବିଡିଓ ଶମ୍ଭୁନାଥ ନନ୍ଦି, ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀଙ୍କ ସମେତ ବହୁ ଶ୍ରମଜୀବୀ ଉପସ୍ଥିତ ଥିଲେ ।

ସର୍ବ ଶିକ୍ଷା ଅଭିଯାନ

**OFFICE OF THE KASTURABA GANDHI BALIKA VIDYALAYA, SUJANPUR, JAJPUR**
**(Running under Rudra Charan HS),Phone No.-8895742366, Email : hmkgbvsujanpur@gmail.com**
**Advt. No. 13 (KGBV) Date : 07.09.19**

**TENDER CALL NOTICE**

Sealed tenders are invited from the intending Dealers/ Distributors/Wholesalers/ Manufactures preferably having valid GST number, Sale Tax/GST clearance for supply of different consumables and non-consumable items for Kasturaba Gandhi Balika Vidyalaya (KGBV) Sujanpur running at Rudra Charan High School, Sujanpur under Jajpur block of Jajpur district, having 100 girl students in the age group of 11 to 16. The Tenderer should apply in the prescribed format with Rs. 2000/- as tender paper cost, which is non-refundable & Rs. 20,000/- as EMD (refundable) in shape of DD, payable at SBI, Jajpur Town in favour of Headmaster, KGBV, Sujanpur. The envelope containing the tender form and documents should be sent by Regd. Post/ Speed Post only addressed to the Headmaster, Kasturaba Gandhi Balika Vidyalaya, At/Po-Sujanpur, Dist- Jajpur, PIN-755017 and super-scribed with "Application for supply for consumable & non-consumable items for KGBV" on or before 24.09.2019 by 5.00 p.m. The same will be opened on 25.09.2019 at 11.00 a.m. by the School (KGBV) Level Purchase Committee for KGBV, Sujanpur Jajpur at KGBV, Sujanpur. The category wise items, specification, terms and conditions can be downloaded from the website www.jajpur.nic.in & www.opepa.in. Application received after due date shall not be entertained. The authority reserves the right to cancel any or all tender without assigning any reason thereof.

**Sd./- DPCRTE-SS, Jajpur-cum-chairman, School (KGBV) Level Purchase Committee**

# ଚାରାରୋପଣ କଲେ ଭିଜିଲାନ୍ସ ଜଜ୍



ଉପସ୍ଥିତ ଅତିଥିମାନେ ।

ଟିକିଟି,୮।୯(ଡି.ଏନ.ଏ.)

ଟିକିଟି ବ୍ଲକ୍ ସୁନୁପୁର ବେଳାଭୂମିରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜିଲା ଭିଜିଲାନ୍ସ ଜଜ୍ ବିଜୟ କୁମାର ଜେନା ଯୋଗଦେଇ ଚାରାରୋପଣ କରିଥିଲେ । ଟିକିଟି ବିଡିଓ ଫାଲ୍ଗୁନି ମାଝି, ତହସିଲ୍‌ଦାର ହରପ୍ରସାଦ ଭୋଇ, ଫ୍ୟାମିଲି ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ଏଡିଜେ–୨ ଜଗଦୀଶ ମହାନ୍ତି, ଏଡିଜେ–୩ ନିରଞ୍ଜନ ଜେନା, ରେଜିଷ୍ଟର ଅମିତ ସ୍ୱରୂପ ସେଠ୍, ସିଜେଏମ୍ ପ୍ରଜ୍ଞା ପାରମିତା ରାଉଳ, ସିଜେଏମ୍ ଏସବି କମଳାକାନ୍ତ ନାୟକ, ଜେଏମ୍‌ସି ପ୍ରମୁଖ ଯୋଗ ଦେଇ ସୁନୁପୁର ବେଳାଭୂମିକୁ କିପରି ବନୀକରଣ କରାଯାଇପାରିବ ଆଲୋକପାତ କରିଥିଲେ । ଶେଷରେ ବେଳାଭୂମିରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା ।

■ମୋ ଗୋପାଳପୁର କାର୍ଯ୍ୟକ୍ରମ

# ବେଳାଭୂମି ସ୍ୱଚ୍ଛ ରଖିବାକୁ ସହଯୋଗ ଆବଶ୍ୟକ

ଗୋପାଳପୁର,୮।୯



ଉପସ୍ଥିତ ଅତିଥି ଏବଂ ଶ୍ରଦ୍ଧା ଓ ସଞ୍ଜୀବନୀର ଅନ୍ତେବାସୀ ।

ଗୋପାଳପୁର ବେଳାଭୂମିରେ ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଓ ଅତିଥି ଭାବେ ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଯୋଗ ଦେଇଥିଲେ । ଜିଲାପାଳ ତାଙ୍କ ଅଭିଭାଷଣରେ ଗୋପାଳପୁର ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ । ଏହାଦ୍ୱାରା ଜିଲା ତଥା ସାରାଦେଶରୁ ପର୍ଯ୍ୟଟକମାନେ ଏଠାକୁ ଆସି ସୁନ୍ଦର ବେଳାଭୂମିର ମଜା ଉଠାଇପାରିବେ ବୋଲି କହିଥିଲେ । ଜନସାଧାରଣ ସହଯୋଗ କଲେ ଏହି କାର୍ଯ୍ୟକ୍ରମ ଆଗକୁ ବଢ଼ିପାରିବ ବୋଲି କହିଥିଲେ । ଶ୍ରଦ୍ଧା ଓ ସଞ୍ଜିବନୀର ଅନ୍ତେବାସୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କରଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

**OFFICE OF THE COLLECTOR, ANGUL**
**FORM NO.III**
**(See Rule 5 C of OGLS Amendment Rules, 1998)**
**PROCLAMATION**
**(Misc. Conversion Case No. 01/2014)**
**No. 1778/ Rev. Dt. 26.08.2019**

It is hereby informed to the General Public that Smt. Sunanda Panda @ Mishra, W/o Ramesh Chandra Mishra, Subhransu Mishra, Ruchi Mishra both are son and daughter of Ramesh Chandra Mishra, Harapriya Mishra, W/o Madhusudan Mishra of village Giria, P.S. Rajakanika, Dist. Kendrapada has applied for coversion of following lease hold land to free hold in her favour.

Anybody having any objection to such conversion may file objection petition within a period of 15 days from the date of publication of this proclamation to the undersigned.

No objection petition will be entertained after expiry of the stipulated period.

**Land Schedule**

| Khata No. | Plot No. | Area in acre | Kisam |
|---|---|---|---|
| 344 | 650 | 0.06 | Harafasal |
| | 651 | 0.01 | Ghara |
| TOTAL | | 0.07 | |

By order of the Collector
**Sd./- Dy. Collector, Revenue, Collectorate, Angul**

## ହେଉନି ମାର୍କେଟ କମ୍ପ୍ଲେକ୍ସ ଗୃହ ଟେଣ୍ଡର ବ୍ୟବସାୟୀ ଅସନ୍ତୋଷ

କନିଷି,୮।୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟରେ ସରକାରଙ୍କ ପକ୍ଷରୁ ୨୬ଟି ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ ମାସ ମାସ ବିତିଯାଇଛି । କିନ୍ତୁ ଆଜିପର୍ଯ୍ୟନ୍ତ ପଞ୍ଚାୟତ ପକ୍ଷରୁ ବ୍ୟବସାୟୀମାନଙ୍କୁ ଦୋକାନ କରିବା ପାଇଁ ନିଲାମ କିମ୍ବା ଟେଣ୍ଡର କରି ଭଡ଼ା ଆକାରରେ ଦିଆଯାଉନାହିଁ । ଫଳରେ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ବାଧହୋଇ ଖରା, ବର୍ଷାରେ ରାସ୍ତାକଡ଼ରେ ବସି ବ୍ୟବସାୟ କରୁଛନ୍ତି । ଏହାଦ୍ୱାରା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି । ଗତ ୩ ମାସ ପୂର୍ବେ ବ୍ରହ୍ମପୁର ଉପଜିଲାପାଳ ତୁରନ୍ତ ନିଲାମ କରି ଭଡ଼ା ସୂତ୍ରରେ ମାର୍କେଟ କମ୍ପ୍ଲେକ୍ସର ଗୃହ ଦେବା ପାଇଁ ପଞ୍ଚାୟତକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ । ହେଲେ ପଞ୍ଚାୟତ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ବ୍ୟବସାୟୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ । ଏ ନେଇ କନିଷି ସରପଞ୍ଚ ଜୟଦେବ ଦାସ କହିଛନ୍ତି, ଭଡ଼ା କେବେ ଦିଆଯିବ ବୋଲି ଲୋକେ ପଚାରିଲେ, ମୁଁ ଆଜି କାଲି କହି ବୁଝାଉଛି । ଏହା ପଞ୍ଚାୟତର ଗ୍ରାମସେବକ ତାରିଣୀ ଆଚାରୀଙ୍କ ଦାୟିତ୍ୱ ରହିଛି । ସେ ବିଳମ୍ବ କରିବାରୁ ପ୍ରତି ମାସରେ ୨୬ ଗୃହର ଭଡ଼ା ସରକାରଙ୍କ ରାଜସ୍ୱ ହାନି ହେଉଛି । ତେଣୁ ଏଥିପ୍ରତି ବ୍ରହ୍ମପୁର ଉପଜିଲାପାଳ, ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେଲେ ବ୍ୟବସାୟୀମାନେ ସୁଫଳ ପାଇପାରିବେ ବୋଲି ସେ କହିଛନ୍ତି ।

## ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜଗୁରୁ ସାହି ଛକଠାରେ ଦୁର୍ଗାପୂଜା କମିଟି ପକ୍ଷରୁ ୪୫ତମ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି । ଏହି ପୂଜା ସହରର ଏକ ପୁରାତନ ପୂଜା । ଏହା ପଞ୍ଚମୀଠାରୁ ଦଶମୀ ପର୍ଯ୍ୟନ୍ତ ୬ଦିନ ଧରି ହୋଇଥାଏ । ଏହି ପୁରାତନ ପୂଜା ରାଜଗୁରୁ ସାହି ଛକ, ସୁନାରୀ ସାହି, ଟ୍ରେନିଂ ସ୍କୁଲ ରୋଡ ଇତ୍ୟାଦି ବିଭିନ୍ନ ଅଞ୍ଚଳର ମିଳିତ ସହଯୋଗରେ ହୋଇଥାଏ । ପୂଜାରେ ପ୍ରତିଦିନ ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ହୋମଯଜ୍ଞ ହୋଇଥାଏ । ବିଭିନ୍ନ ଭକ୍ତି ସଂଗୀତ ସହ ମେଲୋଡି କାର୍ଯ୍ୟକ୍ରମ ହୋଇଥାଏ ।

**CLASSIFIED DISPLAY**

**MORE SPACE • SAME PRICE**

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
ସତ୍ୟପ୍ରେମୀ ନିରାଶ କାହିଁକି ?
9899587663
8743922900

Dhanalaxmi Finance
Regd. No.-U6519TNI98PLC00855
ମାର୍କସିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ବିନାରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼ ।
HELPLINE
8859690149

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

GTL Telecom Network Company
90,000,00/-, ଭଡ଼ା 50,000/-
30,000ର
9348700276
8676907143

ଫ୍ରି ସେବା କୌଣସି ଫିସ୍ ନାହିଁ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୂଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ ।
81 26 92 24 05

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କସିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡ଼ା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି ।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

DHANLAXMI FINANCE PVT. LTD.
ଆଧାରକାର୍ଡ, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

LOAN
ଟଙ୍କା ନେଉନ୍ତୁ – ଧୋକା ଦେଉନ୍ତୁ
ଆଗେ କାମ – ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି ।
ବାବା ଆମିଲ ସୁଫି
9540938429
9903852257

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର ।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

BUSINESS

HI-TECH TOWER
ଡିଜିଟାଲ ଟାୱାର ଘର, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ ୬୦ ଲକ୍ଷ, ଭଡ଼ା + 40,000
7024558747
7354398404
968, Ward, Backside Anand Market, Dhiman Line, Yamunagar, Delhi

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ଫିରିଙ୍ଗିଆରେ ଫେଲ୍ ମାରିଛି ରୋଗୀ କଲ୍ୟାଣ ସମିତି

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୮।୯**



.ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

■ଭୂତକୋଠି ପାଲଟିଲାଣି ଉପ ସ୍ୱାସ୍ଥ୍ୟକେନ୍ଦ୍ର

■ବିଦ୍ୟୁତ୍ କାଟ ହେଲେ ଅନ୍ଧାରରେ ରୋଗୀ

ଫିରିଙ୍ଗିଆ ବ୍ଲକରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ରୋଗୀ କଲ୍ୟାଣ ସମିତି ଏଠାରେ ଫେଲ ମାରିଛି । ୨୪ ପଞ୍ଚାୟତକୁ ନେଇ ଗଠିତ ଫିରିଙ୍ଗିଆ ବ୍ଲକରେ ରହିଛି ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ସେଥିମଧ୍ୟରୁ କେବଳ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର ଥିବାବେଳେ ଅନ୍ୟ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଶୂନ୍ୟ। କେବଳ ଜଣେ ଲେଖାଏ କମ୍ପାଉଣ୍ଡରରେ ଚାଲିଛି ରୋଗୀସେବା।

ସେହିପରି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ବା ଏଏନ୍ଏମ୍ ସେଣ୍ଟରଗୁଡିକରେ ମଧ୍ୟ ଅବ୍ୟବସ୍ଥା ଦେଖାଦେଇଛି। କେଉଁଠି କର୍ମଚାରୀ ଥିଲେ ମଧ୍ୟ ତାଙ୍କ ଦେଖା ମିଳୁନାହିଁ। ଆଉ କେଉଁଠି କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଭୂତକୋଠି ପାଲଟିଲାଣି । ଏସବୁ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଛି । ସ୍ୱାସ୍ଥ୍ୟ ବିଭାଗର ଅଧୀନରେ ଚାଲିଥିବା ଅନେକ ଯୋଜନା ବାଟବଣା ହୋଇଛି। ବିଶେଷ କରି ବ୍ଲକରେ ରୋଗୀ କଲ୍ୟାଣ ଯୋଜନା ଏବେ ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସମିତି ଦ୍ୱାରା ଦିଆଯାଉଥିବା ସୁବିଧା ଠିକ ଭାବରେ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ବର୍ଷରେ ଥରେ କିମ୍ବା ୨ ଥର ବୈଠକ କରି ବିଭାଗୀୟ ଅଧିକାରୀ କାମ ସାରି ଦେଉଛନ୍ତି। ରୋଗୀ କଲ୍ୟାଣ ସମିତିରେ ସ୍ଥାନୀୟ ବିଧାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ଅଧ୍ୟକ୍ଷଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏହାର ସଭ୍ୟ ରହିଥିଲେ ମଧ୍ୟ ଯୋଜନା ବାଟବଣା ହେବା ଦୁଃଖର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରୋଗୀ କଲ୍ୟାଣ ସମିତି ଅଧୀନରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ବିଭିନ୍ନ ଉନ୍ନୟନମୂଳକ କାମ ରୋଗୀଙ୍କ ସୁବିଧା ପାଇଁ କରାଯାଇଥାଏ । କିନ୍ତୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସବୁ ଉନ୍ନୟନମୂଳକ କାମ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ମେଡିକାଲରେ ରୋଗୀଙ୍କ ପାଇଁ ନିର୍ମିତ ଶୌଚାଳୟ କାମରେ ଲାଗୁନି। ବର୍ଷା ହେଲେ ମେଡିକାଲ ଭିତରେ ପାଣି ପଶିଯାଉଛି। ରୋଗୀଙ୍କ ପାଇଁ ଏ ପର୍ଯ୍ୟନ୍ତ କୌଣସି ପ୍ରତୀକ୍ଷାଳୟ ନାହିଁ । ଫଳରେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟମାନଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡୁଛି। ମେଡିକାଲରେ ବିଦ୍ୟୁତଜନିତ ସମସ୍ୟା ଲାଗି ରହିଛି । ଲାଇନ ଚାଲିଗଲେ ରୋଗୀଙ୍କୁ ଅନ୍ଧାରରେ ରହିବାକୁ ପଡୁଛି। ଲକ୍ଷାଧିକ ଟଙ୍କାର ଜେନେରେଟର କାମରେ ଆସୁନାହିଁ। ତାହା ଖତ ଖାଇବାକୁ ବସିଲାଣି । ମେଡିକାଲ ମଧ୍ୟରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ବର୍ତ୍ତମାନ କର୍ମଚାରୀଙ୍କ ଅଭାବରୁ ଖତ ଖାଇବାକୁ ବସିଛି । ମୁଖ୍ୟତଃ ମେଡିକାଲ ଭିତରେ ଦୁଇ ଦୁଇଟି ଏକ୍ସ-ରେ ମେଶିନ ରହିଛି । ଏହାକୁ ଚଳାଇବା ଲାଗି କର୍ମଚାରୀ ମଧ୍ୟ ନିଯୁକ୍ତି ପାଇଛନ୍ତି। କିନ୍ତୁ ସେ ଆସୁ ନ ଥିବାରୁ ଏକ୍ସ-ରେ ମେଶିନ ନଷ୍ଟ ହେବାକୁ ବସିଲାଣି । ଏମିତି ଅନେକ ସମସ୍ୟା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଛି । ରୋଗୀ କଲ୍ୟାଣ ସମିତି ପାଇଁ ଆଦାୟ କରାଯାଉଥିବା ଟଙ୍କା କୁଆଡେ ଯାଉଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜେ ସାଇ ରଜତ ରଶ୍ମିଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇନାହାନ୍ତି। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର (ବିପିଏମ) ଅଜୟ କୁମାର ସାହୁଙ୍କୁ ପଚାରିବାରୁ ୬ ମାସରେ ଥରେ ପରିଚାଳନା କମିଟି ବୈଠକ ବସୁଛି । ୨ ମାସରେ ଥରେ ସାଧାରଣ ବୈଠକ ବସୁଛି ଏବଂ ସବୁ କାମ ଠିକ୍ ଚାଲିଛି ବୋଲି କହିଛନ୍ତି।

## କଳିଙ୍ଗା ଘାଟିରେ ଦୁର୍ଘଟଣା ବସ୍‌କୁ ପିଟିଲା ଟ୍ରକ୍, ଜଣେ ଗୁରୁତର



**ଜି.ଉଦୟଗିରି, ୮।୯(ଡି.ଏନ.ଏ.)**

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ (ନାରାୟଣୀ)କୁ ଏକ ମାଲବାହୀ ଟ୍ରକ ଧକ୍କା ଦେବାରୁ ଟ୍ରକ ଚାଳକ ଓ ହେଲପର ଆହତ ହୋଇଛନ୍ତି। ହେଲପର କପିଲ କୁମାରଙ୍କୁ ଗୁରୁତର ଆଘାତ ଲାଗିଛି। ତାଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଟ୍ରକ (ୟୁପି୮୧ବିଟି-୮୭୫୧)ଟି ବ୍ରହ୍ମପୁର ଅଭିମୁଖେ ଯାଉଥିବାବେଳେ ଯାତ୍ରୀବାହୀ ନାରାୟଣୀ ବସ୍‌ଟି ବ୍ରହ୍ମପୁରରୁ ବାଲିଗୁଡ଼ା ଅଭିମୁଖେ ଯାଉଥିଲା। ଘଟଣାସ୍ଥଳରେ ଜି.ଉଦୟଗିରି ପୋଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି।

## ସଂକ୍ଷେପରେ

### କଲଭର୍ଟ ଦବିଲା: କରଡ଼ା-ବାଲାପାଙ୍ଗା ଯାତାୟାତ ବନ୍ଦ



**ରାଇକିଆ,୮।୯(ଡ଼ି.ଏନ.ଏ):** କନ୍ଧମାଳ ଜିଲାରେ ଗତ କିଛିଦିନ ହେଲା ଲଗାଣ ବର୍ଷା ଜାରି ରହିଛି । ଶନିବାର ବର୍ଷାରେ କରଡ଼ାରୁ ବାଲାପାଙ୍ଗାକୁ ସଂଯୋଗ କରୁଥିବା ରାସ୍ତାରେ ଏକ କଲଭର୍ଟ ଦବିଯିବାରୁ ସୋରଡ଼ା ଅଞ୍ଚଳକୁ ଯାନବାହନ ଚଳାଚଳ ବନ୍ଦ ରହିଛି । କଲଭର୍ଟଟି ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଅଟୋ , ବାଇକ ଚଳାଚଳ ପାଇଁ ମଧ୍ୟ ଲୋକେ ଭୟ କରୁଛନ୍ତି। ଏଥିଯୋଗୁ ସୋରଡ଼ା ସମେତ ଗୋଚ୍ଛା, ବାଲାପାଙ୍ଗା, ଡ଼ାବିକି, ଅସୁରବନ୍ଧ ଅଞ୍ଚଳକୁ ମଧ୍ୟ ଯାତାୟାତ ହୋଇ ପାରୁନାହିଁ। କରଡ଼ା ଅଞ୍ଚଳର ଅଧିକାଂଶ ଲୋକେ ଦୈନନ୍ଦିନ ବ୍ୟବସାୟ ପାଇଁ ସୋରଡ଼ା ଯାଇଥାନ୍ତି। ଏବେ ତାହା ବନ୍ଦ ହୋଇଯାଇଛି। ଏହି ରାସ୍ତା ଗତ ତିତ୍‌ଲି ବାତ୍ୟାରେ ବ୍ୟାପକ କ୍ଷତି ହୋଇଥିଲା। କାମଚଳା ଭାବେ ରାସ୍ତା ଉପରେ ମୋରମ ପକାଇ ଛାଡ଼ି ଦିଆଯାଇଥିଲା। ତାହା ଏବେ ଲଗାଣ ବର୍ଷାରେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏ ନେଇ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇବା ସହ ଖୁବ୍‌ଶୀଘ୍ର ନୂତନ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।


### ବ୍ୟବସାୟୀ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ଜି.ଉଦୟଗିରି,୮।୯(ଡି.ଏନ.ଏ.):** ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭାଗୃହରେ ସଂଘ ପକ୍ଷରୁ ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୧୫ ଜଣ ରୋଗୀ ନାମ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୪୦ ଜଣ ରୋଗୀଙ୍କୁ ମାଗଣା ପରଳ ଚିକିତ୍ସା ପାଇଁ ପଠାଯାଇଛି । ଚକ୍ଷୁ ଚିକିତ୍ସାଳୟ ତରଫରୁ କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, ଚକ୍ଷୁ ଡାକ୍ତର ଭଗବାନ ପଣ୍ଡାଙ୍କ ସମେତ ଆଶିଷ କୁମାର ସାହ ପ୍ରମୁଖଙ୍କ ସହଯୋଗରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସଂଘ ତରଫରୁ ସଭାପତି ସମୀର କୁମାର ପାଢ଼ୀ, ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ସମେତ ସଂଘର ବରିଷ୍ଠ ସଭ୍ୟ ଚତୁର୍ଭୁଜ ସାହୁ, ଭଗବାନ ଦାଶ, ପ୍ରତାପ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

### ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମ ଦିବସ

**ଆସିକା,୮।୯(ଡି.ଏନ୍.ଏ.)-** ଆସିକା ବସ୍‌ଷ୍ଟାଣ୍ଡସ୍ଥିତ ଦିବ୍ୟଜୀବନ ସଂଘ ଶାଖା ପରିସରରେ ରବିବାର ବିଶ୍ୱ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ପବିତ୍ର ଜନ୍ମ ଦିବସ ପାଳିତ ହୋଇଥିଲା। ଶାଖା ପରିସରରେ ଏକଦିବସୀୟ ସାଧନା ଶିବିର ସହ ଗଞ୍ଜାମ, ଗଜପତି, କନ୍ଧମାଳ ଓ ଫୁଲବାଣୀ ଜିଲାର ଶତାଧିକ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଦିବ୍ୟଜୀବନ ସଂଘ ଦକ୍ଷିଣ ଓଡିଶା ମୁଖ୍ୟ ସଙ୍ଗଠକ ଜୟଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା, ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ, ସ୍ୱାମୀ ରାମ ଶରଣାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ମାନବ ସମାଜର କଲ୍ୟାଣ ନିମନ୍ତେ ସ୍ୱାମିଜୀଙ୍କ ମହତ୍ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ମାଟ୍ରିକ୍ ଓ ଯୁକ୍ତ ଦୁଇରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଆଶ୍ରମ ପରିସରରେ ଏକଦିବସୀୟ ସାଧନା ଶିବିର ଅନୁଷ୍ଠିତ ହୋଇଥିଲା। ସକାଳ ୬ଟାରୁ ଜପ, ଧ୍ୟାନ, ପ୍ରାଣାୟାମ, ଶ୍ରୀଗୁରୁ ପାଦୁକା ପୂଜା, ଭଜନ କୀର୍ତ୍ତନ ଓ ସ୍ୱାମିଜୀଙ୍କ ଅମୂଲ୍ୟବାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦେବହରା ମହାନ୍ତି, ଭାସ୍କର ଆଚାରୀ, ତ୍ରିଲୋଚନ ପାଣିଗ୍ରାହୀ, ବିଜୟ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଭେଟନଇସ୍ଥିତ ଦିବ୍ୟଜୀବନ ସଂଘ ପରିସରରେ ମଧ୍ୟ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା।

## ବିପଦସଙ୍କୁଳ ଆପ୍ରାନାଳ ପୋଲ ରାସ୍ତା


ପୋଲ ପାର୍ଶ୍ୱରାସ୍ତା ଧୋଇଯାଇଛି।

**ବାଲିଗୁଡା,୮।୯(ଡି.ଏନ.ଏ.)**

ବାଲିଗୁଡ଼ା ବ୍ଲକ ବାରଖମା ରାସ୍ତାରେ ଥିବା ଆପ୍ରାନାଳ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଲଗାଣ ବର୍ଷାରେ ପୋଲ ସଂଯୋଗୀକରଣ ରାସ୍ତା ପାର୍ଶ୍ୱ ଧୋଇଯାଇଛି। ଏପରି କି ମାଟି ଧସି ମୁଖ୍ୟ ରାସ୍ତାର ଅଧା ଦବିଲାଣି। ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଯେ କୌଣସି ସମୟରେ ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ଧୋଇଯିବା ସମ୍ଭାବନା ରହିଛି। ଆପ୍ରାନାଳ ପୋଲ ପରେ ପରେ ବାଲିଗୁଡା ବ୍ଲକର ୬ ପଞ୍ଚାୟତର ବହୁ ଗ୍ରାମ ରହିଛି। ଏହି ରାସ୍ତା କଳାହାଣ୍ଡି ଓ ବଲାଙ୍ଗୀର ଜିଲାକୁ ମଧ୍ୟ ସଂଯୋଗ କରୁଛି। ପୋଲ ପାର୍ଶ୍ୱ ଏହି ରାସ୍ତା ଧୋଇଗଲେ ଗାଡିମୋଟର ଚଳାଚଳ ବ୍ୟାହତ ହେବ। ଅନ୍ୟପକ୍ଷରେ ବିପଦସଙ୍କୁଳ ଅବସ୍ଥାରେ ଏହି ରାସ୍ତା ଥିଲେ ମଧ୍ୟ ସତର୍କ ହେବାକୁ ସୂଚନା ଦେବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଉକ୍ତ ରାସ୍ତା ଉପରେ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଲୁଟ୍ ଘଟଣାରେ ଆଉ ଜଣେ ଗିରଫ

**ଶଙ୍କରାଖୋଲ, ୮।୯(ଡି.ଏନ୍.ଏ.)**

ଚକାପାଦ ଥାନା କଖାରୁଖୋଳା ପଞ୍ଚାୟତର ଘାଟିଗୁଡ଼ା ଗ୍ରାମରେ ଗତ ଏପ୍ରିଲ ୨୬ରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ପଟ୍ଟନାୟକଙ୍କ ଘରୁ ଲୁଟ୍ ହୋଇଥିଲା। ଏହି ଘଟଣାରେ ଶନିବାର ଚାକାପାଦ ପୋଲିସ ଅନ୍ୟଜଣେ ସହଯୋଗୀଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଥାନା କଇଠଗାଡ଼ିଆ ଗ୍ରାମର ଯୁଧିଷ୍ଠିର ପ୍ରଧାନ। ତାଙ୍କଠାରୁ ୫ହଜାର ଟଙ୍କା ଜବତ ହୋଇଛି। ଏଥିରେ ସମ୍ପୃକ୍ତି ଥିବା ଅନ୍ୟ ୨ଜଣଙ୍କୁ ଶୀଘ୍ର ଧରାଯିବ ବୋଲି ଚକାପାଦ ଥାନାଧିକାରୀ ତପନ ତରୁଣ ବେହେରା କହିଛନ୍ତି। ଗତ ଏପ୍ରିଲ ୨୬ ତାରିଖ ରାତିରେ ୯ଜଣ ଦୁର୍ବୃତ୍ତ ବୋଲେରୋରେ ଆସି ବନ୍ଧୁକ ଦେଖାଇ ଶିକ୍ଷକଙ୍କ ଘରୁ ୧୦ ଭରି ସୁନା, ୬୦ ହଜାର ଟଙ୍କା, ୪ ମୋବାଇଲ ଓ ଦୁଇ ତୋଳା ରୂପା ଲୁଟି ନେଇଥିଲେ। କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ଅନ୍ୟମାନେ ଫେରାର୍ ଥିଲେ। ଶନିବାର ଯୁଧୀଷ୍ଠିରଙ୍କୁ ପୋଲିସ ଗିରଫ କରିଥିଲା।

■ ବିଦ୍ୟାଳୟକୁ ଆସୁନାହାନ୍ତି ଶିକ୍ଷକ

## ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ: ବିଇଓ

**ଫିରିଙ୍ଗିଆ, ୮।୯**

ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ନୋଡାଲ ଉପ୍ରା ବିଦ୍ୟାଳୟକୁ ଠିକ ଭାବେ ଶିକ୍ଷୟିତ୍ରୀ, ଶିକ୍ଷକ ଆସୁ ନାହାନ୍ତି। ଯେତିକି ଶିକ୍ଷକ ଅଛନ୍ତି ପାଳି କରି ଆସୁଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ଠିକ୍ ଭାବେ ହୋଇପାରୁନାହିଁ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୫୭ ଛାତ୍ରୀଛାତ୍ର ଅଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା ୭। ତେବେ ପ୍ରତିଦିନ ବିଦ୍ୟାଳୟକୁ ୨ରୁ ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆସୁଥିବା ବେଳେ ଅନ୍ୟମାନେ ବିନା ଛୁଟି ଦରଖାସ୍ତରେ ଘରେ ରହୁଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଜାଣତରେ ଏପରି ଚାଲିଛି । ଗତ ମାସ ୫ ତାରିଖର କେଳାପଡା ସରପଞ୍ଚ ଏବଂ ବିଦ୍ୟାଳୟ କମିଟି ସଦସ୍ୟ ପରିଦର୍ଶନରେ ଯାଇଥିବା ବେଳେ ବିନା ଦରଖାସ୍ତରେ ୫ ଶିକ୍ଷକ ଅନୁପସ୍ଥିତ ରହିଥିବା ଜଣାପଡିଥିଲା। ସେହିପରି ଗତ ୨ ତାରିଖରେ ଗଣେଶ ପୂଜାରେ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଥିଲେ । ଶନିବାର ବିଦ୍ୟାଳୟ ସ୍କୁଲ ପରିଚଳନା ସଭାପତି ରବୀନ୍ଦ୍ର ବେହେରା ଏବଂ ଅଭିଭାବକ ପରିଦର୍ଶନରେ ଯାଇଥିବା ବେଳେ ମାତ୍ର ୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିବା ବେଳ ୫ ଜଣ ଅନୁପସ୍ଥିତ ରହିଥିଲେ । ୨/୩ ବର୍ଷ ହେଲା ଏପରି ଚାଲିଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପରିସ୍ଥ ଅଧିକାରୀଙ୍କୁ ଅର୍ଥ ଦେଇ ବିନା ଦରଖାସ୍ତରେ ଛୁଟିରେ ରହୁଥିବା ଅଭିଭାବକମାନେ ଅଭିଯୋଗ କରଛନ୍ତି। ଏ ନେଇ ସରପଞ୍ଚ ପ୍ରେମଶୀଳା ଝାଙ୍କର କହିଛନ୍ତି, ଆମେ ପ୍ରତି ମାସ ବୈଠକରେ ଏହି ସମସ୍ୟା ଉପରେ ସମସ୍ତଙ୍କୁ ଅବଗତ କରିଛୁ । ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ କହିଛୁ। ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ଜଣାଯାଇଛି । ଗଣେଶ ପୂଜାରେ କେବଳ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଠାକୁର ବେହେରା ଏକମାତ୍ର ଉପସ୍ଥିତ ଥିଲେ । ଅନ୍ୟ କେହି ଆସି ନ ଥିଲେ। ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଠାକୁର କହିଛନ୍ତି, ଗଣେଶ ପୂଜା ଦିନ ବର୍ଷା ହେଲା । ୨ ଜଣ ଶିକ୍ଷକ ଛୁଟି ଦରଖାସ୍ତ ପଠାଇଥିଲେ । ଅନ୍ୟଦିନ ଗୁଡିକରେ ଶିକ୍ଷକ ଆସୁ ନ ଥିବା ବିଷୟରେ କିଛି କହିବାକୁ ମନା କରି ଦେଇଥିଲେ । ଅନ୍ୟପକ୍ଷରେ ବିଇଓ ବିନୋଦ ବିହାରୀ ଦିଗାଲ ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବା ସମ୍ପର୍କରେ ତାଙ୍କ ନିକଟରେ ଆଗରୁ କୌଣସି ଖବର ନ ଥିଲଶ ବୋଲି କହିଛନ୍ତି। ଗଣେଶ ପୂଜାରେ ଶିକ୍ଷକ ଆସି ନ ଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଏହାର ତଦନ୍ତ କରିବାକୁ ପଠାଇବେ ବୋଲି ସେ କହିଛନ୍ତି। ଏହାପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଇଓ ପ୍ରକାଶ କରିଛନ୍ତି।

## ମୋ ନିବେଦନ, ଅଭିଯୋଗ ଶୁଣାଣି

**ଶେରଗଡ,୮।୯(ଡି.ଏନ.ଏ.)**

ଶେରଗଡ ବ୍ଲକ ବରମୁଣ୍ଡଳୀ ପଞ୍ଚାୟତରେ ବ୍ଲକର ୪ଗ୍ରାମ ପଞ୍ଚାୟତର ମୋ ନିବେଦନ ବା ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ବରମୁଣ୍ଡଳୀ, କବନ୍ଧାଗୁଡା, ଖିରିଡା ଓ କୁଲାଗଡ ପଞ୍ଚାୟତର ସରପଞ୍ଚମାନଙ୍କ ଉପସ୍ଥିତି ଓ ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୋଟ ୨୮୧ଟି ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗ ସମ୍ପୃକ୍ତ ବିଭାଗକୁ ପଠାଇଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ସାହୁ କହିଛନ୍ତି। ବରମୁଣ୍ଡଳୀ ସରପଞ୍ଚ କାଳୁଚରଣ ସାହୁ, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଏବିଡିଓ ଅରୁଣ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ଯୋଗାଣ ନିରୀକ୍ଷକ ଶରତ କୁମାର ରାଉତଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିନାୟକ ପଣ୍ଡା ପରିଚାଳନା କରିଥିଲେ। ୪ ପଞ୍ଚାୟତର ବହୁ ହିତାଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣୀରେ ଭାଗ ନେଇଥିଲେ।

## ମାକଡ଼ାପାଟା ପୋଲରେ ପାଣି

**କୋଟଗଡ,୮।୯(ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ କୋଟଗଡ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମାକଡାପଟା ପୋଲ ଉପରେ ଗତ ୨ ଦିନ ହେଲା ଅଣ୍ଟାଏ ଉଚ୍ଚରେ ପାଣି ଚାଲିଥିଲା। ରବିବାର ସେଠାରେ ପାଣି କମିଥିଲେ ମଧ୍ୟ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ପୋଲରେ ପାଣି ଯାଉଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉଭୟ ପଟେ ଗାଡିମୋଟର ଅଟକି ରହିଛି। ଶ୍ରୀରାମପୁର କ୍ୟାମ୍ପରେ ରହୁଥିବା ସିଆର୍‌ପିଏଫ ଯବାନମାନେ ତାର ବାନ୍ଧି ଲୋକଙ୍କୁ ଉକ୍ତ ପୋଲ ପାର କରାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ଶ୍ରୀରାମପୁର ଓ ଯୁବାଗୁଡ଼ା ପଞ୍ଚାୟତବାସୀ ୩୫ କିମି ଦୂର କୋଟଗଡ଼ ବ୍ଲକ, ତହସିଲ କାର୍ଯ୍ୟାଳୟ ଓ ଡାକ୍ତରଖାନାକୁ ଏହି ପୋଲ ଦେଇ ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଗତ ୨ ଦିନର ଲଗାଣ ବର୍ଷାରେ ବିଲ ହୁଡା ଭାଙ୍ଗି ଧାନଜମିରେ ବାଲି ଚରିଯାଇଛି। ଫଳରେ ଚାଷୀମାନେ ଚିନ୍ତାରେ ରହିଛନ୍ତି।


ମାକଡାପାଟା ପୋଲ ଉପରେ ପାଣି ଚାଲୁଛି।

## ମଦ ଜବତ, ୩ ଗିରଫ

**ଫିରିଙ୍ଗିଆ, ୮।୯**

ଗୋଚ୍ଛାପଡା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୪ ଲିଟର ବିଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲନ୍ଧାପଡାର ସୁବଳ ସାହୁ, ରଞ୍ଜିତ ପ୍ରଧାନ ଓ ଗୁପ୍ତେଶ୍ୱର ସାହୁ । ଏମାନେ ଘରେ ମଦ ବିକ୍ରି କରୁଥିବା ନେଇ ପୋଲିସ ପାଖରେ ବହୁବାର ଅଭିଯୋଗ ହୋଇ ଆସୁଥିଲା । ଏ ନେଇ ପୃଥକ ଭାବେ ୩ଟି ମାମଲା ରୁଜୁ କରାଯାଇଛି ।

## ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବାଲିଗୁଡା,୮।୯.(ଡି.ଏନ୍.ଏ.)**

ବାଲିଗୁଡା ବ୍ଲକ ଶିକ୍ଷକ ସଂଘ ତରଫରୁ ସ୍ଥାନୀୟ ବନବାସୀ ସେବା ସମିତି ଜ୍ଞାନମନ୍ଦିର ପରିସରରେ ସଂଘର ସଭାପତି ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ୪ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବିଆର୍‌ସିସି ମହେଶ୍ୱର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାମ୍‌ସନ ନାୟକ, ଶିକ୍ଷକ ସଂଘ ଜିଲା ସଭାପତି ସମରେନ୍ଦ୍ର ଦାସ, ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ମଧୁ ସୂଦନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ଶିକ୍ଷକ ଅଶୋକ କୁମାର ପାତ୍ର, ଆମୋଷ ନାୟକ, ଭ୍ରମରବର ନାୟକ ଓ ଉର୍ମିଳା ଦେଇଙ୍କୁ ସଂଘ ତରଫରୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସଂଘ ତରଫରୁ ସସ୍ମିତା ପଣ୍ଡା, ମହେନ୍ଦ୍ର ମଲ୍ଲ ଓ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମା ପାଟଖଣ୍ଡା ଦୁର୍ଗାପୂଜା ସମିତି

## ନୂତନ କର୍ମକର୍ତ୍ତା ଚୟନ

**ବାଲିଗୁଡା,୮।୯–** ବାଲିଗୁଡା ମା' ପାଟଖଣ୍ଡା ଦୁର୍ଗାପୂଜା ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏନେଇ ମନ୍ଦିର ପ୍ରାଙ୍ଗଣରେ ଅସ୍ଥାୟୀ ସଭାପତି ଶଶି ଭୂଷଣ ପାଢୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଏନ୍‌ଏସିର ଉପାଧ୍ୟକ୍ଷ ଲୋକନାଥ ପାଢୀ, ଉପସଭାପତି ଇନ୍ଦ୍ରମଣି ପାତ୍ର, ସମ୍ପାଦକ ଭାବେ ଟି. ଶ୍ରୀନିବାସ ରାଓ, ସହ ସମ୍ପାଦକ ଭାବେ ଭଗବତୀ ପ୍ରସାଦ ସାବତ, ସୁଜିତ କୁମାର ପାଳ(ଗାଣ୍ଟୁ), କୋଷାଧ୍ୟକ୍ଷ ଭାବେ ନାଗେଶ୍ୱର ରାଓଙ୍କୁ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ସୁବାସ ଚନ୍ଦ୍ର ଦାସ, ଶଶି ଭୂଷଣ ପାଢୀଙ୍କୁ ମନୋନିତ କରାଯାଇଛି।

■ ସ୍କୁଟି ନମ୍ବରରେ ବାଇକ୍ ବୁଲିବା ଘଟଣା


## ୨୪ ଘଣ୍ଟା ବିତିଲା, ଗାଡ଼ି ମାଲିକ ନିରାଶ

**ଦାରିଙ୍ଗବାଡ଼ି,୮।୯(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ିର ଶାନ୍ତନୁ ସାହୁଙ୍କ ମୋବାଇଲ ଫୋନକୁ ଶନିବାର ଗଞ୍ଜାମ ଆର୍‌ଟିଓଙ୍କ ଠାରୁ ୬ ହଜାର ଟଙ୍କାର ଚାଲାଣ କଟାଯାଇଥିବା ନେଇ ଏକ ମେସେଜ ଆସିଲା। ଏନେଇ ସେ ଗଞ୍ଜାମ ଆର୍‌ଟିଓ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାରୁ ହେଲମେଟ ନ ପିନ୍ଧି ବାଇକ ଚଳାଉଥିବାରୁ ଚାଲାଣ କଟାଯାଇଥିବା କୁହାଯାଇଥିଲା। ତେବେ ଶାନ୍ତନୁ ଅଭିଯୋଗ କରିଥିଲେ ଯେ, ସେ ଏବେ ଦାରିଙ୍ଗବାଡ଼ିରେ ଅଛନ୍ତି, ଏହି ନଂ.(ଓଡି-୦୭ୱାଇ-୪୬୯୬) ବାଇକର ନୁହେଁ ସ୍କୁଟିର ବୋଲି କହିଥିଲେ। ସେ ତାଙ୍କ ସ୍କୁଟି କାଗଜପତ୍ର ଓ ଫଟୋ ଆର୍‌ଟିଓଙ୍କୁ ପଠାଇଥିଲେ। ଆର୍‌ଟିଓ ଏନେଇ ଥାନାରେ ଏତଲା ଦେବାକୁ ଶାନ୍ତନୁଙ୍କୁ ପରାମର୍ଶ ଦେଇଥିଲେ।

ଶାନ୍ତନୁ ରବିବାର ଦାରିଙ୍ଗବାଡ଼ି ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ଘଟଣା ଗଞ୍ଜାମ ଜିଲାର ହୋଇଥିବାରୁ ସେଠିକାର ଥାନା ଓ ଆର୍‌ଟିଓଙ୍କ କାର୍ଯ୍ୟାଳୟକୁ ଯାଇ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଗଞ୍ଜାମ ଆର୍‌ଟିଓ ଠିକ୍ କାଗଜପତ୍ର ଯାଞ୍ଚ ନକରି ମୋ ନାଁରେ ଚାଲାଣ କାଟି ମାନସିକ ଯନ୍ତ୍ରଣା ଦେଉଛନ୍ତି ବୋଲି ଶାନ୍ତନୁ ଅଭିଯୋଗ କରିଛନ୍ତି। ଗଞ୍ଜାମ ପୋଲିସ ଏବଂ ଆର୍‌ଟିଓ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

ଏନେଇ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଏବଂ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ଘଟଣାକୁ ଗୁରୁତର ସହ ନେଇଛୁ, ଏହାର ସଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଶାନ୍ତନୁଙ୍କ ସ୍କୁଟି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ, ୮।୯: ସାପ କାମୁଡ଼ାରେ ଜଣେ ମହିଳାଙ୍କର ରବିବାର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ହୋଇଛି। ସେ ହେଲେ ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ଏ. ମହାଲକ୍ଷ୍ମୀ (୫୭)। ପୋଲିସ ମୃତଦେହ ଜବତ କରି ନଂ.୪୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ରାତିରେ ମହାଲକ୍ଷ୍ମୀ ଖାଇ ସାରି ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ସେ ଚିତ୍କାର କରିବାରୁ ଘର ଲୋକ ଉଠିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ରବିବାର ସକାଳେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ରୁପାସାମଗ୍ରୀ ଭର୍ତ୍ତି ବ୍ୟାଗ ଚୋରି

ବ୍ରହ୍ମପୁର ଅଫିସ,୮।୯: ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ଛକରୁ ରବିବାର ବ୍ୟବସାୟୀ ମିଟୁ ନାୟକଙ୍କର ଏକ ରୁପା ସାମଗ୍ରୀଭର୍ତ୍ତି ବ୍ୟାଗ ଚୋରି ହୋଇଯାଇଛି। ଏଥିରେ ୫ କେଜିର ବିଭିନ୍ନ ରୁପା ସାମଗ୍ରୀ ଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୪୫/୧୯ରେ ଏକ ମାମଲା ରୁଜୁ କରି ସ୍ଥାନୀୟ ଲୋକଙ୍କୁ ପଚରାଉଚରା ଚଳାଇଛି।
ପ୍ରକାଶ ଯେ, ମିଟୁ ରବିବାର ସକାଳେ ରୁପା ସାମଗ୍ରୀ ବିକ୍ରି କରିବା ପାଇଁ ଘରୁ ବାହାରିଥିଲେ। ସେ କୁକୁଡାଖଣ୍ଡି ଅଞ୍ଚଳରେ ବିକ୍ରି କରୁଥିବା ବେଳେ ପୂର୍ବାହ୍ନ ୧୧ଟା ବେଳେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଥିଲେ। ତେବେ ଫାଷ୍ଟଗେଟ ଛକରେ ପଲ୍ୟୁସନ ସାର୍ଟିଫିକେଟ ପାଇଁ ଲୋକମାନେ ଧାଡିରେ ଠିଆ ହୋଇଥିବା ଦେଖି ସେ ରାସ୍ତା କଡରେ ଗାଡି ପାର୍କିଂ କରି ଧାଡିରେ ଠିଆ ହୋଇଥିଲେ। ପରେ ବାଇକ୍ ନିକଟକୁ ଆସି ଦେଖିବା ବେଳେ ରୁପା ସାମଗ୍ରୀ ବ୍ୟାଗଟି ନ ଥିଲା। ୨ ଜଣ ଯୁବକ ଉକ୍ତ ବ୍ୟାଗଟି ଧରି ଏକ ବାଇକ୍‌ରେ ପଳାଇ ଯାଇଥିବା କିଛି ଲୋକ ତାଙ୍କୁ କହିଥିଲେ। ପରେ ବ୍ୟବସାୟୀ ଜଣଙ୍କ ବଡବଜାର ଥାନାରେ ଏନେଇ ଅଭିଯୋଗ କରିଥିଲେ।

### ଏନ୍‌ଏସି ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର

ବୁଗୁଡ଼ା,୮।୯(ଡି.ଏନ.ଏ.): ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର ସମ୍ପୃକ୍ତ କାର୍ଯ୍ୟାଳୟ ସଭାଗୃହରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୦୫ ଜଣ ହିତାଧିକାରୀଙ୍କ ଆବେଦନ ପଞ୍ଜୀକୃତ ହୋଇଥିଲା। ଅଭିଯୋଗର ଶୁଣାଣି କରି ଏଗୁଡ଼ିକ କାର୍ଯ୍ୟକାରୀ କରାଯିବା ପାଇଁ ଶିବିରରେ କୁହାଯାଇଥିଲା। ପରିଚାଳନାରେ ନୋଡାଲ ଅଧିକାରୀ କାଳୁ ଚରଣ ରଥ, କନିଷ୍ଠ ଯନ୍ତ୍ରୀ ରୋଶନ ପ୍ରଧାନଙ୍କ ସମେତ ଏନ୍‌ଏସି କର୍ମଚାରୀମାନେ ସହଯୋଗ କରିଥିଲେ।

### ମୋ ନିବେଦନ କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ,୮।୯(ଡି.ଏନ୍.ଏ.): ହିଞ୍ଜିଳିକାଟୁ ବ୍ଲକ ଶିକିରି ପଞ୍ଚାୟତରେ ଶୁକ୍ରବାର ୫-ଟି ଅର୍ନ୍ତଗତ ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ସହ ବ୍ଲକର ବିଭିନ୍ନ ଅଧିକାରୀ , ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ପ୍ରାଣୀ ଚିକିତ୍ସା,ରାଜସ୍ୱ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବୁଝିଥିଲେ। ସରପଞ୍ଚ, ସମିତିସଭ୍ୟଙ୍କ ସହ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମାଧାନ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବନ ଅଧିନିୟମ ସଂଶୋଧନକୁ ବିରୋଧ

# ଆଦିବାସୀ ଭାରତ ମହାସଭାର ଆନ୍ଦୋଳନ ୩୦ରେ

ବ୍ରହ୍ମପୁର ଅଫିସ,୮।୯

ଭାରତୀୟ ବନ ଅଧିନିୟମ ୧୯୨୭ ପ୍ରସ୍ତାବିତ ସଂଶୋଧନକୁ ଆଦିବାସୀ ଭାରତ ମହାସଭା ବିରୋଧ କରିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି ହୋଇଛି । ନ ହେଲେ ଏହାର ପ୍ରତିବାଦରେ ସେପ୍ଟେମ୍ବର ୩୦ରେ ଭଞ୍ଜନଗରରେ ଆଦିବାସୀଙ୍କ ବିଶାଳ ସମାବେଶ ହେବ। ସରକାରଙ୍କ ଅନ୍ୟାୟର କଡ଼ା ଜବାବ ଦିଆଯିବ। ମହାସଭା ଜିଲା କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଆଦିବାସୀ ଭାରତ ମହାସଭା ଜାତୀୟ ସଂଯୋଜକ ସୌରା ଯାଦବ ଓ ରାଷ୍ଟ୍ରୀୟ ଅଧକ୍ଷ ଭୋଜଲାଲ ନେତାମ ଗଞ୍ଜାମ ଗସ୍ତରେ ଆସି ରବିବାର ଜିଲା କମିଟି କର୍ମକର୍ତ୍ତା ଏବଂ ବିଭିନ୍ନ ସଂଗଠନର ଆଦିବାସୀ ନେତାଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। କେତେକ ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।



ବୈଠକରେ ଉପସ୍ଥିତ ନେତାମାନେ ।

ଓଡ଼ିଶାରେ ଆଦିବାସୀଙ୍କ ଉପରେ ପୋଲିସର ଦମନଲୀଳା ଚାଲିଥିବା ଏବଂ ଜଙ୍ଗଲ ଜମିରୁ ଉଚ୍ଛେଦ ପାଇଁ ଷଡ଼ଯନ୍ତ୍ର ଅବ୍ୟାହତ ରହିଥିବା ଦୁଇ ଜାତୀୟ ନେତାଙ୍କୁ ଅବଗତ କରାଯାଇଥିଲା। ସେମାନଙ୍କୁ ମୌଳିକ ସୁବିଧା ସରକାର ଓ ପ୍ରଶାସନ ଯୋଗାଉ ନ ଥିବା ଅଭିଯୋଗ କରାଯାଇଥିଲା । କେତେକ କ୍ଷେତ୍ରରେ ମିଥ୍ୟା ମାମଲା ପୋଲିସ ରୁଜୁକରି ଆଦିବାସୀଙ୍କୁ ଗିରଫ ଏବଂ ମହିଳାଙ୍କୁ ଅଶୋଭନୀୟ ଆଚରଣ କରୁଥିବା ରାଷ୍ଟ୍ରୀୟ ନେତାଙ୍କୁ କୁହାଯାଇଥିଲା ।

ଗଞ୍ଜାମ କଳା ପରିଷଦରେ ହୋଇଥିବା ବୈଠକରେ ଭଞ୍ଜନଗର ଉପଖଣ୍ଡରେ ନିରୀହ ଆଦିବାସୀଙ୍କ କାଜୁ ଫସଲ ମାଫିଆମାନେ ଜବରଦସ୍ତ

**ଭଞ୍ଜନଗରରେ ହେବ ସମାବେଶ**

ଲୁଟି ନେଉଥିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଦର୍ଶାଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କର୍ପୋରେଟ ସଂସ୍ଥାକୁ ସୁହାଇବା ପାଇଁ ଖଣି ଖାଦାନ, ଜମି ଓ ଜଙ୍ଗଲ ଜମି ଟେକି ଦେଉଥିବା ଜାତୀୟ ନେତାଦ୍ୱୟ ଅଭିଯୋଗ କରିଥିଲେ। ଫଳରେ ଆଦିବାସୀ ଓ ଅନୁସୂଚିତ ଜାତି ପରିବାରଙ୍କ ସର୍ବନାଶ ହେଉଛି । କେନ୍ଦ୍ର ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ନୀତି ବନ୍ଦ ନ ହେଲେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାର ଚେତାବନୀ ଦିଆଯାଇଛି । ମହାସଭା ରାଜ୍ୟ ସଂଯୋଜକ ତଥା ଜିଲା ସମ୍ପାଦକ ଟୁନା ମଲିକ, ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପସଭାପତି ତ୍ରିନାଥ ମଲିକ ଓ ବିଷ୍ଣୁ ପ୍ରସାଦ ମଲିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

## ବଡ଼ ଡାକ୍ତରଖାନାରେ ଚିକିତ୍ସା ସେବା ଦେଖିଲେ ଏମ୍‌ପି, ବିଧାୟକ



ବଡ଼ ମେଡିକାଲରେ ଏମ୍‌ପି ଓ ବିଧାୟକ।

ବ୍ରହ୍ମପୁର ଅଫିସ,୮।୯

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା ରବିବାର ଅପରାହ୍ନରେ ଅଚାନକ ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ସମସ୍ୟା ଅନୁଧ୍ୟାନ ସହ ରୋଗୀଙ୍କୁ କିଭଳି ସେବା ଯୋଗାଇ ଦିଆଯାଉଛି ତାହା ତଦାରଖ କରିଥିଲେ । ଶିଶୁରୋଗ ୱାର୍ଡକୁ ଯାଇ ଅବସ୍ଥା ଦେଖିବା ସହ ରୋଗୀଙ୍କ ସମ୍ପର୍କୀୟ ଓ ଅନ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ମେଡିକାଲ କଲେଜ ଅଧକ୍ଷ ତଥା ଡିନ୍ ପ୍ରଫେସର ରାଧାମାଧବ ତ୍ରିପାଠୀ, ବଡ଼ ଡ଼ାକ୍ତରଖାନା ଅଧୀକ୍ଷକ ପ୍ରଫେସର ଚରଣ ପଣ୍ଡା ଓ ଅନ୍ୟ ଚିକିତ୍ସକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବାକୁ ଏମ୍‌ପି ଓ ବିଧାୟକ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାର ବହୁ ଟଙ୍କା ବ୍ୟୟରେ ନିର୍ମାଣ କରିଥିବା ବଡ଼ ବଡ଼ ବିଲଡିଂଗୁଡ଼ିକ କାର୍ଯ୍ୟକ୍ଷମ କରାଯିବା ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଥିଲେ।

## ବିନାୟକ ଆଚାର୍ଯ୍ୟ ସ୍କୁଲରେ ଚାରାରୋପଣ



ସଚେତନତା ଶୋଭାଯାତ୍ରାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ବ୍ରହ୍ମପୁର ଅଫିସ,୮।୯

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ୩ ନଂ. ୱାର୍ଡ ଅନ୍ତର୍ଗତ ବିନାୟକ ଆଚାର୍ଯ୍ୟ ବିଦ୍ୟାଳୟରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ବାହିନୀ ସଭାନେତ୍ରୀ ତନ୍ମୟୀ ଦାଶଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ମହମ୍ମଦ ଜାହିର ଉଦ୍ଦିନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ର, ଶିକ୍ଷକ ଭଗବାନ ନାହାକ ଯୋଗଦେଇ ଚାରାରୋପଣର ଗୁରୁତ୍ୱ ନେଇ ସଚେତନ କରାଇଥିଲେ। ବିଦ୍ୟାଳୟ ସମେତ ଓଁ ଶ୍ରୀ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ବେଲ, ଅଁଳା, ପିଜୁଳି ଓ ଜାମୁକୋଳି ଆଦି ୫୦ ଚାରାରୋପଣ କରିଥିଲେ । ୱାର୍ଡ ସଂଯୋଜକ ହୟଗ୍ରୀବ ଷଡଙ୍ଗୀ, ଯୁବ ବାହିନୀ ସମ୍ପାଦକ ସୁଶୀଲ କୁମାର ସାହୁଙ୍କ ସମେତ ସ୍ୱାଧୀନ ସାହୁ, ଜଗନ୍ନାଥ ବେହେରା, ପୃଥ୍ୱୀରାଜ ପାଇକ, ଶିବଶଙ୍କର ନାୟକ, ଏମ୍. ଶିବରାମ ରେଡ୍ଡୀ, ରୋଶନ ସାହୁ, ପଦ୍ମଲୋଚନ ପଟ୍ଟନାୟକ, ପ୍ରେମଚାନ୍ଦ ପଟ୍ଟନାୟକ, ପ୍ରୀତି ସାହୁ , ଲିପ୍ସା ରାଣୀ ସାହୁଙ୍କ ସମେତ ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## କନିଷିରେ ଶିକ୍ଷକ ତାଲିମ ଶିବିର

କନିଷି,୮।୯(ଡି.ଏନ୍.ଏ.)

ବୈଷୟିକ ବିଦ୍ୟାଳୟ ସମୂହ ପ୍ରଧାନ ଶିକ୍ଷକ ଓ ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ଏକ ତାଲିମ ଶିବିର କନିଷିସ୍ଥିତ ବାଲାଜୀ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ଉଦ୍‌ଘାଟନ କରି ଡ୍ରେସ୍‌କୋଡ୍ ପରିଚାଳନା ନେଇ ତାଲିମ ପ୍ରଦାନ କରିଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ଅଭିଯାନ ତରଫରୁ କୌଶିକ ଭୋଇ ଓ ସାଗରିକା ମହାପାତ୍ର ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୮ ଜଣ ପ୍ରଧାନ ଶିକ୍ଷକ ଓ ୫୫ ଜଣ ବୈଷୟିକ ଶିକ୍ଷକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ ତରଙ୍ଗ, ଆମାସ, ଲେବରନେଟ, ସେନଟ୍ରୋମ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ପରାମର୍ଶ ସଚେତନତା ଶିବିର

ବ୍ରହ୍ମପୁର ଅଫିସ, ୮।୯

ସାମାଜିକ ଅନୁଷ୍ଠାନ କ୍ରାନ୍ତି ପକ୍ଷରୁ ସ୍ୱାସ୍ଥ୍ୟ ପରାମର୍ଶ ଓ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋସାଇଁନୂଆଗାଁ ନେହୁରୁନଗର ୮ମ ଲାଇନ୍ ସ୍ଥିତ କ୍ରାନ୍ତି ଶାଖା କାର୍ଯ୍ୟାଳୟରେ ଆୟୋଜିତ ସଚେତନତା ଶିବିରକୁ ଅନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶ ପରିଚାଳନା କରିଥିଲେ। ବ୍ରହ୍ମପୁରସ୍ଥିତ ଡକ୍ଟର୍ସ ଫୋରମ୍, ଜେଡସ୍ କାଡ଼ିଲା, ଡାବର୍ ଇଣ୍ଡିଆ ଲିମିଟେଡ୍, କରେନା ଓ ରୁବି ଆଇ ହସ୍‌ପିଟାଲ୍ ସହଯୋଗରେ ଅନୁଷ୍ଠିତ ଶିବିରରେ ବରିଷ୍ଠ ଅସ୍ଥିଶଲ୍ୟ ଚିକିତ୍ସକ ଡା. ଶଙ୍କର୍ଷଣ ପାତ୍ର, ଡା. ଅତୁଲ୍ୟ କୁମାର ପଟ୍ଟନାୟକ, ଡା. ସମରେନ୍ଦ୍ର ସାହୁ, ଡା. ଅଭୟ କୁମାର ନାୟକ, ଡା. ଆଶିଷ କୁମାର ସାହୁ, ଡା. ବି. ଏସ୍. ମିଶ୍ର ପ୍ରମୁଖ ଯୋଗଦେଇ ଚିକିତ୍ସା କରିବା ସହ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ୭୦ ରୋଗୀଙ୍କ ମଧୁମେହ, ପରଳ ଓ ସ୍ନାୟୁ ରୋଗ ପରୀକ୍ଷା କରାଯାଇଥିଲା। ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ଦେବବ୍ରତ ଗୌଡ଼, ଜଗଦୀଶ ପାଣିଗ୍ରାହୀ, ମହେଶ କୁମାର ପାଢ଼ୀ ଓ ରେଶମା ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

## ଲାଞ୍ଜିପଲ୍ଲୀ ବୋମାମାଡ଼ ଘଟଣା: ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୮।୯

ଲାଞ୍ଜିପଲ୍ଲୀ ବୋମାମାଡ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ରବିବାର ଜିଆର କେସ୍ ନଂ. ୮୯୯/୧୮ରେ ଗିରଫ କରିଛି। ବର୍ଷେରୁ ଅଧିକ ସମୟ ଧରି ଲୋଚାପଡା ରଥ ସାହିର ମୁନା ଓରଫ ଏନା ସାହୁ ଫେରାର ଥିଲେ। ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲୁ) ବଳରେ ଏନାଙ୍କୁ ପୋଲିସ ଗିରଫ କରିଥିବା ବେଳେ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି କହିଛି। ପ୍ରକାଶ ଯେ, ୨୦୧୮ ଜୁଲାଇ ୮ ରେ ଲାଞ୍ଜିପଲ୍ଲୀ ଡ଼ିପ ସାହିରେ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସୁଶାନ୍ତ ବିଷୋୟୀ କାରରେ କେତେକ ସମର୍ଥକଙ୍କ ସହ ଥାନାରେ ହାଜିରା ଦେବାକୁ ଯାଉଥିଲେ। ତାଙ୍କ କାର ଉପରକୁ ଅନ୍ୟ ଏକ ଗୋଷ୍ଠୀର କେତେକ ଲୋକ ବୋମାମାଡ କରିଥିଲେ। ମାମଲା ନଂ.୧୪୦/୧୮ରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ଜଗନ୍ନାଥପ୍ରସାଦ,୮।୯(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ତହସିଲରେ ତହସିଲଦାର ବାସୁଦେବ ପାଣ୍ଡେ ଶନିବାର ବଜ୍ରପାତରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୧୯ ତାରିଖରେ ଜଗନ୍ନାଥପ୍ରସାଦ ଇନ୍ଦ୍ରଗଡ଼ ସାହିର ନୟନୀ ପ୍ରଧାନ ଚାଷଜମିରେ ଚାଷ କାର୍ଯ୍ୟ କରୁଥିବା ବେଳେ ବଜ୍ରପାତ ହେବାରୁ ପ୍ରାଣ ହରାଇଥିଲେ। ପୂର୍ବରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର କୌଣସି ସନ୍ତାନ ନ ଥିବାରୁ ତାଙ୍କ ଭାଇ ଧନୁ ପ୍ରଧାନଙ୍କୁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଚିଠି ପ୍ରକାରେ ସହାୟତା ରାଶି ପ୍ରଦାନ କରାଯାଇଛି। ରାଶି ପ୍ରଦାନ ବେଳେ ଜଗନ୍ନାଥପ୍ରସାଦ ରାଜସ୍ୱ ନିରୀକ୍ଷକ ରବି ନାରାୟଣ ଦଳେଇ, ଅମିନ କୃଷ୍ଣପ୍ରସାଦ ପାତ୍ର ଓ ଜରୁରୀକାଳୀନ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଅକ୍ଷୟ କୁମାର ପାତ୍ର ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବ୍ରହ୍ମପୁର ଅଫିସ, ୮।୯

ସ୍ଥାନୀୟ ସିଟି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୂର୍ଯ୍ୟନାରାୟଣ ସାବତଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଜିଲା ଶିକ୍ଷାଧିକାରୀ ଡ.ସନାତନ ପଣ୍ଡା, ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ପଣ୍ଡା, ରାମକୃଷ୍ଣ ରାଓ, ପ୍ରଭାତୀ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲାଜୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର, ଓଷ୍ଟା ଗଞ୍ଜାମ ଜିଲା ସଭାପତି ହିମାଂଶୁ କୁମାର ପଟ୍ଟନାୟକ, ପୂର୍ବତନ କର୍ପୋରେଟର ଏମ୍.ଜଗନ୍ନାଥ ଆଚାରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାବତଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗଜପତି ଜିଲା ମହାରାଜା ବାଳକ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃଷକେତୁ ଦାଶ ଓ ଧନନ୍ତର ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ନବୀନ ପାଢୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀ ଚରଣ ପ୍ରଧାନ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।


ମଞ୍ଚାସୀନ ଅତିଥି।

## 'ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାର' କର୍ମଶାଳା

ବ୍ରହ୍ମପୁର ଅଫିସ,୮।୯

ଜନସାଧାରଣ ତଥା ନାଗରିକଙ୍କ ଜୀବନ ଧାରଣର ମାନ ବୃଦ୍ଧି ପାଇଁ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନିଶୁଳ୍କ କରିଛନ୍ତି । ୨୦୦୯ରେ ପ୍ରଣୀତ ଶିକ୍ଷା ଅଧିକାର ଆଇନ ଓ ୨୦୧୭ରେ ପ୍ରଣୀତ ଜାତୀୟ ସ୍ୱାସ୍ଥ୍ୟ ନୀତି ଦ୍ୱାରା ସରକାର ଜନସାଧାରଣଙ୍କ ପାଇଁ ଏହି ସୁବିଧା ପ୍ରଦାନ କରିଛନ୍ତି । ଏହି ଆଇନ ଦ୍ୱାରା ଅଗଣିତ ଜନସାଧାରଣ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇବାକୁ ନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ମଧ୍ୟ ହୋଇଛି । ତଥାପି ଏହା କେବଳ ନାମକୁ ମାତ୍ର ହୋଇ ରହିଯାଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏବେ ବି ସାଧାରଣ ଜନତା ଖର୍ଚ୍ଚାନ୍ତ ଓ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରହ୍ମପୁର ଇକୋସ୍ ଚକ୍ଷୁ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାର ସମ୍ପର୍କିତ କର୍ମଶାଳାରେ ଯୋଗଦେଇ ବକ୍ତାମାନେ ଏହା ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଭାରତବର୍ଷରେ ୨୪ ପ୍ରତିଶତ ଗରିବ ପରିବାର ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହୋଇ ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ଆସିଥିବା ବେଳେ ୨୩ ପ୍ରତିଶତ ପରିବାର ଟଙ୍କା ଖର୍ଚ୍ଚ ଭୟରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଉ ନ ଥିବା ବକ୍ତାମାନେ କହିଥିଲେ। ସରକାର କେବଳ ବଜେଟରେ ଅର୍ଥ ବୃଦ୍ଧି କରିବା ଦିଗରେ ଗୁରୁତ୍ୱ ଦେଇ କାର୍ଯ୍ୟ ସାରୁଥିବା ସେମାନେ ଅଭିଯୋଗ କରିଛନ୍ତି।



କର୍ମଶାଳାରେ ମଞ୍ଚାସୀନ ବ୍ୟକ୍ତିବିଶେଷ।

ସାମାଜିକ ଅନୁଷ୍ଠାନ ୟୁଥ ଫର ସୋସିଆଲ ଡେଭଲପମେଣ୍ଟ (ୱାଇଏସ୍‌ଡି) ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା ଫୋରମ, ଗଞ୍ଜାମ ପକ୍ଷରୁ ଇକୋସ୍ ଚକ୍ଷୁ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ଅଧିକାର ସମ୍ପର୍କୀତ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓକିଲ ସଂଘ ସମ୍ପାଦକ ଭଗବାନ ସାହୁ ଓ ସୁଧାଂଶୁ ପଣ୍ଡା ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ସଫୋର୍ଡ ଇଣ୍ଡିଆର ସନ୍ତୋଷ କୁମାର ପାତ୍ର, ଜନ ସ୍ୱାସ୍ଥ୍ୟ ଅଭିଯାନର ଗୌରାଙ୍ଗ ମହାପାତ୍ର, ଶିକ୍ଷା ଅନୁସନ୍ଧାନର ଅନୀଲ ପ୍ରଧାନ, ସିଏସିର ଗୁରୁ ଚରଣ ପାତ୍ର, ୱାଇଏସ୍‌ଡିର ସମ୍ପାଦକ ବିଭୁ ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାର ବର୍ତ୍ତମାନ ସାଧାରଣ ଜନତାଙ୍କ ପାଇଁ ନାମକୁ ମାତ୍ର ହୋଇ ରହିଯାଇଛି। ସରକାର ଉଭୟ କ୍ଷେତ୍ରକୁ ନିଶୁଳ୍କ ଘୋଷଣା କରିଥିବା ସତ୍ତ୍ୱେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଯଥା ଖର୍ଚ୍ଚାନ୍ତ କରି ସର୍ବସ୍ୱାନ୍ତ ହେଉଥିବାର ଅନେକ ଉଦାହରଣ ରହିଥିବା ବକ୍ତାମାନେ କହିଥିଲେ। ସରକାରୀ ବିଦ୍ୟାଳୟ ଓ ଚିକିତ୍ସାଳୟଠାରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ଉଭୟରେ ବେସରକାରୀ ଅନୁଷ୍ଠାନଗୁଡିକରେ ଅଧିକ ସୁବିଧା ରହିଛି। ଏହାକୁ ପାଥେୟ କରି ବେସରକାରୀ ଅନୁଷ୍ଠାନଗୁଡିକ ସାଧାରଣ ଲୋକଙ୍କୁ ଲୁଟି ଚାଲୁଛନ୍ତି । କିନ୍ତୁ ସରକାର ସେମାନଙ୍କ ଦେୟକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବେସରକାରୀ ସଂସ୍ଥାଗୁଡିକୁ ଅଧିକ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କର୍ମଶାଳାରେ ମତପ୍ରକାଶ ପାଇଥିଲା । ଏଥିରେ ୬୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଏସ୍‌କେସିଜି ଶାଖାରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟର୍ପଣ ସଭା

**ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟରିୟମ୍ ହଲ୍‌ରେ ରବିବାର ପୂର୍ବାହ୍ନରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ପ୍ରତ୍ୟାର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଓସୁର ସଂଯୋଜକ ତଥା ଅଧାପକ ସଞ୍ଜୟ କୁମାର ସାହୁ ସମସ୍ତ ଶୀକ୍ଷାର୍ଥିଙ୍କୁ ଅଭିନନ୍ଦନ ଜଣାଇ ଓସୁର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ପ୍ରଫେସର ଇନ୍ଦୁଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ଓସୁ ମାଧମରେ ସେମାନେ କିପରି ନିଜ କ୍ୟାରିୟର୍ ଗଢିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଗାୟତ୍ରୀ ଦେବୀ ଯୋଗଦେଇ ଶିକ୍ଷା ଗ୍ରହଣ ପାଇଁ ବୟସର କୌଣସି ଆବଶ୍ୟକତା ନ ଥାଏ ବୋଲି କହିଥିଲେ । ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ସୁନନ୍ଦା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓସୁର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ଓସୁରେ ଯୋଗ ଦେଇଥିବା ସମସ୍ତ ଶିକ୍ଷାର୍ଥୀ, ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକମାନେ ଉପସ୍ଥିତ ଥିଲେ। ଅଧାପକ ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୋରୁ, ମଇଁଷି ଚାଲାଣ ପ୍ରଶାସନର ନଜର ନାହିଁ

**କନିଷି,୮।୯(ଡି.ଏନ.ଏ.)**

ଗୋଳନ୍ଥରା ଥାନାଞ୍ଚଳରେ ପ୍ରତିଦିନ ବେଆଇନ ଭାବେ ଶତାଧିକ ଗୋରୁ ଓ ମଇଁଷି ଚାଲାଣ ହେଉଛି। କେତେକ ଦଲାଲ ରାତିରେ ମଦନମୋହନପୁର ଗାଁରେ ରଖି ସକାଳୁ ୧୬ନଂ. ଜାତୀୟ ରାଜପଥ କଡ଼ରେ ଗୋରୁମାନଙ୍କୁ ଚଳାଇଥାନ୍ତି। ଫଳରେ ରାସ୍ତାକଡ଼ରେ ଯାନବାହନ ଓ ଜନସାଧାରଣ ଯାତାୟାତରେ ସମସ୍ୟା ହେଉଛି। ଗୋରୁମାନେ ରାସ୍ତାରେ ବୁଲୁଥିବା ବେଳେ ବହୁବାର ଟ୍ରକ ଧକ୍କାରେ ମୃତ୍ୟୁବରଣ କରିଥାନ୍ତି। ଫଳରେ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ପ୍ରଶାସନ କିମ୍ବା ଗୋଳନ୍ଥରା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଲୋକେ କହୁଛନ୍ତି। ପ୍ରତିଦିନ ଭୋରରେ ବ୍ୟବସାୟୀମାନେ ଶହ ଶହ ଗୋରୁଙ୍କୁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ଓ କେତେକ କଂସାରୀ ହାତକୁ ବିକ୍ରି କରି ଦେଉଛନ୍ତି। ଗୋଳନ୍ଥରା ଥାନା ନିକଟରେ ଗୋରୁ ଚାଲାଣ ହେଉଥିଲେ ମଧ କାହାର ନଜର ନ ପଡ଼ିବା ପରିତାପର ବିଷୟ। ତେଣୁ ଏଥିପ୍ରତି ଜିଲା ପ୍ରଶାସନ, ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଜନସାଧାରଣ ଦୁର୍ଘଟଣାରୁ ରକ୍ଷା ପାଇବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

### ସାକ୍ଷରତା ଦିବସ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.) :** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜଗୁରୁ ସାହିଠାରେଥିବା ପରିଚ୍ଛା ମଠ ପରିସରରେ ବାଲ୍ମୁକୁନ୍ଦ କେନ୍ଦ୍ର ପକ୍ଷରୁ ସାକ୍ଷରତା ଦିବସ କାର୍ଯ୍ୟକ୍ରମ 'ଆମେ ସ୍ୱାକ୍ଷର, ଆମେ ଶିକ୍ଷିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଏହାର ଲକ୍ଷ୍ୟ ହାସଲ ନିମନ୍ତେ ବ୍ୟକ୍ତିଗତ, ଗୋଷ୍ଠୀଗତ ଏବଂ ନିଜ ଅଞ୍ଚଳକୁ ଶିକ୍ଷିତ କରାଇ ଦେଶର ପ୍ରଗତିରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।

■ ଶ୍ରମିକ କାର୍ଡ ପାଇଁ ଟଙ୍କା ଆଦାୟ ଅଭିଯୋଗ

# ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ଛତ୍ରପୁର,୮।୯(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ କାର୍ଡ କରିଦେବା ଓ ପଞ୍ଜୀକୃତ ଶ୍ରମିକଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇଦେବା ପାଇଁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଥିଲା । ଏହାର ତଦନ୍ତ କରାଯିବ ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଶ୍ରମ କାର୍ଯ୍ୟାଳୟରେ କେତେଜଣ ଦଲାଲ ସକ୍ରିୟ ହୋଇ ଏପରି କରୁଥିବା ଜଣାପଡିଛି । ଶ୍ରମ କାର୍ଯ୍ୟାଳୟରେ ଟଙ୍କା ଆଦାୟ ହୋଇଥିବା ନେଇ ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତ ଏବଂ ଖଲ୍ଲିକୋଟ ବ୍ଲକ ଭିକାପଡା, କଇରାଶି ଓ ଖୋଜାପଲ୍ଲୀ ଗାଁର ଶ୍ରମିକମାନେ ପୂର୍ବରୁ ଛତ୍ରପୁର ଆସି ପୃଥକ ଭାବେ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ଏପରିକି ପ୍ରଶାସନ ବିରୋଧରେ ଧାରଣା ଦେବାପାଇଁ ମଧ ବାଧ କରାଯାଉଥିବା ସେମାନେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ହେବ ବୋଲି ସେ ସମୟରେ ଶ୍ରମ ଅଧିକାରୀ ସାହୁ ସୂଚନା ଦେଇଥିଲେ ।

■ ୨ହଜାର ପଞ୍ଜୀକରଣ ଆବେଦନ ପେଣ୍ଡିଂ

■ ସହାୟତା ଅପେକ୍ଷାରେ ୫୦୦ ଶ୍ରମିକ

ଜିଲାରେ ୨୭ଟି ପଞ୍ଜୀକୃତ ଶ୍ରମିକ ୟୁନିୟନ ରହିଛି । ବର୍ତ୍ତମାନ ସୁଦ୍ଧା ଶ୍ରମିକ କାର୍ଡ ପାଇଁ ୨ ହଜାର ଆବେଦନପତ୍ର ଶ୍ରମ କାର୍ଯ୍ୟାଳୟରେ ପେଣ୍ଡିଂ ରହିଥିବା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ୨୦୦୯ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧ ଲକ୍ଷ ୩ ହଜାର ଶ୍ରମିକ ଶ୍ରମ କାର୍ଯ୍ୟାଳୟରୁ କାର୍ଡ ପାଇଛନ୍ତି। ସେହିପରି ସରକାରଙ୍କ ନିର୍ଦ୍ଧାରିତ ବିଭିନ୍ନ ସହାୟତା ପାଇଁ ୫୦୦ ଶ୍ରମିକଙ୍କ ଆବେଦନପତ୍ର ପେଣ୍ଡିଂ ରହିଥିବା ଜଣାପଡିଛି। ୨୦୧୩-୧୪ରେ ୨୮୧୯ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିବା ବେଳେ ୨୦୧୪-୧୫ରେ ୩୧୨୮ ଜଣଙ୍କୁ , ୨୦୧୫-୧୬ରେ ୯୪୩୨ ଜଣଙ୍କୁ, ୨୦୧୬-୧୭ରେ ୧୮,୬୩୪ ଜଣଙ୍କୁ, ୨୦୧୭-୧୮ରେ ୫୬୭୪ ଜଣ ଓ ୨୦୧୮-୧୯ରେ ୧୬୯୫ ଶ୍ରମିକଙ୍କୁ ସହାୟତା ଦିଆଯାଇଥିବା ସୂଚନା ମିଳିଛି ।

## ବିଜୁ ପଟ୍ଟନାୟକ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

**ଶେରଗଡ,୮।୯(ଡି.ଏନ.ଏ.)**

ଶେରଗଡସ୍ଥିତ ବିଜୁ ପଟ୍ଟନାୟକ କନିଷ୍ଠ ମହାବିଦ୍ୟାଳୟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ରାମଚଣ୍ଡୀ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଗୌରହରି ବିଷୋୟୀ ଅଧକ୍ଷତା କରିଥିଲେ। ଅର୍ଥନୀତି ଅଧାପକ ନୀଳମାଧବ ପାଣିଗ୍ରାହୀ, ଇଂଲିଶ ଅଧ୍ୟାପକ ରଞ୍ଜନ କୁମାର ସାହୁ, ଓଡିଆ ଅଧ୍ୟାପିକା ମିନାକ୍ଷୀ ସାହୁ ପ୍ରମୁଖଙ୍କ ସଂଯୋଜନାରେ ନୂଆ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଯୁକ୍ତ ଦୁଇ ବର୍ଷ କଳାର ଛାତ୍ରୀଛାତ୍ରୀମାନେ ପ୍ରଥମବର୍ଷ କଳାର ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୋଦଳା ନଗର କଂଗ୍ରେସ କମିଟି ବୈଠକ



ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

**କୋଦଳା,୮।୯(ଡି.ଏନ୍.ଏ.)**

କୋଦଳା ଅଞ୍ଚଳର କଂଗ୍ରେସ କର୍ମୀଙ୍କୁ ସକ୍ରିୟ କରିବାକୁ ଶୁକ୍ରବାର ସନ୍ଧ୍ୟାରେ କେତେଜଣ ବରିଷ୍ଠ ନେତା ଓ କର୍ମୀଙ୍କୁ ନେଇ କୋଦାଳ ନଗର କଂଗ୍ରେସ ସଭାପତି ଅଜିତ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। କର୍ମୀଙ୍କୁ ସକ୍ରିୟ କରିବା ସହ ଅଞ୍ଚଳରେ କୋଡିଏ ବର୍ଷ ହେବ ବିକାଶ ମୂଳକ କାର୍ଯରେ ଅବହେଳା ଓ ଅନ୍ୟ ସାତ ଦଫା ଦାବି ନେଇ ଆଗାମୀ ଦିନରେ ଜନ ଆନ୍ଦୋଳନ କରିବାକୁ ଆଲୋଚନା ହୋଇଥିଲା। ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଦାବି ପୂରଣ ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ଦାବିଗୁଡିକ ହେଲା, କୋଦଳାରେ ରାଜସ୍ୱ ସବ୍ ଡିଭିଜନ ଖୋଲିବା, ଗୋଷ୍ଠୀ ଉନ୍ନୟନ କାର୍ଯାଳୟ ଓ ସ୍ୱତନ୍ତ୍ର ବ୍ଲକ ପ୍ରତିଷ୍ଠା, କୋଦଳା ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମକୁ କୋଦାଳ ସବ୍‌ରେଜିଷ୍ଟରଭୁକ୍ତ କରିବା, କାଳିମେଘି ପଞ୍ଚାୟତରେ ଥିବା ଚନ୍ଧୁରି ପାହାଡରୁ ମାଙ୍ଗାନିଜ ଉତ୍ତୋଳନ କରାଯାଉ, ଅଙ୍ଗାର ଗାଁ ଠାରୁ ସିକୁଳା ଦେଇ ପୁରୁଷୋତ୍ତମପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ ପ୍ରମୁଖ ଦାବି ରହିଛି। ବୈଠକରେ ବରିଷ୍ଠ କଂଗ୍ରସ ନେତା ଉଦୟନାଥ ପ୍ରଧାନ , ଅମିତ କୁମାର ସାହୁ , ଲକ୍ଷ୍ମୀକାନ୍ତ ଅଚାର୍ଯ୍ୟ, ଗୋବିନ୍ଦ ଭୂୟାଁ, ହଜାରି ମୁନି, ବୁଲୁ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ପାସେଞ୍ଜର ଟ୍ରେନ ଆସିବାରେ ବିଳମ୍ବ, ଯାତ୍ରୀ ହନ୍ତସନ୍ତ

**ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରକୁ ଆସୁଥିବା ପୁରୀ-ପାରଳାଖେମୁଣ୍ଡି-ଗୁଣୁପୁର ପାସେଞ୍ଜର ଟ୍ରେନ ରବିବାର ଅହେତୁକ ବିଳମ୍ବରେ ପହଞ୍ଚିଥିଲା। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଟ୍ରେନ୍‌ଟି ପାରଳାଖେମୁଣ୍ଡି ଷ୍ଟେସନରେ ସନ୍ଧ୍ୟା ୬.୪୦ରେ ପହଞ୍ଚିବାର ସମୟ ଥିବା ବେଳେ ଏହା ରବିବାର ପ୍ରାୟ ୩ଘଣ୍ଟାରୁ ଉର୍ଦ୍ଧ୍ୱ ବିଳମ୍ବରେ ପହଞ୍ଚିଥିବା ଜଣାପଡିଛି । ଏହି ଟ୍ରେନ ଯୋଗେ ଯେଉଁ ଯାତ୍ରୀମାନେ ପୁରୀ, ବ୍ରହ୍ମପୁର ଅଞ୍ଚଳରୁ ପାରଳାଖେମୁଣ୍ଡି ଫେରୁଥିଲେ ସେମାନେ ସମସ୍ୟାରେ ପଡିଥିଲେ। ପାରଳାଖେମୁଣ୍ଡିଠାରୁ କାଶୀନଗର, ଗୁଣୁପୁର ଅଞ୍ଚଳକୁ ଯିବାକୁ ଥିବା ଯାତ୍ରୀମାନେ ମଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦୃଷ୍ଟି ଦେବାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମହିଳା ସାକ୍ଷରତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୮।୯ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ନେହେରୁ ଯୁବକେନ୍ଦ୍ର ଗଜପତି ପକ୍ଷରୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ଅବସରରେ ମହିଳା ସାକ୍ଷରତାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ଜିଲା ସଂଯୋଜକ ବିଜୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲା ପରିଷଦ ଅଧକ୍ଷା ଅନିତାରାଣୀ ବେହେରା ଯୋଗଦେଇଥିଲେ । ମୁଖ୍ୟତଃ ଗଜପତି ଜିଲା ଏକ ଅନଗ୍ରସର ଜିଲା ହୋଇଥିବାରୁ ଏଠାରେ ମହିଳା ସାକ୍ଷରତାର ବିଶେଷ ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ପଞ୍ଚାୟତସ୍ତରରେ ମହିଳା ପ୍ରତିନିଧିମାନେ ଗ୍ରାମାଞ୍ଚଳର ବିକାଶ ପକ୍ରିୟାରେ ଭାଗନେଇ ସେହି ସବୁ ସ୍ଥାନରେ ମହିଳାମାନଙ୍କ ସାକ୍ଷରତା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ସାମାଜିକ ଓ ଅର୍ଥନୈତିକ ଅଧିକାରରେ ମହିଳାମାନଙ୍କ ଭୂମିକା ଜରୁରୀ । ତେଣୁ ମହିଳାମାନେ ଅଧିକରୁ ଅଧିକ ସ୍ୱାକ୍ଷର ହେଲେ ସେମାନେ ମଧ ପୁରୁଷଙ୍କ ଭଳି ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରି ସମାଜର ବିକାଶ ପାଇଁ କାର୍ଯ୍ୟ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା।

## ଭୂତକୋଠି ପାଲଟିଛି ଧରାକୋଟ ରାଜସ୍ୱ ବଙ୍ଗଳା

**ଧରାକୋଟ,୮।୯(ଡି.ଏନ.ଏ.)**



ରାଜସ୍ୱ ବିଭାଗ ବଙ୍ଗଳା।

ଧରାକୋଟ ହେଉଛି ବ୍ଲକ, ତହସିଲ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର ସଦର ମହକୁମା। ସରକାରୀ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ସବୁଠି ଏକ ପରିଦର୍ଶନ ବଙ୍ଗଳା ରହିଛି । ରାଜା ଅମଳରୁ ଧରାକୋଟ କୋଠାରି ସାହିରେ ରହିଛି ରାଜସ୍ୱ ବିଭାଗର ପଥର ବଙ୍ଗଳା। ଧରାକୋଟରେ ଆରମ୍ଭ ହୋଇଥିବା ଅତିରିକ୍ତ ତହସିଲଦାର କାର୍ଯ୍ୟାଳୟ ଏଠାରେ ଚାଲିଥିଲା। ୨୦୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନୂତନ ତହସିଲର କୋଠା ଉଦ୍‌ଘାଟନ ହେବା ପରେ ଏକରକମ ପରିତ୍ୟକ୍ତ ସ୍ଥିତିକୁ ଆସିଥିଲା ଏହି ରାଜସ୍ୱ ବିଭାଗର ପଥର ବଙ୍ଗଳା। ଫାଇଲିନ ସମୟରେ ରାଜସ୍ୱ ବିଭାଗର ଷ୍ଟୋର ରୁମ ରୂପେ ଏହା କାର୍ଯ୍ୟକାରୀ ହୋଇଥିଲା। ରିଲିଫ ସାମଗ୍ରୀ ବଣ୍ଟନ ପରେ ଏହା ପଡ଼ିରହିଥିଲା। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହାର ପୁନରୁଦ୍ଧାର କରାଗଲା। ଧରାକୋଟରେ ରାଜସ୍ୱ ବିଭାଗର ଏହି ପରିଦର୍ଶନ ବଙ୍ଗଳାକୁ ସମସ୍ତେ ସ୍ୱାଗତ କରିଥିଲେ। ହେଲେ ବର୍ତ୍ତମାନ ଏହା ଲଟାବୁଦା ଓ ଅଦରକାରୀ ଗଛ ଦ୍ୱାରା ଭର୍ତ୍ତି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର କୁହନ୍ତି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଆମକୁ ବଙ୍ଗଳା ହସ୍ତାନ୍ତର କରିନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କହିବା କଥା ନିର୍ମାଣ କାର୍ଯ୍ୟ ସରିଛି, ହେଲେ ବିଦ୍ୟୁତ୍‌କରଣ ଓ ଜଳଯୋଗାଣ ପାଇଁ ଆମ ପାଖରେ ଅନୁଦାନ ନାହିଁ । ଦୋଛକିରେ ଥିବା ଏହି ବଙ୍ଗଳାରେ ଅନୈତିକ କାର୍ଯ୍ୟକଳାପ ହେବା ସହ ଅସାମାଜିକ ଓ ମଦ୍ୟପଙ୍କ ପାଇଁ ମୁକ୍ତାକାଶ ପାଲଟିଛି।

## ସମସ୍ୟା ଘେରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

**ପୋଲସରା,୮।୯ (ଡି.ଏନ.ଏ.)**




ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଶିକ୍ଷକମାନଙ୍କୁ ନୂତନ ଜ୍ଞାନ କୌଶଳ ପ୍ରଶିକ୍ଷକମାନଙ୍କ ଦ୍ୱାରା ଦିଆଯାଇଥାଏ। ତଥାପି ଶିକ୍ଷାଦାନରେ ତ୍ରୁଟି ଯୋଗୁ ଛାତ୍ରୀଛାତ୍ରଙ୍କ ଜ୍ଞାନରେ ବୃଦ୍ଧି ହେଉନାହିଁ। କେଉଁ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ଫେଲ୍ ହୋଇଥିବା ବେଳେ ଅନ୍ୟ କେତେକ ବିଦ୍ୟାଳୟରେ ଶତ ପ୍ରତିଶତ ପରୀକ୍ଷା ଫଳ ରହିଥାଏ । ଏଭଳି ସ୍ଥିତିରେ ଛାତ୍ରୀଛାତ୍ରମାନଙ୍କ ଇଂରାଜୀ, ବିଜ୍ଞାନ ଆଦିରେ ଭଲ ନମ୍ବର ରଖିବା ଲାଗି କେନ୍ଦ୍ରୀୟ ବିଦ୍ୟାଳୟ (ସିବିଏସଇ) ଢାଞ୍ଚାରେ ଓଡ଼ିଶାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଗଲା। କିନ୍ତୁ ଯେଉଁଠି ବିଦ୍ୟାଳୟ ଖୋଲାଯାଇଛି, ତାହାର ଆବଶ୍ୟକୀୟ ଭିତ୍ତିଭୂମି ମଧ ସମସ୍ୟା ଘେରରେ ବୁଡ଼ି ରହିଛି। ଏହା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ପୋଲସରା ହାତୀଓଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ପ୍ରାୟ ୩ ବର୍ଷରୁ ଉର୍ଦ୍ଧ୍ୱ ବା ୨୦୧୬ରେ ସ୍ଥାପିତ ହୋଇଥିଲା। ଏଠାର ୬ଷ୍ଠରୁ

**ନିର୍ମାଣର ୩ ବର୍ଷ ବିତିଲାଣି**

୧୦ମ ଶ୍ରେଣୀ ମଧ୍ୟରେ ୩୪୨ ଛାତ୍ରୀଛାତ୍ର ପଢନ୍ତି। କିନ୍ତୁ ଛାତ୍ରୀଛାତ୍ରଙ୍କ ଲାଗି ଖେଳ ପଡ଼ିଆ, ପାନୀୟ ଜଳ, ବିଦ୍ୟୁତ ସମସ୍ୟା, ହଷ୍ଟେଲ, ପୂର୍ତ୍ତ ବିଭାଗ ରୋଡଠାରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ ଆଦି ସମସ୍ୟା ରହିଛି। ଏ ନେଇ ବିଦ୍ୟାଳୟର ଅଧକ୍ଷା ସ୍ମିତା ନାଇକ ଗଞ୍ଜାମ ଜିଲାପାଳ, ଉପଜିଲାପାଳଙ୍କୁ ଲିଖିତ ଆକାରରେ ଅଭିଯୋଗ କରିଥିବା କହିଥିଲେ। ହେଲେ କିଛି ସୁଫଳ ମିଳିଲା ନାହିଁ। ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଅବିନାଶ ଓ ଛାତ୍ରୀ ଦୀପ୍ତିମୟୀ ସାହୁ କୁହନ୍ତି ବିଦ୍ୟାଳୟରେ ଖେଳ ପଡ଼ିଆ ନିର୍ମାଣ କରାଯାଉନାହିଁ। ବିଦ୍ୟାଳୟକୁ ଯାତାୟାତ ଲାଗି ଭଲ ରାସ୍ତା ଖଣ୍ଡିଏ ମଧ ନାହିଁ କି ଛାତ୍ରାବାସ ରକ୍ଷଣାବେକ୍ଷଣ ସହ ତାହାର ମରାମତି ମଧ କରାଯାଉ ନାହିଁ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରୁଛୁ। ହାତୀଓଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ୟା ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମିଟିଂରେ ଥିବା ହେତୁ ମତାମତ ମିଳିପାରିନଥିଲା ।

## ବିପଦସଙ୍କୁଳ ଅବସ୍ଥାରେ ଋଷିକୁଲ୍ୟା ପୋଲ ରାସ୍ତା

**ଗଞ୍ଜାମ,୮।୯(ଡି.ଏନ.ଏ.)**



ବିପଦସଙ୍କୁଳ ବ୍ରିଜ୍ ରାସ୍ତା।

ଗଞ୍ଜାମ ଋଷିକୁଲ୍ୟା ପୋଲ ଦୀର୍ଘଦିନ ହେବ ବିପଦସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ବ୍ରିଜ ଆରମ୍ଭରୁ ଶେଷ ଯାଏ ପ୍ରାୟ ୫ଟି ସ୍ଥାନରେ ଏଭଳି ଲମ୍ବା ଖାଲଖମା ସୃଷ୍ଟି ହୋଇଥିବାରୁ ସେଠାରେ ବହୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବାରମ୍ବାର ଖବର ପ୍ରସାରିତ ହେବା ପରେ ମଧ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ସଡ଼କ ସୁରକ୍ଷା ନାଁରେ ପ୍ରଶାସନ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରୁଛି। କିନ୍ତୁ ରାସ୍ତା ମରାମତି କାର୍ଯ୍ୟ କାହିଁକି କରାଯାଉନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେବେ ପ୍ରଶାସନର ଚେତା ପଶିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ବହୁ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ପୋଲ (ବ୍ରିଜ ରାସ୍ତା) ପୁନଃ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ନେତା ଓ ସବୁ ବଡ଼ ବଡ଼ିଆ ଅଫିସର ଗାଡ଼ିରେ ଯାଉଥିବା ବେଳେ ରାସ୍ତା ପ୍ରତି ଦୃଷ୍ଟି ପଡୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ତହସିଲଦାର ଅବନୀ କୁମାର ସାହୁ କହିଛନ୍ତି ରାସ୍ତା ଖାଲ ହୋଇଥିବା ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ପଦକ୍ଷେପ ନିଆଯିବ।

## ପୁଇଁତୋଳା କ୍ଲଷ୍ଟରର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

**ଗଞ୍ଜାମ,୮।୯(ଡି.ଏନ.ଏ.):** ଗଞ୍ଜାମ ସହରସ୍ଥିତ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁଇଁତୋଳା କ୍ଲଷ୍ଟର ପକ୍ଷରୁ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଆର୍‌ସିସି ବିଜୟ ଚନ୍ଦ୍ର ବେହେରା ଯୋଗଦେଇ ଥିବା ବେଳେ ପ୍ରଶିକ୍ଷକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଟ୍ଟନାୟକ ଓ ଏସ. ଗୋବିନ୍ଦ ରେନି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପାଳ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ନେପାକ୍, ପୂର୍ବତନ ସିଆରସିସି ବିପ୍ର ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପୁଇଁତୋଳା କ୍ଲଷ୍ଟର ଅଧୀନରେ ଥିବା ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହାକୁ ପୁଇଁତୋଳା କ୍ଲଷ୍ଟର ସିଆର୍‌ସିସି ମହେଶ କୁମାର ବେହେରା, ଶିକ୍ଷୟିତ୍ରୀ ମନରମା ବେହେରା, ସାଗରିକା ଚଣ୍ଡ ପ୍ରମୁଖ ପରିଚାଳନା କରିଥିଲେ।





ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

# ବ୍ୟାକ୍ଟେରିଆ ରୋକିବାର ସରଳ ଉପାୟ



**ବ୍ୟା**କ୍ଟେରିଆ ନିଜର କାୟାବିସ୍ତାର କଲେ ଆମେ କେତେକ ରୋଗର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ନିୟନ୍ତ୍ରଣ କରିବାର ଏକ ସରଳ ଉପାୟ ରହିଛି। ଏ ସମ୍ପର୍କିତ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଚାଞ୍ଚଲ୍ୟକର ତଥ୍ୟ ଲୋକ ଲୋଚନକୁ ଆଣିଛନ୍ତି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଆମ ପାଟିରୁ କ୍ଷରଣ ହେଉଥିବା ଲାଳ ଦ୍ୱାରା ବ୍ୟାକ୍ଟେରିଆ ନିୟନ୍ତ୍ରିତ ହୋଇପାରିବେ। ଆମେ କୁଳି କରିବା ସମୟରେ ପାଟିରୁ ବାହାରୁଥିବା ଲାଳରେ କେତେକ ବ୍ୟାକ୍ଟେରିଆ ବାହାରି ଯାଆନ୍ତି। ପୁଣି ପାଟିରୁ କ୍ଷରଣ ହେଉଥିବା ଲାଳ ସେମାନଙ୍କ ବଂଶ ବୃଦ୍ଧି କରିବାକୁ ସହଜରେ ଦେଇ ନ ଥାଏ।

# ସ୍ୱାସ୍ଥ୍ୟ ସୂଚନା



–ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ।
–ସକାଳ ଜଳଖିଆରେ ତଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ।
–ଯଦି ବ୍ୟାୟାମକୁ ନିଜର ଦୈନନ୍ଦିନ ତାଲିକାଭୁକ୍ତ କରୁଛନ୍ତି ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
–ବିଳମ୍ବିତ ରାତ୍ରିଭୋଜନ ଅଭ୍ୟାସ ବଦଳାନ୍ତୁ। ଏପରି ଅଭ୍ୟାସ ପେଟଜନିତ ସମସ୍ୟାର କାରଣ ସାଜିଥାଏ।
–ପ୍ରତିଦିନ କିଛି ସମୟ ଯଦି ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ତାହା ଆପଣଙ୍କ ଶରୀରକୁ ଅନେକାଂଶରେ ସୁସ୍ଥ ରଖିଥାଏ।
–ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ସାମିଲ କରନ୍ତୁ।
–ଏକାଥରେ ପୁଲାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ।
–ଗୋଟିଏ ସ୍ଥାନରେ ଯଦି ଅଧିକ ସମୟ ବସି ରହି କାମ କରିବାକୁ ପଡ଼େ ତେବେ କିଛି କିଛି ସମୟ ଅନ୍ତରାଳରେ ଠିଆହୋଇ ବୁଲାବୁଲି କରନ୍ତୁ। ଏହାଦ୍ୱାରା ଗୋଡ଼ର ସ୍ନାୟୁଗୁଡ଼ିକ ପ୍ରଭାବିତ ହୋଇ ନ ଥାନ୍ତି।



# ୧୦ଟି କଥା

**ଆଜିକାଲିର ବ୍ୟସ୍ତମୟ ଜୀବନରେ ଟେନ୍‌ସନର ବଶବର୍ତ୍ତୀ ହେବା ନୂଆ କଥା ନୁହେଁ। ଏଥିଯୋଗୁ ଅନେକଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ। ତେବେ ଏହି ସମୟରେ ନିମ୍ନୋକ୍ତ ୧୦ଟି କଥାକୁ ଧ୍ୟାନ ଦେଇପାରନ୍ତି...**

–ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଏହାଦ୍ୱାରା ଟେନ୍‌ସନ ଅନେକାଂଶରେ ଦୂର ହୋଇଥାଏ।
–ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ ନ ଖାଇବେ ସେତେ ଭଲ। ଏହା ସହ ପ୍ରତିଦିନ ଅତିକମ୍‌ରେ ୬–୭ ଘଣ୍ଟା ଶୁଅନ୍ତୁ।
–ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ପାଇଁ ବାହାର କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ପ୍ରଦାନ କରିବାରେ ସାହାଯ୍ୟ କରିଥାଏ।
–କ'ଣ ପାଇଁ ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ତାହାର କାରଣ ଖୋଜି ବାହାର କରନ୍ତୁ। ଯେତେ ସମ୍ଭବ ଏହାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତୁ।
–ଯଦି ଅଧିକାଂଶ ସମୟ ଚାପର ବଶବର୍ତ୍ତୀ ହେଉଛନ୍ତି ତେବେ ଯେତେ ସମ୍ଭବ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।
–ନିଜ ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ନିଜେ ତୁଲାଇପାରୁ ନ ଥିବା କାମକୁ ଆପଣେଇ ଟେନ୍‌ସନକୁ ଡାକି ଆଣନ୍ତୁ ନାହିଁ।
–ଟେନ୍‌ସନକୁ ନେଇ ଅଧିକ ଟେନ୍‌ସନ ହୁଅନ୍ତୁ ନାହିଁ। ସବୁବେଳେ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।
–ଯଦି ଅଧିକାଂଶ ସମୟ ଟେନ୍‌ସନରେ ରହୁଛନ୍ତି ତେବେ କିଛି ସମୟ ଶାନ୍ତ ପରିବେଶରେ ନିଜକୁ ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ମାନସିକ ଶାନ୍ତି ମିଳିବା ଯଥେଷ୍ଟ ସମ୍ଭାବନା ରହିଛି।
–ସବୁବେଳେ ନିଜକୁ ଟେନ୍‌ସନ ଫ୍ରି ରଖିବାକୁ ଏକ ରୁଟିନ୍ ଲାଇଫ ଖସଡ଼ା ପ୍ରସ୍ତୁତ କରନ୍ତୁ।
–ଟେନ୍‌ସନକୁ ନେଇ ଯଦି ଅଧିକ ଚିନ୍ତାଗ୍ରସ୍ତ ରହୁଛନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ, ଯିଏ କି ଆପଣଙ୍କୁ ଏଥିରୁ ମୁକୁଳିବା ଲାଗି ସହଜ ବାଟ ବତାଇଦେବେ।



କମଳାକାନ୍ତ ଜେନା

# ଅପେକ୍ଷା କରିଛି ମଙ୍ଗଳ



ମଙ୍ଗଳ ଆମ ପୃଥିବୀର ନିକଟତମ ପଡ଼ୋଶୀ ଗ୍ରହ। ଏହାକୁ ପୃଥିବୀର ଯାଆଁଳା ଭଉଣୀ ବୋଲି କୁହାଯାଏ। ତେଣୁ ତା' ପ୍ରତି ଆମର ବେଶି ଦରଦ। ରାତିରେ ଏହା ଲାଲ ରଙ୍ଗର ତାରା ଭଳି ଦେଖାଯାଏ। ତେଣୁ ଏହାକୁ 'ଲୋହିତ ଗ୍ରହ' (ରେଡ୍ ପ୍ଲାନେଟ୍) କୁହାଯାଏ। ପୃଥିବୀ ଭଳି ମଙ୍ଗଳ ବି ବିରାଟ ପେଣ୍ଡୁଟିଏ। ଆକାରକୁ ଦେଖିଲେ ପୃଥିବୀର ଅଧା ହେଉଛି ମଙ୍ଗଳ। ପୃଥିବୀ ଆକାଶରେ ଯେପରି ସୂର୍ଯ୍ୟ ଉଦୟ ଓ ଅସ୍ତ ହୁଏ, ମଙ୍ଗଳ ଆକାଶରେ ସେହିପରି ମଧ୍ୟ ହୁଏ। ଆମର ୨୪ ଘଣ୍ଟାରେ ଗୋଟିଏ ଦିନ ହୁଏ। କିନ୍ତୁ ମଙ୍ଗଳ ଗ୍ରହରେ ୨୪ ଘଣ୍ଟା ୩୭ ମିନିଟରେ ଗୋଟିଏ ଦିନ ହୁଏ। ଆମର ୧୨ ମାସରେ ଏକବର୍ଷ ଓ ମଙ୍ଗଳରେ ୨୩ ମାସରେ ଏକ ବର୍ଷ ହୁଏ। ଏବେ ମଙ୍ଗଳରେ ବାସକରିବା ପ୍ରସଙ୍ଗକୁ ଆଧାରକରି ଅନେକ ଆଲୋଚନା ହେଉଛି। ନିକଟ ଅତୀତରେ ମଙ୍ଗଳ ପୃଷ୍ଠରେ ଜଳର ସନ୍ଧାନ ସମ୍ପର୍କିତ ଅନେକ ଚମତ୍କାର ତଥ୍ୟ ଆମକୁ ମିଳିଛି। ଆଜିକାଲିର ଗବେଷଣାକୁ ଦେଖିଲେ ଲାଗୁଛି, ମଙ୍ଗଳରେ ଦିନେ ନା ଦିନେ ମଣିଷର ପାଦ ପଡ଼ିବା କଥାଟା ନିଶ୍ଚୟ ସତ ହେବ। ଏହି ପରିପ୍ରେକ୍ଷୀରେ ବିଗତ ବର୍ଷଗୁଡ଼ିକରେ ମହାକାଶ କ୍ଷେତ୍ରରେ ଏକାଧିକ ଚର୍ଚ୍ଚିତ ଗବେଷଣା ଭିତରୁ ମଙ୍ଗଳ ଗ୍ରହ ସମ୍ପର୍କିତ ଗବେଷଣାକୁ ନେଇ ବେଶ୍ ଚହଳ ସୃଷ୍ଟି ହୋଇଥିଲା।

ଏଯାଏ ୮ଟି ମହାକାଶଯାନ ମଙ୍ଗଳକୁ ପରିକ୍ରମା କରିସାରିଛନ୍ତି। ସେଗୁଡିକ ଭିତରେ ଭାରତର 'ମଙ୍ଗଳଯାନ' ଅନ୍ୟତମ, ଯାହାକୁ ୫।୧୧।୨୦୧୩ ତାରିଖରେ ଇସ୍ରୋ ପଠେଇଥିଲା ଓ ତାହା ୨୪।୦୯।୨୦୧୪ ତାରିଖରେ ମଙ୍ଗଳକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନିଜ ପୃଷ୍ଠରେ ଜଳର ଉପସ୍ଥିତିକୁ ନେଇ ମଙ୍ଗଳ ଗ୍ରହ ଅନେକ ଥର ଚର୍ଚ୍ଚାର ପରିସର ଭିତରକୁ ଆସିଛି। ମଙ୍ଗଳପୃଷ୍ଠରେ ତରଳ ଜଳର ପ୍ରବାହ ରହିଛି ବୋଲି ୨୦୧୫ ସେପ୍ଟେମ୍ବର ୨୮ ତାରିଖରେ ଆମେରିକାର ଗବେଷଣା ସଂସ୍ଥା 'ନାସା' ଘୋଷଣା କରିଥିଲା। ନାସା ସଂସ୍ଥା ୧୨।୦୮।୨୦୦୫ ତାରିଖରେ 'ମାର୍ସ ରେକୋନାଇସାନ୍ସ ଅର୍ବିଟର' (ଏମ୍‌ଆର୍‌ଓ) ନାମକ ମହାକାଶଯାନକୁ ମଙ୍ଗଳ ଗ୍ରହକୁ ପଠାଇଥିଲା, ଯାହାକି ସେଠାରେ ପହଞ୍ଚି ୧୦।୦୩।୨୦୦୬ ତାରିଖରୁ ମଙ୍ଗଳ ଗ୍ରହ ଚାରିପଟେ ପରିକ୍ରମା କଲା। ମଙ୍ଗଳ ଚାରିପଟେ ବୁଲୁବା ସମୟରେ ମଙ୍ଗଳ ପୃଷ୍ଠର ହଜାର ହଜାର ଫଟୋ ଉଠାଇ ପୃଥିବୀକୁ ପଠାଉଥିଲା। ତା'ସହ ଅନେକ ସୂଚନା ମଧ୍ୟ ଦେଉଥିଲା। ସେହି ଫଟୋ ଓ ସୂଚନାରୁ ସେଠାରେ ଜଳ ପ୍ରବାହିତ ହେଉଛି ବୋଲି ଜଣାପଡ଼ିଲା। ଏହା ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ଥିଲା। ମଙ୍ଗଳକୁ ନେଇ ଏତେ ଚର୍ଚ୍ଚା ହେବାର କାରଣ ସେଠାରେ ଜନବସତି ସ୍ଥାପନ କରିବା ପ । ଇଁ ପୃଥିବୀବାସୀ ଆଗ୍ରହର ସହ ଅନେଇ ବସିଛନ୍ତି। କିନ୍ତୁ ସେଥିପାଇଁ ସେଠାରେ ପ୍ରଚୁର ଜଳର ବ୍ୟବସ୍ଥା ହେବା ଜରୁରୀ। ସେଭଳି ପରିସ୍ଥିତିରେ ୨୦୧୬ରେ ମଙ୍ଗଳପୃଷ୍ଠରେ ଜଳକୁ ନେଇ ମିଳିଥିବା ଅନେକ ଚମତ୍କାର ତଥ୍ୟ ଆମ ସମସ୍ତଙ୍କୁ ଆଶ୍ୱାସନା ଦେଉଛି। ମଙ୍ଗଳ ପୃଷ୍ଠର 'ୟୁଟୋପିଆ ପ୍ଲାନିସିଆ' ଅଞ୍ଚଳରେ ପ୍ରଚୁର ଜଳର ସନ୍ଧାନ ମିଳିଛି, ଯାହାକି ବରଫ ରୂପରେ ରହିଛି। ସେହି ବରଫକୁ ତରଳେଇଦେଲେ ସେଠାରେ ଏକ ବିରାଟ ହ୍ରଦ ସୃଷ୍ଟି ହେବ। ତେଣୁ ସେଠାରେ ଆଉ ଜଳର ଅଭାବ ହେବ ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେଣୁ ପୃଥିବୀର ଲୋକମାନେ ଅନେଇ ବସଛନ୍ତି, କେବେ ସେଠାକୁ ଯାଇ ଘରଦ୍ୱାର ତିଆରି କରିବେ। କିନ୍ତୁ, ଏହା କ'ଣ ସହଜ କଥା? ନା, ଆଦୌ ସହଜ କଥା ନୁହେଁ, କାଠିକର ପାଠ।

ମଙ୍ଗଳରେ ଅମ୍ଳଜାନ ଏକ ସମସ୍ୟା। ଆମ ବାୟୁମଣ୍ଡଳରେ ଯଥେଷ୍ଟ ଅମ୍ଳଜାନ ଅଛି। ୧୦୦ ବୋତଲ ବାୟୁରେ ୨୧ ବୋତଲ ଅମ୍ଳଜାନ ରହିଛି ଏବଂ ଅଧା ବୋତଲରୁ କମ୍ ଅଙ୍ଗାରକାମ୍ଳ ରହିଛି। ଆମର ଶ୍ୱାସକ୍ରିୟା ପାଇଁ ଏମିତିକା ବାୟୁମଣ୍ଡଳ ଆବଶ୍ୟକ। ତଥାପି ଏଥିରେ ଅଙ୍ଗାରକାମ୍ଳ ପରିମାଣ ଟିକିଏ ବଢ଼ିଗଲେ ଆମେ ବଞ୍ଚିବା କଷ୍ଟକର ହୋଇପଡୁଛି। କିନ୍ତୁ ମଙ୍ଗଳର ବାୟୁମଣ୍ଡଳରେ ଯଥେଷ୍ଟ ଅଙ୍ଗାରକାମ୍ଳ ଅଛି। ୧୦୦ ବୋତଲ ବାୟୁରେ ୯୬ବୋତଲ ଅଙ୍ଗାରକାମ୍ଳ ରହିଛି ଏବଂ ଅଧା ବୋତଲରୁ କମ୍ ଅମ୍ଳଜାନ ରହିଛି। ତେଣୁ ନାକରେ ଅମ୍ଳଜାନ ଥଳି ଝୁଲେଇଲେ ଯାଇ ଆମେ ସେଠାରେ ରହିପାରିବା। ଅଧିକ ଥଣ୍ଡା ଓ ଅତି କମ୍ ଚାପ ହେତୁ ମଙ୍ଗଳ ପୃଷ୍ଠରେ ତରଳ ଅବସ୍ଥାରେ ଜଳ ରହିବା କଥା ନୁହେଁ। ତ ଥ । ପ ି ସେଠାରେ ପାଣିର ଧାର ଅଛି ବୋଲି ପ୍ରମାଣ ମିଳିଛି। କିନ୍ତୁ ଅଧିକାଂଶ ଜଳ ରହିଛି ବରଫ ରୂପରେ, ଯାହାକୁ ବୈଜ୍ଞାନିକମାନେ ଅବତଳ ଦର୍ପଣ ବ୍ୟବହାର କରି ସୂର୍ଯ୍ୟକିରଣ ଦ୍ୱାରା ତରଳେଇ ବ୍ୟବହାର କରିବା ପାଇଁ ଭାବୁଛନ୍ତି। ଅର୍ଥାତ୍ ସେଠାରେ ଆମ ପାଇଁ ଯଥେଷ୍ଟ ଜଳ ନାହିଁ। ପହଁରିବା ପାଇଁ ନଦୀପୋଖରୀ ନାହିଁ। ମାଛ ମାରିବା ପାଇଁ ନୀଳଦରିଆ ନାହିଁ। ଯାହା ବି ଜଳ ଅଛି ବୋଲି କୁହାଯାଉଛି, ତାହା ଆମର ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ କି ନୁହେଁ, ସେକଥା ଜଣାପଡିନାହିଁ। ପୃଥିବୀରେ ଏତେ ତରଳ ଜଳ ଥାଉ ଥାଉ ବ୍ୟବହାର ଉପଯୋଗୀ ଜଳର ପରିମାଣ ଯଥେଷ୍ଟ ନୁହେଁ। ତେଣୁ ମଙ୍ଗଳପୃଷ୍ଠରେ ଜଳକଷ୍ଟ ନହେବ ବୋଲି କେମିତି କହିବା?

ଆଉ ଏକ ସମସ୍ୟା ହେଉଛି ଖାଦ୍ୟ। ଆମେ ଯାହା ବି ଖାଉ, ତାହା ଗଛଲତାରୁ ମିଳେ। ମଙ୍ଗଳରେ ଗଛଲତା ତ ଦୂର କଥା, ଏଯାଏ ଶିଉଳିର ସନ୍ଧାନ ବି ମିଳିନାହିଁ। ମଙ୍ଗଳ ମାଟିରେ ଗଛଲତା ବଞ୍ଚିପାରିବ। କିନ୍ତୁ ଟାଣ ଖରା ନାହିଁ। ସବୁଜଗୃହ ଭିତରେ ଗଛ ଲଗାଯିବ। ଗଛ ଖାଦ୍ୟ ତିଆରି କରିବା ପାଇଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଅଛି। କିନ୍ତୁ ଶ୍ୱାସକ୍ରିୟା କରିବା ପାଇଁ ଯଥେଷ୍ଟ ଅମ୍ଳଜାନ ନାହିଁ। ତେଣୁ ବିଦ୍ୟୁତ୍–ବିଶ୍ଳେଷଣ ପ୍ରକ୍ରିୟାରେ ପାଣିରୁ ଅମ୍ଳଜାନ ତିଆରି କରି ଗଛଲତାକୁ ଯୋଗାଇ ଦିଆଯିବ। ଏହି କଥାଟା ଠିକ୍ ଲାଗୁନାହିଁ। ପୃଥିବୀରେ ଗଛଲତା ବଞ୍ଚିବା ପାଇଁ କୌଣସି ଅସୁବିଧା ନାହିଁ। କିନ୍ତୁ ଲୋକେ ଚାଷ କରୁ ନାହାନ୍ତି। ମଙ୍ଗଳରେ ଏତେ କଟକଣା ଭିତରେ କେମିତି ଚାଷ କରିବେ? ପୁଣି ସ୍ପେଶ୍ ଶୁଟ୍ ପିନ୍ଧି ଚାଷ କରିବେ? ଖାଲି ଚାଷୀ ନୁହେଁ, ସମସ୍ତେ ଦେହକୁ ଚାପିରଖିଥିବା ସ୍ପେଶ୍ ଶୁଟ୍ ପିନ୍ଧି ରହିବେ।

> "ଏ ଯାଏ ୮ଟି ମହାକାଶଯାନ ମଙ୍ଗଳକୁ ପରିକ୍ରମା କରିସାରିଛନ୍ତି। ସେଗୁଡ଼ିକ ଭିତରେ ଭାରତର 'ମଙ୍ଗଳଯାନ' ଅନ୍ୟତମ, ଯାହାକୁ ୫।୧୧।୨୦୧୩ ତାରିଖରେ ଇସ୍ରୋ ପଠେଇଥିଲା ଓ ତାହା ୨୪।୦୯।୨୦୧୪ତାରିଖରେ ମଙ୍ଗଳକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନିଜ ପୃଷ୍ଠରେ ଜଳର ଉପସ୍ଥିତିକୁ ନେଇ ମଙ୍ଗଳ ଗ୍ରହ ଅନେକ ଥର ଚର୍ଚ୍ଚାର ପରିସରକୁ ଆସିଛି।"

୨୦୧୯ ମସିହା ସୁଦ୍ଧା କୌଣସି ମହାକାଶଚାରୀ ମଙ୍ଗଳକୁ ଯାଇନାହାନ୍ତି। ସେଠାରେ କେବଳ ରୋଭରଯାନ ଓହ୍ଲାଇଛି। କିନ୍ତୁ କୌଣସି ମହାକାଶଯାନ ମଙ୍ଗଳପୃଷ୍ଠରେ ଓହ୍ଲାଇବା ପରେ ପୁଣି ପୃଥିବୀକୁ ଫେରି ନାହିଁ। ଆସନ୍ତା ୨୦୩୦ ମସିହା ବେଳକୁ ମଣିଷ ମଙ୍ଗଳପୃଷ୍ଠରେ ପାଦ ପକେଇବ ବୋଲି ଡକ୍ଟର ଅବଦୁଲ କାଲାମ୍ କହିଥିଲେ। ହଁ, କଥାଟା ସତ ହେବାକୁ ଯାଉଛି। ମହାକାଶଚାରୀମାନେ ସେଠାକୁ ଯିବାର ବଡ ଯୋଜନା ଚାଲିଛି। ସେମାନେ ସେଠାରେ ରହିବେ ଓ ଘର ତିଆରି କରିବେ। ଜାଳେଣି, ପାଣି ଓ ଅମ୍ଳଜାନର ବ୍ୟବସ୍ଥା କରିବେ। କିନ୍ତୁ ମଙ୍ଗଳ ବହୁ ଦୂରରେ ଥିବାରୁ ମହାକାଶଯାନ ସେଠାରେ ପହଞ୍ଚିବା ପାଇଁ ୧୦ ମାସ ଲାଗୁଛି। ତେଣୁ ପୃଥିବୀ ଗ୍ରହରୁ ଲୋକଙ୍କୁ ଧରି ମଙ୍ଗଳ ଗ୍ରହକୁ ଯିବା କାଠିକର ପାଠ। ସେଥିପାଇଁ ଯଥେଷ୍ଟ ଖାଦ୍ୟ, ଜଳ ଓ ଜାଳେଣି ଦରକାର, ଯାହାକି ଏବେ ସମ୍ଭବ ନୁହେଁ। ତେବେ ସୋଲାର ଇଲେକ୍ଟ୍ରିକ୍ ପ୍ରପଲସନ ବ୍ୟବହାର କରି ଯାତ୍ରା–ସମୟକୁ କମ୍ କରିବା ପାଇଁ ଗବେଷଣା ଚାଲିଛି। କିଭଳି ସ୍ପେଶସୁଟ୍ ପିନ୍ଧିଲେ ଅସୁବିଧା ହେବନାହିଁ, ସେ ବିଷୟରେ ପରୀକ୍ଷା ଚାଲିଛି। ଶୀଘ୍ର ସୂଚନା ଆଦାନ ପ୍ରଦାନ ପାଇଁ ମଙ୍ଗଳ ଓ ପୃଥିବୀ ମଧ୍ୟରେ ବେତାର ଯୋଗାଯୋଗ ବ୍ୟବସ୍ଥାକୁ ଦ୍ରୁତ କରାଯିବାର ଯୋଜନା ହେଉଛି।

ମଙ୍ଗଳ ଆମକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଛି। କିନ୍ତୁ ସେଠାରେ ବାୟୁମଣ୍ଡଳରେ ଯଥେଷ୍ଟ ଅମ୍ଳଜାନ ନାହିଁ। ହେଲେ ପାଣି ଥିବାର ପକ୍କା ସୂଚନା ମିଳି ସାରିଛି। ପାଣିରେ ଶିଉଳି ରହିଲେ ଧୀରେ ଧୀରେ ସେଠାରେ ଅମ୍ଳଜାନର ପରିମାଣ ବୃଦ୍ଧିପାଇବ। ପରେ ପରେ ଗଛ ଲତା ସୃଷ୍ଟି ହେବ। ହେଲେ ମଣିଷ ବଞ୍ଚିପାରିବା ଭଳି ଯଥେଷ୍ଟ ଅମ୍ଳଜାନ ସୃଷ୍ଟି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିବ। ଦିନ ଥିଲା, ପୃଥିବୀର ବାୟୁମଣ୍ଡଳରେ ବି ଯଥେଷ୍ଟ ଅମ୍ଳଜାନ ନଥିଲା। ତେଣୁ ମଙ୍ଗଳରେ ଜଳ ଥିଲେ ଭବିଷ୍ୟତରେ ଅମ୍ଳଜାନ ଆସିପାରେ। ଅର୍ଦ୍ଧଶତାବ୍ଦୀ ହେଲା ମଣିଷ ଯାଇ ଚନ୍ଦ୍ରରେ ପାଦ ଦେଇଛି। ଦିନେ ମଙ୍ଗଳଗ୍ରହରେ ବି ପହଞ୍ଚିବ। ସତ କହିଲେ ମଣିଷ ବଞ୍ଚିବା ପାଇଁ ପୃଥିବୀର ସୁବିଧା ଅନ୍ୟ କୌଣସି ଗ୍ରହରେ ନାହିଁ। ତଥାପି ଆନନ୍ଦ ପାଇଁ ମଙ୍ଗଳକୁ ଅଳ୍ପ ଦିନ ଲାଗି ଯିବାରେ କିଛି ଆପତି ନାହିଁ। କିନ୍ତୁ ସେଠାରେ ଜନବସତି ସ୍ଥାପନ କରି ସବୁଦିନ ରହିବା ସହଜ ନୁହେଁ। ତଥାପି ଆମେ ବିଜ୍ଞାନ ବଳରେ ଅପହଞ୍ଚ ଜାଗାରେ ପହଞ୍ଚିବା ପାଇଁ ଆଗ୍ରହୀ। ପୃଥିବୀବାସୀ ବିଜ୍ଞାନ ବଳରେ ମଙ୍ଗଳଗ୍ରହକୁ ଯାଆନ୍ତୁ। ସେଠାରେ ଘରଦ୍ୱାର ତିଆରି କରି ରୁହନ୍ତୁ ବା ନ ରୁହନ୍ତୁ ବିଜ୍ଞାନର ଜୟଗାନ କରନ୍ତୁ।

*–ଓଡିଶା ଶିକ୍ଷା ସେବା (୧), ସହକାରୀ ପ୍ରଫେସର, ଭଦ୍ରକ ଅଟୋନୋମସ କଲେଜ, ଭଦ୍ରକ*
*ମୋ : ୯୪୩୭୫୦୧୬୫୧*

# ଅର୍ଥୋସ୍କୋପିକ୍ ସର୍ଜରି

**"ଅର୍ଥୋସ୍କୋପିକ୍ ସର୍ଜରି ଏକ ଆଧୁନିକ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି। ଏଥିରେ ବଡ଼ ଧରଣର କଟାକଟି ନ କରି ଛୋଟ କଣା ମାଧ୍ୟମରେ ଶରୀରର ବିଭିନ୍ନ ଖଞ୍ଜା ମଧ୍ୟରେ ଅର୍ଥୋସ୍କୋପ୍ ପୂରାଯାଇ ବହୁ ରୋଗର ନିଦାନ ଏବଂ ଚିକିତ୍ସା କରାଯାଇଥାଏ।"**

**ଅର୍ଥୋସ୍କୋପିକ୍ କ'ଣ**
ଅର୍ଥୋସ୍କୋପିକ୍ ସର୍ଜରି ଏକ ଆଧୁନିକ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି। ଏଥିରେ ବଡ଼ ଧରଣର କଟାକଟି ନ କରି ଛୋଟ କଣା ମାଧ୍ୟମରେ ଶରୀରର ବିଭିନ୍ନ ଖଞ୍ଜା ମଧ୍ୟରେ ଅର୍ଥୋସ୍କୋପି ପୂରାଯାଇ ବହୁ ରୋଗର ନିଦାନ ଏବଂ ଚିକିତ୍ସା କରାଯାଇଥାଏ।

**ଓପନ୍ ସର୍ଜରିଠୁ କାହିଁକି ଭିନ୍ନ**
ଓପନ୍ ସର୍ଜରିରେ ଅଧିକ ଚିରାଫଡ଼ା କରାଯାଉଥିବାରୁ କ୍ଷତ ଶୁଖିବା ପାଇଁ ଅଧିକ ସମୟ ଲାଗେ ଏବଂ ଅପରେଶନ ପରେ ଷ୍ଟିଫ୍‌ନେସ ରହିବାର ଅସୁବିଧା ଥାଏ। ଏହାଛଡ଼ା ଅପରେଶନ ସମୟରେ ଅଧିକ ରକ୍ତସ୍ରାବ ହୋଇଥାଏ ଓ ପରେ ବଡ଼ ଦାଗ ରହିଥାଏ।

**କେଉଁ କେଉଁ ଖଞ୍ଜାରେ କରାଯାଏ**
ଆଣ୍ଠୁ ପାଇଁ ସବୁଠାରୁ ଅଧିକ ଉପଯୋଗୀ। ଏହାଛଡ଼ା କାନ୍ଧ, କହୁଣି, କଟଟି, ଗୋଇଠି, ପାଦରେ ମଧ ଅର୍ଥୋସ୍କୋପିକ୍ ମାଧ୍ୟମରେ ଅପରେଶନ କରାଯାଉଛି।

**କେଉଁ ରୋଗରେ କରାଯାଇପାରେ**
ଆଣ୍ଠୁର ଲିଗାମେଣ୍ଟ ଇଞ୍ଜୁରି, ଅଷ୍ଟିଓଆର୍ଥରାଇଟିସ୍ କାର୍ଟିଲେଜ୍ ରିପେୟାର ବା ବୟସ ଜନିତ ଆଣ୍ଠୁରୋଗ, ମେନିସ୍‌କସ୍ ଟିୟର ଇତ୍ୟାଦି ବିଭିନ୍ନ ରୋଗର ଚିକିତ୍ସା ଏବଂ ନିଦାନ ଅର୍ଥୋସ୍କୋପିକ୍ ମାଧ୍ୟମରେ କରାଯାଇପାରେ। କାନ୍ଧରେ ଆର୍ଥରାଇଟିସ୍, ରୋଟାଟର କଫ୍ ଇଞ୍ଜୁରି, ଫ୍ରୋଜେନ୍ ସୋଲ୍‌ଡର ଏବଂ ଡିସ୍‌ଲୋକେସନ(ଖଞ୍ଜା ଖସିବା) ପରି ରୋଗର ଚିକିତ୍ସା କରାଯାଇପାରେ। ଏଣ୍ଡୋସ୍କୋପିକ୍ ସ୍ପାଇନ୍ ସର୍ଜରି ମାଧ୍ୟମରେ ବିଭିନ୍ନ ସ୍ପାଇନାଲ ରୋଗର ଚିକିତ୍ସା ମଧ କରାଯାଇପାରୁଛି।


**ଆନାସ୍ଥେସିଆ କ'ଣ ଦିଆଯାଏ**
ଆଣ୍ଠୁ ଅର୍ଥୋସ୍କୋପିକ୍ ସର୍ଜରି ପାଇଁ ସ୍ପାଇନାଲ ଆନାସ୍ଥେସିଆ ଦରକାର। ଲୋକାଲ ଆନାସ୍ଥେସିଆରେ ମଧ ଅପରେଶନ କରାଯାଇପାରେ। କାନ୍ଧ ପାଇଁ ଜେନେରାଲ ଆନାସ୍ଥେସିଆ ଆବଶ୍ୟକ ହୁଏ।

**ଭଲ ହେବା ପାଇଁ କେତେ ଦିନ ଲାଗେ**
ଆଣ୍ଠୁର ସର୍ଜରି ପରେ ରିକୋଭରି ପାଇଁ ୪ରୁ ୫ ଦିନ ସମୟ ପରେ ଫୁଲା ସମ୍ପୂର୍ଣ୍ଣ କମିଯାଏ। ୫ଦିନରୁ ଆଣ୍ଠୁ ଭାଙ୍ଗିବା ପାଇଁ କିଛିଦିନ ବାଡ଼ି ଧରି ଚାଲିବା ପରେ ରୋଗୀ ସାଧାରଣ ଅବସ୍ଥାକୁ ଫେରିଆସେ।



ଡା. ଅତନୁ ମହାନ୍ତି

**ରିସ୍କ ବା ବିପଦ କ'ଣ ଥାଏ**
ଅପରେଶନ ସମୟରେ ରକ୍ତସ୍ରାବ, ଇନ୍‌ଫେକ୍‌ସନ ଇତ୍ୟାଦିର ବିପଦ ନ ଥାଏ ଓ ଓପନ୍ ସର୍ଜରିଠାରୁ ଏଥିରୁ ବିପଦ ଯଥେଷ୍ଟ କମ୍।



**କେଉଁଠାରେ କରିବା ଉଚିତ**
ଅର୍ଥୋସ୍କୋପିକ୍ ସର୍ଜରିରେ ତାଲିମପ୍ରାପ୍ତ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପାଖରେ ଉଚିତ ପରାମର୍ଶ ପରେ ଏହି ସର୍ଜରି କରିବା ଉଚିତ। ସର୍ଜରି ପାଇଁ ୩୦ ମିନିଟ୍ ସମୟ ଲାଗେ। ଅପରେଶନର ୩ଦିନ ପରେ ରୋଗୀ ଘରକୁ ଯାଇପାରେ।

*–ଆସୋସିଏଟ୍ ପ୍ରଫେସର, ଅସ୍ଥିଶଲ୍ୟ ବିଭାଗ, ଏସ୍‌ସିବି ମେଡିକାଲ କଲେଜ, କଟକ, ମୋ : ୯୪୩୭୦୩୨୨୨୦*



# ସକାରାତ୍ମକ ମାନସିକତା ଓ ବିଶ୍ରାମ

ପ୍ରତିଦିନ ଆମେ ଅତିକମ୍‌ରେ ୬–୭ ଘଣ୍ଟା ଶୋଇବା ଆବଶ୍ୟକ। ଏଥିରେ ଅନିୟମିତତା ହେଲେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। କେବଳ ସେତିକି ନୁହେଁ, ଶୋଇବା ସମୟରେ ବେଡ୍ ରୁମ୍‌ର ପରିବେଶ ଶାନ୍ତ ରହିବା ନିହାତି ଦରକାର। ଏହାଦ୍ୱାରା ଭଲ ନିଦ ହୋଇଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ୬–୭ ଘଣ୍ଟା ଶୋଉଛନ୍ତି ତେବେ ତାଙ୍କର ମାନସିକତା ସକାରାତ୍ମକ ରହିଥାଏ। ତା'ସହ ବିଭିନ୍ନ କାମ କରିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୁଏ। ଆବଶ୍ୟକ ମୁତାବକ ଶୋଇବା ଦ୍ୱାରା ଏହାର କି ପ୍ରକାର ସୁପ୍ରଭାବ ଶରୀର ଉପରେ ପଡୁଛି ତାହାକୁ ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଯେଉଁମାନେ ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନେଉଥିଲେ ସେମାନଙ୍କ ମାନସିକତା ପୂର୍ବାପେକ୍ଷା ଆହୁରି ସକ୍ରିୟ ଥିବାର ଜଣାପଡ଼ିଥିଲା। ତେବେ ରାତିରେ ଶୋଇବାକୁ ଯିବାର ଦୁଇଘଣ୍ଟା ପୂର୍ବରୁ ରାତ୍ରି ଭୋଜନ ଶେଷ କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ୧୨୩୪ କୋଟିର ୧୧ ଏନ୍‌ପିଏ ଆକାଉଣ୍ଟ ବିକିବ ପିଏନ୍‌ବି

**ନୂଆଦିଲ୍ଲୀ,୮-୯:** ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ୧୨୩୪ କୋଟି ଟଙ୍କାର ୧୧ ଏନ୍‌ପିଏ(ଅନାଦାୟ ଋଣ) ଆକାଉଣ୍ଟକୁ ବିକ୍ରି କରିବାକୁ ଯାଉଛି। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ଆସେଟ୍ ରିକନଷ୍ଟ୍ରକ୍ଶନ କମ୍ପାନୀ, ଏନ୍‌ବିଏଫ୍‌ସି, ବ୍ୟାଙ୍କ, ଫାଇନାନ୍ସିଆଲ ଇନ୍‌ଷ୍ଟିଚ୍ୟୁଶନ୍ସ ଲାଗି ବିଡ୍ ଆହ୍ୱାନ କରିଛି। ଏହି ଆକାଉଣ୍ଟ ମଧ୍ୟରେ ୪୪୧.୮୩ କୋଟି ଟଙ୍କାର ଭିସା ଷ୍ଟିଲ୍, ୪୧୪.୨୩ କୋଟି ଟଙ୍କାର ଇଣ୍ଡ୍‌ବାରାତ୍ ଏନର୍ଜି(ଉତ୍କଳ), ୧୧୩.୫୭ କୋଟି ଟଙ୍କାର ଆଷ୍ଟର ପ୍ରାଇଭେଟ ଲିମିଟେଡ ଓ ୧୦୦.୧୬ କୋଟି ଟଙ୍କାର ଓମ୍ ଶିବ୍ ଇଷ୍ଟେଟ୍ସ ରହିଛି। ପିଏନ୍‌ବି ପକ୍ଷରୁ କୁହାଯାଇଛି ଯେ, ଏହି ବିକ୍ରି ସମ୍ପୂର୍ଣ୍ଣ ନଗଦରେ ହେବ। ନିଲାମରେ ଭାଗ ନେବାକୁ ଥିବା ସମ୍ପୃକ୍ତ ପକ୍ଷ ବିକ୍ରି ହେବାକୁ ଥିବା କମ୍ପାନୀଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ସହ ତୁରନ୍ତ ପଦକ୍ଷେପ ନିଅନ୍ତୁ।

### ଦେଶର ଆବଶ୍ୟକତା ଅନୁସାରେ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥେଷ୍ଟ: ଅର୍ଥ ସଚିବ

**ନୂଆଦିଲ୍ଲୀ,୮-୯:** ରାଷ୍ଟ୍ରାୟତ୍ତ ୧୦ ବ୍ୟାଙ୍କକୁ ମିଶାଇ ୪ ବୃହତ ବ୍ୟାଙ୍କ ଗଠନ କରାଯିବ ବୋଲି ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଘୋଷଣା କରିଛନ୍ତି। ମିଶ୍ରଣ ପରେ ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୧୨କୁ ହ୍ରାସ ପାଇବ। ଏହା ଦେଶର ଆବଶ୍ୟକତା ପୂରଣ କରିବା ଲାଗି ଯଥେଷ୍ଟ ବୋଲି କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି କାରଣରୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ହାସଲ ସମ୍ଭବ ହେବ ବୋଲି ସେ କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ହାସଲ ଲାଗି ଦେଶକୁ ବଡ଼ ବ୍ୟାଙ୍କର ଆବଶ୍ୟକତା ରହିଛି। ବ୍ୟାଙ୍କ ମିଶ୍ରଣ ଦ୍ୱାରା ଏହା ସମ୍ଭବ ହେବ। ଆଗାମୀ ଦିନରେ ଦେଶରେ ୬ ବୃହତ୍ ବ୍ୟାଙ୍କ ରହିବ, ଯାହାର ପୁଞ୍ଜି ଆଧାର, ଆକାର, ହାର ଓ ଦକ୍ଷତା ଉଚ୍ଚ ସ୍ତରର ହେବ। କୁମାର କହିଛନ୍ତି ଯେ, ବ୍ୟାଙ୍କ ବାଲାନ୍ସ ଶିଟ୍‌କୁ ସ୍ୱଚ୍ଛ ତଥା ସ୍ୱଚ୍ଛ କରିବା ଲାଗି ଅଭିଯାନ ଆରମ୍ଭ ହୋଇଛି।

### ଭାରତରେ ସାଓମିର ୧୦ କୋଟି ଫୋନ ବିକ୍ରି

**ନୂଆଦିଲ୍ଲୀ, ୮-୯:** ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ସାଓମି ପକ୍ଷରୁ ଭାରତରେ ୧୦ କୋଟି ସ୍ମାର୍ଟ ଫୋନ ବିକ୍ରି ସମ୍ପର୍କରେ ଘୋଷଣା କରାଯାଇଛି। ୫ ବର୍ଷ ମଧ୍ୟରେ ଏହି ସଫଳତା ହାସଲ କରିବାକୁ କମ୍ପାନୀ ସକ୍ଷମ ହୋଇଛି। ୨୦୧୪ ତୃତୀୟ ତ୍ରୈମାସରୁ କମ୍ପାନୀ ଜୁଲାଇ ୨୦୧୯ ମଧ୍ୟରେ ଏହି ବିକ୍ରି ସଫଳତା ଲାଭ କରିଛି। ରେଡମି ଏବଂ ରେଡମି ନୋଟ ସିରିଜ ଲୋକଙ୍କ ଦ୍ୱାରା ବେଶ ଆଦୃତ ହୋଇଛି। ଗତ ୮ ତ୍ରୈମାସ ଧରି ଏହା ୨୮.୩୧% ବଜାର ଅଂଶ ହାସଲ କରିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ରେଡମି ୬ଏ ଏବଂ ରେଡମି ନୋଟ ୭ ପ୍ରୋ ବେଷ୍ଟ ସେଲିଂ ସ୍ମାର୍ଟଫୋନ ହୋଇ ପାରିଛି। ବଜାରରେ ଶୁଭାରମ୍ଭ ପରଠାରୁ ଭଲ ରେସପନ୍ସ ପାଇଥିବା ବେଳେ ଏଭଳି ସଫଳତା ଆଗକୁ ବଢ଼ିବାରେ ଅନେକ ସହାୟତା କରିବ ବୋଲି ସାଓମି ଇଣ୍ଡିଆ ଏମ୍‌ଡି ତଥା ଉପସଭାପତି ମନୁ ଜୈନ ସୂଚନା ଦେଇଛନ୍ତି।

### ନିବେଶକଙ୍କ ୯୫% ଅର୍ଥ ଫେରସ୍ତ ହୋଇଛି: ସାହାରା

**ନୂଆଦିଲ୍ଲୀ, ୮-୯:** ନିବେଶକଙ୍କୁ ପ୍ରଦାନ କରିବାକୁ ଥିବା ମୋଟ ଅର୍ଥ ମଧ୍ୟରୁ ପ୍ରାୟ ୯୫% ଅର୍ଥ ସାହାରା ଗ୍ରୁପ ଫେରାଇ ସାରିଛି। ଗ୍ରୁପ ପକ୍ଷରୁ ମାମଲା ଲଢ଼ୁଥିବା ଓକିଲ ଗୌତମ ଅୱସ୍ତି ଏହି ସୂଚନା ଦେଇଛନ୍ତି। ନିବେଶକଙ୍କୁ ଏହି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି। ସେହିଭଳି ସେବି ନିକଟରେ କମ୍ପାନୀ ଯେଉଁ ଟଙ୍କା ଜମା ରଖିଛି ତାହା ଦୁଇଗୁଣା ଅଧିକ ଜମା। ସେବି ପାଖରେ ପଡି ରହିଥିବା ଟଙ୍କାକୁ ଫେରାଇବାକୁ କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଟଙ୍କା ମିଳିଲେ କମ୍ପାନୀ ଏହାର କାରବାର ସମ୍ପ୍ରସାରଣ କରିବାକୁ ସକ୍ଷମ ହେବ ବୋଲି କହିଛି। ସେବି ବାର୍ଷିକ ରିପୋର୍ଟରୁ ତଥ୍ୟ ଆଧାରରେ ଅୱସ୍ତି କହିଛନ୍ତି ଯେ, ୨ଟି ସଂସ୍ଥାର ୩ କୋଟି ଓଏଫ୍‌ଡିସି ନିବେଶକଙ୍କ ମଧ୍ୟରୁ ୯୫% ଟଙ୍କାକୁ ସାହାରା ଫେରାଇଛି। ସାହାରା ଆଗୁଆ ପ୍ରାପ୍ୟ ଦେଇ ସାରିଥିବାରୁ ପରେ ଯାହା ପ୍ରଦାନ କରିଛି ତାହା ଦ୍ୱିତୀୟ ଥର ପେମେଣ୍ଟ ଭଳି ହେଉଛି। ଏହାର ଫେରସ୍ତ ଲାଗି ଦାବି କରାଯାଉଥିବା ଓକିଲ ଅୱସ୍ତି କହିଛନ୍ତି।

---

ବିଏସ୍-୬ ମାନଦଣ୍ଡ ଆଧାରରେ ଇଞ୍ଜିନ ପରିବର୍ତ୍ତନ କରିବା ପରେ ଟୟୋଟା କିର୍ଲୋସ୍କର ମୋଟର୍ସର ସମସ୍ତ ଡିଜେଲ ମଡେଲର ଦର ୨୦% ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।
– ଏନ୍.ରାଜା, ଟୟୋଟା କିର୍ଲୋସ୍କର ମୋଟର ଡେପୁଟି ଏମ୍‌ଡି



ଅଧିକରୁ ଅଧିକ ସହରରେ ସେବା ଯୋଗାଇ ଦେବା କାରଣରୁ ଜୋମାଟୋ ପ୍ରଥମଥର ଲାଭ କରିବାକୁ ଯାଉଛି। ଏହାଦ୍ୱାରା କମ୍ପାନୀ ସମେତ ରେଷ୍ଟୁରାଣ୍ଟଗୁଡ଼ିକର ଫାଇଦା ହେଉଛି।
– ଦୀପିନ୍ଦର ଗୋୟଲ, ଜୋମାଟୋ ପ୍ରତିଷ୍ଠାତା ସିଇଓ



## ମାଲ୍ ପରିବହନ ହ୍ରାସ ଦେଇଥିଲା ସଙ୍କେତ

# ମାନ୍ଦାବସ୍ଥାକୁ ଅଣଦେଖା କରିଛି କେନ୍ଦ୍ର

ନୂଆଦିଲ୍ଲୀ,୮-୯


ଦେଶର ଅର୍ଥନୀତି ଅଚାନକ ଧିମା ହୋଇନାହିଁ। ଦୀର୍ଘ ଦିନ ହେଲା ଏହାକୁ ନେଇ ସଙ୍କେତ ମିଳିଥିଲା। ମାଲ୍ ପରିବହନ କମିଯିବା, ଟ୍ରକ୍ ବିକ୍ରି ହ୍ରାସ ପାଇବା ଆଦିରୁ ଦେଶ ଆର୍ଥିକ ମାନ୍ଦାବସ୍ଥା ଆଡକୁ ଗତି କରୁଛି ବୋଲି ସଙ୍କେତ ମିଳିସାରିଥିଲା। କିନ୍ତୁ କେନ୍ଦ୍ରର ମୋଦି ସରକାର ଏହାକୁ କ୍ରମାଗତ ଅଣଦେଖା କରିଛନ୍ତି। ସରକାରଙ୍କ ଅନାଗ୍ରହ ତଥା ଅର୍ଥନୀତିକୁ ଗତିଶୀଳ କରିବା ଲାଗି ସ୍ପଷ୍ଟ ନୀତିର ଅଭାବ ଯୋଗୁ ଅଟୋ ସମେତ ପ୍ରାୟ ସମସ୍ତ ସେକ୍ଟର ଏବେ ମାନ୍ଦାବସ୍ଥାର ଶିକାର ହୋଇଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଦୀର୍ଘକାଳୀନ ମାନ୍ଦାବସ୍ଥା ଢ଼ାଞ୍ଚାଗତ ପ୍ରକୃତିର ହୋଇଥାଏ। ଏହାକୁ ସରକାର ଜାଣିଶୁଣି ଅଣଦେଖା କରିଛନ୍ତି। ଏହାକୁ ଦୂରେଇବା ଲାଗି ସେଭଳି କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବାରୁ ଏବେ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡୁଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ହାଇସ୍ପିଡ୍ ଡିଜେଲ ଖର୍ଚ୍ଚ କମିଛି

ମାଲ୍ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକରେ ବ୍ୟବହାର ହେଉଥିବା ହାଇସ୍ପିଡ ଡିଜେଲର ଖର୍ଚ୍ଚରୁ ଅର୍ଥନୀତିକୁ ଆଉ ଏକ ସଙ୍କେତ ମିଳିଥାଏ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ ଦ୍ୱାରା ପ୍ରସ୍ତୁତ ତଥ୍ୟ ମୁତାବକ ନିକଟ ଅତୀତରେ ହାଇସ୍ପିଡ୍ ଡିଜେଲ(ଏଚ୍‌ଏସ୍‌ଡି) ଖର୍ଚ୍ଚ ବୃଦ୍ଧି ହାର ବହୁ ପରିମାଣରେ ହ୍ରାସ ପାଇଛି। ୨୦୧୧-୧୨ରୁ ୨୧୮-୧୯ ମଧ୍ୟରେ ୮ ବର୍ଷରେ ଏଚ୍‌ଏସ୍‌ଡି ଖର୍ଚ୍ଚ ୬୪.୭୫ ମେଟ୍ରିକ ଟନରୁ ବଢ଼ି ୮୩.୫୨ ମିଲିୟନ ଟନରେ ପହଞ୍ଚିଯାଇଛି। ଏଭଳି ଭାବେ ୮ ବର୍ଷରେ ମାତ୍ର ୨୯% ଏବଂ ବାର୍ଷିକ ହାରରେ ଡିଜେଲ ଖର୍ଚ୍ଚ ୩.୬% ବୃଦ୍ଧି ପାଇଛି। କିନ୍ତୁ ଗତ ଦଶକର ୮ ବର୍ଷରେ ଅର୍ଥାତ୍ ୨୦୦୦-୦୧ରୁ ୨୦୦୮-୦୯ ମଧ୍ୟରେ ଏଚ୍‌ଏସ୍‌ଡି ଖର୍ଚ୍ଚ ୩୬.୫ ମିଲିୟନ ଟନରୁ ବଢ଼ି ୫୧.୭ ମିଲିୟନ ଟନରେ ପହଞ୍ଚିଥିଲା। ଏଭଳି ଭାବେ ୮ ବର୍ଷରେ ୪୧.୫% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବାର୍ଷିକ ଆଧାରରେ ଏହା ୫.୨% ରହିଥିଲା।

### ରେଳ ମାଧ୍ୟମରେ ମାଲ୍ ପରିବହନ ହ୍ରାସ

ଭାରତୀୟ ରେଳ ଦ୍ୱାରା ମାଲ୍ ପରିବହନ ଅର୍ଥନୀତିର ସ୍ୱାସ୍ଥ୍ୟାବସ୍ଥାର ସଙ୍କେତ ଦେଇଥାଏ। ମାଲ୍ ପରିବହନ ମାତ୍ରା ମାପିବା ଲାଗି ରେଲୱେ ପକ୍ଷରୁ ଏକ ସୂଚକାଙ୍କ ବ୍ୟବହାର କରାଯାଇଥାଏ। ଆୟ କରାଉଥିବା ମାଲ୍ ଲଦିବା( ସମସ୍ତ ଷ୍ଟେଶନର,ମିଲିୟନ ଟନ୍ ହିସାବରେ) ଏବଂ ଆୟ କରାଉଥିବା ଏକ ନିର୍ଦ୍ଦିଷ୍ଟ ଦୂରତାରେ ମାଲ୍ ପରିବହନ(ବିଲିୟନ ଟନ କିଲୋମିଟର) ସୂଚକାଙ୍କ ପ୍ରୟୋଗ କରାଯାଇଥାଏ। ଆର୍ଥିକ ବର୍ଷ ୨୦୧୮-୧୯ର ଆର୍ଥିକ ସର୍ଭେରେ ୧୯୫୦-୫୧ରୁ ଅଦ୍ୟାବଧି(୨୦୧୮-୧୯, ଅସ୍ଥାୟୀ) ତଥ୍ୟ ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୦୦-୦୧ରେ ମାଲ ଲଦିବା ୪୭୩.୫ ମିଲିୟନ ଟନ ଥିଲା, ଯାହା କି ୨୦୧୧-୧୨ରେ ବୃଦ୍ଧି ପାଇ ୯୬୯.୧ ମିଲିୟନ ଟନରେ ପହଞ୍ଚିଥିଲା। ସେହିପରି ୨୦୧୮-୧୯ରେ ୧୨୨୧.୩୯ ମାଲ୍ ପହଞ୍ଚାଯାଇଛି। ଏଭଳି ଭାବେ ୨୦୦୦-୦୧ରୁ ୨୦୧୧-୧୨ ମଧ୍ୟରେ ମାଲ୍ ଲଦିବା ୧୦୪.୬୭% ବଢ଼ିଯାଇଥିଲା। ଏହି ୧୨ ବର୍ଷରେ ଏଥିରେ ବାର୍ଷିକ ହାରାହାରି ୮୭% ବୃଦ୍ଧି ପରିଲକ୍ଷିତ ହୋଇଛି। କିନ୍ତୁ ବର୍ତ୍ତମାନ ଦଶକରେ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଏଥିରେ ମାତ୍ର ୨୬.୦୩ ପ୍ରତିଶତ ବୃଦ୍ଧି ଦେଖାଯାଇଛି ଏବଂ ଗତ ୮ ବର୍ଷରେ ଏହା ହାରାହାରି ମାତ୍ର ୩.୨୫% ବଢ଼ିଛି।



ଅନୁରୂପ ଭାବେ ୨୦୦୦-୦୧ରେ ମାଲ ପରିବହନ ୩୧୨.୪ ବିଲିୟନ ଟନ୍ କେଜି ହୋଇଥିଲା, ଯାହା କି ଆର୍ଥିକ ବର୍ଷ ୨୦୧୧-୧୨ରେ ବୃଦ୍ଧି ପାଇ ୬୬୭.୬ ବିଲିୟନ ଟନ କେଜି ହୋଇଛି। ଏହା ୨୦୧୮-୧୯ରେ ୭୦୦.୬୬ ବିଲିୟନ ଟନ କେଜିରେ ପହଞ୍ଚିଯାଇଛି। ଏଭଳି ଭାବେ ମାଲ ପରିବହନ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ପ୍ରାୟ ସ୍ଥିର ରହିଛି। ଅର୍ଥାତ ୨୦୦୦-୦୧ରୁ ୨୦୧୧-୧୨ ମଧ୍ୟରେ ୧୨ ବର୍ଷରେ ମାଲ୍ ପରିବହନ ୧୧୩.୭ ପ୍ରତିଶତର ଜବରଦସ୍ତ ବୃଦ୍ଧି ଦେଖାଯାଇଥିଲା। ତେବେ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଏଥିରେ ମାତ୍ର ୪.୯% ବୃଦ୍ଧି ଦେଖାଯାଇଛି।

### ଅଶୋଧିତ ତେଲ ଆମଦାନୀ ହ୍ରାସ

ଅଶୋଧିତ ତେଲ ଆମଦାନୀ ମଧ୍ୟ ଅର୍ଥନୀତିର ଅବସ୍ଥାକୁ ସୂଚାଇଥାଏ। ଅଶୋଧିତ ତେଲ, ଏହାର ସହାୟକ ଉତ୍ପାଦ ଡିଜେଲ, ଏଲ୍‌ପିଜି, ନାପ୍‌ଥା, ଜେଟ୍ ଇନ୍ଧନ, ଲ୍ୟୁବ୍ ଅଏଲ୍ ଆଦି ଆମଦାନୀ କରାଯାଇଥାଏ। ଦେଶର ଇନ୍ଧନ ଆବଶ୍ୟକତା ଏହାଦ୍ୱାରା ପୂରଣ କରାଯାଏ। ପେଟ୍ରୋଲିୟମ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଚଳିତ ଦଶକର ୮ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୧-୧୨ରୁ ୨୦୧୮-୧୯ ମଧ୍ୟରେ ଭାରତର ମୋଟ ଅଶୋଧିତ ତେଲ ଆମଦାନୀ ବୃଦ୍ଧି ପାଇ ୧୮୭.୫୮ ମିଲିୟନ ଟନରେ ପହଞ୍ଚିଥିଲା। ଏଭଳି ଭାବେ ଏଥିରେ ମୋଟ ୩୮.୧୭ ପ୍ରତିଶତ ଏବଂ ବାର୍ଷିକ ୪.୮ପ୍ରତିଶତ ବୃଦ୍ଧି ପାଇଛି। ତେବେ ୨୦୧୮-୧୯ରେ ତୈଳ ଆମଦାନୀରେ ୧.୩% ହ୍ରାସ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଗତ ଦଶକର ୮ ବର୍ଷ ଅର୍ଥାତ୍ ୨୦୦୦-୦୧ରୁ ୨୦୦୮-୦୯ ମଧ୍ୟରେ ଭାରତର ଅଶୋଧିତ ତୈଳ ଓ ଅନ୍ୟାନ୍ୟ ଉତ୍ପାଦର ଆମଦାନୀ ବୃଦ୍ଧି ପାଇ ୮୫.୭୨ ମିଲିୟନ ଟନରୁ ୧୫୧.୩୬ ମିଲିୟନ ଟନରେ ପହଞ୍ଚିଯାଇଥିଲା। ଏଭଳି ଭାବେ ଏହି ଅବଧିରେ ତୈଳ ଆମଦାନୀ ୭୬.୫୮% ଏବଂ ବାର୍ଷିକ ହାରରେ ୯.୬%ର ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି।

## ୧୮ ବ୍ୟାଙ୍କରେ ୩୨ ହଜାର କୋଟିର ଠକେଇ

ନୂଆଦିଲ୍ଲୀ,୮-୯

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ(ଏପ୍ରିଲ-ଜୁନ୍)ରେ ୧୮ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମୋଟ୍ ୩୧,୮୯୮.୬୩ କୋଟି ଟଙ୍କାର ୨୪୮୦ ମାମଲା ଧରାପଡିଛି। ଦେଶର ଶୀର୍ଷ ବ୍ୟାଙ୍କ ଏସ୍‌ବିଆଇରେ ସର୍ବାଧିକ ଠକେଇ, ଜାଲିଆତି ଧରାପଡିଛି। ଠକେଇ କାରଣରୁ ଏସ୍‌ବିଆଇ ସବୁଠାରୁ ବେଶି ୩୮% ଅର୍ଥ ହରାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି। ମଧ୍ୟପ୍ରଦେଶର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗୌଡଙ୍କ ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ସେ କହିଛନ୍ତି ଯେ, ଏସ୍‌ବିଆଇରେ ୧୨,୦୧୨.୭୭ କୋଟି ଟଙ୍କାର ସର୍ବାଧିକ ୧୧୯୭ ଠକେଇ ମାମଲା ଧରାପଡିଛି। ଏହିଅବଧିରେ ଆଲ୍ଲାହାବାଦ୍ ବ୍ୟାଙ୍କ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ୨୮୫୫.୪୬ କୋଟି ଟଙ୍କାର ୩୮୧ ମାମଲା ସାମ୍ନାକୁ ଆସିଛି। ଏହାପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମୋଟ ୨୫୨୬.୫୫ କୋଟି ଟଙ୍କାର ୯୯ ମାମଲା ରହିଛି। ତେବେ ଠକେଇ କରାଯିବାର ପଦ୍ଧତି, ବ୍ୟାଙ୍କ ଓ ଗ୍ରାହକଙ୍କୁ ହୋଇଥିବା କ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଇନାହିଁ। ନିଜ ପାଖରେ ତଥ୍ୟ ଉପଲବ୍ଧ ନ ଥିବା କେନ୍ଦ୍ରୀୟ ବ୍ୟାଙ୍କ କହିଛି। ସେହିପରି ବ୍ୟାଙ୍କ ଅଫ୍ ବରୋଦାର ୨୨୯୭.୦୫ କୋଟି ଟଙ୍କାର ୭୫ ମାମଲା, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୨୧୩୩.୦୮ କୋଟି ଟଙ୍କାର ୪୫ ମାମଲା, କାନାରା ବ୍ୟାଙ୍କର ୨୦୩୫.୮୧ କୋଟି ଟଙ୍କାର ୬୯ମାମଲା, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୯୮୨.୨୭ କୋଟି ଟଙ୍କାର ୧୯୪ ମାମଲା, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୯୬.୧୯ କୋଟି ଟଙ୍କାର ୩୧ ଠକେଇ ମାମଲା ସାମ୍ନାକୁ ଆସିଛି। ଆଲୋଚ୍ୟ ଅବଧିରେ କର୍ପୋରେଶନ ବ୍ୟାଙ୍କର ୧୬ ମାମଲାରେ ୯୬୦.୮୦ କୋଟି ଟଙ୍କା, ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ୪୬ ମାମଲାରେ ୯୩୪.୬୭ କୋଟି ଟଙ୍କା, ସିଣ୍ଡିକେଟ ବ୍ୟାଙ୍କର ୫୪ ମାମଲାରେ ୭୯୫.୭୫ କୋଟି ଟଙ୍କା, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ୫୧ ମାମଲାରେ ୭୫୩.୩୭ କୋଟି ଟଙ୍କା, ବ୍ୟାଙ୍କ ଅଫ୍ ଇଣ୍ଡିଆର ୪୨ ମାମଲାରେ ୫୧୭.୨୦ କୋଟି ଟଙ୍କା, ୟୁକୋ ବ୍ୟାଙ୍କର ୩୪ ମାମଲାରେ ୪୭୦.୭୪ କୋଟି ଟଙ୍କା, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ୮୫ ମାମଲାରେ ୨୫୩.୪୩ କୋଟି ଟଙ୍କା, ଆନ୍ଧ୍ରା ବ୍ୟାଙ୍କରେ ୨୩ ମାମଲାରେ ୧୩୬.୨୭ କୋଟି ଟଙ୍କା, ଇଣ୍ଡିଆନ ବ୍ୟାଙ୍କରେ ୩୭ ମାମଲାରେ ୩୭.୧୭ କୋଟି ଟଙ୍କା ଏବଂ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କରେ ଗୋଟିଏ ମାମଲାରେ ୨.୨ ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡିଛି।




### ଆର୍‌ଟିଆଇ ତଥ୍ୟ

- ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମୋଟ୍ ୨୪୮୦ ମାମଲା
- ଏସ୍‌ବିଆଇ ହରାଇଛି ସର୍ବାଧିକ ୩୮% ଅର୍ଥ
- ଆଲ୍ଲାହାବାଦ୍ ବ୍ୟାଙ୍କ ଦ୍ୱିତୀୟ ସ୍ଥାନରେ

## ମାନ୍ଦାବସ୍ଥା ମାଡ: ସୁଜୁକି ମୋଟର କ୍ଷମତା ବିସ୍ତାରକୁ ରୋକିଲା

ନୂଆଦିଲ୍ଲୀ,୮-୯




ମାନ୍ଦାବସ୍ଥା କାରଣରୁ ଦେଶରେ ଦୁଇଚକିଆ ଗାଡ଼ି ବିକ୍ରି କ୍ରମାଗତ ହ୍ରାସ ପାଇଚାଲିଛି। ଏଥିସହ ୨୦୨୦ ଏପ୍ରିଲରୁ ଦେଶରେ ଭାରତ ଷ୍ଟେଜ୍-୬କୁ କାର୍ଯ୍ୟକାରୀ କରାଯିବ। ଏହି କାରଣରୁ ସୁଜୁକି ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନିଜର କ୍ଷମତା ବିସ୍ତାର ଲାଗି ପ୍ରସ୍ତାବିତ ନିବେଶକୁ ବର୍ତ୍ତମାନ ପାଇଁ ଟାଳିଦେଇଛି। କମ୍ପାନୀ ଉପାଧ୍ୟକ୍ଷ (ବିକ୍ରି ଏବଂ ବିପଣନ) ଦେବାଶିଷ ହାଣ୍ଡା କହିଛନ୍ତି ଯେ, କ୍ଷମତା ବିସ୍ତାର କରାଯିବାର ପ୍ରସ୍ତାବ ରହିଛି। ତେବେ ଏହାକୁ ତତ୍କାଳ କରାଯିବ ନାହିଁ। ନୂଆ ସୁବିଧାଯୁକ୍ତ କାରଖାନା ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ତେବେ ଦେଶ ବିଏସ୍-୪ରୁ ବିଏସ୍-୬କୁ ପରିବର୍ତ୍ତନକୁ କିଭଳି ଗ୍ରହଣ କରୁଛି, ତାହାକୁ ଦୃଷ୍ଟିରେ ରଖି ନିବେଶ କରାଯିବ। କାରଣ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ କମ୍ପାନୀ ଏହା ଉପରେ ନଜର ରଖିଛି। ସେ କହିଛନ୍ତି ଯେ, କମ୍ପାନୀର ଗୁରୁଗ୍ରାମଠାରେ ବାର୍ଷିକ ୧୦ ଗାଡ଼ି ନିର୍ମାଣ କରିପାରୁଥିବା ଏକ କାରଖାନା ରହିଛି। କମ୍ପାନୀ ଘରୋଇ ବଜାରରେ ୮ ଲକ୍ଷ ବିକ୍ରି କରିବା ଏବଂ ବିଦେଶକୁ ୧ ଲକ୍ଷ ଗାଡ଼ି ରପ୍ତାନି କରିବାର ଲକ୍ଷ୍ୟଧାର୍ଯ୍ୟ କରିଛି। କମ୍ପାନୀର ବିସ୍ତାର ନିଶ୍ଚିତ ହେବ। ମାନ୍ଦାବସ୍ଥା ଆସି ନ ଥିଲେ ବହୁ ଦିନ ପୂର୍ବରୁ ବିସ୍ତାର କାର୍ଯ୍ୟ ଆରମ୍ଭ ହୋଇଯାଇଥାନ୍ତା ବୋଲି ହାଣ୍ଡା କହିଛନ୍ତି।

## ବ୍ୟାଙ୍କଗୁଡ଼ିକର ଚାପଗ୍ରସ୍ତ ସମ୍ପତ୍ତି ବଢ଼ିବ

ନୂଆଦିଲ୍ଲୀ,୮-୯

ଦେଶର ବ୍ୟାଙ୍କଗୁଡିକ ଏବେ ସମସ୍ୟା ଦେଇ ଗତି କରୁଥିବା ବେଳେ ବ୍ୟାଙ୍କରପ୍ସି (ଦେବାଳିଆ) ମାମଲାର ସମାଧାନ ବିଳମ୍ବିତ ହେଉଛି। ଏହି କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ(ଏନ୍‌ପିଏ)ବା ଚାପଗ୍ରସ୍ତ ଋଣ ପରିମାଣ ବୃଦ୍ଧି ପାଇବ ମୁଡିଜ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଏକ୍ଷେତ୍ରରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ହେବାର ଆଶଙ୍କା ଉପୁଜିଛି। ଇଟାଲି ଏଭଳି ସମସ୍ୟା ସହ ଜୁଝିଥିବା ବେଳେ ଏହାର ସ୍ଥିତି ଠିକ୍ କରିବାକୁ ସକ୍ଷମ ହୋଇଛି। ଉକ୍ତ ରାଷ୍ଟ୍ର ଏହାର ବ୍ୟାଙ୍କଗୁଡିକର ଋଣ ଅସୁଲ ଧାରାକୁ ତ୍ୱରାନ୍ୱିତ କରିଛି। ମୁଡିଜ୍ ଇନଭେଷ୍ଟରର୍ସ ସର୍ଭିସ ପକ୍ଷରୁ କ୍ରେଡିଟ ସୁଇସ ଏଜିକୁ ପ୍ରଦାନ କରାଯାଇଥିବା ରିପୋର୍ଟ ମୁତାବକ, ଏସିଆର ଦେଶଗୁଡିକର ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଚାପଗ୍ରସ୍ତ ଋଣ ସମ୍ପତ୍ତି ବଢିବ। ବ୍ୟାଙ୍କଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଇଥିବା ମୋଟ ଋଣର ୨.୪% ଚାପଗ୍ରସ୍ତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି ଯେ, ଜୁନ ସୁଦ୍ଧା ଚାପଗ୍ରସ୍ତ ଋଣ ପରିମାଣ ଅନୁପାତ ସର୍ବାଧିକ ୯.୬% ଛୁଇଁପାରେ। ପ୍ରମୁଖ ଅର୍ଥନୀତିଗୁଡିକ କ୍ଷେତ୍ରରେ ଏହା ସର୍ବାଧିକ ବୋଲି କ୍ରେଡିଟ ସୁଇସକୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି। ଇଟାଲିରେ ଏହି ଅନୁପାତ ଗତ ୩ ବର୍ଷ ଧରି ପ୍ରାୟ ୮.୫% ରହିଛି ଏଥିରେ ଦର୍ଶାଯାଇଛି।

ଭାରତ କଥା ବିଚାରକୁ ନେଲେ, ଚାପଗ୍ରସ୍ତ ସମ୍ପତ୍ତି ପରିମାଣ ହ୍ରାସ କରିବା ଦିଗରେ ସରକାର ସେତେଟା ଆଖିଦୃଶିଆ କାର୍ଯ୍ୟ କରିନାହାନ୍ତି। ଏହା ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ଗଭୀର ପ୍ରଭାବ ପକାଉଛି। ଭାରତର ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ବିଫଳତା, ବ୍ୟାଙ୍କ କ୍ଷେତ୍ରରେ ଋଣ ପ୍ରଦାନ ସମସ୍ୟା ଏବଂ ବ୍ୟାଙ୍କରପ୍ସି କାର୍ଯ୍ୟଧାରାରେ ବିଳମ୍ବ ବ୍ୟାଙ୍କଗୁଡିକ ଲାଗି ଆହ୍ୱାନ ସୃଷ୍ଟି କରିଛି। ଏଭଳି ସମସ୍ୟା ସେମାନଙ୍କର ବାଲାନ୍ସ ସିଟ୍‌କୁ ପ୍ରଭାବିତ କରିଛି। ଉକ୍ତ ପ୍ରସଙ୍ଗ ଉପରେ ମତ ରଖି ନିବେଶ ଫାର୍ମ ମର୍ସେଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ଲିମିଟେଡର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ କହିଛନ୍ତି ଯେ, ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଯାଇଥିବାରୁ ଏହା ଏନ୍‌ପିଏ ବଢାଇବ। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୁଡିବାର ଗୋଟିଏ ବର୍ଷ ପୂରଣ ହେବାକୁ ଥିବା ବେଳେ ଏନ୍‌ପିଏ ବୃଦ୍ଧିର ଆଶଙ୍କା ଉପୁଜିଛି।

ବ୍ଲୁମବର୍ଗ ତଥ୍ୟ ମୁତାବକ, ୨୦୧୭ରେ ବ୍ୟାଙ୍କରପ୍ସି କୋର୍ଟକୁ ଯାଇଥିବା ଦେଶର ୧୨ ସର୍ବବୃହତ ଋଣ ମାମଲା ମଧ୍ୟରୁ ଅଦ୍ୟାବଧି ମାତ୍ର ୬ଟିର ସମାଧାନ ହୋଇଛି। ଉକ୍ତ କ୍ଷେତ୍ରରେ ନିୟମରେ ରହିଥିବା ଅସୁବିଧା, ଭିତ୍ତିଭୂମି ଅଭାବ ଯୋଗୁ ୨୭୦ ଦିନ ମଧ୍ୟରେ ମାମଲାର ସମାଧାନ ଦିଗରେ ଏହା ବାଧା ଉପୁଜାଉଛି। ଏକ୍ଷେତ୍ରରେ ପୁରୁଣା ମାମଲାଗୁଡିକର ସମାଧାନ ସରକାରଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ରହିବ। ଜୁନ ତ୍ରୈମାସରେ ଅଭିବୃଦ୍ଧି ୫%କୁ ଖସିଥିବାରୁ ମାମଲାଗୁଡିକ ସମାଧାନ ହେଲେ ଅର୍ଥନୀତିକୁ ଗତିଶୀଳ କରାଇବା ଲାଗି ବ୍ୟାଙ୍କଗୁଡିକ ଋଣ ପ୍ରଦାନ କରିବାକୁ ସକ୍ଷମ ହେବେ। ମାନ୍ଦାବସ୍ଥା ବିରୋଧରେ ଲଢ଼ିବା ଲାଗି ସରକାର ଏନ୍‌ପିଏ କମାଇବା ଏବଂ ଛୋଟ ଛୋଟ ବ୍ୟାଙ୍କଗୁଡିକର ମିଶ୍ରଣ ନେଇ ପଦକ୍ଷେପ ନେଇଛନ୍ତି। ନୂଆ ବ୍ୟାଙ୍କରପ୍ସି ଧାରାକୁ ଲାଗୁ କରିବାରେ ବିଳମ୍ବ, ଚାପଗ୍ରସ୍ତ ସମ୍ପତ୍ତି ନିୟମରେ ପରିବର୍ତ୍ତନ ଏବଂ ଅର୍ଥନୈତିକ ମାନ୍ଦାବସ୍ଥା ଏନ୍‌ପିଏ ଅସୁଲ ଦିଗରେ ବାଧକ ବୋଲି ଆଦିତ୍ୟ କନସଲଟିଂର ପରିଚାଳନା ପାର୍ଟନର ମାଥ୍ୟୁ ଆଣ୍ଟୋନୀ କହିଛନ୍ତି। ଅପରପକ୍ଷରେ ବ୍ୟାଙ୍କଗୁଡିକ ଇଟାଲୀ ଭଳି ଚାପଗ୍ରସ୍ତ ସମ୍ପତ୍ତି ବିକ୍ରି ଲାଗି କିଛିଟା କୋହଳ ନୀତି ଆପଣାଉ ଥିବା ସେ ପ୍ରକାଶ କରିଛନ୍ତି।

### ମୁଡିଜ୍‌ର ଆକଳନ




## ନିବେଶକଙ୍କ ପସନ୍ଦ ପାଲଟୁଛି ସୁନା

ନୂଆଦିଲ୍ଲୀ,୮-୯

ଦେଶରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବାରୁ ସୁନା ଏବଂ ରୁପା ଦର ବଢି ଚାଲିଛି। ବଜାରରେ ସୁନାର ଦର ବୃଦ୍ଧି ଆଗାମୀ କିଛି ସମୟ ପର୍ଯ୍ୟନ୍ତ ଲାଗି ରହିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ବିଶ୍ୱ ସ୍ତରରେ ମାନ୍ଦାବସ୍ଥା, ପୁଞ୍ଜି ବଜାରରେ ହ୍ରାସ ଏବଂ ପ୍ରପର୍ଟି ବଜାରର ସ୍ଥିତି ଏତେଟା ଭଲ ନ ଥିବାରୁ ସୁନାରେ ନିବେଶ କରିବାକୁ ଲୋକମାନେ ଏବେ ପସନ୍ଦ କରୁଥିବା ଜଣାପଡିଛି। ଦୀପାବଳି ସମୟରେ ସୁନା ଦର ନୂଆ ରେକର୍ଡ କରିବା ନେଇ ବିଶେଷଜ୍ଞ ଅନୁମାନ କରିଛନ୍ତି। ଚଳିତ କ୍ୟାଲେଣ୍ଡର ବର୍ଷରେ ସୁନାରେ ନିବେଶ କରିଥିବା ବ୍ୟକ୍ତି ବିଶେଷ ୨୦%ରୁ ଅଧିକ ଲାଭ ପାଇଛନ୍ତି। ଏହା ୨୦୧୮ରେ ମାତ୍ର ୬% ରହିଥିଲା। ଗତ ବର୍ଷ ୩୧ ଡିସେମ୍ବରରେ ନୂଆଦିଲ୍ଲୀରେ ସୁନାଦର ୧୦ ଗ୍ରାମ ପିଛା ୩୨,୨୭୦ ଟଙ୍କା ରହିଥିଲା। ଏହା ବର୍ତ୍ତମାନ ୩୯,୦୦୦ ସ୍ତରରେ ରହିଛି। ସେହିଭଳି ରୁପାର ଦର କିଲୋ ପ୍ରତି ୩୯ ହଜାରରୁ ୫୦ ହଜାର ଛୁଇଁଛି। ଦିଲ୍ଲୀର ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ ଅଧ୍ୟକ୍ଷ ବିମଲ ଗୋଏଲ କହିଛନ୍ତି, ମାନ୍ଦାବସ୍ଥା ଯୋଗୁ ସୁନା ଦରରେ ବୃଦ୍ଧି ଘଟୁଛି। ଏହାବାଦ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ବିଶ୍ୱ ବଜାରର ଅନ୍ୟାନ୍ୟ ସ୍ଥିତି ଯୋଗୁ ନିବେଶକମାନେ ସୁନାରେ ନିବେଶ ଲାଗି ଆଗଭର ହେଉଥିବା ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ମୂଲ୍ୟ କମିବା ଯୋଗୁ ସୁନା ମଜଭୁତ ହୋଇଛି। ଏଣୁ ବର୍ତ୍ତମାନ ସମୟରେ ସୁନା ନିବେଶର ଏକ ଅଭିନ୍ନ ବିକଳ୍ପ ଭାବେ ଉଭା ହୋଇଛି।

### ୪୨ ହଜାର ସ୍ତର ଛୁଇଁପାରେ



ଦୀପାବଳି ସମୟରେ ଦେଶରେ ସୁନାଦର ୧୦ ଗ୍ରାମ ପିଛା ୪୨ ହଜାର ଟଙ୍କା ଛୁଇଁପାରେ। ସେହିଭଳି ଚାନ୍ଦୀ କିଲୋ ପିଛା ୫୨,୦୦୦ ଟଙ୍କା ଛୁଇଁବା ନେଇ ଅନୁମାନ କରାଯାଉଛି। ଭାରତୀୟ ସରାଫା ସଂଘ ଉପାଧ୍ୟକ୍ଷ ସୁରେନ୍ଦ୍ର ଜୈନ କହିଛନ୍ତି, ଟଙ୍କା ମୂଲ୍ୟ ହ୍ରାସ ହେବାରୁ ଏହାର ପ୍ରଭାବ ସୁନା ଉପରେ ପଡୁଛି। ଦେଶର ପୁଞ୍ଜି ବଜାର ଉପରେ ବିଦେଶୀ ନିବେଶକଙ୍କ ପ୍ରଭାବ ଯୋଗୁ ଟଙ୍କା ମୂଲ୍ୟ ଉପରେ ଲଗାତର ଚାପ ବଢ଼ି ଚାଲିଛି।

**ଚଳିତ କ୍ୟାଲେଣ୍ଡର ବର୍ଷରେ ସୁନାରେ ନିବେଶ କରିଥିବା ବ୍ୟକ୍ତି ବିଶେଷ ୨୦%ରୁ ଅଧିକ ଲାଭ ପାଇଛନ୍ତି**

### ବିକ୍ରି ଉପରେ ପ୍ରଭାବ

ସୁନା ଦାମ ବଢିବା ଲାଗି ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବଜାର ପ୍ରଭାବ ଦାୟୀ ବୋଲି ଅଲଇଣ୍ଡିଆ ଜେମ୍‌ସ ଆଣ୍ଡ ଜୁଏଲେରି ଟ୍ରେଡର୍ସ ଫେଡେରେଶନ ପୂର୍ବତନ ଅଧ୍ୟକ୍ଷ ବଚ୍ଛରାଜ ବମାବଲା କହିଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ଶେଷ ଆଡକୁ ସୁନା ଦର ୧୦ ଗ୍ରାମ ପିଛା ୪୧, ୫୦୦ ଟଙ୍କା ଟପିପାରେ। ସୁନା ଦର ବଢିବା ଯୋଗୁ ବିକ୍ରି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବା ନେଇ ସେ ଆଶଙ୍କା କରିଛନ୍ତି।



“ଓମାନ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର୍ସକୁ ମୁଁ ମୋର ଅନ୍ତିମ ମ୍ୟାଚ ମନେ କରି ଖେଳିଥିଲି । ଦୁର୍ଭାଗ୍ୟବଶତଃ ଆମେ ଏହି ମ୍ୟାଚରେ ହାରିଯାଇଥିଲୁ।
–ଆଶିକ୍ କୁରୁନିୟାନ, ଭାରତୀୟ ମିଡ୍‌ଫିଲ୍ଡର



“ବିଦେଶୀ ବ୍ୟାଡ୍‌ମିଣ୍ଟନ କୋଚ୍ କିମ୍ ଜି ହ୍ୟୁନ୍‌ଙ୍କ ମୂଲ୍ୟବାନ ପରାମର୍ଶ ଯୋଗୁ କିଛି ମାସ ମଧ୍ୟରେ ମୋ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଘଟିଛି।
–ପି. ଭି. ସିନ୍ଧୁ, ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି

## ସଂକ୍ଷେପରେ

### ବିସିସିଆଇ କାର୍ଯ୍ୟକାରୀ ସମ୍ପାଦକଙ୍କୁ ନୋଟିସ



ନୂଆଦିଲ୍ଲୀ, ୮।୯ (ପି.ଟି.): ସୁପ୍ରିମକୋର୍ଟ ନିଯୁକ୍ତ ପ୍ରଶାସକ ସମିତି (ସିଓଏ) ରବିବାର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ନିକଟରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଓ ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ବୈଠକରେ ଯୋଗଦେଇ ନ ଥିବାରୁ ଚୌଧୁରୀଙ୍କୁ ସିଓଏ ପକ୍ଷରୁ ଏହି ନୋଟିସ ଜାରି ହୋଇଛି। ଏଥିପୂର୍ବରୁ ନିକଟରେ ସମ୍ପାଦକ ଭାବେ ଚୟନ କମିଟି ବୈଠକ ଆୟୋଜନ ଲାଗି ଅମିତାଭଙ୍କୁ ସିଓଏ ପ୍ରତିବନ୍ଧକ ଲଗାଇଥିଲା। ଏହାସତ୍ତ୍ୱେ ସେ ଆଇସିସି ଓ ଏସିସି ନିକଟରେ ବିସିସିଆଇ ପ୍ରତିନିଧିତ୍ୱ ରହିଥିଲେ। ଆଗାମୀ ୭ଦିନ ମଧ୍ୟରେ ଚୌଧୁରୀଙ୍କୁ ନିଜ ପକ୍ଷ ରଖିବାକୁ କୁହାଯାଇଛି। ‘ଆଇସିସି ଓ ଏସିସିର ଅନ୍ତିମ ବୈଠକରେ ତୁମେ କେବଳ ଯୋଗ ଦେଇ ନାହିଁ ବରଂ ତୁମ ଉପଲବ୍ଧି ନେଇ ବିସିସିଆଇକୁ ଅନ୍ଧାରରେ ରଖିଥିଲ। ଲଣ୍ଡନରେ ହୋଇଥିବା ଆଇସିସି ସମ୍ମିଳନୀରେ ତୁମର ଅନୁପସ୍ଥିତି ନେଇ ସିଓଏ ଜୁଲାଇ ୧୪ରେ ଅବଗତ ହୋଇଥିଲା। ଏହି ବୈଠକରେ ତୁମେ ଯୋଗଦେଇ ପାରିବ ନାହିଁ ବୋଲି ଜୁଲାଇ ୧୨ରେ ଆଇସିସିକୁ ମେଲ୍ କରିଥିଲ। ଫଳରେ ବିସିସିଆଇ ଏହାର ପ୍ରତିନିଧି ପଠାଇବାରେ ବିଫଳ ହୋଇଥିଲା’ ବୋଲି ୩ ସଦସ୍ୟ ବିଶିଷ୍ଟ ସିଓଏ ନୋଟିସରେ ଏହା ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ, ଜୁଲାଇ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଲଣ୍ଡନରେ ଆଇସିସି ବୈଠକ ଅନୁଷ୍ଠିତ ହୋଇଥିଲା। ସେହିଭଳି ସେପ୍ଟେମ୍ବର ୩ରେ ବ୍ୟାଙ୍କକ୍‌ଠାରେ ଏସିସିର ବାର୍ଷିକ ସାଧାରଣ ବୈଠକ ବସିଥିଲା।

# ଆଣ୍ଡ୍ରେସ୍କୁଙ୍କ ଐତିହାସିକ ସଫଳତା



ୟୁଏସ୍ ଓପନ୍ ଟାଇଟଲ ବିଜୟିନୀ ବାଏଙ୍କା ଆଣ୍ଡ୍ରେସ୍କୁ ଟ୍ରଫିକୁ ଚୁମ୍ବନ ଦେଉଛନ୍ତି ।

ନ୍ୟୁୟର୍କ,୮।୯(ଏଏଫପି)

୧୯ ବର୍ଷୀୟା କାନାଡ଼ା ମହିଳା ଟେନିସ୍ ତାରକା ବାଏଙ୍କା ଆଣ୍ଡ୍ରେସ୍କୁ ଏଥର ୟୁଏସ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ଫାଇନାଲ ମ୍ୟାଚରେ ଏହି ଉଦୀୟମାନ ମହିଳା ଖେଳାଳି ଆମେରିକାର ଅଭିଜ୍ଞ ତାରକା ସେରେନା ୱିଲିୟମ୍ସଙ୍କୁ ହରାଇ କ୍ୟାରିୟରରେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୧୫ତମ ସିଡ୍ ମାନ୍ୟତା ପାଇଥିବା ଆଣ୍ଡ୍ରେସ୍କୁ ୬-୩, ୭-୫ ସେଟ୍‌ରେ ଅଷ୍ଟମ ସିଡ୍ ସେରେନାଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। ଏଥିସହ ସେ କାନାଡ଼ାର ପ୍ରଥମ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଅନ୍ୟପଟେ ଏହି ପରାଜୟ ସେରେନାଙ୍କ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି। ବିଜୟୀ ହୋଇଥିଲେ ସେରେନା କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥାନ୍ତେ ଓ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଗରେଟ୍ କୋର୍ଟଙ୍କ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହୋଇଥାନ୍ତେ। କ୍ରମାଗତ ଦ୍ୱିତୀୟ ଥର ପାଇଁ ସେରେନା ୟୁଏସ୍ ଓପନ୍ ଫାଇନାଲରେ ପରାସ୍ତ ହୋଇଛନ୍ତି।

ସେମିଫାଇନାଲରେ ଆଣ୍ଡ୍ରେସ୍କୁ ସୁଇଜରଲାଣ୍ଡର ବେଲିଣ୍ଡା ବେନ୍‌କିକ୍‌ଙ୍କୁ ଏବଂ ସେରେନା ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ହରାଇ ଫାଇନାଲକୁ ଉଠିଥିଲେ। ଗତବର୍ଷ ଆଣ୍ଡ୍ରେସ୍କୁ ଯୋଗ୍ୟତା ପର୍ଯ୍ୟାୟର ଓପନିଂ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ ମଧ୍ୟ ଏଥର ବାଜି ମାରିଛନ୍ତି। ରୁଷିଆର ମାରିଆ ଶାରାପୋଭାଙ୍କ ପରେ ଆଣ୍ଡ୍ରେସ୍କୁ ସର୍ବକନିଷ୍ଠ ଖେଳାଳିଭାବେ ୟୁଏସ୍ ଓପନ ଟାଇଟଲ ହାସଲ କରିଛନ୍ତି। ଶାରାପୋଭା ୨୦୦୬ରେ ୟୁଏସ୍ ଓପନ୍‌ରେ ଚାମ୍ପିୟନ ହୋଇଥିଲେ। ଏହାପୂର୍ବରୁ ଆଣ୍ଡ୍ରେସ୍କୁ ରୋଜର୍ସ କପ୍‌ରେ ମଧ୍ୟ ସେରେନାଙ୍କୁ ହରାଇଥିଲେ। ଏଥି ସହିତ ଗତ ୬ଟି ପ୍ରମୁଖ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଏହା ସେରେନାଙ୍କ ଚତୁର୍ଥ ପରାଜୟ ସାବ୍ୟସ୍ତ ହୋଇଛି। ଏହି ଐତିହାସିକ ସଫଳତା ପରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଟୁଇଟ୍ କରି ଆଣ୍ଡ୍ରେସ୍କୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଟୁର୍ନାମେଣ୍ଟରେ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ବୟସ ଅନ୍ତର ଦେଖିବାକୁ ମିଳିଛି। ଆଣ୍ଡ୍ରେସ୍କୁ ଓ ସେରେନାଙ୍କ ମଧ୍ୟରେ ୨୦ ବର୍ଷର ଅନ୍ତର ରହିଛି। ସେରେନା ପ୍ରଥମଥର ପାଇଁ ୧୯୯୯ରେ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ ଓ ଏହାର ଗୋଟିଏ ବର୍ଷ ପୂର୍ବରୁ ଆଣ୍ଡ୍ରେସ୍କୁ ଜନ୍ମଗ୍ରହଣ କରିଥିଲେ। ୨୦୧୭ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ପରେ ସେରେନା ୪ଟି ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଆଣ୍ଡ୍ରେସ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିବା ବେଳେ ସେରେନା ୩୩ତମ ଫାଇନାଲ ଖେଳିଥିଲେ।

## ସେରେନା ନିରାଶ

ୟୁଏସ୍ ଓପନ୍ ଫାଇନାଲ ପରାଜୟ ପରେ ଆମେରିକୀୟ ଅଭିଜ୍ଞ ମହିଳା ଟେନିସ୍ ତାରକା ସେରେନା ୱିଲିୟମ୍ସ ନୈରାଶ୍ୟ ଜାହିର କରିଛନ୍ତି। ଫାଇନାଲ ମ୍ୟାଚ୍‌ରେ ମୋର ପ୍ରଦର୍ଶନ ଅକ୍ଷମଣୀୟ ବୋଲି କହିଛନ୍ତି। ୨୦ ବର୍ଷ ତଳେ ସେରେନା ଏଠାରେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଆଣ୍ଡ୍ରେସ୍କୁ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ଓ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଫାଇନାଲରେ ତାଙ୍କର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ତେବେ ମୋର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲା ବୋଲି ସେରେନା କହିଛନ୍ତି। ମ୍ୟାଚ୍‌ରେ ସେରେନା ଏକାଧିକ ତ୍ରୁଟି କରିଥିଲେ। ସେରେନା ଫାର୍ଷ୍ଟ ସର୍ଭର ୪୪ ପ୍ରତିଶତ ହିଟ୍ କରିଥିଲେ। ସେହିପରି ସେ ସେକେଣ୍ଡ ସର୍ଭର ୪୩ରୁ ୩୦ ପଏଣ୍ଟ ଡ୍ରପ୍ କରିଥିଲେ। ଆହୁରି ଅଧିକ ଭଲ ପ୍ରଦର୍ଶନ କରିପାରିଥାନ୍ତି ସେ କହିଛନ୍ତି। ବିଜୟୀ ହୋଇଥିଲେ ସେରେନା ଅଷ୍ଟ୍ରେଲୀୟ ପୂର୍ବତନ ମହିଳା ଖେଳାଳି ମାର୍ଗାରେଟ କୋର୍ଟଙ୍କ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ସର୍ବକାଳୀନ ରେକର୍ଡର ସମକକ୍ଷ ହୋଇଥାନ୍ତେ। ଦୁଇବର୍ଷ ତଳେ ମା’ ହେବାର ସୌଭାଗ୍ୟ ଅର୍ଜନ କରିବା ପରେ ସେରେନା ଦୁଇଥର ୱିମ୍ବେଲଡନ ଓ ୟୁଏସ୍ ଓପନ୍ ଫାଇନାଲରେ ପରାସ୍ତ ହୋଇଛନ୍ତି। ଟାଇଟଲ ହାସଲର ଅତି ନିକଟରେ ପହଞ୍ଚିଥିଲେ ମଧ୍ୟ ବହୁ ଦୂରରେ ରହିଯାଇଥିଲି। ଏହା ମୋତେ କଷ୍ଟ ଦେଇଛି ବୋଲି ସେରେନା କହିଛନ୍ତି। ଚଳିତ ମାସ ଶେଷ ଆଡ଼କୁ ସେରେନା ୩୮ ବର୍ଷରେ ପଦାର୍ପଣ କରିବେ। ରେକର୍ଡ ହାସଲ କରିବାକୁ ଖେଳୁନାହିଁ। କେବଳ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାକୁ ଚେଷ୍ଟା କରୁଛି। ତେବେ ଆଗକୁ ଖେଳ ଜାରି ରଖିବା ସହ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବି ବୋଲି ସେରେନା ମ୍ୟାଚ୍ ପରେ କହିଛନ୍ତି। ପରାଜୟ ସତ୍ତ୍ୱେ ଷ୍ଟାଡିୟମରେ ଉପସ୍ଥିତ ଥିବା ୨୬ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ସେରେନାଙ୍କୁ ସମର୍ଥନ କରିଥିଲେ।



## ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ଡ୍ର ଆଜି

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ଅଲିମ୍ପିକ୍ କ୍ୱାଲିଫାୟର୍ସର ଡ୍ର ଉଠାଣ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍)ର ମୁଖ୍ୟ କାର୍ଯ୍ୟାଳୟ ଲାଉସାନେଠାରେ ସୋମବାର ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ମହିଳା ଓ ପୁରୁଷ ଦଳ ସାମିଲ ରହିଛି। ଏଫ୍‌ଆଇଏଚ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଅଲିମ୍ପିକ୍ କ୍ୱାଲିଫାୟର୍ସରୁ ଇଜିପ୍ଟ ଓହରି ଯାଇଥିବାରୁ ପରବର୍ତ୍ତୀ ଶୀର୍ଷ ର‍୍ୟାଙ୍କ୍‌ପ୍ରାପ୍ତ ଦଳ ଏହି ଡ୍ରରେ ସାମିଲ ହେବ। ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଲ୍‌ଙ୍କ ଡ୍ର ଉଠାଣ କାର୍ଯ୍ୟକ୍ରମକୁ ପରିଚାଳନା କରିବେ। ଏହା ପରେ କେଉଁ ଦଳ କେଉଁଠାରେ ଘରୋଇ ଏବଂ ବାହାର ମ୍ୟାଚ ଖେଳିବ ତାହା ସ୍ପଷ୍ଟ ହେବ। ଅଲିମ୍ପିକ୍ କ୍ୱାଲିଫାୟର୍ସର କେତେକ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଅଲିମ୍ପିକ୍ କ୍ୱାଲିଫାୟର୍ସ ଚଳିତବର୍ଷ ଅକ୍ଟୋବର-ନଭେମ୍ବରରେ ଅନୁଷ୍ଠିତ ହେବ। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାଲାଗି ଦଳଗୁଡ଼ିକ ଏଥିରେ ଶେଷ ସୁଯୋଗ ପାଇବେ।

**ପୁରୁଷ ବିଭାଗ:** ପଟ୍-୧(ଆୟୋଜକ ଦଳ) ନେଦରଲାଣ୍ଡ, ଭାରତ, ଜର୍ମାନୀ। ପଟ୍-୨(ଆୟୋଜକ ଦଳ) ଗ୍ରେଟ୍ ବ୍ରିଟେନ, ସ୍ପେନ, ନ୍ୟୁଜିଲାଣ୍ଡ, କାନାଡ଼ା। ପଟ୍-୩(ବାହାର ପରିବେଶରେ ଖେଳାଯିବାକୁଥିବା ଦଳ) ମାଲେସିଆ, ଫ୍ରାନ୍ସ, ଆୟର୍ଲାଣ୍ଡ, କୋରିଆ। ପଟ୍-୪(ବାହାର ପରିବେଶରେ ଖେଳିବାକୁଥିବା ଦଳ) ପାକିସ୍ତାନ, ଅଷ୍ଟ୍ରିଆ, ରୁଷିଆ।

**ମହିଳା ବିଭାଗ:** ପଟ୍-୧(ଆୟୋଜକ ଦଳ) ଅଷ୍ଟ୍ରିଆ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ। ପଟ୍-୨(ଆୟୋଜକ ଦଳ) ସ୍ପେନ, ଆୟର୍ଲାଣ୍ଡ, ଭାରତ, ଚାଇନା। ପଟ୍-୩(ବାହାର ପରିବେଶରେ ଖେଳିବାକୁଥିବା ଦଳ) କୋରିଆ, ବେଲଜିୟମ, ଆମେରିକା, ରୁଷିଆ। ପଟ୍-୪(ବାହାର ପରିବେଶରେ ଖେଳିବାକୁଥିବା ଦଳ) ଇଟାଲୀ, ଚିଲି, ରୁଷିଆ।

## ୟୁରୋ କପ୍ ଯୋଗ୍ୟତା ପର୍ଯ୍ୟାୟ: ପର୍ତ୍ତୁଗାଲର ପ୍ରଥମ ବିଜୟ

ବେଲଗ୍ରେଡ୍,୮।୯(ଏଏଫ୍‌ପି): ୟୁରୋପିଆନ୍ ଚାମ୍ପିୟନ ପର୍ତ୍ତୁଗାଲ ୟୁରୋ କପ୍ ଯୋଗ୍ୟତା ପର୍ଯ୍ୟାୟରେ ତା’ର ପ୍ରଥମ ବିଜୟ ହାସଲ କରିଛି। ୨୦୨୦ ୟୁରୋ କପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଶନିବାର ଅନୁଷ୍ଠିତ ମୁକାବିଲାରେ ସର୍ବିୟାକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି। ପର୍ତ୍ତୁଗାଲ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲା। ପର୍ତ୍ତୁଗାଲ ତରଫରୁ ୪୨ତମ ମିନିଟ୍ ୱିଲିୟମ କାର୍ଭାଲୋ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ଗୋନକାଲୋ ଗୁଏଡ୍ସ ୫୮ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ୬୮ତମ ମିନିଟ୍‌ରେ ସର୍ବିୟାର ନିକେଲା ମିଲେନୋକୋଭିକ ଗୋଲ ପ୍ରଦାନ କରି ଗୋଲ ବ୍ୟବଧାନ କମାଇଥିଲେ। ଏହାପରେ ୮୦ତମ ମିନିଟ୍‌ରେ କ୍ରିଷ୍ଟିଆନୋ ରୋନାଲ୍ଡୋ ଗୋଲ ସ୍କୋର କରି ଅଗ୍ରଣୀ ବଢ଼ାଇଥିଲେ। ତେବେ ୮୫ତମ ମିନିଟ୍‌ରେ ସର୍ବିଆର ଆଲେକଜାଣ୍ଡର ମିଟ୍ରୋଭିକ୍ ଗୋଲ ସ୍କୋର କରିଥିଲେ। ତେବେ ଏହାର ଗୋଟିଏ ମିନିଟ ପରେ ବର୍ନାଡୋ ସିଲଭା ଗୋଲ ଦେଇ ପର୍ତ୍ତୁଗାଲକୁ ବିଜୟୀ କରାଇଥିଲେ। ଏଥିସହିତ ପର୍ତ୍ତୁଗାଲ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ପାଇ ଗ୍ରୁପ୍ ବି’ର ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ୟୁକ୍ରେନ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି।



ସୌଭାଗ୍ୟ ବେହେରା(ବାମ) ଓ ଅନୁଜ ପଣ୍ଡା।

## ସୌଭାଗ୍ୟ, ଅନୁଜଙ୍କ ଆକର୍ଷଣୀୟ ପ୍ରଦର୍ଶନ

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍‌ର ରବିବାର ଚତୁର୍ଥ ଦିବସରେ ସୌଭାଗ୍ୟ ବେହେରା ଓ ଅନୁଜ ପଣ୍ଡା ଆକର୍ଷଣୀୟ ପ୍ରଦର୍ଶନ କରି ଆଗକୁ ବଢ଼ିଛନ୍ତି। ସୌଭାଗ୍ୟ ୩-୨ ଫ୍ରେମ୍‌ରେ ସିଦ୍ଧାର୍ଥ ସେନ୍ ଏବଂ ଅନୁଜ ୩-୨ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅମିୟ ନାୟକ ୩-୧ ଫ୍ରେମ୍‌ରେ ଶୁଭ୍ରଜିତ ପଟ୍ଟନାୟକ, ଜିତେନ ଷଡ଼ଙ୍ଗୀ ୩-୦ରେ ଖାଲିଦ ସୁଲତାନ, ରଣଜିତ ପତି ୩-୧ରେ ଗୋବିନ୍ଦ ଶର୍ମା, ଅଶ୍ୱିନ ପଟ୍ଟନାୟକ ଛତିଶଗଡ଼ର ବିକାଶ ଅଗ୍ରୱାଲଙ୍କୁ ୩-୦ରେ ହରାଇ ଦେଇଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ୨ଟି ମ୍ୟାଚରେ ସୌଭାଗ୍ୟ ୩-୦ରେ ସନ୍ଦୀପ ବଡ଼ଜେନା, ଜାକିର ଖାଁ ୩-୦ରେ ଅବିନାଶ ମହାପାତ୍ରଙ୍କୁ ପରାସ୍ତ କରିଥିଲେ।

## ଜାତୀୟ ଜୁନିୟର ମହିଳା ବକ୍ସିଂରେ ଓଡ଼ିଶାର ୬

ଭୁବନେଶ୍ୱର, ୮।୯
(କ୍ରୀଡ଼ା ପ୍ରତିନିଧି)

ରୋହତକର ରାଜୀବ ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ନ୍ୟାଶନାଲ ବକ୍ସିଂ ଏକାଡେମୀରେ ରବିବାରଠାରୁ ଆରମ୍ଭ ହୋଇଛି ଜାତୀୟ ଜୁନିୟର ମହିଳା ବକ୍ସିଂ ଚାମ୍ପିୟନଶିପ୍। ଏଥିରେ ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ ଉପସଭାପତି ସୁଦର୍ଶନ ସାହୁଙ୍କ ସୂତ୍ରରୁ ପ୍ରକାଶ। ପ୍ରତିଯୋଗୀମାନେ ହେଲେ ରାନୀ ଦାସ(୪୪-୪୬ ଓଜନ ବର୍ଗ), ଅର୍ପିତା ଲାକ୍ରା (୪୬-୪୮), ଆୟୁଷ୍ମିତା ପାଣିଗ୍ରାହୀ(୫୨-୫୪), ରଜଲିଆ କୁଜୁର(୫୪-୫୭), ଅନୁରାଧା ଜେନା(୫୭-୬୦), ନୈନା ମୁଖୀ (୬୦-୬୩)। ପ୍ରତିଯୋଗିତା ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# କିସ୍ ଜିତିଲା କାଲାଘାନ କପ୍




ଟ୍ରଫି ସହ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ।

ଭୁବନେଶ୍ୱର, ୮।୯
(କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ କାଲାଘାନ କପ୍ (ଡିଭିଜନ-୨) ରଗ୍‌ବୀ ୧୫ଏସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଗଡ଼ ରଗ୍‌ବୀ ଫୁଟବଲ ଆସୋସିଏଶନ(ସିଆରଏଫଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କିସ୍ ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଦଳକୁ ୨୦-୫ ପଏଣ୍ଟରେ ହରାଇ ଅଭିଯାନ ଆରମ୍ଭ କରିଥିବା କିସ୍ ଦ୍ୱିତୀୟ ମ୍ୟାଚରେ ବାଇ ପାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ଦଳ ହରିୟାଣାକୁ ୪୫-୦ ପଏଣ୍ଟରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଟାଇଟଲ ପର୍ଯ୍ୟାୟରେ ଦଳ ଦିଲ୍ଲୀକୁ ୧୩-୮ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଥିଲା।

# ବିଶ୍ୱ ଫିଜିଓଥେରାପି ଡେ’ ଅବସରରେ ୱାକାଥନ




ଗଣେଶ ଚନ୍ଦ୍ର ଜେନା ପତାକା ଦେଖାଇ ୱାକାଥନର ଶୁଭାରମ୍ଭ କରୁଛନ୍ତି ।

ଭୁବନେଶ୍ୱର,୮।୯(କ୍ରୀଡ଼ା ପ୍ରତିନିଧି)

ବିଶ୍ୱ ଫିଜିଓଥେରାପି ଦିବସ ରବିବାର ଏଠାରେ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟର ପ୍ରାୟ ୮୦ରୁ ୧୦୦ ଫିଜିଓଥେରାପିଷ୍ଟ ସହିତ ନଗରସ୍ଥିତ ଦୁର୍ଗାମଣ୍ଡପଠାରେ ଏକତ୍ରିତ ହୋଇ ରାମ ମନ୍ଦିର ପର୍ଯ୍ୟନ୍ତ ୱାକାଥନ କରିଥିଲେ। ଅତିଥି ଭାବେ ଯୋଗଦେଇ ଏଭରେଷ୍ଟ ମାରାଥନର ଗଣେଷ ଚନ୍ଦ୍ର ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ତର୍ଜାତୀୟ ମହିଳା କ୍ରିକେଟର ରୋଶନାରା ପରୱିନ ଉପସ୍ଥିତ ଥିଲେ। ଡ. ଅମ୍ଲାନ ମାଇତି ଓ ଡ. ସ୍ମିତପ୍ରଜ୍ଞାଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଡ. ମୁକ୍ତିପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଭରେଷ୍ଟ ଆରୋହି ଗଣେଷ ତାଙ୍କ ପାଇଁ ଫିଜିଓଥେରାପିର ଗୁରୁତ୍ୱ ସମ୍ପର୍କରେ ନିଜ ଅନୁଭୂତିରୁ ବର୍ଣ୍ଣନା କରିଥିଲେ। ମହିଳା କ୍ରିକେଟର ରୋଶନାରା ମଧ୍ୟ ଖେଳାଳିଙ୍କ ପାଇଁ ଫିଜିଓଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରକାଶ କରିଥିଲେ। ଫିଜିଓଥେରାପି ପ୍ରତି ସଚେତନା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଏକମାତ୍ର ଉଦ୍ଦେଶ୍ୟ ଥିଲା। ଆଣ୍ଠୁରେ ଯନ୍ତ୍ରଣା ହେଉ କିମ୍ବା ଶରୀରର ଅନ୍ୟ କୌଣସି ସ୍ଥାନରେ, ଫିଜିଓଙ୍କ ପରାମର୍ଶ ନେଇ ବ୍ୟାୟାମ କଲେ ଜଣେ ସାଧାରଣ ମଣିଷ ଫିଟ୍ ରହିବା ସମ୍ଭବ ହୋଇ ପାରିବ ବୋଲି ଏହି ଅବସରରେ ଫିଜିଓଥେରାପିଷ୍ଟମାନେ ସଚେତନ କରାଇଥିଲେ। ଓଡ଼ିଶାରେ ଫିଜିଓଥେରାପିଷ୍ଟଙ୍କ ସଂଖ୍ୟା ଏବେ ୪୦୦୦ ଟପିଲାଣି। କିନ୍ତୁ ରାଜ୍ୟରେ ଏମାନଙ୍କୁ ଉଚିତ ନ୍ୟାୟ ମିଳୁନାହିଁ। ଯେମିତି ଭାରତରେ ଫିଜିଓଥେରାପି କାଉନ୍‌ସିଲ ପାଇଁ ଇଣ୍ଡିଆନ ଆସୋସିଏଶନ ଅଫ ଫିଜିଓଥେରାପି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ଓଡ଼ିଶାରେ ସେପରି କାଉନ୍‌ସିଲ ଗଠନ ପାଇଁ ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଣୁ ଓଡ଼ିଶାରେ ଶୀଘ୍ର ଫିଜିଓଥେରାପି କାଉନ୍‌ସିଲ ଗଠନ କରାଯାଇ ଫିଜିଓଥେରାପିଷ୍ଟମାନଙ୍କୁ ନ୍ୟାୟ ଦେବାପାଇଁ ଦାବିକୁ ଦୋହରାଯାଇଛି।

# ଭାରତ- ଅଷ୍ଟ୍ରେଲିଆ ଉଦ୍‌ଘାଟନୀ ମ୍ୟାଚ୍

## ମହିଳା ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

ଦୁବାଇ,୮।୯

ଥାଇଲାଣ୍ଡ ଓ ବାଂଲାଦେଶ ଦମ୍‌ଦାର ପ୍ରଦର୍ଶନ କରି ଯୋଗ୍ୟତା ହାସଲ କରିବା ପରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଆଗାମୀ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୨୦୨୦ ମହିଳା ଟି୨୦ ବିଶ୍ୱକପ୍‌ର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଆଇସିସି ତରଫରୁ ରବିବାର ଏ ନେଇ ଘୋଷଣା କରାଯାଇଛି। ସ୍କଟଲାଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ଇଭେଣ୍ଟରେ ବିଜୟୀ ହେବା ପରେ ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସହ ବାଂଲାଦେଶ ଗ୍ରୁପ୍ ଏ’ରେ ସ୍ଥାନ ପାଇଛି। ଅନ୍ୟପଟେ ୧୨ ବର୍ଷ ତଳେ ପ୍ରଥମ ଓ ଶେଷଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଥାଇଲାଣ୍ଡ ମହିଳା ଦଳ ଏଥର ଟି୨୦ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରି ଇତିହାସ ସୃଷ୍ଟି କରିଛି। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ପାକିସ୍ତାନ ସହ ଥାଇଲାଣ୍ଡ ଗ୍ରୁପ୍ ବି’ରେ ସାମିଲ ହୋଇଛି।

ବିଶ୍ୱକପ୍‌ରେ ହୁଏତ ମୁଁ ସ୍ୱର୍ଣ୍ଣ ଜିତିଥାଇପାରେ, ହେଲେ ଅଲିମ୍ପିକ ପଦକ ହାସଲ ପାଇଁ ବିଭିନ୍ନ ସ୍ତରରେ ମାନସିକ ସ୍ଥିରତା ଆଣିବାକୁ ହେବ।
—ଅଭିଷେକ ବର୍ମା, ଭାରତୀୟ ଶୁଟର



ଓଲ୍ଡଟ୍ରାଫୋର୍ଡଠାରେ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ଦଳର ଆବଶ୍ୟକତା ଦୃଷ୍ଟିରୁ ଆକ୍ରମଣାତ୍ମକ ୮୨ ରନ କରିପାରିଥିବାରୁ ମୁଁ ଖୁସି ଏବଂ ଗର୍ବିତ।—ଷ୍ଟିଭ ସ୍ମିଥ, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଏଫ୍‌ଆଇଏଚ୍ ହକି ର୍‍ୟାଙ୍କିଂ

# ପୁରୁଷ ୫ମ, ମହିଳା ୯ମ

ଲାଉସାନେ (ସୁଇଜରଲାଣ୍ଡ), ୮।୯ (ପି.ଟି.)- ଓସେନିଆ କପ୍ ଶେଷ ହେବା ପରେ ରବିବାର ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବିଶ୍ୱ ର୍‍ୟାଙ୍କିଂ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତୀୟ ପୁରୁଷ ଦଳ ୫ମ ସ୍ଥାନ ବଜାୟ ରଖିଥିବାବେଳେ ମହିଳା ଦଳ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ୯ମ ସ୍ଥାନ ଦଖଲ କରିଛି। ଅଷ୍ଟ୍ରେଲିଆର ଓସେନିଆ କପ୍ ସଫଳତା ଯୋଗୁ ର୍‍ୟାଙ୍କିଂର ଶୀର୍ଷ ସ୍ଥାନରେ କୌଣସି ପରିବର୍ତ୍ତନ ଘଟିନାହିଁ। ଅଷ୍ଟ୍ରେଲିଆ ଓ ବେଲଜିୟମ ପୂର୍ବଭଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ହେଲେ ଦୁଇ ଦଳ ମଧ୍ୟରେ ପଏଣ୍ଟ ବ୍ୟବଧାନ ୨କୁ ହ୍ରାସ ପାଇଛି। ଅଷ୍ଟ୍ରେଲିଆର ପଏଣ୍ଟ ସଂଖ୍ୟା ୨୩୫୦ ରହିଛି। ର୍‍ୟାଙ୍କିଂ ତାଲିକାରେ ୟୁରୋପିଆନ ବ୍ରୋଞ୍ଜ ପଦକ ବିଜୟୀ ନେଦରଲାଣ୍ଡ୍ସ (୨୧୫୫) ତୃତୀୟ ଏବଂ ଏହା ପଛକୁ ପାନ୍ ଆମେରିକାନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ଆର୍ଜେଣ୍ଟିନା ରହିଛି। ଭାରତ(୧୮୨୩) ପୂର୍ବଭଳି ୫ମ ସ୍ଥାନରେ ରହିଥିବାବେଳେ ଜର୍ମାନୀ (୧୭୬୦) ଇଂଲଣ୍ଡ (୧୬୭୯)କୁ ହଟାଇ ୬ଷ୍ଠ ସ୍ଥାନ ଅଧିକାର କରିଛି। ୟୁରୋପିଆନ ରୌପ୍ୟ ବେଜିତା ସ୍ପେନ (୧୫୧୦) ୯ମ ସ୍ଥାନରୁ ୮ମ ସ୍ଥାନକୁ ଉଠିଛି। ଫଳରେ ନ୍ୟୁଜିଲାଣ୍ଡ (୧୪୫୯) ର୍‍ୟାଙ୍କିଂ ତାଲିକାରେ ଗୋଟିଏ ସ୍ଥାନ ତଳକୁ ଖସିଯାଇଛି। କାନାଡ଼ା ୧୦ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ବେଲ୍‌ଫସ ୟୁରୋହକି ଚାମ୍ପିୟନଶିପ୍‌ରେ ଟାଇଟଲ ସଫଳତା ପାଇଁ ମହିଳା ର୍‍ୟାଙ୍କିଂରେ ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନ ବଜାୟ ରଖିଛି। ସେହିପରି ଅଷ୍ଟ୍ରେଲିଆ ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ରହିଛି। ପାନ୍ ଆମେରିକାନ ଗେମ୍ସ ଚାମ୍ପିୟନ ଆର୍ଜେଣ୍ଟିନା ମଧ୍ୟ ତୃତୀୟ ସ୍ଥାନ ବଜାୟ ରଖିଛି। ୟୁରୋପିଆନ ରୌପ୍ୟ ପଦକ ବିଜେତା ଜର୍ମାନୀ ବର୍ତ୍ତମାନ ବିଶ୍ୱର ଚତୁର୍ଥ ଶ୍ରେଷ୍ଠ ଦଳ। ଇଂଲଣ୍ଡ ଗୋଟିଏ ସ୍ଥାନ ତଳୁ ଖସି ୫ମରେ ରହିଛି।

# ଅଷ୍ଟ୍ରେଲିଆ ୧୮୫ ରନରେ ବିଜୟୀ

## ଚତୁର୍ଥ ଆଶେସ ଟେଷ୍ଟ

ମାଞ୍ଚେଷ୍ଟର, ୮।୯

ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଚତୁର୍ଥ ଆଶେସ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୮୫ ରନରେ ଇଂଲଣ୍ଡକୁ ହରାଇ ଦେଇଛି। ୩୮୩ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ରବିବାର ୫ମ ତଥା ଅନ୍ତିମ ଦିବସରେ ଦ୍ୱିତୀୟ ଇନିଂସରେ ୧୯୭ ରନରେ ଅଲଆଉଟ ହୋଇ ଯାଇଛି। ଫଳରେ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୨-୧ରେ ଅଗ୍ରଣୀଲାଭ କରିଛି। ବିଜୟୀ ଅଷ୍ଟ୍ରେଲିଆ ମ୍ୟାଚରୁ ବିଶ୍ୱ ଚାମ୍ପିୟନଶିପ୍ ଅନ୍ତର୍ଗତ ୨୪ ପଏଣ୍ଟ ପାଇଛି।

୪ର୍ଥ ଦିବସର ଅସମାପ୍ତ ସ୍କୋର ୧୮/୨ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ସତର୍କତାର ସହ ଆଗକୁ ବଢ଼ିଥିଲା। ତେବେ ସ୍କୋର ୬୬ରେ ପହଞ୍ଚାଇଥିବାବେଳେ ଜାସନ ରୟ (୩୧)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ପ୍ୟାଟ୍ କୁମିନ୍ସ। ସମ୍ପ୍ରତି ଇଂଲଣ୍ଡର ବ୍ୟାଟିଂ ମେରୁଦଣ୍ଡ ବିବେଚିତ ହେଉଥିବା ବେନ୍ ଷ୍ଟୋକ୍ସ ମାତ୍ର ୧ ରନ କରି କୁମିନ୍ସଙ୍କ ବଲ୍‌ରେ ଆଉଟ ହେବାରୁ ଇଂଲଣ୍ଡର ପରାଜୟ ଆସନ୍ନ ହୋଇ ଯାଇଥିଲା। ଆରମ୍ଭରୁ ଭଲ ଖେଳି ଅର୍ଦ୍ଧଶତକ ହାସଲ କରିଥିବା ଜୋ ଡେନ୍‌ଲି ୧୨୩ ବଲ୍‌ରୁ ୫୩ ରନ କରିଥିବାବେଳେ ନାଥାନ ଲିୟନଙ୍କ ଶିକାର ହୋଇଥିଲେ। ପରେ ଉଇକେଟ କିପର ଜନି ବେୟାରଷ୍ଟୋ(୨୫ ରନ, ୬୧ ବଲ୍)ଙ୍କୁ ଆଉଟ କରି ମିଚେଲ ଷ୍ଟାର୍କ ଅଷ୍ଟ୍ରେଲିଆ ସ୍ଥିତିକୁ ଅଧିକ ମଜଭୁତ କରି ଦେଇଥିଲେ। ଶେଷଭାଗରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିବା ଜୋସ ବଟଲରଙ୍କୁ କ୍ଲିନ୍ ବୋଲ୍ଡ କରି ଇଂଲଣ୍ଡ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ ଜୋଶ ହାଜେଲଉଡ୍। ୧୧୧ ବଲ୍‌ର ସମ୍ମୁଖୀନ ହୋଇଥିବା ବଟଲର ୪ ଚୌକା ସହାୟତାରେ ୩୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜୋଫ୍ରା ଆର୍ଚର ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। କ୍ରେଗ୍ ଓଭର୍ଟନ ଓ ଜ୍ୟାକ ଲିଚ୍ କିଛି ସମୟ ଲଢ଼େଇ କରିଥିଲେ ହେଁ ତାହା ଇଂଲଣ୍ଡକୁ ପରାଜୟରୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଓଭର୍ଟନ ୧୦୫ ବଲ୍‌ରୁ ୨୧ ଓ ଲିଚ୍ ୫୧ ବଲ୍‌ରୁ ୧୨ ରନ କରି ଆଉଟ ହୋଇଥିଲେ।



ଅଷ୍ଟ୍ରେଲିଆ ପକ୍ଷରୁ ସର୍ବାଧିକ ୪ଟି ଉଇକେଟ୍ ନେଇଥିବା ପ୍ୟାଟ୍ କୁମିନ୍ସ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୯୭। **ଇଂଲଣ୍ଡ ପ୍ରଥମ ଇନିଂସ:** ୩୦୧। **ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୧୮୬/୬(ଘୋଷଣା)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୭/ଅଲଆଉଟ(ଜୋ ଡେନ୍‌ଲି-୫୩, ଜାସନ ରୟ-୩୧, ଜୋସ ବଟଲର-୩୪, କୁମିନ୍ସ-୪/୪୩, ହାଜେଲଉଡ-୨/୩୧, ଲିୟନ-୨/୫୧, ଷ୍ଟାର୍କ-୧/୪୬, ଲାବୁସ୍କାନ-୧/୯)।

# ଲେକ୍‌ରେକ୍ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

ମୋଞ୍ଜା,୮।୯ (ଏଏଫ୍‌ପି)

ଇଟାଲିଆନ ଗ୍ରାଁ ପ୍ରିରେ ବିଜୟ ସହ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ କ୍ରମାଗତ ଦ୍ୱିତୀୟ ଫର୍ମୁଲା ୱାନ୍ ଟାଇଟଲ ହାସଲ କରିଛନ୍ତି। ୨୦୧୦ ପରେ ଫେରାରି ନିଜ ମାଟିରେ ପ୍ରଥମ ବିଜୟ ହାସଲ କରିଛି। ୨୧ ବର୍ଷୀୟ ଲେକ୍‌ରେକ୍ ଗତ ରବିବାର ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା ୱାନ ଟାଇଟଲ ବେଲିଜିଆନ ଗ୍ରାଁ ପ୍ରିରେ ଜିତିଥିଲେ। ଏହି ଟାଇଟଲକୁ ସେ ତାଙ୍କ ସାଥୀ ଆନ୍ଥୋନୀ ହ୍ୟୁବର୍ଟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ହ୍ୟୁବର୍ଟଙ୍କର ଦିନକ ପୂର୍ବରୁ ଏକ ଫର୍ମୁଲା ୱାନ ରେସ୍‌ରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଥିଲା। ଲେକ୍‌ରେକ୍ କହିଛନ୍ତି ଇଟାଲିଆନ ଗ୍ରାଁ ପ୍ରି ଜିତିବା ସହଜ ନ ଥିଲା। ଦେଢ ଲକ୍ଷରୁ ଅଧିକ ଉତ୍ସାହିତ ଦର୍ଶକଙ୍କ ଆଗରେ ମୁଁ ଆଦୌ କ୍ଳାନ୍ତ ଅନୁଭବ କରି ନ ଥିଲି। ମର୍ସିଡିଜର ଭାଲ୍‌ଟେରୀ ବୋଟା ଏବଂ ଲୁଇସ୍ ହାମିଲଟନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଲେକ୍‌ରେକ୍‌ଙ୍କ ଫେରାରି ଟିମ୍‌ମେଟ୍ ସେବାଷ୍ଟିଆନ ଭେଟେଲଙ୍କ ପାଇଁ ଖରାପ ଦିନ ଥିଲା। ବିପଜ୍ଜନକ ଗାଡ଼ି ଚାଳନା ପାଇଁ ପେନାଲ୍ଟି ହେବାରୁ ତାଙ୍କୁ ୧୩ତମ ସ୍ଥାନ ମିଳିଥିଲା। ଏଥିପାଇଁ ଅବଶ୍ୟ ସେ ପରେ କ୍ଷମା ମାଗିଥିଲେ। ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ୫ଥର ଚାମ୍ପିୟନ ହାମିଲଟନ ବର୍ତ୍ତମାନ ତାଙ୍କ ଟିମ୍‌ମେଟ ବୋଟାସଙ୍କଠାରୁ ୬୩ ପଏଣ୍ଟ ଆଗରେ ରହି ପୂର୍ବଭଳି ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ରେନଲ୍ଟ ଟିମ୍‌ମେଟ୍ ନିକୋ ହକେନବର୍ଗଙ୍କୁ ପଛରେ ପକାଇ ଡାନିଲ ରିକାର୍ଡୋ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଆଲେକ୍‌ଜାଣ୍ଡର ଆଲବନ୍ (ରେଡ୍‌ବୁଲ୍), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), ମାକ୍ସ ଭର୍ଷ୍ଟାପେନ (ରେଡ୍‌ବୁଲ୍), ଆଣ୍ଟୋନିଓ ଜିଓଭିନାଜି (ଆଲ୍‌ଫା ରୋମିଓ) ଏବଂ ଲାଣ୍ଡୋ ନୋରିସ ଯଥାକ୍ରମେ ୬ଷ୍ଠ, ୭ମ, ୮ମ, ୯ମ ଏବଂ ୧୦ମ ସ୍ଥାନରେ ରହିଥିଲେ।



ଇଟାଲିଆନ ଗ୍ରାଁପ୍ରି ଟ୍ରଫି ସହ ଚାର୍ଲ୍ସ ଲେକ୍‌ରେକ୍।

# ଐତିହାସିକ ବିଜୟ ଅଭିମୁଖେ ଆଫଗାନିସ୍ତାନ

ଚାଟ୍ଟୋଗ୍ରାମ, ୮।୯

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ପରାଜୟ ଦ୍ୱାରଦେଶରେ ପହଞ୍ଚିଛି। ୩୯୮ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରୁଥିବା ଘରୋଇ ବାଂଲାଦେଶ ରବିବାର ଚତୁର୍ଥ ଦିବସ ଶେଷ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ଇନିଂସରେ ୪୪.୨ ଓଭରରେ ୬ ଉଇକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରିଛି। ଅଧିନାୟକ ଶାକିବ ଅଲ୍ ହାସନ ୩୯ ଓ ସୌମ୍ୟ ସର୍କାର କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଓପନର୍ ଲିଟନ ଦାସ ୯, ଶାଦମନ ଇସଲାମ ୪୧, ମୋସାଡେକ ହୋସେନ ୧୨, ମୁଶଫିକର ରହିମ ୨୩, ମହମ୍ମଦୁଲା ୭ ଓ ମୋମିନୁଲ ହକ୍ ୩ ରନ୍ କରି ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ୫ ଉଇକେଟ୍ ଅକ୍ତିଆର କରିଥିବା ଆଫଗାନିସ୍ତାନ ଅଧିନାୟକ ରଶିଦ ଖାଁ ୨ୟ ଇନିଂସରେ ମଧ୍ୟ ୩ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇ ଦେଇଛନ୍ତି। ଜାହିର ଖାଁ ୨ ଓ ମହମ୍ମଦ ନବି ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ୪ ଉଇକେଟ୍ ସୁରକ୍ଷିତ ଥାଇ ବାଂଲାଦେଶକୁ ବିଜୟ ପାଇଁ ଆହୁରି ୨୬୨ ରନ୍ ଆବଶ୍ୟକ ହେଉଛି। ଅପରପକ୍ଷରେ ଯଦି ଆଫଗାନିସ୍ତାନ ଅନ୍ତିମ ଦିନରେ ୪ ଉଇକେଟ୍ ହାସଲ କରିନିଏ ତେବେ ଟେଷ୍ଟ ଇତିହାସରେ ଏହାର ପ୍ରଥମ ବିଜୟ ସ୍ୱାଦ ଚାଖିବ।

ପୂର୍ବରୁ ୧୩୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ୨ୟ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ଶନିବାର ସୁଦ୍ଧା ୮ ଉଇକେଟ୍‌ରେ ୨୩୭ ରନ କରିଥିଲା। ରବିବାର ସକାଳେ ଦଳ ପୂର୍ବଦିନର ଅସମାପ୍ତ ସ୍କୋରରେ ଆଉ ୨୩ ରନ ଯୋଡ଼ି ୨୬୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର: ଆଫଗାନିସ୍ତାନ ପ୍ରଥମ ଇନିଂସ**- ୩୪୨/୧୦

**ବାଂଲାଦେଶ ପ୍ରଥମ ଇନିଂସ**- ୨୦୫/୧୦

**ଆଫଗାନିସ୍ତାନ ୨ୟ ଇନିଂସ**- ୨୬୦/୧୦, ୯୦.୧ ଓଭର (ଜାଜାଇ ୪୮*, ଇବ୍ରାହିମ ଜର୍ଡାନ ୮୭, ଅସଘର ଆଫଘାନ ୫୦, ଶାକିବ ୩/୫୮, ମେହେଦୀ ହାସାନ ୨/୩୫)

ବାଂଲାଦେଶ ୨ୟ ଇନିଂସ- ୧୩୬/୬, ୪୪.୨ ଓଭର (ଇସଲାମ ୪୧, ଶାକିବ ୩୯*, ମୁଶଫିକର ୨୩, ରଶିଦ ୩/୪୬)

# ଭାରତୀୟ ଚ୍ୟାଲେଞ୍ଜ ଏଣିକି କଷ୍ଟକର

## ଡେଭିସ୍ କପ୍



ନୂଆଦିଲ୍ଲୀ, ୮।୯ (ପି.ଟି.)

ଟେନିସ ଖେଳର ବିଶ୍ୱ ପରିଚାଳନା ପରିଷଦ ଅନ୍ତର୍ଜାତୀୟ ଟେନିସ୍ ମହାସଂଘ (ଆଇଟିଏଫ୍) ଡେଭିସ୍ କପ୍ ଫର୍ମାଟରେ ଆଉ ଏକ ପରିବର୍ତ୍ତନ କରିଛି। ଆଞ୍ଚଳିକ ସ୍ତରରେ ଗ୍ରୁପ୍-୧ ଏବଂ ଗ୍ରୁପ୍-୨ ପ୍ରତିଯୋଗିତାକୁ ଉଚ୍ଛେଦ କରିଛି, ଯଦ୍ୱାରା ଭାରତର କ୍ୱାଲିଫାୟର୍ସ ପଥ ଅଧିକ କଷ୍ଟସାଧ୍ୟ ହୋଇଛି। ୨୦୨୦ରୁ ଭାରତୀୟ ଦଳକୁ ଉନ୍ନତ ୟୁରୋପ, ଦକ୍ଷିଣ ଓ ଉତ୍ତର ଆମେରକୀୟ ରାଷ୍ଟ୍ରଗୁଡ଼ିକ ସହ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ। ବର୍ତ୍ତମାନ ଆମେରିକା, ଏସିଆ/ଓସେନିଆ, ଏବଂ ୟୁରୋପିଆନ/ଆଫ୍ରିକା ତିନୋଟି ଜୋନ୍‌ରେ ଚାରୋଟି ଗ୍ରୁପ୍ ୧,୨, ୩,୪ ରହିଛି। ନୂତନ ଫର୍ମାଟ ଅନୁସାରେ ୨୦୨୦ଠାରୁ ଗ୍ରୁପ୍-୧ ଏବଂ ଗ୍ରୁପ୍ -୨ ରହିବ ନାହିଁ। ଏହା ପରିବର୍ତ୍ତେ ୱାର୍ଲ୍ଡ ଗ୍ରୁପ୍-୧ରେ ୨୪ଟି ଦଳ ଏବଂ ୱାର୍ଲ୍ଡ ଗ୍ରୁପ୍ -୨ରେ ୨୪ଟି ଦଳ ରହିବେ। ଏହା ନିଶ୍ଚିତ କୌତୂହଳପୂର୍ଣ୍ଣ ହେବ, କିନ୍ତୁ ଆମ ପାଇଁ କଷ୍ଟକର। ଏସିଆରେ ଆମେ ପ୍ରଭାବୀ ଦଳ ରହିଥିଲୁ। ମାତ୍ର ଏଣିକି ଆମ ପାଇଁ ପ୍ରତ୍ୟେକ ମ୍ୟାଚ କଷ୍ଟକର ହେବ ବୋଲି ଭାରତର ଅଣ ଖେଳାଳି ଅଧିନାୟକ ମହେଶ ଭୂପତି ପ୍ରତିକ୍ରିୟାରେ କହିଛନ୍ତି। ଆସନ୍ତାବର୍ଷ ମାର୍ଚ୍ଚରେ କ୍ୱାଲିଫାୟର୍ସର ୧୨ ପରାଜିତ ଦେଶ ଏବଂ ନୂତନ ଭାବେ ପ୍ରଚଳିତ ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ର ୧୨ଟି ଦଳକୁ ନେଇ ୱାର୍ଲ୍ଡ ଗ୍ରୁପ୍-୧ ଗଠନ ହେବ। ୱାର୍ଲ୍ଡ ଗ୍ରୁପ୍-୧ ପ୍ଲେ-ଅଫ୍‌ରୁ ୧୨ ପରାଜିତ ଦଳ ଏବଂ ୱାର୍ଲ୍ଡ ଗ୍ରୁପ୍-୨ ପ୍ଲେ-ଅଫ୍‌ରୁ ୧୨ ବିଜେତାଙ୍କୁ ନେଇ ୱାର୍ଲ୍ଡ ଗ୍ରୁପ୍-୨ ଗଠନ ହେବ। ୨୦୨୦ ମାର୍ଚ୍ଚରେ କ୍ୱାଲିଫାୟର୍ସ ସହିତ ଏକ ସଙ୍ଗରେ ପ୍ଲେ-ଅଫ୍ ମ୍ୟାଚଗୁଡ଼ିକ ଖେଳାଯିବ। ଦୁଇ ଦିନିଆ ମୁକାବିଲା ନିଜ ଦେଶ ଏବଂ ବାହାରେ ଖେଳାଯିବ। ଜାତୀୟ ଆସୋସିଏଶନଗୁଡ଼ିକ ସହିତ ପରାମର୍ଶକ୍ରମେ ଏହି ନୂଆ ଫର୍ମାଟ କରାଯାଇଛି। ଯାହାଫଳରେ ଡେଭିସ୍ କପ୍‌ରେ ବିଶ୍ୱବ୍ୟାପୀ ଅଧିକ ଦେଶ ଭାଗ ନେଇପାରିବେ। ଦେଶଗୁଡ଼ିକ ନୂଆ ନୂଆ ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ଖେଳିବାର ସୁଯୋଗ ପାଇ ପାରିବେ। ଡେଭିସ୍ କପ୍‌ରେ ଆଇଏଟିଏଫ୍‌ର ଏହା ଦ୍ୱିତୀୟ ବଡ଼ ପରିବର୍ତ୍ତନ। ବର୍ଷ ଶେଷ ଫାଇନାଲ୍ସ ପ୍ରଚଳନ କରିସାରିଛି। ଏଥିରେ ୧୮ଟି ଦଳ ମଧ୍ୟରେ ଟାଇଟଲ ମୁକାବିଲା ହେବ। ଏହି ପ୍ରତିଯୋଗିତା ଗୋଟିଏ ସ୍ଥାନରେ ଏକ ସପ୍ତାହ ଧରି ଅନୁଷ୍ଠିତ ହେବ। ଏସିଆ/ଓସେନିଆ ଗ୍ରୁପ୍-୧ରେ ଭାରତର ପ୍ରାଧାନ୍ୟ ରହିଥିଲା। ବହୁ ବର୍ଷ ଧରି ଦଳ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇ ଆସୁଥିଲା। ପୂର୍ବରୁ ଚଳିଆସୁଥିବା ଫର୍ମାଟ ଅନୁସାରେ ଭାରତୀୟ ଦଳକୁ କୋରିଆ, ନ୍ୟୁଜିଲାଣ୍ଡ, ଚାଇନା, ପାକିସ୍ତାନ, ଚାଇନିଜ ତାଇପେ, ଲେବାନନ ଏବଂ ଉଜ୍‌ବେକିସ୍ତାନ ଭଳି ଦେଶ ସହିତ ମୁକାବିଲା କରିବାକୁ ପଡୁଥିଲା। ଏହି ଦେଶଗୁଡ଼ିକରେ ଭଲ ଖେଳାଳିଙ୍କ ସଂଖ୍ୟା ଖୁବ୍ କମ। କିନ୍ତୁ ୨୦୨୦ରେ ନୂଆ ଫର୍ମାଟ ପ୍ରଚଳନ ହେବା ପରେ ଭୂପତିଙ୍କ ଦଳକୁ ମ୍ୟାଚ ଜିତିବା ସହଜ ହେବ ନାହିଁ। ଆସନ୍ତା ସପ୍ତାହରେ ଆଞ୍ଚଳିକ ଗ୍ରୁପ୍-୧ ଏବଂ ଗ୍ରୁପ୍-୨ ମୁକାବିଲାଗୁଡ଼ିକ ପରେ ୱାର୍ଲ୍ଡ ଗ୍ରୁପ୍-୧ ଏବଂ ୨ରେ ୨୦୨୦ ଡେଭିସ୍ କପ୍ କ୍ୱାଲିଫାୟର୍ସ ଏବଂ ପ୍ଲେ-ଅଫ୍ ଲାଇନ୍ ଅପ୍ ସ୍ଥିର ହେବ।

# ନିଃସର୍ତ୍ତ କ୍ଷମା ମାଗିଲେ କାର୍ତ୍ତିକ

ନୂଆଦିଲ୍ଲୀ,୮।୯(ପି.ଟି.)

ଭାରତୀୟ ଅଭିଜ୍ଞ ଉଇକେଟ କିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି। କିଛିଦିନ ତଳେ କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଏକ ମ୍ୟାଚକୁ ସେ ଶାହରୁଖ ଖାଁଙ୍କ ଦଳ ଟ୍ରିନବାଗୋ ନାଇଟ୍ ରାଇଡର୍ସ(ଟିକେଆର) ଡ୍ରେସିଂରୁମ୍‌ରୁ ଦେଖି ବିସିସିଆଇ ସେଣ୍ଟ୍ରାଲ କ୍ଲଜ୍‌ର ଉଲ୍ଲଂଘନ କରିଥିଲେ। ଫଳରେ ବୋର୍ଡ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଏଥିପାଇଁ ତାଙ୍କ କେନ୍ଦ୍ରୀୟ ଚୁକ୍ତିକୁ କାହିଁକି ବାତିଲ କରାଯିବ ନାହିଁ ବୋଲି ନୋଟିସ୍‌ରେ ପ୍ରଶ୍ନ କରାଯାଇଥିଲା। ଏବେ କାର୍ତ୍ତିକ ନିଜ ଭୁଲ ହୃଦୟଙ୍ଗମ କରି କ୍ଷମା ମାଗିଛନ୍ତି।

# ମହାରାଷ୍ଟ୍ର, ପଞ୍ଜାବ ଫାଇନାଲରେ

କଟକ ଅଫିସ,୮।୯

କଟକରେ ଚାଲିଥିବା ୪୬ତମ ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ବାଳକ ବର୍ଗରେ ପଞ୍ଜାବ ଓ ବାଳିକା ବର୍ଗରେ ମହାରାଷ୍ଟ୍ର ଫାଇନାଲରେ ପ୍ରବେଶ କରିଛନ୍ତି । ଉଭୟ ବର୍ଗର ଆଉ ଗୋଟିଏ ଲେଖାଏ ସେମିଫାଇନାଲ ମ୍ୟାଚ୍ ବାକି ରହିଛି। ସୋମବାର ଫାଇନାଲ ମୁକାବିଲା ସହ ଚାମ୍ପିୟନଶିପ ଉଦ୍‌ଯାପିତ ହେବ ।

ବାଳିକା ବର୍ଗର ପ୍ରଥମ ସେମିଫାଇନାଲରେ ମହାରାଷ୍ଟ୍ର ଦିଲ୍ଲୀକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ମହାରାଷ୍ଟ୍ର ୩୭-୨୪ରେ ଅଗ୍ରଣୀ ଥିବା ବେଳେ ମୋଟ ୭୨-୬୪ ପଏଣ୍ଟରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା । ମହାରାଷ୍ଟ୍ର ପକ୍ଷରୁ ସମୀକ୍ଷା ଚନ୍ଦକ ସର୍ବାଧିକ ୧୯ ପଏଣ୍ଟ ସ୍କୋର କରିଥିଲେ । ଦିଲ୍ଲୀ ଅଧିନାୟିକା ରେହା ସିଂ ଏହି ମ୍ୟାଚ୍‌ରେ ୨୫ ପଏଣ୍ଟ ସ୍କୋର କରଥିଲେ । ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତାକୁ ମହାରାଷ୍ଟ୍ର ଫାଇନାଲରେ ଭେଟିବ । ବାଳକ ବର୍ଗରେ ପଞ୍ଜାବ ଓ ହରିୟାଣା ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା । ହରିୟାଣା ପ୍ରଥମ କ୍ୱାର୍ଟରରେ ୧୮-୭ ପଏଣ୍ଟରେ ଅଗ୍ରଣୀ ନେଇଥିଲା । ପରେ ଦ୍ୱିତୀୟ କ୍ୱାର୍ଟରରେ ପଞ୍ଜାବ ଭଲ ପ୍ରଦର୍ଶନ କରିବା ଫଳରେ ପ୍ରଥମାର୍ଦ୍ଧ ଖେଳ ୨୫-୨୩ ପଏଣ୍ଟରେ ଶେଷ ହୋଇଥିଲା । ୩ୟ କ୍ୱାର୍ଟରରେ ମ୍ୟାଚ୍‌କୁ ଦମଦାର ପ୍ରତ୍ୟାବର୍ତ୍ତନ କରିଥିଲା ପଞ୍ଜାବ । ୩ୟ କ୍ୱାର୍ଟର ସୁଦ୍ଧା ୪୧-୩୯ ଓ ଅନ୍ତିମ କ୍ୱାର୍ଟରରେ ୬୧-୫୩ ପଏଣ୍ଟରେ ଆଗୁଆ ରହି ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି । ମିଜୋରାମ ଓ ମହାରାଷ୍ଟ୍ର ମଧ୍ୟରେ ବାଳକ ବର୍ଗର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ । ଏହାର ବିଜେତାକୁ ପଞ୍ଜାବ ଫାଇନାଲରେ ଭେଟିବ।



ଇନ୍‌ଡୋର ଷ୍ଟାଡିୟମରେ ପଞ୍ଜାବ ଓ ହରିୟାଣା ମଧ୍ୟରେ ଅନୁଷ୍ଠିତ ବାସ୍କେଟବଲ ମ୍ୟାଚ ।

# ଆଶାୟୀଙ୍କ ପାଇଁ ଅଡୁଆ ନୂଆ ନିୟମ

## ଓସିଏ କର୍ମକର୍ତ୍ତା ନିର୍ବାଚନ

କଟକ ଅଫିସ,୮।୯

ନିର୍ବାଚନ ତାରିଖ ଘୋଷଣା ସରିଛି । ପର୍ଯ୍ୟାୟକ୍ରମେ ଅନୁବନ୍ଧିତ ୟୁନିଟଗୁଡ଼ିକ ନିଜ ନିଜର ସଦସ୍ୟଙ୍କ ନାମ ପଠାଇବା ଆରମ୍ଭ କରି ସାରିଲେଣି । ଯେଉଁମାନେ କି ଭୋଟ ଦେବାର ଅଧିକାର ପାଇବେ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଭାଗ୍ୟ ନିର୍ଦ୍ଧାରଣ କରିବେ । ରବିବାର ସୁଦ୍ଧା ୮୫ ପ୍ରତିଶତ ୟୁନିଟ ନିଜ ସଦସ୍ୟଙ୍କ ନାମ ପଠାଇ ସାରିଥିବା ଜଣାପଡ଼ିଛି। ଆସନ୍ତା ୧୨ ତାରିଖ ସୁଦ୍ଧା ନାମ ପଠାଇବାର ଚୂଡ଼ାନ୍ତ ତାରିଖ ଧାର୍ଯ୍ୟ ହୋଇଛି। ନିର୍ବାଚନକୁ ନେଇ ସବୁଠାରୁ ବଡ଼ ଅଙ୍କକଷା ଏହି ସଦସ୍ୟମାନଙ୍କୁ ନେଇ ହିଁ ହେବ। ଦୁଇଟି ଗୋଷ୍ଠୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଏବେ ସୁଦ୍ଧା ସ୍ପଷ୍ଟ ହୋଇଛି। ଏଣୁ ଭୋଟ ଦେବାର ଅଧିକାର ପାଇଥିବା ସଦସ୍ୟମାନେ କାହାକୁ ପଦବୀରେ ବସାଇବେ ତାହା କହିବା ମୁସ୍କିଲ। ଅନ୍ୟପକ୍ଷରେ ଗତ ଅଗଷ୍ଟ ୨୭ରେ କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ) ନୂଆ ନିୟମ(୯+୯)କୁ ନେଇ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛି ତାହା ଓସିଏ ପଦବୀ ଆଶାୟୀମାନଙ୍କ ବାଟରେ କଣ୍ଟା ପାଲଟିବ ବୋଲି କୁହାଯାଉଛି ।

ସିଓଏର ନିୟମକୁ ମାନି ନିର୍ବାଚନରେ ଭାଗନେବା ରାଜ୍ୟର ଅନେକ ବରିଷ୍ଠ କ୍ରୀଡ଼ା ସଙ୍ଗଠକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ବିଭିନ୍ନ ଦିଗକୁ ନଜରରେ ରଖାଯାଇ ସିଓଏ ଯେଉଁ ନିୟମାବଳୀ ପ୍ରସ୍ତୁତ କରିଛି ସେଥିରେ ଏପରି କିଛି ନିର୍ଦ୍ଦିଷ୍ଟ ନିୟମ ଅଛି, ଯାହା ଆଶାୟୀଙ୍କ ଆଶାକୁ ଧୂଳିସାତ କରିପାରେ। ଅନ୍ୟ କୌଣସି ସଂଘରେ ସଦସ୍ୟ ନ ହେବାର ନିୟମକୁ ନଜରରେ ରଖି ନିକଟ ଅତୀତରେ କେତେକ କ୍ରୀଡ଼ା ସଙ୍ଗଠକ ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଇଥିଲେ। ଓସିଏ ନିମନ୍ତେ ବାଟ ଫିଟାଇବା ପାଇଁ ଉକ୍ତ ଇସ୍ତଫା ଥିଲା ବୋଲି ଚର୍ଚ୍ଚା ମଧ୍ୟ ହେଉଛି । ଯେଉଁ ନିୟମରେ କ୍ରୀଡ଼ା ସଙ୍ଗଠକମାନେ ଛନ୍ଦି ହେବେ ତାହା ହେଉଛି ୯+୯। ରାଜ୍ୟ ସଂଘ ହେଉ କି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ), ୯ବର୍ଷ ପଦବୀରେ ରହିଥିବା ବ୍ୟକ୍ତିବିଶେଷ ନିର୍ବାଚନରେ ଭାଗନେବା ପାଇଁ ଅଯୋଗ୍ୟ ବୋଲି ସିଓଏ ସ୍ପଷ୍ଟ କରିଛି। ଏବେ ଓସିଏର ପଦବୀ ପାଇଁ ଆଶା ପ୍ରକଟ କରିଥିବା କିଛି ବ୍ୟକ୍ତିବିଶେଷ ପୂର୍ବରୁ ୮ବର୍ଷ ପଦବୀରେ ରହିଥିଲେ। କେବଳ ଗୋଟିଏ ବର୍ଷର ଅଧିକାର ସେମାନଙ୍କ ହାତରେ ଅଛି। ଯାହାଫଳରେ ନିର୍ବାଚନରେ ଭାଗ ନେଲେ ମଧ୍ୟ ମାତ୍ର ଏକବର୍ଷ ପଦବୀରେ ରହିବାର ସୁଯୋଗ ପାଇବେ। ଯଦି ଏପରି ହୁଏ ତାହେଲେ ପୁଣି ଆରବର୍ଷ କିଛି ପଦବୀ ନିମନ୍ତେ ଓସିଏ ପକ୍ଷରୁ ନିର୍ବାଚନ କରାଯିବ ବୋଲି ଆଶା କରାଯାଉଛି ।




### ଜିଲା ସଂଘର ବୈଠକ ହେବ

୩୦ ଜିଲା ସଂଘର ଭୋଟ ହିଁ ଏବେ ଗୁରୁତ୍ୱପୂର୍ଣ୍ଣ। ଏହି ୩୦ଟି ଭୋଟକୁ ହାତେଇନେଲେ ନିର୍ବାଚନର ଫଳାଫଳ ଓଲଟିଯାଇପାରେ ।ଏଣୁ ଏହି ଭୋଟଗୁଡ଼ିକ କାହାକୁ ଯିବ ତାହା ଏବେବି ଜଣାପଡ଼ିନାହିଁ । ଏକ ଜିଲା ସଂଘର ସମ୍ପାଦକ କହିଛନ୍ତି ଯେ, ହାତଗଣତି ଜିଲା ସଂଘ ଏକତା ରକ୍ଷା କରୁନାହାନ୍ତି। ଅନ୍ୟ ସମସ୍ତଙ୍କର ଏକତା ରହିଛି । ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ଚୌହ୍ୱାନ ହିଁ ନିର୍ବାଚନକୁ ନେଇ ମୁଖ୍ୟ ଅଙ୍କ କଷିବେ। ଜିଲା ସଂଘଗୁଡ଼ିକର ଭୋଟ କାହାକୁ କେତେ ସଂଖ୍ୟାରେ ଯିବ ତାହା ଏବେ ଆକଳନ କରାଯାଇ ପାରିବ ନାହିଁ । ଜିଲା ପକ୍ଷରୁ ସଦସ୍ୟଭାବେ କାହାର ନାମ ପଠାଯାଇଛି ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ଏହି ନାମ ଦେଖିଲେ ସେମାନେ କାହା ପାଖକୁ ଢଳିବେ ତାହା ସ୍ପଷ୍ଟ ହୋଇଯିବ ବୋଲି ସମ୍ପାଦକ ଜଣଙ୍କ କହିଥିଲେ। ଅନ୍ୟପକ୍ଷରେ ଖୁବଶୀଘ୍ର ଜିଲା ସଂଘ ଗୁଡ଼ିକୁ ନେଇ ଏକ ବୈଠକ ଡକାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ଘରେ ପଶି ସୁନା ଅଳଙ୍କାର, ଟଙ୍କା ଲୁଟ୍

ଗଞ୍ଜାମ,୮।୯(ଡି.ଏନ.ଏ.): ରମ୍ଭା ଥାନା ସାବୁଲିଆ ଛକରୁ ୪୯ ହଜାର ଟଙ୍କା ଲୁଟ ହେବାର ୧୨ ଘଣ୍ଟା ନ ପୁରୁଣୁ ଶନିବାର ବିଳମ୍ବିତ ରାତ୍ରରେ ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତ ପାଲୁରୁ ଛକସ୍ଥିତ ଏକ ଘରୁ ପୁଣି ଚୋରି ହୋଇଛି। ଦୁର୍ବୃତ୍ତ ମଦନ ସାହୁଙ୍କ ଘରେ ପଶି ସୁନା ଅଳଙ୍କାର ଓ ନଗଦ ଟଙ୍କା, ମୋବାଇଲ ଫୋନ ଚୋରି କରିନେଇଥିବା ସେ ହୁମ୍ମା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ମଦନଙ୍କ ପରିବାର ଶନିବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ବାରିପଟ କବାଟ ତାଡ଼ି ଚୋରମାନେ ଘରେ ପଶି ଆଲମାରିରେ ଥିବା ଗୋଟିଏ ସୁନାହାର, ୧୦ ହଜାର ନଗଦ ଟଙ୍କା ଓ ଦୁଇଟି ମୋବାଇଲ ଚୋରି କରି ନେଇଥିଲେ। ସୂଚନାଥାଉକି କିଛିଦିନ ତଳେ, ଶତ୍ରୁଶୋଲ ଗ୍ରାମର ବାବୁ ପଲାଇଙ୍କ ପାଲୁର ଛକରେ ଥିବା ପାନ ଦୋକାନରୁ ଗ୍ୟାସ ସିଲିଣ୍ଡର, ନଗଦ ୧୪ ଶହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାବେଳେ ସେହି ଛକରେ ଥିବା ଟୁଟୁ ମିଶ୍ରଙ୍କ ପାନ ଦୋକାନରୁ ୬ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ କାହାରିକୁ ଗିରଫ କରିନାହିଁ। ଅଞ୍ଚଳରେ ଏପରି ବାରମ୍ବାର ଚୋରି ହେଉଥିଲେ ମଧ ପୋଲିସ ଲୁଟେରାଙ୍କ ଟେର୍ ପାଉନାହିଁ। ପାଟ୍ରୋଲିଂ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଛତ୍ରପୁର ମିଳିତ ନାଗରିକ ମଞ୍ଚର ବୈଠକ
### ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ଛତ୍ରପୁର,୮।୯(ଡି.ଏନ.ଏ.): ଛତ୍ରପୁର ମିଳିତ ନାଗରିକ ମଞ୍ଚର ଏକ ସାଧାରଣ ବୈଠକ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ୍‌ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁରର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ହସ୍ପିଟାଲରେ ଡାକ୍ତର ଅଭାବ ନେଇ ନାଗରିକ ମଞ୍ଚ ପକ୍ଷରୁ ପୂର୍ବରୁ ଜିଲାପାଳ, ବ୍ରହ୍ମପୁର ଏମ୍‌ପି, ଛତ୍ରପୁର ବିଧାୟକ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମାତ୍ର ଏହା ଉପରେ ବର୍ତ୍ତମାନ ସୁଦ୍ଧା ପଦକ୍ଷେପ ନିଆଯାଇନି। ତେଣୁ ୨୫ ତାରିଖରେ ଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା । ମାତ୍ର ଡାକ୍ତର ନିଯୁକ୍ତି ହେବେ ବୋଲି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା କହିବା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି। ଛତ୍ରପୁରରେ ବର୍ଦ୍ଧିତ ହୋଲଡିଂ ଟିକସ ଓ ପରିମଳ ସମ୍ପର୍କରେ ଏନଏସି କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ସେହିପରି ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ବିଳମ୍ବ ହେଉଥିବା ନେଇ ଆଲୋଚନା କରାଯାଇଥିଲା। ଏ ନେଇ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଏକ ପ୍ରତିନିଧିଦଳ ଭେଟିବାକୁ ସ୍ଥିର ହୋଇଛି । ବୈଠକରେ ଛତ୍ରପୁର ଓକିଲ ସଂଘ ସଭାପତି କେ. ଶିବରାମ ରେଡ୍ଡୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଓକିଲ ବି. ଶ୍ରୀନିବାସ, ପ୍ରଫୁଲ୍ଲ ପଟ୍ଟନାୟକ, କିଶୋର ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

■ ଜଳପଥରେ ଦୁର୍ଗମ ଗ୍ରାମକୁ ଗଲେ ଉପଜିଲାପାଳ
# ସ୍ଥାନାନ୍ତର ହେବେ ୭୫ ଆଦିବାସୀ ପରିବାର

ପାତ୍ରପୁର,୮।୯(ଡି.ଏନ୍.ଏ.)



ଉପଜିଲାପାଳଙ୍କ ସହ ଅନ୍ୟମାନେ ଦୁର୍ଗମ ଗ୍ରାମ ବୁଲି ଦେଖୁଛନ୍ତି।

ବାଘଲଟି ପ୍ରକଳ୍ପ ଆରପଟେ ପାହାଡ଼ ଉପରେ ଥିବା ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତର ଦୁର୍ଗମ ଗ୍ରାମକୁ ରବିବାର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ତହସିଲଦାର ଡ. ଶ୍ରୀନିବାସ ବେହେରା ଗସ୍ତ କରିଛନ୍ତି। ସେହି ଗ୍ରାମ ଗୁଡିକ ହେଲା ବଣିଆବସା, ଶିରିଶଗଣ୍ଡ, ମଝିବଣ, ଏଲଗଲ, ବେହେରାପୁଟୁ ପ୍ରମୁଖ। ବାଘଲଟି ଜଳ ପ୍ରକଳ୍ପରୁ ବୋଟଯୋଗେ ଉପଜିଲାପାଳ, ତହସିଲଦାର, ଖାରିଆଗୁଡ଼ା ଆର୍‌ଆଇ କ୍ଷୀରସିନ୍ଧୁ ବେହେରା, ଜରଡ଼ା ଆର୍‌ଆଇ ପ୍ରକାଶ ମଲିକ ପ୍ରମୁଖ ଯାଇ ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜଳଭଣ୍ଡାର ଆରପଟେ ରହୁଥିବାରୁ ବିପଦପୂର୍ଣ୍ଣ ଭାବେ ଗମନାଗମନ ସହ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ପାହାଡ ଉପରୁ ଆସି ଜଳଭଣ୍ଡାର ଆରପଟେ ସମତଳ ଜାଗାରେ ରହିବାକୁ ଉପଜିଲାପାଳ ଭାଉସାହେବ ପରାମର୍ଶ ଦେଇଥିଲେ। ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ଆଦିବାସୀଙ୍କୁ ଏଯାଏ କ୍ଷତି ପୂରଣ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏନେଇ ଅଁଳାଗୁମ୍ମା ଓ ମାଡୁଆଗୁମ୍ମା ନିକଟରେ ତହସିଲଦାର ଓ ଆର୍‌ଆଇଙ୍କ ସହ ଉପଜିଲାପାଳ ଚିହ୍ନଟ ହୋଇଥିବା ଜାଗା ଦେଖିଥିଲେ। ୭୫ ଆଦିବାସୀ ପରିବାରଙ୍କୁ ସ୍ଥାନାନ୍ତର ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଆଲୋଚନା ହୋଇଥିଲା।

ପ୍ରକାଶ ଯେ, ପାହାଡ଼ ଉପରେ ତଥା ବାଘଲଟି ପ୍ରକଳ୍ପ ହେବା ଦିନଠାରୁ ଜଳବନ୍ଦୀ ଜୀବନ ବିତାଉଛନ୍ତି ଆଙ୍କୁଲି ପଞ୍ଚାୟତବାସୀ। ସମତଳ ଜାଗାରେ ଥଇଥାନ ପାଇଁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଅଁଳାଗୁମ୍ମା ଓ ମାଡୁଆଗୁମ୍ମା ନିକଟରେ ଏନେଇ ଜାଗା ଚିହ୍ନଟ ହୋଇଥିଲା। ତେବେ ସ୍ଥାନାନ୍ତର ପାଇଁ ପୂର୍ବରୁ ଇଚ୍ଛୁକ ଥିବା ଆଦିବାସୀମାନେ ନୂଆ ଜାଗାକୁ ଆସିଲେ ଆମର ଜୀବିକା କଣ ରହିବ, ଥଇଥାନ ହେଉଥିବା ପରିବାର ଲୋକଙ୍କୁ ସରକାରୀ ଚାକିରି ଆଦି ଦାବି କରି ଆଉ ଆସି ନ ଥିଲେ।

■ ଦିଗପହଣ୍ଡିରେ ମାତିଲେ ଲୁଟେରା
# ଗୋଟିଏ ରାତିରେ ୫ ଘରୁ ଲୁଟ୍

ଦିଗପହଣ୍ଡି,୮।୯(ଡି.ଏନ.ଏ.)


ଚୋରି ଯାଇଥିବା ଲୁହା ଟ୍ରଙ୍କ ।

ଦିଗପହଣ୍ଡି ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟେରାଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ ଏହି ଥାନା ଅଞ୍ଚଳର ୫ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ ମଧ ଲୁଟେରାଙ୍କ ଟେର୍ ପାଉନାହିଁ।

ପ୍ରକାଶ ଯେ, କଇଠଖଣ୍ଡି ପଞ୍ଚାୟତ ଚକାତେନ୍ତୁଳି ଗ୍ରାମ ମୁଖ୍ୟରାସ୍ତାରେ ଥିବା ଦିବାକର ବିଷୋୟୀଙ୍କ ଘରୁ ଶନିବାର ରାତିରେ ପ୍ରାୟ ୧ ଭରି ଓଜନର ସୁନା ମାଳି, ୫ ଭରି ଓଜନର ରୁପା ଅଳଙ୍କାର ଓ ନଗଦ ୨୫ ହଜାର ଏବଂ ବୃନ୍ଦାବନ ସାହୁଙ୍କ ଘରୁ ସୁନା ମୁଦି, ନଗଦ ୨୨ ହଜାର ଟଙ୍କା ସହ ପିତ୍ତଳ ବାସନ ଚୋରି ହୋଇଛି। ଦୁର୍ବୃତ୍ତମାନେ ଉଭୟଙ୍କ ଘରର ବାରିପଟ କବାଟ ତାଡ଼ି ଘରେ ପଶି ଲୁହା ଟ୍ରଙ୍କ ଭାଙ୍ଗି ଚୋରି କରିଛନ୍ତି। ସକାଳୁ ଉଭୟ ପରିବାର ଏହାଦେଖି ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦିଗପହଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚକାତେନ୍ତୁଳି ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଛି। ସେହିପରି ଶନିବାର ରାତିରେ ଦିଗପହଣ୍ଡି ସହର ଉପକଣ୍ଠ ଅନଙ୍ଗପୁର ଗ୍ରାମ ମୁଖ୍ୟରାସ୍ତାର ବୁନା ରେଡ୍ଡୀ, ଶଙ୍କର ଗୌଡ ଓ ଧନୁ ରେଡ୍ଡୀଙ୍କ ଘରୁ ମୋବାଇଲ ଫୋନ, ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଅଗଷ୍ଟ ୨୨ ରାତିରେ ପେଣ୍ଡୁରାବାଡ଼ି ଗ୍ରାମର ସୁରେନ୍ଦ୍ର ପଣ୍ଡାଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ୨ଟି ସୁନା ହାର, ୪ କାନଫୁଲ, ୭ଟି ମୁଦି, ୫ ଶହ ଗ୍ରାମ ଓଜନର ରୁପା ଥାଳି, ୭୦ ଗ୍ରାମ ଓଜନର ରୁପା ଅଳଙ୍କାର ଚୋରି କରିନେଇଥିଲେ। ସୁରେନ୍ଦ୍ରଙ୍କ ଏତଲାକ୍ରମେ ନଂ.୧୭୧/୧୯ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲେ ମଧ ଚୋରି ସାମଗ୍ରୀ କିମ୍ବା ଚୋରଙ୍କ ସନ୍ଧାନ ମିଳିପାରିନାହିଁ। ବାରମ୍ବାର ଅଞ୍ଚଳରେ ଏପରି ଚୋରି ହେଉଥିବାରୁ ସାଧାରଣରେ ଆତଙ୍କ ଖେଳି ଯାଇଛି।

■ ଛଣମେରୀ କପିଳେଶ୍ୱର ମନ୍ଦିରରୁ ଚୋରି
# ଖତଗଦାରୁ ପାର୍ବତୀଙ୍କ ମୂର୍ତ୍ତି ଉଦ୍ଧାର, ଅଭିଯୁକ୍ତ ଅଟକ

ଦିଗପହଣ୍ଡି,୮।୯(ଡି.ଏନ.ଏ.)

■ ଲଣ୍ଡାକରି ଗାଁରେ ବୁଲାଇଲେ ଲୋକେ
■ ମନ୍ଦିର ଶୋଧନ ପରେ ହେଲା ନୀତିକାନ୍ତି

ଦିଗପହଣ୍ଡି ଥାନା ଛଣମେରୀ ଗ୍ରାମସ୍ଥିତ କପିଳେଶ୍ୱରଙ୍କ ମନ୍ଦିରରୁ ଶନିବାର ସନ୍ଧ୍ୟାରେ ୧ଫୁଟ ଉଚ୍ଚତା ବିଶିଷ୍ଟ ଅଷ୍ଟଧାତୁରେ ନିର୍ମିତ ପାର୍ବତୀଙ୍କ ମୂର୍ତ୍ତି ଚୋରି କରିଥିବା ଅଭିଯୁକ୍ତ ରବିବାର ଧରାପଡ଼ିଛନ୍ତି । ତାଙ୍କ ବାରିପଟ ଖତଗଦାରୁ ପାର୍ବତୀଙ୍କ ମୂର୍ତ୍ତିକୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତଙ୍କୁ ଲୋକେ ନିସ୍ତୁକ ମାଡ଼ ମାରିବା ସହ ଲଣ୍ଡାକରି ଗାଁରେ ବୁଲାଇଥିଲେ। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଲହୁଲୁହାଣ ହୋଇଥିବା ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ଅଟକ ରଖିଛି। ମନ୍ଦିର ପରିଚାଳନା କମିଟି ସଭାପତି ସୁକାନ୍ତ ପ୍ରଧାନ ମୂର୍ତ୍ତି ଚୋରି ସମ୍ପର୍କରେ ଥାନାରେ ଏତଲା ଦେଇଛନ୍ତି।

ପ୍ରକାଶ ଯେ, ଛଣମେରି ଗ୍ରାମସ୍ଥିତ ଆଡୁଆ ସାହିର ଅଭିଯୁକ୍ତ ଜଣକ ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ କପିଳେଶ୍ୱରଙ୍କ ମନ୍ଦିର ପରିସରରେ ବୁଲୁଥିଲେ। ଏହି ସମୟରେ ଲାଇନ କଟିଯିବାର ସୁଯୋଗ ନେଇ ସେ କୌଶଳକ୍ରମେ ପାର୍ବତୀଙ୍କ ମୂର୍ତ୍ତିକୁ ଏକ ଗାମୁଛାରେ ଗୁଡ଼ାଇ ନେଇ ଯାଇଥିଲେ। ମୂର୍ତ୍ତି ଚୋରି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗ୍ରାମର ଯୁବକମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ରବିବାର ଭୋରରେ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଢ଼େଙ୍ଗାଓସ୍ତାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଦେଖିଥିଲେ। ପଚରାଉଚରା କରିବାରୁ ୫ ହଜାର ଟଙ୍କା ଦେଲେ ମୂର୍ତ୍ତି ମିଳିଯିବ ବୋଲି ସେ କହିଥିଲେ। କୌଶଳକ୍ରମେ ଲୋକେ ତାଙ୍କୁ ଗ୍ରାମକୁ ଡାକି ନେଇ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ପରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ସୂଚନାପ୍ରକାରେ ତାଙ୍କ ଖତଗଦାରୁ ପାର୍ବତୀଙ୍କ ମୂର୍ତ୍ତିକୁ ଉଦ୍ଧାର କରାଯାଇଥିଲା। ପରେ ଉତ୍ତେଜିତ ଗ୍ରାମବାସୀ ତାଙ୍କୁ ଲଣ୍ଡା କରି ବେକରେ ଜୋତାମାଳ ପିନ୍ଧାଇ ଗାଁରେ ବୁଲାଇଥିଲେ। ଖବରପାଇ ଦିଗପହଣ୍ଡି ପୋଲିସ ଗ୍ରାମରେ ପହଞ୍ଚି ଲୋକଙ୍କ ମାଡ଼ରେ ଲହୁଲୁହାଣ ହୋଇଥିବା ଅଭିଯୁକ୍ତଙ୍କୁ ଉଦ୍ଧାର କରି ଥାନାକୁ ନେଇ ତଦନ୍ତ ଚଳାଇଛି। ସେପଟେ ଗ୍ରାମସଭାର ନିଷ୍ପତ୍ତି ପ୍ରକାରେ ମନ୍ଦିର ପରିସରକୁ ଶୋଧନ କରାଯାଇଥିଲା । ମୁଖ୍ୟ ପୁରୋହିତ କଳାକାର ତ୍ରିପାଠୀ ଏବଂ ବ୍ରାହ୍ମଣ ପଣ୍ଡିତଙ୍କ ଉପସ୍ଥିତିରେ ପୀଠ ସଂସ୍କାର କରାଯାଇଥିଲା। ଏଥିପାଇଁ ସକାଳେ ପୂଜାବିଧି ବନ୍ଦ ଥିଲା। ପାରିବାରିକ ଦୁଃସ୍ଥିତିରୁ ଅଭିଯୁକ୍ତ ମୂର୍ତ୍ତି ଚୋରି କରିଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି ।

## ମାନବାଧିକାର ଉଲ୍ଲଂଘନ ଅଭିଯୋଗ

ଦିଗପହଣ୍ଡି,୮।୯(ଡି.ଏନ.ଏ.)

ଛଣମେରି ଗ୍ରାମ ଶ୍ରୀ କପିଳେଶ୍ୱରଙ୍କ ମନ୍ଦିରରୁ ମା' ପାର୍ବତୀଙ୍କ ମୂର୍ତ୍ତି ଚୋରି କରିଥିବା ଅଭିଯୁକ୍ତଙ୍କୁ ଲୋକେ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ଼ମାରି ଲହୁଲୁହାଣ କରିଥିଲେ। ପରେ ଉତ୍ୟକ୍ତ ଯୁବକମାନେ ତାଙ୍କୁ ଲଣ୍ଡା କରି ଜୋତାମାଳ ପିନ୍ଧାଇ ଗାଁରେ ବୁଲାଇଥିବା ସମ୍ପର୍କିତ ଫଟୋ, ଭିଡିଓ ରବିବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବିଭିନ୍ନ ମାନବାଧିକାର ସଂଗଠନ ପକ୍ଷରୁ ଏ ନେଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଘଟଣାରେ ଗ୍ରାମର କିଛି ବ୍ୟକ୍ତି ଆଇନକୁ ହାତକୁ ନେବା ସହ ମାନବାଧିକାର ଉଲଂଘନ କରିଥିବା ଅଭିଯୋଗ ହୋଇଛି । ପୋଲିସ ପକ୍ଷରୁ ଏ ନେଇ ନଂ. ୧୭୭/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବ୍ରହ୍ମପୁର ଅତିରିକ୍ତ ଏସପି ପ୍ରଶାନ୍ତ କୁମାର ମିଶ୍ର ଜଣାଇଛନ୍ତି । ଲଣ୍ଡା କରିବା ଓ ମାଡ଼ ମାରିବା ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି ।

# ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଛତ୍ରପୁର,୮।୯(ଡି.ଏନ.ଏ.)

ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଛତ୍ରପୁର ବ୍ଲକର ସାଙ୍ଗଠନିକ ବୈଠକ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁର ବ୍ଲକ ସଂଘ ସଭାପତି ଏମ୍. ପର୍ଶୁରାମ ପାତ୍ର ଅଧ୍ୟକ୍ଷତା କରିଥିଲେ । ଜିଲା ସଭାପତି ଏ. ସନ୍ୟାସୀ ରାଓ, ସମ୍ପାଦକ ଲକ୍ଷ୍ମଣ ମଲିକ, ଜିଲା ଉପସଭାପତି ପ୍ରଭାତ ଖଟେଇ, ଜିଲା ଉପଦେଷ୍ଟା ବୃନ୍ଦାବନ ସାହୁ, ବିଚିତ୍ରାନନ୍ଦ ସାହୁ, ଦୟାନିଧି ପାଢୀ, ଅର୍ଜୁନ ବିଶ୍ୱାଳ, ଛତ୍ରପୁର ବ୍ଲକ ସମ୍ପାଦକ ସୁଧୀର ସେଠୀ ଯୋଗଦେଇ ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ସଂଘର ୨୮ତମ ବାର୍ଷିକ ଉତ୍ସବ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ହିଞ୍ଜିଳିସ୍ଥିତ ବୃନ୍ଦାବନ ବିଦ୍ୟାପୀଠରେ କରାଯିବାକୁ ସ୍ଥିର ହୋଇଥିଲା । ଛତ୍ରପୁର, ରଙ୍ଗେଇଲୁଣ୍ଡା, ଆସିକା, ବେଲଗୁଣ୍ଠା, କବିସୂର୍ଯ୍ୟନଗର, ଭଞ୍ଜନଗର, କୁକୁଡାଖଣ୍ଡି, ଗଞ୍ଜାମ ବ୍ଲକ ଶାଖାର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଛତ୍ରପୁର ବ୍ଲକ ସଂଘର ସଭ୍ୟ ପୀତାମ୍ବର ଦାଶ ଧନ୍ୟବାଦ ଦେଇଥିଲେ ।

# ଋଷିକୁଲ୍ୟା ରୟତ ମହାସଭାର ବୈଠକ

ପୋଲସରା,୮।୯(ଡି.ଏନ.ଏ.)

ପୋଲସରା ବ୍ଲକ ସୁନାରିବୁଗୁଡା ଗ୍ରାମର ବୈଦ୍ୟନାଥ ସ୍ୱାମୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଉପଦେଷ୍ଟା ପି.ମାଗତି ପାତ୍ର ସଭାପତିତ୍ୱ କରିଥିଲେ। ଋଷିକୁଲ୍ୟା ରୟତ ସଂଘର ସଭାପତି ସତ୍ୟବାନ ପ୍ରଧାନ, ମୁଖ୍ୟ ଉପଦେଷ୍ଟା ବନମାଳି ସାହୁ, ପ୍ରମୋଦ କୁମାର ରଥ, ସହସମ୍ପାଦକ ଜ୍ୟୋତିର୍ମୟ ଦାସ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ଦାସ, ସମ୍ପାଦକ ଶଙ୍କର ଡାକୁଆ, ଉପସଭାପତି ଦୁଃଖିଶ୍ୟାମ ପ୍ରଧାନ, ସଂଯୋଜକ ପଞ୍ଚୁ ମହାରଣା ପ୍ରମୁଖ ଯୋଗଦେଇଥିଲେ। ସୁନାରିବୁଗୁଡା କୃଷକଙ୍କର ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଦୁର୍ବିପାକରେ କ୍ଷତିଗ୍ରସ୍ତ କୃଷକଙ୍କୁ ଏକର ପିଛା ୧୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉକ୍ତ ଗ୍ରାମରେ କୃଷକଙ୍କ ପାଇଁ ଏକ ଚାଷି କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବେ ପି.ମାଗତି ପାତ୍ରଙ୍କୁ ଚୟନ କରାଯାଇଥିଲା। ସମ୍ପାଦକ ଭାବେ ଲକ୍ଷ୍ମୀ ନାରାୟଣ ପାତ୍ର, କୋଷାଧ୍ୟକ୍ଷ ଏସ୍.ଲଛମନ ପାତ୍ର, ସଂଯୋଜକ ଏସ୍.ହାଡୁ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ୧୪ଜଣଙ୍କୁ କମିଟିର ସଭ୍ୟ ରୂପରେ ମନୋନୀତ କରାଯାଇଛି। ଏହି ଅବସରରେ ସଂଘର ସଭାପତି ସତ୍ୟବାନ ପ୍ରଧାନ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇବା ସହ ପରିବେଶ ସୁରକ୍ଷା ପାଇଁ ୨ଟି ଗଛ ଲଗାଇବାକୁ ଅନୁରୋଧ କରିଥିଲେ।


ଉପସ୍ଥିତ ଋଷିକୁଲ୍ୟା ରୟତ ମହାସଭା କର୍ମକର୍ତ୍ତା ।

# ଉନ୍ନତିମୂଳକ କାମରେ ଦୁର୍ନୀତି ଅଭିଯୋଗ

ଚନ୍ଦ୍ରଗିରି, ୮।୯(ଡି.ଏନ.ଏ.)

ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଅନେକ ସ୍ଥାନରେ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଗଜପତି ଜିଲା ମୋହନା ବ୍ଲକ ମାଣିକପୁର ପଞ୍ଚାୟତର ଶବର ସାହି ନିକଟ ଗ୍ରାମ୍ୟ ରାସ୍ତା ମଧରେ ଥିବା କଲଭର୍ଟ କାମରେ ଏହା ଦେଖିବାକୁ ମିଳିଛି ।

ଉକ୍ତ କଲଭର୍ଟ ସ୍ଥାନରେ ପୂର୍ବରୁ ଚନ୍ଦ୍ରଗିରି ସୌରା ଉନ୍ନୟନ ସଂସ୍ଥା ଦ୍ୱାରା ଏକ ଘୋଷଡ଼ା ନିର୍ମାଣ କରାଯାଇଥିଲା। ଫଳରେ ଯାତାୟାତ ସମସ୍ୟା ନ ଥିଲା। କିନ୍ତୁ ଦୀର୍ଘ ୬ ମାସ ହେଲାଣି ଉକ୍ତ କଲଭର୍ଟ ନିର୍ମାଣ କରାଯାଉଛି। ବର୍ତ୍ତମାନ ଯାଏ ତାହାର କାମ ସରୁନି। ଅତି ନିମ୍ନମାନ ଏହି କଲଭର୍ଟର ଗୋଟିଏ ପଟେ ଆଣ୍ଠୁଏ ଖାଲ ଥିବା ବେଳେ ଅନ୍ୟପଟେ କଙ୍କ୍ରିଟ ଖସି ଲୁହା ଦେଖାଯାଉଛି। କଲଭର୍ଟର କୌଣସି ଗାର୍ଡ଼ୱାଲ ମଧ କରାଯାଇ ନାହିଁ। ଗୁବୁରିଗୁଡା, ଚାନ୍ଦିପୁଟ, ମହୁଲମେଲାଣି ଆଦି ଗ୍ରାମବାସୀ ଦୈନିକ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। କିନ୍ତୁ ଅସମ୍ପୂର୍ଣ୍ଣ କଲଭର୍ଟଟି


ମାଣିକପୁର ଶବର ସାହି ନିକଟରେ ଅସମ୍ପୂର୍ଣ୍ଣ କଲଭର୍ଟ।

### ମାଣିକପୁର ପଞ୍ଚାୟତ

ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଯାତାୟାତ ବେଳେ ଉକ୍ତ ଖାଲରେ ପଡି ଲୋକେ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି। ଏଥିରେ କୌଣସି ସୂଚନା ଫଳକ ଲାଗି ନାହିଁ କି କାମ କେତେ ଟଙ୍କାର, କେଉଁ ବିଭାଗର ତାହା ମଧ ଜଣାନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର କଲଭର୍ଟକୁ ସମ୍ପୂର୍ଣ୍ଣ କରିବାକୁ ମାଣିକପୁର ଗ୍ରାମବାସୀ ଦାବି କରିଛନ୍ତି।

ମାଣିକପୁର ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ଉକ୍ତ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ମମତା ସ୍ୱାଇଁଙ୍କୁ ପଚାରିବାରୁ ଠିକାଦାର ଛାତ ପକେଇ ଦେଇଛନ୍ତି। ଆପ୍ରୋଚ ରୋଡ଼ କରିନାହାନ୍ତି, ତାହା କରିବାକୁ କୁହାଯାଇଛି। ସବୁ କଲା ପରେ ବିଲ ପେମେଣ୍ଟ ହେବ। କାମ ହୋଇ ୬ ମାସ ନୁହେଁ, ଛାତ ପଡି ୨୨ ଦିନ ହେଲା। ଏନ୍‌ଡିଆର୍‌ଏଫ୍ ଯୋଜନାରେ ଦେଢ଼ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଏହି କାମ। ଏଥିରେ ଗାର୍ଡ଼ୱାଲ କାମ ମଧ ହେବ। ମୋହନା ବିଡିଓ ବଂଶୀଧର ଖୋସଲାଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳକୁ ପଠାଯାଇ ତଦନ୍ତ କରିବା ପରେ କିଭଳି ସେଠାରେ ଶୀଘ୍ର କାମ ସମ୍ପୂର୍ଣ୍ଣ କରାଯାଇପାରିବ ସେନେଇ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ